DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୨ Vol. 22 No-22 22 APRIL 2025 TUESDAY BHUBANESWAR ମଙ୍ଗଳବାର, ୨୨ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## Odisha Bhaskar Live

Presents

# THE VOICE

CONCLAVE OF

# IDEAS

27th April, 2025

## When voices unite, ideas find wings and the world begins to change


Explore Bold Insights on Business, Health, Education, Media, Real Estate & Spiritualism

### The Conclave will be Enlighten by



**Shri Dharmendra Pradhan**
(Hon'ble Union Minister for Education)

### Valedictory Session



Chief Guest
**Shri Jitan Ram Manjhi**
(Hon'ble Union Minister for MSME)



Guest of Honour
**Smt. Pravati Parida**
(Hon'ble Deputy Chief Minister of Odisha)

### Along with Inspiring presence of



**Shri Suryabanshi Suraj**
Hon'ble Minister of Higher Education, Sports & Youth Services, Odia Language, Literature & Culture




**Dr. Mukesh Mahaling**
Hon'ble Minister of Health and Family Welfare, Parliamentary Affairs, Electronic and Information Technology




**Shri Prithviraj Harichandan**
Hon'ble Minister of Law, Works and Excise


### Eminent Minds to Contribute




**Tilak Raj Mohanty**
(Founder, TK Digital)




**Ms. Tisca Chopra**
(Bollywood Actress)




**Mr. Aman Gupta**
(Co-Founder Boat, Investor in Sony TV's business reality show Shark Tank India)




**Mr. Rohit Kapoor**
(Co-Founder Swiggy)




**Shri Aniruddhacharya Ji**
(Spiritual leader and Story-Teller, & Founder of Gouri Gopal Ashram)




**Shri Rahul Dev Ji**
(Pandit Hari Dutt Sharma Awardee and Honorary Advisor to the Speaker's Research Initiative, Parliament of India & Managing Trusteeof the Samyak Foundation)




**Padma Shri Alok Mehta**
(Sr Journalist and Author)




**Dr. Vertika Nanda**
(President awardee for Stree Shakti Puraskar and Sr. Journalist)




**Shri Ruben Banerjee**
(Sr Journalist and Author)



**Shri Aakash Ohri**
(Joint Managing Director, DLF)



**Ms Ruby Sinha**
(President of BRICS CCI WE Women's Vertical)



**Binny Advani**
(Moderator)

For Registration, Scan




ଇଶାନଙ୍କ ପ୍ରେମରେ ଆଲିଆଙ୍କ ବଡ଼ ଭଉଣୀ | ୮


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar


See Page No. 3



RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୨ | Vol. 22 No-22 | 22 APRIL 2025 TUESDAY BHUBANESWAR | ମଙ୍ଗଳବାର, ୨୨ ଏପ୍ରିଲ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ମହାପ୍ରଭୁଙ୍କର ହେଲା ମହାସ୍ନାନ

ପୁରୀ, ୨୧।୪ (ଭାସ୍କର ନ୍ୟୁଜ୍): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ। ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କ ମହାସ୍ନାନ ହୋଇଛି। ଶ୍ରୀବିଗ୍ରହଙ୍କ ଅବକାଶ ନୀତି ସରି ବେଶ ହେଉଥିବା ବେଳେ ଭିତରକାଠ ନିକଟରେ ଜଣେ ଯବାନଙ୍କ ଗୋଡ଼ରେ କାଚ ପଶିଯାଇଥିଲା। ତାଙ୍କ ଗୋଡରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ମନ୍ଦିରରେ ଏହି ରକ୍ତ ଛିଟା ପଡିଥିଲା। ଏଣୁ ବିଧି ପରମ୍ପରା ମୁତାବକ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା । ସୂଚନେଯୋଗ୍ୟ, ସୋମବାର ମହାପ୍ରଭୁଙ୍କୁ ପଇତା ଲାଗି ନୀତି ହୋଇଥାନ୍ତା। ଏଥିପାଇଁ ସର୍ବ ସାଧାରଣ ଦର୍ଶନ ସନ୍ଧ୍ୟା ୫ଟାରୁ ରାତି ୧୦ ଟାଯାଏଁ ସାଧାରଣ ଦର୍ଶନ ବନ୍ଦ ରହିଥାନ୍ତା। ହେଲେ ମହାସ୍ନାନ ପାଇଁ ନୀତି ବିଳମ୍ବ ହେବା ଯୋଗୁ ସନ୍ଧ୍ୟା ୬ଟାରୁ ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଜଣାଯାଇଛି।

### ପୋଖରୀରେ ବୁଡ଼ି ଜଣେ ମୃତ

ଟିଟିଲାଗଡ଼, ୨୧।୪(ଭାସ୍କର ନ୍ୟୁଜ): ଟିଟିଲାଗଡ଼ ସଇଁତଳାରେ ପୋଖରୀରେ ବୁଡ଼ି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ବାହାଘରକୁ ଆସିଥିବା ୪ଜଣ ସାଙ୍ଗ ଗାଧୋଇବାକୁ ଯାଇଥିବାବେଳେ ସମସ୍ତେ ବୁଡ଼ି ଯାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଜଣକର ମୃତଦେହ ଉଦ୍ଧାର କରାଯାଇଛି।


### ସ୍ତ୍ରୀ ସମ୍ମୁଖରେ ସ୍ୱାମୀଙ୍କୁ ଗୁଳି

ଢେଙ୍କାନାଳ, ୨୧।୪(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାରିଗର ସାହିରେ ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ଗୁଳି କରିବା ପରେ ଗୋଡ଼େଇ ଗୋଡ଼େଇ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ସେନ୍ସେକ୍ସ: ୭୯,୪୦୮.୫୦
ସର୍ବାଧିକ: ୩୬.୨ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୧।୪।୨୦୨୫ ର ମତାମତ**

ବାଂଲାଦେଶରେ ଚାଲିଥିବା ହିନ୍ଦୁ ହତ୍ୟାକୁ ତୁରନ୍ତ ବନ୍ଦ କରାଯିବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ଜନଶୁଣାଣିରେ ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ତ୍ୱରିତ ସମାଧାନ ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ସମ୍ବଲପୁରରେ ଜନ ଅଭିଯୋଗ ଶୁଣିଲେ ଲୋକଙ୍କ ସରକାର

# ବିକେନ୍ଦ୍ରୀକରଣ ଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ






- ୧୪ଶହ ଅଭିଯୋଗର ସମାଧାନ
- ଅସହାୟ ଲୋକଙ୍କ ଦୁଃଖ ବୁଝିବାକୁ ଆହ୍ୱାନ
- ସମସ୍ତ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ
- ୧୮ଜଣଙ୍କୁ ୧୯.୫୦ଲକ୍ଷର ଚିକିତ୍ସା ସହାୟତା
- ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର/ଭୁବନେଶ୍ୱର, ୨୧।୪ (ଭାସ୍କର ନ୍ୟୁଜ): ପୁରା ରାଜ୍ୟ ପ୍ରଶାସନ ସମ୍ବଲପୁରରେ। ସମୟ ଥିଲା ସକାଳ ୮ ଟା। ଲୋକାରଣ୍ୟ ହୋଇ ଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର । କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ । କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ସହିତ ଥିଲେ ସହଯୋଗୀ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀଗଣ । ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ । ଲୋକଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ । ବାସ୍ତବିକ ଏଇ ହେଉଛି ଲୋକଙ୍କ ସରକାର। ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ ସମ୍ବଲପୁରରେ ପହଞ୍ଚି ମା' ସମଲେଶ୍ୱରୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସମ୍ବଲପୁରରେ ଏ ଜନ ଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର । ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି । • ପୃଷ୍ଠା ୫ ଦେଖନ୍ତୁ

# ପୋପ୍ ଫ୍ରାନ୍ସିସଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୨୧।୪: ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସଙ୍କ ସୋମବାର ଦେହାନ୍ତ ହୋଇଛି। ଏ ନେଇ ଭାଟିକାନ ସିଟି ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ୫ ସପ୍ତାହ ହେବ ଅସୁସ୍ଥ ରହିଥିଲେ। ତାଙ୍କର ଉଭୟ ଫୁସ୍‌ଫୁସ୍‌ରେ ନିମୋନିଆ ହୋଇଥିଲା। ଯାହାଯୋଗୁ ତାଙ୍କୁ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। ୩୮ଦିନ ଧରି ହସ୍ପିଟାଲରେ ରହିବା ପରେ କିଛିଦିନ ତଳେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ସୋମବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ନିଜ

**ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶ୍ୱ ନେତାଙ୍କ ଶୋକ**

ବାସଭବନ କାସାସାନ୍ତାମାର୍ଟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ରୋମାନ କାଥୋଲିକ୍ ଚର୍ଚ୍ଚର ପ୍ରଥମ ଲାଟିନ ଆମେରିକୀୟ ପାଦ୍ରିଭାବେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ପୋପ୍ ଆର୍ଜେଣ୍ଟିନାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ନାମ ଥିଲା ଜର୍ଜ ମାରିଓ ବେର୍ଗୋଲିଓ । ୨୦୧୩ ମସିହାରୁ ସେ ଏହି ସର୍ବୋଚ୍ଚ ଧର୍ମଗୁରୁ ପଦବୀ ସମ୍ଭାଳି ଆସୁଥିଲେ। ପୋପ୍ ଷୋଡ଼ଶ ବେନେଡିକ୍ଟଙ୍କ ଇସ୍ତଫା ପରେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ସୋମବାର ସକାଳ ୭.୩୫ରେ ତାଙ୍କର ପରଲୋକ ହୋଇଥିବା ସୂଚନା ଦିଆଯାଇଛି। ରବିବାର ପୋପ୍ ତାଙ୍କର ଇଷ୍ଟର ରବିବାର ସମ୍ବୋଧନରେ ଚିନ୍ତାର ସ୍ୱାଧୀନତା ଓ ସହନଶୀଳତା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩୫ ହଜାରରୁ ଅଧିକ ଲୋକ ଉପସ୍ଥିତ ରହିଥିଲେ। ପ୍ରଭୀ ଯୀଶୁଙ୍କର ଜଣେ ପ୍ରକୃତ ଶିଷ୍ୟଭାବେ ଦାୟିତ୍ୱ ନିର୍ବାହ କରୁଥିବା ଭାଟିକାନ ସିଟି ପକ୍ଷରୁ କୁହାଯାଇଛି। ସେ ଅନନ୍ତ ଦୟା, ପ୍ରେମ ଓ ସମର୍ପଣର ପ୍ରତିମୂର୍ତ୍ତି ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ପ୍ରମୁଖ ପ୍ରଶାସନିକ ପରିବର୍ତ୍ତନ କରିଥିଲେ। ତେବେ ମୃତ୍ୟୁ ପୂର୍ବରୁ ସେ କହିଥିଲେ, ମୋର ମୃତ୍ୟୁ ହେଲେ ମୋତେ ବାସିଲିକାରେ କବର ଦେବ। ଭାଟିକାନ ସିଟିରେ ନୁହେଁ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ସାରା ବିଶ୍ୱର ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି। ତେବେ ତାଙ୍କ ମୃତ୍ୟୁ ପରେ ପରବର୍ତ୍ତୀ କ୍ୟାଥୋଲିକ୍ ଖ୍ରୀଷ୍ଟିଆନ ପାଦ୍ରୀ କିଏ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ପରବର୍ତ୍ତୀ ପୋପ୍‌ଙ୍କ ବିଷୟରେ ବର୍ତ୍ତମାନ ସୁଦ୍ଧା କୌଣସି ଘୋଷଣା କରାଯାଇନାହିଁ। ଏହା ଗୋପନୀୟ ପ୍ରକ୍ରିୟା ଏବଂ ଅନେକ ପଦକ୍ଷେପ ଦେଇ ଚୟନ କରାଯାଇଥାଏ। ତେବେ ଏହି ତାଲିକାରେ କିଛି ପ୍ରମୁଖଙ୍କ ନାମ ଥିବା ସୂଚନା ମିଳିଛି। ସେମାନେ ହେଲେ କାର୍ଡିନାଲ ପିଟ୍ରୋ ପାରୋଲିନ୍, କାର୍ଡିନାଲ ଲୁଇସ୍ ଆଣ୍ଟୋନିଓ ଟାଗଲେ ଓ ଅନ୍ୟମାନେ।

## ମୋଦୀଙ୍କୁ ଭେଟିଲେ ଆମେରିକା ଉପରାଷ୍ଟ୍ରପତି

# ଉଭୟପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା



ନୂଆଦିଲ୍ଲୀ, ୨୧।୪: ୪ ଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବିଶେଷକରି ଟ୍ରମ୍ପଙ୍କ ଟାରିଫ, ରୁଷ-ୟୁକ୍ରେନ ଯୁଦ୍ଧ, ବ୍ୟବସାୟ, ପ୍ରତିରକ୍ଷା ଓ ଶିକ୍ଷ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ପୂର୍ବରୁ ମୋଦୀ ଏବଂ ଭାନ୍ସ ଆମେରିକାରେ ନିର୍ବାଚନ ଫଳାଫଳ ଆସିବା ପରେ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ଉଭୟ ଦେଶ ମଧ୍ୟରେ ସୁସମ୍ପର୍କ ଗଠନ ନେଇ ଆଲୋଚନା କରିଥିଲେ। ସୋମବାର ସକାଳେ ଭାନ୍ସ ସପରିବାର ଦିଲ୍ଲୀର ପାଲାମ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାକ୍ଷାତ କରିଥିଲେ। ବିମାନବନ୍ଦରରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ କଲ୍ୟାଣମାର୍ଗରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ସମୟରେ ଭାନ୍ସ, ତାଙ୍କ ପତ୍ନୀ ଓ ପିଲାଙ୍କ ସହ ମୋଦୀଙ୍କୁ ଭେଟିଥିଲେ। ଭାରତରେ ପହଞ୍ଚିବା ପରେ ଶ୍ରୀ ଭାନ୍ସ ସପରିବାର ଅକ୍ଷରଧାମ ମନ୍ଦିର ଯାଇ ଦର୍ଶନ କରିଥିଲେ। ଦର୍ଶନ ପରେ ସେ ବେଶ୍ ଖୁସିଥିବା ପ୍ରକାଶ କରିଛନ୍ତି। ଭାନ୍ସଙ୍କ ଏହି ଗସ୍ତ ସମୟରେ ସେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ବିଦେଶ ସଚିବ ବିକ୍ରମ ମିସ୍ତ୍ରୀ ପ୍ରମୁଖଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

## ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ

# ରୌଦ୍ରତାପ ସମୟରେ ସଚେତନ ରୁହ

- ୪୯ଜଣ ଅସୁସ୍ଥ ହସ୍ପିଟାଲରେ ଭର୍ତ୍ତି
- ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମ୍ଭାବନା
- ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଶୂନ

ଭୁବନେଶ୍ୱର, ୨୧।୪(ଭାସ୍କର ନ୍ୟୁଜ): ପ୍ରାୟ ଏକମାସ ପରେ ରାଜ୍ୟରେ ପୁଣିଥରେ ପାରଦ ଉପରମୁହାଁ ହୋଇଛି। ଦୁଇଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ଯାହାକି ରାଜ୍ୟବାସୀଙ୍କୁ ଅଧିକ କଷ୍ଟ ଦେଉଛି। ଯଦିଓ ରାଜ୍ୟରେ ଅଂଶୁଘାତଜନିତ କୌଣସି ଅଘଟଣ ଘଟିନାହିଁ, ତଥାପି ସେହିଭଳି ସ୍ଥିତି ଉପୁଜିବାର ଅନୁଭବ କରାଯାଉଛି। ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରି ସାରିଥିବାବେଳେ ଆଗାମୀ ଦିନରେ ଏହା ଆହୁରି ବଢିବାର ସମ୍ଭାବନା ରହିଛି। ଏ କ୍ଷେତ୍ରରେ ଲୋକମାନେ ସଚେତନ ରହିବାକୁ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପ୍ରବଳ ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଉଠିଥିବାବେଳେ ଲୋକଙ୍କ ଅସୁସ୍ଥତା ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ପ୍ରବଳ ରୌଦ୍ରତାପ ଜନିତ ଅସୁସ୍ଥତା ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ୪୯ଜଣ ଲୋକ ଏହି କାରଣରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଥିରୁ ସମ୍ବଲପୁରରୁ ସର୍ବାଧିକ ୪୦ଜଣ ରହିଥିବାବେଳେ ଦେବଗଡ଼ର ୬ଜଣ, ଖୋର୍ଦ୍ଧା, ମୟୂରଭଞ୍ଜ ଓ କେନ୍ଦୁଝରରୁ ଜଣେ ଲେଖାଏଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀ ମିଶ୍ର କହିଛନ୍ତି ଯେ ଘରୁ ପଦାକୁ ବାହାରିବାବେଳେ ଖରାକୁ ଦେଖି ବାହାରିବା ଜରୁରି। ଯଦି କି କୌଣସି ଜରୁରି କାମ ରହୁଛି ତେବେ ସାଙ୍ଗରେ ଛତାଠାରୁ ଆରମ୍ଭ କରି ପାଣି ବୋତଲ, ଓଦା ତଉଲିଆ ନେବା ଉଚିତ।

### ପ୍ରଥମ ଥରପାଇଁ ପାରଦ ଡେଇଁଲା ୪୫ ଡିଗ୍ରୀ

### ୪୫.୪ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର, ୨୧।୪(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ତାତିର ପ୍ରଭାବ ବୃଦ୍ଧି ପାଇଛି। ଗତ ଦୁଇଦିନ ହେବ ଅସହ୍ୟ ଗରମ ଅନୁଭୂତ ହେଉଛି। ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେଉଥିବାବେଳେ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ସାଂଘାତିକ ରୂପ ଧାରଣ କରିଛି। ଫଳରେ ଲୋକଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି। ଏପରିକି ଦିନ ୮ଟାବେଳୁ ପଦାକୁ ବାହାରିବା ସମ୍ଭବପର ହୋଇପାରୁ ନାହିଁ। ତାତି ସହ ଝାଞ୍ଜି ପବନ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଚଳିତବର୍ଷ ପ୍ରଥମ ଥରପାଇଁ ପାରଦ ୪୫ ଡିଗ୍ରୀ ଟପିଯାଇଛି। ୪୫.୪ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଥିବାବେଳେ ସମ୍ବଲପୁରର • ପୃଷ୍ଠା ୫ ଦେଖନ୍ତୁ

## ଦାଦା ସାଜିଲା ଜହ୍ଲାଦ

# ନାବାଳକ ପୁତୁରାକୁ ବୀଭତ୍ସ ହତ୍ୟା



- ଗତ ୧୫ରୁ ନିଖୋଜ ଥିଲା ଆଶୀର୍ବାଦ
- ପାଇଖାନା ଟାଙ୍କିରୁ ମୃତଦେହ ଉଦ୍ଧାର
- ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା
- ଡେଲାଙ୍ଗ ରତନପୁର ଗାଁରେ ପ୍ରବଳ ଉତ୍ତେଜନା
- ଅଭିଯୁକ୍ତର ଘର ଭାଙ୍ଗିଲେ ଉତ୍ୟକ୍ତ ଗ୍ରାମବାସୀ

ପୁରୀ/ଡେଲାଙ୍ଗ, ୨୧।୪(ଭାସ୍କର ନ୍ୟୁଜ): ଜହ୍ଲାଦ ଦାଦା। ୧୧ ବର୍ଷର ନାବାଳକ ପୁତୁରାକୁ ବୀଭତ୍ସ ଭାବେ ହତ୍ୟା କରିବା ପରେ ପାଇଖାନା ଟାଙ୍କିରେ ଫିଙ୍ଗିଦେଲା । ୭ ଦିନ ପରେ ସୋମବାର ସକାଳେ ଘର ନିକଟ ପାଇଖାନା ଟାଙ୍କିରୁ ନାବାଳକର ମୃତଦେହ ପୋଲିସ ଉଦ୍ଧାର କଲା। ଏହି ଘଟଣାରେ ଅଭିଯୁକ୍ତ ପ୍ରଭାକର ସାହୁକୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏଭଳି ବୀଭତ୍ସ ହତ୍ୟାକାଣ୍ଡ ପୁରୀଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ରତନପୁର ଗାଁରେ ଘଟିଛି। ମୃତଦେହ ଉଦ୍ଧାର ହେବା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ଅଭିଯୁକ୍ତ ପ୍ରଭାକରର ଘର ଭାଙ୍ଗି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ୧୫ ତାରିଖ ସନ୍ଧ୍ୟାରେ ରତନପୁର ଗାଁର ମାନସ ସାହୁଙ୍କ ପୁଅ ଆଶୀର୍ବାଦ ଘର ପାଖରେ ଖେଳୁଥିବାବେଳେ ନିଖୋଜ ହୋଇ ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ତା'ର ପତ୍ତା ପାଇନଥିଲେ। ତହିଁ ପରଦିନ ଏ ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ ହତ୍ୟାକାଣ୍ଡ ସଂପର୍କରେ ମୃତ ନାବାଳକ ଆଶୀର୍ବାଦଙ୍କ ଦାଦା ପ୍ରଭାକରକୁ ପୋଲିସ ଅଟକ ରଖିଥିଲା। ତାକୁ ପଚରାଉଚୁରା ପରେ ଛାଡ଼ି ଦେଇଥିଲା । କିନ୍ତୁ ପୋଲିସ ତା ଉପରେ କଡ଼ା ନଜର ରଖିଥିଲା। ରବିବାର ରାତିରେ ଟାଙ୍ଗି-ଚାନ୍ଦପୁରର ଏକ ଢାବାରୁ ପୋଲିସ ତାକୁ ଗିରଫ କରିଥିଲା। ଅଧିକ ପଚରାଉଚୁରା ସମୟରେ ପ୍ରଭାକର ନିଜର ଅପରାଧ ସ୍ୱୀକାର କରିଥିଲା। ପ୍ରଭାକରର ସୂଚନା ଆଧାରରେ ପୋଲିସ ପାଇଖାନା ଟାଙ୍କିରୁ • ପୃଷ୍ଠା ୫ ଦେଖନ୍ତୁ

## ■ ଏନ୍‌କାଉଣ୍ଟର ■

# ୧୦ ମାଓବାଦୀ ନିହତ



ରାଞ୍ଚି/ରାୟପୁର, ୨୧।୪: ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ମାଓବାଦ ଲୋପ କରାଯିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ମାଓପ୍ରବଣ ରାଜ୍ୟଗୁଡ଼ିକରେ ସୁରକ୍ଷା କର୍ମୀମାନେ ଘନଘନ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହିକ୍ରମରେ ଝାଡ଼ଖଣ୍ଡର ବୋକାରୋ ଜିଲ୍ଲା ଜଙ୍ଗଲରେ ସୋମବାର ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୮ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଟପ୍ କ୍ୟାଡରର ମାଓବାଦୀ ରହିଥିବା ପୋଲିସ ସୂଚନା ଦେଇଛି। ମୃତ ମାଓବାଦୀଙ୍କ ନିକଟରୁ ଏସଏଲଆର, ଇନସାସ୍ ରାଇଫଲ ସହ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଏବେ ବି ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ ବୋକାରୋ ଜିଲ୍ଲା ଲୁଗୁହିଲ୍ସ ନିକଟ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରିଥିବା ନେଇ ଗୁଇନ୍ଦା ପକ୍ଷରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଝାଡ଼ଖଣ୍ଡ ପୋଲିସ ଓ ସିଆରପିଏଫର କୋବ୍ରା ବାହିନୀ ପକ୍ଷରୁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। କମ୍ବିଂବେଳେ ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଥିଲେ। ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଫଳରେ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ ୮ଜଣ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟମାନେ ଜଙ୍ଗଲ ଭିତରକୁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଉନ୍ନତି ହେଉଛି ଉନ୍ନତି ହେଉଛି
ଶୁଭୁଅଛି ଖାଲି ନାରା,
ନେତାମାନେ ସବୁ ଲୋକଙ୍କୁ ଦେଖାନ୍ତି
ଦିନ ଆଲୁଅରେ ତାରା ।
ଜିରାରୁ କାଢ଼ିକି ଶିରା,
ପାର୍ଟିଲୋକ ଏତେ ଗପ ଗପନ୍ତି ଯେ
ଶୁଣୁଥିବା ଲୋକ ଟେରା !



କଟକ(ଭାସ୍କର ନ୍ୟୁଜ): କେନ୍ଦ୍ରର ନିଜ୍ଜୁ ଜାତୀୟ ରାଜପଥ-୬ ଅଧୀନ ସିଂଗରା-ବିରହାଲ ୪ ଲେନ୍ ରାସ୍ତା ସମ୍ପ୍ରସାରଣ ପରେ ଜମି ଅଧିଗ୍ରହଣ ପରେ ଜମି ହରାଇଥିବା ଚଷିଙ୍କ ପରିବାରକୁ ୨୮ କୋଟି କ୍ଷତିପୂରଣ ଅର୍ଥ ହସ୍ତାନ୍ତର ନେଇ ରୁଜୁ ମାମଲାର ଶୁଣାଣି ହୋଇଯାଇଛି। ହାଇକୋର୍ଟରେ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ...

## ସୈନିକ ସ୍କୁଲ ଭୁବନେଶ୍ୱରର ପୁରସ୍କାର ବିତରଣ ସମାରୋହ

# ଛାତ୍ରଛାତ୍ରୀମାନେ ଦେଶ ସେବା ପାଇଁ ସଂକଳ୍ପ ନିଅନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀମାନେ ସେବା, କର୍ତ୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ସୋମବାର ଅପରାହ୍ନରେ ସୈନିକ ସ୍କୁଲ ଭୁବନେଶ୍ୱରର ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କୁ ଲାଳନପାଳନ କରିଥିବା ପିତାମାତା ଏବଂ ଆମ ଦେଶର ଭବିଷ୍ୟତ ଗଢୁଥିବା ସ୍କୁଲ ପାଇଁ ଏକ ଉତ୍ସବ, ସ୍ୱୀକୃତି ଓ ଗର୍ବର ଦିନ। ଶିକ୍ଷା, କ୍ରୀଡ଼ା, ସହ ପାଠ୍ୟକ୍ରମ କାର୍ଯ୍ୟକଳାପ ଏବଂ ଅନୁକରଣୀୟ ଶୃଙ୍ଖଳାରେ ସଫଳତା ପାଇଁ ସମ୍ମାନିତ/ପୁରସ୍କୃତ ହେଉଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ଭବିଷ୍ୟତ ଯାତ୍ରାରେ ମାଇଲ୍‌ଖୁଣ୍ଟ ହେଉ ଏବଂ ଆହୁରି ଅନେକ ସଫଳତା ପାଇଁ ପ୍ରେରଣା ଦେଉ ବୋଲି କାମନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବାରେ ନିଷ୍ଠାପରତା ପାଇଁ ଅଧକ୍ଷ, ଅଧ୍ୟାପକ ଏବଂ କର୍ମଚାରୀଙ୍କର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଆନନ୍ଦରେ ଅଂଶୀଦାର ହେବା ପାଇଁ ଏକତ୍ରିତ ହୋଇଥିବା ପିତାମାତା, ସଂପର୍କୀୟ ଏବଂ ପୂର୍ବତନ ଛାତ୍ରଙ୍କ ଉପସ୍ଥିତି ବେଶ୍ ଉତ୍ସାହପ୍ରଦ ଏବଂ ସେମାନଙ୍କର ନିରନ୍ତର ପ୍ରୋତ୍ସାହନ, ସମର୍ଥନ ପ୍ରତ୍ୟେକ ଛାତ୍ରଙ୍କ ବିକାଶରେ ସବୁଠାରୁ ଦୃଢ଼ସ୍ତମ୍ଭ ଭାବେ କାର୍ଯ୍ୟକରିବ ବୋଲି ରାଜ୍ୟପାଳ କହିଥିଲେ। ସୈନିକ ସ୍କୁଲଗୁଡ଼ିକ ସଶସ୍ତ୍ର ବାହିନୀରେ କ୍ୟାରିୟର ପାଇଁ ଯୁବ ମନକୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମ, ଆତ୍ମ-ଅନୁଶାସନ ଏବଂ ନେତୃତ୍ୱର ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ସ୍ଥାପନ କରାଯାଇଥିଲା। ଦଶନ୍ଧି ଦଶନ୍ଧି ଧରି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସ, ପରମ୍ପରା, ଗର୍ବ ଏବଂ ଉତ୍କର୍ଷତା ସହିତ ସେହି ଦୃଷ୍ଟିକୋଣକୁ ବଜାୟ ରଖିଛି। ଏହି ଅନୁଷ୍ଠାନ ଅନେକ ପ୍ରତିଷ୍ଠିତ ଅଧିକାରୀ, ସରକାରୀ କର୍ମଚାରୀ, ବିଭିନ୍ନ ବୃତ୍ତିଧାରୀ ଏବଂ ଦାୟିତ୍ୱବାନ ନାଗରିକଙ୍କୁ ସୃଷ୍ଟି କରିଛି, ଯେଉଁମାନେ ସ୍କୁଲ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି। ଜଳବାୟୁ ପରିବର୍ତ୍ତନ, ଡିଜିଟାଲ ସାକ୍ଷରତା, ଜାତୀୟ ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ସାମାଜିକ ନ୍ୟାୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିବା ସହିତ ଯୁବ ସମୁଦାୟ କେବଳ ସଫଳତା ହାସଲକାରୀ ଭାବରେ ନୁହେଁ ବରଂ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ପ୍ରତିବଦ୍ଧ ହେବାକୁ ତଥା ବଡ଼ ସ୍ୱପ୍ନ ଦେଖିବା, କଠିନ ପରିଶ୍ରମ କରିବା, ଦୃଢ଼ ରହିବା ଏବଂ ଉତ୍କର୍ଷତା ହାସଲ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ବକ୍ତବ୍ୟ ପ୍ରଦାନ କରିବା ସହ ସୈନିକ ସ୍କୁଲ ଭୁବନେଶ୍ୱରର ଗରିମା ତଥା ସଫଳତା ସଂପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ମେଜର ଜେନେରାଲ ... ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସୈନିକ ସ୍କୁଲର ଅଧ୍ୟକ୍ଷ କର୍ଣ୍ଣେଲ ବାଲୁ ଭାରଥ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିବା ବେଳେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## ରାଷ୍ଟ୍ରୀୟ ସିଭିଲ୍ ସେବା ଦିବସ ପାଳିତ

# ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଯୋଗଦାନ ରହିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆମ ଦେଶ ଭାରତର ବିକାଶ ଯାତ୍ରାର ପ୍ରଚ୍ଛଦରେ ସିଭିଲ ସେବା ଅଧିକାରୀଙ୍କର ମୁଖ୍ୟ ଭୂମିକା ରହିଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସିଭିଲ ସେବା ଅଧିକାରୀଙ୍କୁ ଭାରତର ଷ୍ଟିଲ ଫ୍ରେମ ବୋଲି କହିଥିଲେ। ଦେଶର ପ୍ରଶାସନିକ ଢାଞ୍ଚାକୁ ଏହି ସେବା ହିଁ ସୁଦୃଢ଼ କରିଛି। ସିଭିଲ ସେବା ହିଁ ଦେଶର ସାମଗ୍ରିକ ସଫଳତା ଓ ଉତ୍କର୍ଷର ମେରୁଦଣ୍ଡ। ଏହା ହିଁ ଚିନ୍ତା, ଚେତନା ଓ ମୂଲ୍ୟବୋଧଭିତ୍ତିକ ଅଗ୍ରଗତିର ପ୍ରୟୋଗଶାଳା ବୋଲି ଆଜି ରାଷ୍ଟ୍ରୀୟ ସିଭିଲ ସେବା ଦିବସ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସିଭିଲ ସେବା ଅଧିକାରୀଙ୍କୁ କହିଛନ୍ତି। ଭୁବନେଶ୍ୱରର ଲୋକସେବା ଭବନସ୍ଥିତ କନଭେନ୍‌ସନ ସେଣ୍ଟରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅନ୍ତର୍ଗତ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ ଦ୍ୱାରା ଯୋଗ ଦେଇଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅବସ୍ଥାପିତ ପ୍ରଶାସନିକ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ ଉଦବୋଧନ ଦେଇ କହିଥିଲେ ଯେ, ଓଡ଼ିଆ ଜାତିର ସାମୂହିକ ଚେତନା ଭିତରେ ଏକ ମୁଖ୍ୟ ଅଭିଳାଷ ହେଉଛି ସମୃଦ୍ଧ ଓଡ଼ିଶା ଗଠନ। ଏହାସହ ଜନମଙ୍ଗଳ କ୍ଷେତ୍ରରେ ଆମର ଲକ୍ଷ୍ୟଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ପୂରଣ କରିବା ଜରୁରୀ। ସମସ୍ତଙ୍କ ପାଇଁ ବାସଗୃହ, ପାନୀୟ ଜଳ, ବିଜୁଳି, ଯୋଗାଯୋଗ ଆଦି ମୌଳିକ ସୁବିଧାଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂରଣ ହେବାର ଆବଶ୍ୟକତା ସଂପର୍କରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଶାସନ ପ୍ରକ୍ରିୟାରେ ଉନ୍ନତି ପାଇଁ ପ୍ରଶାସନିକ ସେବାରେ ଅଭିବୃଦ୍ଧି ମାନସିକତାର ବିକାଶର ଆବଶ୍ୟକତା ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଉପରେ ରାଜ୍ୟର ୪.୫ କୋଟି ଲୋକଙ୍କ ଆଶା ଆକାଂକ୍ଷା ରହିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରସଙ୍ଗ ଉପରେ ଆଲୋକପାତ କରି କହିଥିଲେ ଯେ, ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ଥିବା ସିଭିଲ ସେବା ଅଧିକାରୀ ସରକାରୀ ସେବା ଦକ୍ଷତାର ସହ ସଂପାଦନ ନିମନ୍ତେ ସଂପୃକ୍ତ କ୍ଷେତ୍ରରେ ସାମୂହିକ ସହଯୋଗରେ କାର୍ଯ୍ୟକରିବାର ଗୁରୁତ୍ୱ ରହିଛି। ଏହି ଅବସରରେ ରାଜ୍ୟ ପୋଲିସ୍ ମହା ନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଯୋଗଦେଇ ପ୍ରଶାସନିକ ସେବାରେ ଆଇନର ଗୁରୁତ୍ୱ ସଂପର୍କରେ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ, ଆଇନ୍‌ଶୃଙ୍ଖଳା ରକ୍ଷା ଦିଗରେ ରାଜ୍ୟକୁ ସଫଳତା ଆଣିଛି ଓ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଅଛି। ସମଗ୍ର ସରକାରୀ ଆଭିମୁଖ୍ୟ ନେଇ ରାଜ୍ୟ ସରକାରଙ୍କ ସହଯୋଗ, ପୋଲିସ୍ ଅଧିକାରୀଙ୍କର କ୍ଷେତ୍ରରେ ଉନ୍ନତି ଘଟିଛି ବୋଲି ସେ ପ୍ରକାଶ କରିଥିଲେ। ସିଏମଜିଆଇର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରଶାସନିକ ଅଧିକାରୀ ବିନୀତ ଭରଦ୍ୱାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପ୍ରାରମ୍ଭିକ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟଙ୍କ ମଧ୍ୟରେ ପ୍ରଧାନ ମହାଲେଖାକାର, ଓଡିଶା, ଭୁବନେଶ୍ୱର ଡି.ବି.ସାହୁ, ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ସୁରେଶ ପନ୍ଥ, ଓଡ଼ିଶା ମଣ୍ଡଳର ମୁଖ୍ୟ ଡାକ ଅଧିକ୍ଷକ ନିର୍ମଳଜିତ୍ ସିଂ, ପ୍ରମୁଖ ଆୟକର ଆୟୁକ୍ତ ପାରମିତା ଶତପଥି ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ସିଭିଲ ସେବା ଦିବସ ଉପଲକ୍ଷେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଡୁମଡୁମାର ଏକ କଲେଜରେ ବ୍ୟାପିଛି ଝାଡାବାନ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ପୁଣି ଝାଡାବାନ୍ତି ଆତଙ୍କ। ନୀଳାଦ୍ରି ନିବାସ ପରେ ଏବେ ଡୁମଡୁମା ଅଂଚଳରେ ଏକ ଘରୋଇ କଲେଜରେ ବ୍ୟାପିଛି ଝାଡାବାନ୍ତି। ଯୁକ୍ତ ୨ ଗାନ୍ଧି ବିଦ୍ୟାପୀଠ କଲେଜରେ ୬ ଜଣ ଛାତ୍ରଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ନେଇ ସୂଚନା ମିଳିଛି। ପାଣିରୁ ଝାଡବାନ୍ତି ବ୍ୟାପୀ ଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ଉକ୍ତ କଲେଜ ଏବଂ ହଷ୍ଟେଲର ୪ଟି ସ୍ଥାନରୁ ପାଣି ସାମ୍ପୁଲ ସଂଗ୍ରହ କରାଯାଇ ଟେଷ୍ଟିଂ ପାଇଁ ପଠାଯାଇଛି। କଲେଜ ପରିସରରେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର ଟିମ ଡେରା ପକେଇଛନ୍ତି। ଏବେ ୬ଜଣ ଛାତ୍ରଛାତ୍ରୀ ଏବେ ସୁସ୍ଥ ଅଛନ୍ତି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।

## ଦଳିତ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଆସାମୀଙ୍କୁ ଆଜୀବନ ଦଣ୍ଡାଦେଶ

କଟକ(ଭାସ୍କର ନ୍ୟୁଜ): ଏକ ଦଳିତ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀ ପ୍ରତାପ ରାଉତ (୨୧)କୁ ଆଜୀବନ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ସେହିପରି କୋର୍ଟ ଏହି ମାମଲାରେ ଆସାମୀଙ୍କୁ ୨୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ତେବେ ଜରିମାନା ପ୍ରଦାନ ନ କରିପାରିଲେ ଆସାମୀଙ୍କୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। କୋର୍ଟ ପିଡିତାକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ୨୦୨୩ ମସିହା ଫେବୃୟାରୀ ୫ ତାରିଖରେ ଘଟଣା ଘଟିଥିବା ବେଳେ ମାଣିଆବନ୍ଧ ଥାନାରେ ପିଡିତାର ପରିବାର ପକ୍ଷରୁ ମାଣିଆବନ୍ଧ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ବାଙ୍ଗେରୀଶିଙ୍ଗାର ଆସାମୀ ପ୍ରତାପ ରାଉତ (୨୧) ୨୦୨୩ ମସିହା ଫେବୃୟାରୀ ୫ରେ ଜଣେ ୮ ବର୍ଷୀୟା ନାବାଳିକାକୁ ଅପହରଣ କରି ନେଇ ବଳାତ୍କାର କରିଥିଲା।

## କଂଗ୍ରେସ କାର୍ଯ୍ୟାଳୟରେ ଜାନକୀ ବାବୁଙ୍କ ୧୦ମ ଶ୍ରାଦ୍ଧବାର୍ଷିକ ପାଳିତ

# ଭାଗବତ ଗ୍ରନ୍ଥକୁ ଓଡ଼ିଶାର ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ଥିଲା ଜାନକୀବାବୁଙ୍କ ସ୍ୱପ୍ନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ, କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ କଂଗ୍ରେସ ସେବାଦଳର ଅଧକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ। ସର୍ବପ୍ରଥମେ ପ୍ରଦେଶ କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଓ ଡ. ଅସିତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଦୋଷ ପଟ୍ଟନାୟକ କହିଲେ ଯେ ସ୍ୱର୍ଗତ ଜାନକୀ ବାବୁ ଅହରହ ଓଡ଼ିଶାର ବିକାଶ ଦିଗରେ ଚିନ୍ତା କରୁଥିଲେ। ସେ ଦୁର୍ଗତ ମଣିଷର ବିକଳକୁ ଅନୁଭବ କରିପାରୁଥିଲେ। ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟାକୁ ସେ ସଠିକ ମୁକାବିଲା କରିପାରିଥିଲେ। ତାଙ୍କ ସମୟରେ ରାଜ୍ୟରେ ଶିଳ୍ପ ବିପ୍ଳବ ସୃଷ୍ଟି ହୋଇଥିଲା। ଆଜି ଆମେ ଓଡ଼ିଶାରେ ଯାହାକିଛି ଦେଖୁଛେ ତାହା ଜାନକୀ ବାବୁଙ୍କ ସ୍ୱପ୍ନ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ଡ. ବୁଦ୍ଧଦେବ ମିଶ୍ର ଓ ଡ. ଅସିତ ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଆଜିର ଓଡ଼ିଶାବାସୀ ଜାନକୀ ବାବୁଙ୍କ ୧୪ ବର୍ଷର ଶାସନ ସମୟର ସଫଳତା ବିଷୟରେ ଜାଣିବା ଦରକାର। କଂଗ୍ରେସର ୧୪ ବର୍ଷର ଶାସନ ଓ ବିଜେଡ଼ିର ୨୪ ବର୍ଷର ଶାସନ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ରାଜ୍ୟବାସୀଙ୍କ ନିକଟରେ ପହଂଚାଇବା କଂଗ୍ରେସ ନେତୃବୃନ୍ଦମାନଙ୍କର ପ୍ରଥମ କାର୍ଯ୍ୟ ହେବା ଉଚିତ। ଭାଗବତ ଗ୍ରନ୍ଥକୁ ରାଜ୍ୟର ପ୍ରତ୍ୟେକ ପରିବାରଙ୍କ ନିକଟରେ ପହଂଚାଇବା ଜାନକୀ ବାବୁଙ୍କର ଏକ ସ୍ୱପ୍ନ ଥିଲା। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଲେ ଯେ ଜାନକୀ ବାବୁ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଆଜିର ଯୁବ ସମାଜଙ୍କୁ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରଜ୍ଞା ଓ ପ୍ରତିଭା ସମ୍ପର୍କରେ ଅବଗତ କରାଇପାରିଲେ ତାହାହିଁ ଜାନକୀ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଶେଷରେ କଂଗ୍ରେସ ନେତା ରଜନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିବାନନ୍ଦ ରାୟ, ମନୋଜ ରଥ ଓ ଶ୍ରୀମତୀ ସିପ୍ରା ମଲ୍ଲିକ ବିଶିଷ୍ଟ ଅତିଥି ବକ୍ତା ପଟ୍ଟନାୟକ, ଡ. ମିଶ୍ର ଓ ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧା ସୁମନ ଜଣାଇଥିଲେ।

# ୩୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ଼ ନଂ ୫୯ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ନୂଆଗାଁ, ମାରୁତି ନଗର, ବିଶାଲ ସିଟି, ଅପସନା ଗାର୍ଡେନ୍, ବିଜୟ ବିହାର, ରୁଦ୍ରବିହାର, ଲିଙ୍ଗିପୁର, ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର, ମାରୁତି ନଗର, ଦିବ୍ୟବିହାର କଲୋନୀ ଓ ଏହାର ଆଖପାଖ ଅଞ୍ଚଳରେ ନୂତନ ରାସ୍ତା, ଡ୍ରେନେଜ୍ ଓ ସ୍ୱେରେଜ ପ୍ରକଳ୍ପ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ, ପ୍ରତିଶ୍ରୁତି ପୂରଣ ହେଲା। ବିକଶିତ ଏକାମ୍ରର ସ୍ୱପ୍ନ ସାକାର ହେଲା। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଥିଲା ଏହି ଅଞ୍ଚଳରେ ରାସ୍ତା, ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହି ଅଞ୍ଚଳଗୁଡ଼ିକରେ ରାସ୍ତା, ଡ୍ରେନ, ସ୍ୱେରେଜ୍ ବ୍ୟବସ୍ଥା ହେବା ଦ୍ୱାରା ଜନସାଧାରଣ ଏସବୁ ଅସୁବିଧାରୁ ରକ୍ଷା ପାଇବେ ତେଣୁ ଏହି ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ। ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, ଅମରେଶ ଜେନା, ଅଜିତ ବେହେରା, ଭୁବନେଶ୍ୱର ବ୍ଲକ୍ ଅଧ୍ୟକ୍ଷା ନିରୁପମା ସାହୁ, ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ୱାର୍ଡ଼ ମେମ୍ବର ଚିରଞ୍ଜିବ ଗୋଚ୍ଛାୟତ, ପ୍ରଶାନ୍ତ ପଟ୍ଟନାୟକ, ମମତା ସ୍ୱାଇଁ, ସମାଜସେବୀ ସଂଗ୍ରାମ ପାଇକରାୟ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୮କୋଟି ବ୍ୟାଙ୍କ ଠକେଇ ମାମଲାରେ ୪ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୮କୋଟି ବ୍ୟାଙ୍କ ଠକେଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା ବା ଇଓଡବ୍ଲୁ। ଗିରଫ ଅଭିଯୁକ୍ତ ମାନେ ହେଲେ ସ୍ମୃତି ରଞ୍ଜନ ସେଠୀ, ଏମ ଦିବ୍ୟଶ୍ରୀ ଜ୍ୟୋତିରଞ୍ଜନ, ନିରଞ୍ଜନ ବେହେରା ଏବଂ ଦେବାଶିଷ ବେହେରା। ଏସବିଆଇ ରିଜିଓନାଲ୍ ବ୍ରାଂଚ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ବିଭିନ୍ନ ସଂସ୍ଥା ନାଁରେ ୨୩୪ଟି କ୍ରେଡିଟ ଲୋନକୁ ଜାଲ କାଗଜପତ୍ର ଜରିଆରେ ୪ ଅଭିଯୁକ୍ତ ୮ କୋଟି ଟଙ୍କାର ଠକେଇ କରିଥିଲେ।

# ଧର୍ମଶାଳା ହିଂସାକାଣ୍ଡ ଘଟଣାରେ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଗତ ଏପ୍ରିଲ୍ ୧୩ ତାରିଖରେ ଆରୁଅ ଗ୍ରାମରେ ହୋଇଥିବା ସଂଘବଦ୍ଧ ହିଂସାତ୍ମକ ଆକ୍ରମଣ ଘଟଣାରେ ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନାଙ୍କ ନେତୃତ୍ୱରେ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଗତ ୧୦ ମାସ ମଧ୍ୟରେ ବଳବନ୍ତରାୟଙ୍କ ଉପରେ ୮ ଥର ଆକ୍ରମଣ ହୋଇଥିଲେ ମଧ୍ୟ ପୋଲିସ୍ ବର୍ତ୍ତମାନ ସୁଦ୍ଧା ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିନାହିଁ। ଏସ୍‌ପି ଏବଂ ପଦସ୍ଥ ପୋଲିସ୍ ଅଫିସରଙ୍କ ସଲାସୁତୁରାରେ ୩ ବ୍ୟକ୍ତିଙ୍କୁ ସରେଣ୍ଡର କରାଯାଇଛି, ଯେଉଁମାନଙ୍କର ଏ ଅପରାଧ ସହିତ ସମ୍ପୃକ୍ତି ନାହିଁ। ନିର୍ବାଚନ ମଣ୍ଡଳୀ ଗସ୍ତର ପୂର୍ବ ସୂଚନା ପୋଲିସ୍‌କୁ ପ୍ରଦାନ କରି ଶ୍ରୀ ବଳବନ୍ତରାୟ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ ମଧ୍ୟ ତାଙ୍କ କାର୍ଯ୍ୟାଳୟ, ବାସଗୃହ ଓ ଗାଡ଼ି ଉପରକୁ ୮ ଥର ଆକ୍ରମଣ ହୋଇଛି। ବାରମ୍ବାର ଏତଲା ଦାୟର କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସ୍ଥାନୀୟ ବିଧାୟକଙ୍କ ପ୍ରରୋଚନାରେ ଖଣିମାଫିଆ ହିଂସାକାଣ୍ଡ ଘଟାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆକ୍ରମଣକାରୀଙ୍କ ଠାରୁ ଭୁଜାଲି, ଖଣ୍ଡା ପରି ମାରଣାସ୍ତ୍ର ସ୍ଥାନୀୟ ଆଇଆଇସି ନିଜେ ଜବତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପୋଲିସର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାସ୍ଥଳରୁ ଶ୍ରୀ ବଳବନ୍ତରାୟ ଯାଜପୁର ଏସ୍‌ପିଙ୍କୁ ଟେଲିଫୋନ୍ କରିଥିଲେ ମଧ୍ୟ ଏସ୍‌ପି ଫୋନ ଉଠାଇ ନଥିଲେ। ପୋଲିସ୍ ମହାନିର୍ଦ୍ଦେଶକଙ୍କ ସହ ବିଜେଡିର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସମୁଦାୟ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅରୁଣ ସାହୁ, ବ୍ୟୋମକେଶ ରାୟ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସୁଶାନ୍ତ ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ ସାମିଲ୍ ଥିଲେ।

# 'ସଦାଶିବ ତ୍ରିପାଠୀଙ୍କ ଭଳି ନିଷ୍କଳଙ୍କ ରାଜନେତା ବିରଳ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡଃ ସଦାଶିବ ତ୍ରିପାଠୀଙ୍କ ଭଳି ଜଣେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ନିଷ୍କଳଙ୍କ ଓ ଆଦର୍ଶ ରାଜନେତା ଓ ସଫଳ ପ୍ରଶାସକ ବିରଳ ବୋଲି ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ମୁଖ୍ୟମନ୍ତ୍ରୀ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡ଼.ରବୀନ୍ଦ୍ର ନାରାୟଣ ବେହେରା, ଡଃ ସଦାଶିବ ତ୍ରିପାଠୀଙ୍କ ଅମ୍ଳାନ ଜୀବନାଦର୍ଶ ଓ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ସବୁଠାରୁ ଲୋକପ୍ରିୟ, ନିଷ୍କଳଙ୍କ, ନିର୍ମଳ ବ୍ୟକ୍ତିତ୍ୱସଂପନ୍ନ ମୁଖ୍ୟମନ୍ତ୍ରୀ ରୂପେ ତାଙ୍କର ଭାବମୂର୍ତ୍ତି ଓଡ଼ିଶାର ରାଜନୈତିକ ପରମ୍ପରାକୁ ଉଦ୍‌ଭାସିତ କରିଥିଲା। ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୬୫ ଫେବୃଆରୀ ୨୧ରୁ ୧୯୬୭ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶବରୀ ସାଂସ୍କୃତିକ ସଂସଦର ଉପ ସଭାପତି ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତରଙ୍ଗ ଅନୁଷ୍ଠାନର କଣ୍ଠଶିଳ୍ପୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ, ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସକାଳେ କ୍ୟାପିଟାଲ ହସ୍ପିଟାଲ ଛକ ଭୁବନେଶ୍ୱର ସ୍ଥିତ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ବିଭାଗର ଉପ ନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ଭୁବନେଶ୍ୱର କର୍ମକର୍ତ୍ତା, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ୍ କମିଶନରେଟ୍ ଦେବଦତ୍ତ କର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୦୬ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ।

# ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଭାରତ ସଂସ୍କୃତି ଯାତ୍ରା ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋଲକତାର ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟି ଏବଂ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଭାରତ ସଂସ୍କୃତି ଯାତ୍ରା ଏକ ସୁନ୍ଦର ଓ ଭବ୍ୟ ସମ୍ବର୍ଦ୍ଧନାରେ ଭୁବନେଶ୍ୱରର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଅଡ଼ିଟୋରିୟମରେ ଉଦ୍ଘାଟିତ ହୋଇଯାଇଛି। ଏହି ଉତ୍ସବ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୃତ୍ୟ ଏବଂ ସଙ୍ଗୀତରେ ଭାରତୀୟ ଶାସ୍ତ୍ରୀୟ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ତାକୁ ଦେଶ ଓ ଦେଶ ବାହାରେ ପ୍ରଚାର ଓ ପ୍ରସାର କରିବା। ଏହି ଉତ୍ସବଟିକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଉପସ୍ଥିତି ଯୋଜନା ଅଧୀନରେ ସମର୍ଥନ କରାଯାଇଛି ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଉପସ୍ଥାପନ କରାଯାଉଛି। ଉଦ୍‌ଘାଟନୀ ସଂଧ୍ୟାର ଅତିଥିମାନେ ଥିଲେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡ଼କ୍ଟର (ପ୍ରଫେସର) ପ୍ରସନ୍ନ କୁମାର ପାଟଶାଣୀ; ଗୃହ ମନ୍ତ୍ରଣାଳୟର ପୂର୍ବତନ ସ୍ୱତନ୍ତ୍ର ସଚିବ ଏବଂ ଆର୍ଥିକ ପରାମର୍ଶଦାତା ସୁରେଶ ଚନ୍ଦ୍ର ପଣ୍ଡା; ରୋଏଲ କଲେଜ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲଜିର ବିଷ୍ଣୁ ଚରଣ ମହାନ୍ତି; ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରୁ ଡ଼କ୍ଟର ବିଜୟ କୁମାର ଜେନା; ଓଡ଼ିଆ ସିନେମା ସମିକ୍ଷକ ଦିଲୀପ ହାଲି; ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ସଚିବ ପ୍ରଶ୍ମଜିତ୍ ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ଼କ୍ଟର ଗଜେନ୍ଦ୍ର କୁମାର ପଣ୍ଡା। ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଗୁରୁ ଦୁର୍ଗାଚରଣ ରଣବୀରଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ। ସେମାନଙ୍କ ପ୍ରସ୍ତୁତିରେ ଥିଲା ଦେବୀସ୍ତୁତି ବିଘ୍ନ ଗିରି ବାସିନୀ ପରେ ପରେ ଗୁରୁ (ଡ଼କ୍ଟର) ବିଜୟ କୁମାର ଜେନାଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେ ପ୍ରଥମ ପର୍ଯ୍ୟାୟରେ ରାଗାଙ୍ଗ ଯାହା ରାଗ ବିହାଗ ଓ ତାଳ ଯତି ଉପରେ ନିବଦ୍ଧ ପ୍ରବନ୍ଧ ପ୍ରାଣ ଧନ ପ୍ରାଣ ରଖ ଧରୁଛି ତ ପାଣି କି ରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦରୁ ଉଦ୍ଧୃତ ଧୀର ସମିରେ ଜମୁନା ତୀରେ ଗାୟନ କରିଥିଲେ। ତାଙ୍କୁ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଗୁରୁ ଜବାହାର ମିଶ୍ର, ହାରମୋନିୟମ୍ରେ ବାଳକୃଷ୍ଣ ଜେନା ଓ ତାନପୁରାରେ ଚନ୍ଦ୍ର ଶେଖର ବିଶ୍ୱାଳ ସହଯୋଗ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଶରଦ୍ ବାଦନ ଯାହାକୁ ପରିବେଷଣ କରିଥିଲେ ଅର୍ଣ୍ଣବ ଭଟ୍ଟାଚାର୍ଯ୍ୟ ପରେ ପରେ ପରିବେଷିତ ହୋଇଥିଲା ଗୁରୁ (ଡ଼କ୍ଟର) ଗଜେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ ଜୟରାମ। ଶେଷରେ ଗୁରୁ ଚିତ୍ରସେନ୍ ସ୍ୱାଇଁଙ୍କ ଦ୍ୱାରା ପ୍ରତିଷ୍ଠିତ ଆରାଧନା ଡ୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା। ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ସଚିବ ପ୍ରଶ୍ମଜିତ୍ ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ଼କ୍ଟର ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଏହି ଉତ୍ସବଟିର ପରିକଳ୍ପନା ଓ ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଶୋମା ମହାପାତ୍ର।


Learners to Leaders
Nurtured by ALLEN
Result: JEE Main 2025
ALLEN JEE Main 2025 results validated by
Official result validator
EY
AIR 1 PERFECT 300/300 SCORER
OM PRAKASH BEHERA
3-year classroom course
AIR 10 Overall 100 %ile
SAKSHAM JINDAL
3-year classroom course
AIR 11 Overall 100 %ile
ARNAV SINGH
6-year classroom course
11 Students in Top 25 AIR
20 State Toppers
33 Students in Top 100 AIR
AIR 13 Overall 100 %ile
ARCHISMAN NANDY
1-year classroom course
AIR 16 Overall 100 %ile
RAJIT GUPTA
7-year classroom course
AIR 17 Overall 100 %ile
MOHAMMAD ANAS
6-year classroom course
AIR 22 Overall 100 %ile
LAKSHYA SHARMA
6-year classroom course
AIR 26 Vaibhav Vatsal 1-year classroom course
AIR 34 Kalp H Shah 2-year classroom course
AIR 35 Vedansh Garg 2-year classroom course
AIR 49 Yashaswi Jain 6-year classroom course
AIR 50 Dishaanth Basu 1-year classroom course
AIR 51 Aritro Ray 1-year Online Live Course
AIR 55 Dhruba Jyoti Panja 1-year classroom course
AIR 60 Samudra Sarkar 4-year classroom course
AIR 63 Vivaan Bhatia 7-year classroom course
AIR 65 Devesh Bhaiya 7-year classroom course
AIR 72 Akshat Kr. Chaurasia 2-year classroom course
AIR 74 Shiv Velnad 3-year classroom course
AIR 76 Garv 3-year classroom course
AIR 85 Udit Jaiswal 2-year classroom course
AIR 87 Aagam Shah 6-year classroom course
AIR 88 Darshil Dayma 2-year classroom course
AIR 91 Jay Agarwal 2-year classroom course
AIR 92 Thrayambhakesh H 3-year classroom course
AIR 99 Shourya Agrawal 2-year classroom course
As per result compiled till 19 April 2025 (07:00 PM)
Online Test Series & DLP Course Champions
Overall 100 %ile AIR 1 Devdutta Majhi 1-year Online Test Series
Overall 100 %ile AIR 7 Aayush Chaudhari 6-Months Online Test Series
Overall 100 %ile AIR 15 Harssh A Gupta 1-year Online Test Series
Overall 100 %ile AIR 23 Harsh Jha 1-year Online Test Series
AIR 40 Aryan Mishra 2-year DLP
AIR 61 Sohan K. Chelekar 1-year Online Test Series
AIR 76 Yash Kumar 1-year Online Test Series
ALLEN ODISHA Champions
80 Students Scored 99%ile & Above
AIR 216 STATE TOPPER 99.98%ile N. Priyadarshi 5-year classroom course
AIR 228 99.98%ile Hans Daruka 5-year classroom course
100%ile Chemistry 99.97%ile Sanket Nayak 2-year classroom course
100%ile Physics 99.95%ile S. K. Manohari 2-year classroom course
99.95%ile Rashmi R. Bastia 5-year classroom course
99.95%ile Samman Poddar 2-year classroom course
99.94%ile Sai Amrit Sagar 2-year classroom course
99.92%ile Krishnans Mishra 1-year classroom course
99.89%ile Ayush Patnaik 2-year classroom course
99.85%ile Rishabh Misra 2-year classroom course
99.84%ile Aditya Nayak 5-year classroom course
99.83%ile A. Mohapatra 2-year classroom course
99.82%ile Shlok Bothra 2-year classroom course
100%ile Physics 99.80%ile Nikhil N. Sahoo 4-year classroom course
99.78%ile Yatimohan Sahoo 2-year classroom course
ADMISSIONS OPEN
NEET (UG) | JEE (Main+Adv.) | JEE (Main) | Olympiads | Class 6th to 12th & 12th Pass
NEW BATCHES FROM 24 APRIL ONWARDS
For test dates & course start dates visit website or nearest center.
SIGN-UP FOR ASAT (Scholarship Test)
TEST DATES: 27 April & 04 May
GET UP TO 90 % SCHOLARSHIP*
For Direct Admission — Visit Your Nearest ALLEN Center.
*Subject to the scholarship rules and the T&Cs.
ALLEN
ALLEN ODISHA
95137 31588 allen.ac.in/bhubaneswar
ALLEN Kota Center
0744-3556677 allen.ac.in
Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing. All the students mentioned are part of paid courses. DLP: Distance Learning Program.

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ବାଂଲାଦେଶରେ ହିନ୍ଦୁଙ୍କୁ ନିର୍ଯାତନା

# ୟୁନୁସ୍ ସରକାରଙ୍କ ଗଭୀର ଷଡ଼ଯନ୍ତ୍ର

ଭାରତର ଆର୍ଥିକ, ନୈତିକ ଓ ସାମରିକ ସହାୟତା ବଳରେ ଏକ ସ୍ୱାଧୀନ ରାଷ୍ଟ୍ର ରୂପେ ମୁଣ୍ଡ ଟେକିଥିବା ବାଂଲାଦେଶ ଏବେ ଆମର ଚରମ ଶତ୍ରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛି । ଆୱାମୀ ଲିଗ୍ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା କ୍ଷମତାଚ୍ୟୁତ ହୋଇ ଏବେ ଭାରତରେ ଆଶ୍ରୟ ନେଇଥିବା ବେଳେ ବାଂଲାଦେଶରେ ନୋବେଲ୍ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ ଏକ ଅନ୍ତରୀଣ ସରକାର ଶାସନ କାର୍ଯ୍ୟ ପରିଚାଳନା କରୁଛନ୍ତି । ଏହି ସରକାର ଭାରତ ପ୍ରତି କୃତଜ୍ଞ ରହିବା ତ ଦୂରର କଥା, ଗତ କିଛିମାସ ଧରି ଭାରତ ବିରୋଧରେ ଗଭୀର ଷଡ଼ଯନ୍ତ୍ରରେ ଲିପ୍ତ ଥିବାର ଲକ୍ଷ୍ୟ କରାଯାଉଛି । ନିଜକୁ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ରୂପେ ଦାବି କରୁଥିବା ଏହି ପଡ଼ୋଶୀ ଦେଶରେ ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଚରମସୀମାରେ ପହଞ୍ଚିଛି । କେବଳ ସେତିକି ନୁହେଁ ହିନ୍ଦୁ ମନ୍ଦିର ଓ ଦେବପୀଠ ଗୁଡ଼ିକୁ ଧ୍ୱଂସ କରାଯିବା ସଙ୍ଗେ ସଙ୍ଗେ ଧର୍ମଗୁରୁମାନଙ୍କୁ ବନ୍ଦୀ ବା ହତ୍ୟା କରାଯିବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ୟୁନୁସ୍‌ଙ୍କ ଅନ୍ତରୀଣ ସରକାର ଏହାକୁ ରୋକିବା ପରିବର୍ତ୍ତେ ପରୋକ୍ଷରେ ଏହି ଘୃଣ୍ୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବାର ଅଭିଯୋଗ ହେଉଛି । ଏହାରି ଭିତରେ ବାଂଲାଦେଶର ଜଣେ ପ୍ରମୁଖ ହିନ୍ଦୁ ନେତା ଭବେଶ ଚନ୍ଦ୍ର ରାୟଙ୍କୁ ତିନିଦିନ ତଳେ ନୃଶଂସ ଭାବରେ ହତ୍ୟା କରାଯିବା ଘଟଣା ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ତିକ୍ତ କରିଛି । ରାଜଧାନୀ ଢ଼ାକାରୁ ପ୍ରାୟ ୩୩୦ କିଲୋମିଟର ଉତ୍ତର-ପଶ୍ଚିମରେ ବସୁଦେବପୁର ଗ୍ରାମରେ ଭବେଶଙ୍କ ମୃତଦେହ ଗୁରୁବାର ରାତିରେ ଉଦ୍ଧାର କରାଯାଇଛି । ପତ୍ନୀଙ୍କ ସୂଚନା ଅନୁଯାୟୀ ଦୁଇଟି ବାଇକ୍‌ରେ ଚାରିଜଣ ଦୁର୍ବୃତ୍ତ ଘରକୁ ଆସି ଭବେଶଙ୍କୁ ଅପହରଣ କରି ନେଇଥିଲେ । ପରେ ତାଙ୍କୁ ନାରାବରୀ ଗ୍ରାମକୁ ନିଆଯାଇ ଅତି ନିର୍ମମ ଭାବରେ ହତ୍ୟା କରାଗଲା । ମୃତକ ଭବେଶ ରାୟ ବାଂଲାଦେଶର ପୂଜା ଅଧ୍ୟୟନ ପରିଷଦର ଉପାଧ୍ୟକ୍ଷ ତଥା ଜଣେ ବିଶିଷ୍ଟ ହିନ୍ଦୁନେତା ଥିଲେ । ତାଙ୍କର ହତ୍ୟାକୁ ଭାରତ ଖୁବ୍ କଡ଼ା ଭାଷାରେ ନିନ୍ଦା କରିଛି । ସେପଟେ ଭାରତ ବିରୋଧରେ ବାଂଲାଦେଶର ଆଉ ଏକ ବଡ଼ ଷଡ଼ଯନ୍ତ୍ର ଏବେ ନଜରକୁ ଆସିଛି । ମିଳିଥିବା ସୂଚନା ଅନୁଯାୟୀ ଦକ୍ଷିଣତ୍ରିପୁରାର ମୁହୁରୀ ନଦୀ ନିକଟରେ ବାଂଲାଦେଶ ଆଉ ଏକ ବନ୍ଧ ନିର୍ମାଣ କରୁଛି, ଯାହା ରାଜ୍ୟର ଅନେକ ସହରରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହେଉଛି ଯେ, ବାଂଲାଦେଶ ନିର୍ମାଣ କରୁଥିବା ବନ୍ଧ ପ୍ରାୟ ଦେଢ଼ କିଲୋମିଟର ଲମ୍ବା ଓ ୨୦ଫୁଟ୍ ଉଚ୍ଚ ହେବ । ଇନ୍ଦିରା ଗାନ୍ଧୀ ଓ ମୁଜିବୁର୍ ରହମାନ୍‌ଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରାଜିନାମା ଅନୁଯାୟୀ ଦୁଇ ପଡ଼ୋଶୀ ଦେଶ ଜିରୋ ଲାଇନ୍‌ର ୧୫୦ ଗଜ୍ ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ ବର୍ତ୍ତମାନର ନିର୍ମାଣାଧୀନ ବନ୍ଧ ୫୦ଗଜ୍‌ରୁ କମ୍ ଦୂରତାରେ ଏବଂ କିଛି ସ୍ଥାନରେ ୧୦ଗଜ୍‌ରୁ ମଧ୍ୟ କମ୍ ଦୂରତାରେ ନିର୍ମିତ ହେଉଛି । ସ୍ଥାନୀୟ ବିଧାୟକ ଦୀପଙ୍କର ସେନ୍ ଶନିବାର ଏହି ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରଣାଳୟର ଜରୁରି ହସ୍ତକ୍ଷେପ ଦାବି କରିଛନ୍ତି । ବର୍ତ୍ତମାନ ଭାରତ-ବାଂଲାଦେଶ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଏହି ନୂତନ ବନ୍ଧ ନିର୍ମାଣ ଇନ୍ଧନ ଯୋଗାଇଲା ଭଳି ମନେହେଉଛି । ବିଶ୍ୱର ପ୍ରଖ୍ୟାତ ଲେଖିକା ତସ୍‌ଲିମା ନସ୍‌ରିନ୍ ବାଂଲାଦେଶ ସରକାର ବିରୋଧରେ ସଙ୍ଗୀନ ଅଭିଯୋଗ ଆଣି ମହମ୍ମଦ ୟୁନୁସ୍‌ଙ୍କୁ ଶାସନ କ୍ଷମତାରୁ ହଟାଇବା ଲାଗି କହିଛନ୍ତି । ୟୁନୁସ୍ ସରକାର କ୍ଷମତାରୁ ବିଦା ହେବା ପରେ ହିଁ ବାଂଲାଦେଶରେ ହିନ୍ଦୁ ସୁରକ୍ଷିତ ରହିପାରିବେ ବୋଲି ତାଙ୍କର ମନ୍ତବ୍ୟ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି । ନୋବେଲ ପୁରସ୍କାର ବିଜେତା ଜଣେ ଉଦାରବାଦୀ ବ୍ୟକ୍ତିତ୍ୱ ଦେଶକୁ ସୁଶାସନ ଦେବାରେ ସମ୍ପୂର୍ଣ୍ଣ ବିଫଳ ହେବା ବାସ୍ତବିକ ଦୁର୍ଭାଗ୍ୟଜନକ । ଦେଶର ସଂଖ୍ୟାଲଘୁ ଶ୍ରେଣୀ ବିଶେଷ କରି ହିନ୍ଦୁମାନଙ୍କ ଉପରେ ଦମନଲୀଳା ବନ୍ଦ କରିବାକୁ ୟୁନୁସ୍ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଜରୁରି ।

# ମୋବାଇଲରେ ଜୁଆ, ଯୁବବର୍ଗ ଭ୍ରମିତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଡିଜିଟାଲ ଇଣ୍ଡିଆ ଫାଉଣ୍ଡେସନ ନିକଟରେ ଏକ ରିପୋର୍ଟ ପ୍ରକାଶ କରିଛି । ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ଅନ୍‌ଲାଇନ୍ ଗେମ୍ବଲିଙ୍ଗ ବା ଅନ୍‌ଲାଇନ୍ ଜୁଆଖେଳ ବଢ଼ିବାରେ ଲାଗିଛି । ଅନ୍‌ଲାଇନ୍‌ରେ ଜୁଆଖେଳକୁ ପ୍ରୋତ୍ସାହିତ କରୁଥିବା ଏହି ଅନ୍‌ଲାଇନ୍ ପ୍ଲାଟଫର୍ମ ବା ଆପ୍‌କୁ ବିଗତ ୩ ମାସ ମଧ୍ୟରେ ୧୬୦ କୋଟି ଥର ଲୋକେ ଦେଖିଛନ୍ତି । ଏପରିକି ଖେଳିଛନ୍ତି । ସରକାରଙ୍କ ଦ୍ୱାରା ଏହି ଜୁଆଖେଳକୁ ରୋକିବା ବା ନିୟନ୍ତ୍ରିତ କରିବା ପାଇଁ ସମସ୍ତ ପ୍ରୟାସ ସତ୍ତ୍ୱେ ଅବୈଧ ଭାବେ ଏହି ଖେଳ ବଢ଼ି ଚାଲିଛି । ସମାଜ ବିଶେଷ ଭାବେ ଯୁବବର୍ଗ ଓ ପିଲାଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି । ଦି ଲାନ୍‌ସେଣ୍ଟ ପତ୍ରିକାରେ ପ୍ରକାଶିତ ରିଚ୍ଛାର୍ଡ଼ ଆରାମିଣ୍ଟେଡ଼ଙ୍କ ସର୍ବେକ୍ଷଣ ଅନୁସାରେ ଅନ୍‌ଲାଇନ୍ ଜୁଆ ପିଲାଙ୍କ ମାନସିକ, ଭାବନାତ୍ମକ ତଥା ସାମାଜିକ ସ୍ୱାସ୍ଥ୍ୟ ଏବଂ ପାଠପଢ଼ା ଉପରେ ପ୍ରଭାବ ପକାଉଛି । ଯୁବବର୍ଗ ଓ ପିଲାମାନେ ଅନ୍‌ଲାଇନ୍‌ରେ ଏହି ଜୁଆ ଖେଳରେ ଫସି ଯାଉଛନ୍ତି ଯାହା ସେମାନଙ୍କୁ ଏଥିରେ ଧୀରେ ଧୀରେ ଅଭ୍ୟସ୍ତ କରିଦେଉଛି । ନୂଆ ଟେକ୍‌ନିକରୁ ଅନେକ ଲାଭ ମିଳିବ ବୋଲି କୁହାଯାଉଛି କିନ୍ତୁ ସାବଧାନ ନରହିଲେ ଏହା ଗୁରୁତର କ୍ଷତି କରିବାର ସମ୍ଭାବନା ମଧ୍ୟ ରହିଛି । ମୋବାଇଲ ଫୋନ୍‌ରେ ଅନେକ ସୁବିଧା ମିଳିପାରୁଛି, ଏହାର ଅନେକ ଫାଇଦା ମଧ୍ୟ ରହିଛି କିନ୍ତୁ ଏବେ ମୋବାଇଲ ଅନେକ ପ୍ରକାରର ଜୁଆ ଖେଳର ମାଧ୍ୟମ ପାଲଟିବାକୁ ବସିଛି । ତାସ୍, ଲୁଡୁ ଏବଂ କ୍ରିକେଟ ଭଳି ଖେଳକୁ ଅନ୍‌ଲାଇନ୍‌ରେ ଏଭଳି ରୂପ ଦିଆଯାଉଛି ଯାହା ଜୁଆର ବିକଳ୍ପ ଅଟେ ।

ଏହି ନୂଆ ପ୍ରକାରର ଜୁଆ ଖେଳର ଜାଲରେ ଅନେକ କିଶୋର ଓ ଯୁବା ଫସିଯାଉଛନ୍ତି । ଏପରିକି ଗାଁ ଗହଳିରେ ମଧ୍ୟ ଏହି ଅନ୍‌ଲାଇନ୍ ଜୁଆର ପ୍ରସାର ବଢ଼ିବାରେ ଲାଗିଛି । ଏହି ଅନ୍‌ଲାଇନ୍ ଜୁଆରେ ଥରେ କିଛି ଅର୍ଥ ହାରିବା ପରେ କେମିତି ହାରିଥିବା ଅର୍ଥ ଜିତିବେ ସେଇ ଆଶାରେ ଯୁବବର୍ଗ ଅଧିକ ଖେଳୁଛନ୍ତି ଏବଂ ଜିତିବା ପରିବର୍ତ୍ତେ ଅଧିକ ଭାବେ ହାରିବାରେ ଲାଗିଛନ୍ତି । ଅଧିକ ବାର ହାରିବା ପରେ ଚାପଗ୍ରସ୍ତ ଯୁବ/ କିଶୋରମାନେ ପରିବାରର ଅର୍ଥକୁ ଜୁଆରେ ଲଗାଉଥିବା ଓ ହାରୁଥିବା ସମ୍ପର୍କରେ ଅନେକ ଖବର ମିଳୁଛି । ଅନେକ ସମୟରେ ଛୋଟ ଛୋଟ ପିଲାମାନେ ମଧ୍ୟ ଏହି ଜୁଆରେ ଫସିଯାଉଛନ୍ତି । ଯଦିଓ ଏହି ଖେଳ ପାଇଁ ଏକ ନିର୍ଦ୍ଧାରିତ ବୟସର ଯୁବା/କିଶୋରମାନଙ୍କୁ ଅନୁମତି ମିଳିଥାଏ କିନ୍ତୁ କେତେକ କ୍ଷେତ୍ରରେ ଏହାର ଉଲ୍ଲଙ୍ଘନ ମଧ୍ୟ ହେଉଛି । ଏହି ଖେଳ ଯୋଗୁଁ ଯୁବା/ କିଶୋରଙ୍କ ଧ୍ୟାନ ପାଠପଢ଼ାରୁ ହଟିଯାଇଥାଏ ଓ ସେମାନେ ଅନେକ ପ୍ରକାରର ଚିନ୍ତା ଓ ଚାପର ଶିକାର ହୋଇଥାନ୍ତି । ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଯେଉଁ ବୟସରେ ସେମାନେ ଏକ ଉତ୍ତମ ଜୀବନ ପାଇଁ ପ୍ରସ୍ତୁତ ହେବା କଥା ସେହି ସମୟକୁ ଜୀବନର ବରବାଦ ପାଇଁ ଲଗାଇ ଦେଉଛନ୍ତି, ଏ ପ୍ରସଙ୍ଗରେ ପରିବାରର ଲୋକେ ଜାଣିବା ପରେ ଯଦି କିଛି ଉପଦେଶ ଦିଅନ୍ତି ବା ଗାଳିଗୁଲଜ କରନ୍ତି ତେବେ ଜୁଆ ଖେଳୁଥିବା ଯୁବା/କିଶୋରମାନେ ଅଧିକ ଚାପଗ୍ରସ୍ତ ହୋଇ ପିତାମାତାଙ୍କୁ ପାଲଟା ଗାଳୁଗୁଲଜ କରୁଥିବା ବାବଦରେ ମଧ୍ୟ ଅନେକ କଥା ଶୁଣିବାକୁ ଓ ଜାଣିବାକୁ ମିଳୁଛି । ଏହି କାରଣରୁ ଅନେକ ପିତାମାତା ମଧ୍ୟ ଅସୁବିଧା ଭୋଗ କରୁଛନ୍ତି ।

ଅନ୍‌ଲାଇନ୍‌ରେ ଏହି ଜୁଆ ଏବେ ଯୁବା/ କିଶୋର ମାନଙ୍କ ପାଇଁ ଏକ ନିଶା ପାଲଟିବାକୁ ବସିଲାଣି । ଏର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗ ନାମକ ଏକ କନସଲଟାନସ ଫାର୍ମର ରିପୋର୍ଟ ଅନୁସାରେ ଆମ ଦେଶର ଲୋକେ ଦୈନିକ ପାଖାପାଖି ୫ଘଣ୍ଟା ମୋବାଇଲ୍ ଫୋନ୍‌ର ବ୍ୟବହାର କରୁଛନ୍ତି । ରିପୋର୍ଟ ଅନୁସାରେ ୨୦୨୪ରେ ଆମ ଦେଶର ଲୋକେ ୧.୧ ଲକ୍ଷ କୋଟି ଘଣ୍ଟା ଫୋନର ବ୍ୟବହାର କରିଛନ୍ତି । ୭୦ ପ୍ରତିଶତ ଲୋକ ସୋସିଆଲ ମିଡିଆ, ଭିଡିଓ ଏବଂ ଏହି ଜୁଆଖେଳ ପାଇଁ ଫୋନ ବ୍ୟବହାର କରିଛନ୍ତି । ତଥ୍ୟ ଅନୁସାରେ ପ୍ରତି ମାସରେ ପ୍ରତିବ୍ୟକ୍ତି ପାଖାପାଖି ୨୭ ଜିବିରୁ ଅଧିକ ଡାଟା (ଇଣ୍ଟରନେଟ) ବ୍ୟବହାର କରିଥାନ୍ତି । ଏହା ଏକ ବିଡ଼ମ୍ବନା ନୁହେଁକି ? ଭାରତକୁ ଏକ ଯୁବ ଦେଶ ବୋଲି କୁହାଯାଉଛି । କିନ୍ତୁ ଯୁବବର୍ଗ କରୁଛନ୍ତି କ'ଣ ? ସ୍ମାର୍ଟଫୋନରେ ରିଲସ୍ ଦେଖୁଛନ୍ତି ଜୁଆଖେଳୁଛନ୍ତି । କୁହାଯାଉଛି ଫୋନ ଯୁବବର୍ଗଙ୍କୁ ଖରାପ ରାସ୍ତାକୁ ଟାଣିନେଉଛି । ନୂଆ ପିଢ଼ି ଖରାପ ହେବାରେ ଲାଗିଛି । ଯୁବବର୍ଗ ବରବାଦ ର ରାସ୍ତାରେ । କିନ୍ତୁ ଏସବୁ କହିବା କହିବାରେ ରହିଯାଉଛି । ମୋବାଇଲର ବ୍ୟବହାର ବଢ଼ିବାରେ ଲାଗିଛି ।

ଇଣ୍ଟରନେଟ୍ ହେଉଛି ସୂଚନା ଏବଂ ତଥ୍ୟର ଅନ୍ତହୀନ ଭଣ୍ଡାର । ଏହି ଭଣ୍ଡାରରୁ ଶିକ୍ଷା, ଜ୍ଞାନକୌଶଳ, ଭାଷା ଭଳି ଅନେକ ସକାରାତ୍ମକ ତଥ୍ୟ ବାବଦରେ ଜାଣିବା ପରିବର୍ତ୍ତେ ଜୁଆ ରୂପି ନିଶାରେ ନିଶାଗ୍ରସ୍ତ ଆଜିର ପିଢ଼ି । ଏ କଥା ମଧ୍ୟ ମନେରଖିବା ଉଚିତ୍ ଯେ ଇଣ୍ଟରନେଟରେ ଘଣ୍ଟା ଘଣ୍ଟା ସମୟ ବିତାଇବା କାରଣରୁ ଗେମିଙ୍ଗ କମ୍ପାନୀ ମାଲାମାଲ ହେଉଥିବା ବେଳେ ଜୁଆ ଖେଳୁଥିବା ଲୋକେ (ଯୁବା/ କିଶୋର) ବ୍ୟାପକ ଅର୍ଥ ହରାଉଛନ୍ତି । ୨୦୧୪ରେ ୧.୧ ଲକ୍ଷକୋଟି ଘଣ୍ଟାର ମୋବାଇଲ ଫୋନ ବ୍ୟବହାର ହୋଇଛି ଓ ଡାଟା (ଇଣ୍ଟରନେଟ)ର ବ୍ୟବହାର ହୋଇଛି । ଏଥିରୁ ଗେମିଙ୍ଗ୍ କମ୍ପାନୀ ଏବଂ ମନୋରଞ୍ଜନ କମ୍ପାନୀ ଅଢ଼େଇ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି । ଅର୍ଥାତ୍ ଗେମିଙ୍ଗ କମ୍ପାନୀ ମାନଙ୍କର ଦୁଇ ପ୍ରକାରର ଲାଭ ରହିଛି । ଜୁଆ ଖେଳରେ ଲୋକେ ହାରିବା ଯୋଗୁଁ ତାଙ୍କ ପାଖକୁ ସିଧାସଳଖ ଅର୍ଥ ଯାଇଥିବା ବେଳେ ଇଣ୍ଟରନେଟ ବ୍ୟବହାର ସୂତ୍ରରୁ ମଧ୍ୟ କୋଟି କୋଟି ଟଙ୍କା ପାଇଛନ୍ତି ।

ଆମେ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ । ଦୁର୍ଭାଗ୍ୟ ଯେ ପ୍ରତିବର୍ଷ ଜିଡିପି ଏବଂ ଆୟ ମଧ୍ୟ ବଢୁନାହିଁ । କିନ୍ତୁ ଆମର ବଢୁଛି କ'ଣ ? ହୁଏତ ଆମ ଅପେକ୍ଷା ଅନ୍ୟ ଦେଶର ଲୋକେ ଅଧିକ ସମୟ ଫୋନ ବ୍ୟବହାର କରୁଥାଇ ପାରନ୍ତି, କିନ୍ତୁ ଆମର ସେଥିରେ ଯାଏ ଆସେ କ'ଣ ? ଆମେ ନିଜକୁ ନିଜେ ଦେଖିବା ଆବଶ୍ୟକ । ଟେକ୍ନୋଲୋଜି ଭଲ ଜିନିଷ, ଏହାକୁ ଆପଣେଇବା ଉଚିତ କିନ୍ତୁ ଏହାର ଠିକ୍ ଉପଯୋଗ କରାଯିବା ଆବଶ୍ୟକ । ଆମେ ଯଦି ସଚେତନ ନହେବା ତେବେ ଏହି ଜୁଆ ନିଶାରୁ ବର୍ତ୍ତିବା ଅସମ୍ଭବ । ଅନ୍ୟପକ୍ଷରେ ସରକାର ମଧ୍ୟ ଅନ୍‌ଲାଇନ୍ ଗେମିଙ୍ଗ କମ୍ପାନୀମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ସହ ଏଭଳି ପ୍ଲାଟଫର୍ମ ଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ ।

# ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ଆବଶ୍ୟକତା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬


ଭାରତ ଏକ ଧର୍ମ ପ୍ରଧାନ ଦେଶ । ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ । କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି । କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ । ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ । ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର । ଯାହା ଉପରେ ଆଶ୍ରା କରିବା ତା'ର ହିଁ ଆଶ୍ରିତ ହେବା ଶ୍ରେୟସ୍କର । କାରଣ ଆମର ତା' ସହିତ ଆସ୍ଥା ଯୋଡି ହେଲା । ଆସ୍ଥା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତା'ରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ । ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ । ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ । ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ ।

ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରୀୟକୁ ଦମନ କରିବାର ଅଭ୍ୟାସ କରିଥାନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି । ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ । ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ । ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ । ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି । ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ । ସୁଖ ଶାନ୍ତି ପ୍ରାପ୍ତି କରେ । ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ । ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ । ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ । କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ । ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତା'ର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ । ଶ୍ରଦ୍ଧା ଦ୍ୱାରା ଜ୍ଞାନପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ । ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା । ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ । ନିଜ ଜୀବନର କର୍ତ୍ତବ୍ୟକୁ ସେହି ରୂପେ ପାଳନ କରିବ । ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ । ଏଣୁ ଆମେ ଅଜ୍ଞାନ ଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼୍‌ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା ।

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର । ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇନଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ । ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କ ଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍‌ପ୍ରାପ୍ତି କରାଇ ନଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍‌ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ । ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।

ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ । ଜଣେ ରାଜକୁମାର ତତ୍‌କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ । ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ । ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ । ତାଙ୍କୁ ଅନେକ ସାମରିକ କଳା ଜଣାଥିଲା । ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ । ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ । ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ । ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି (ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ । ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ । ତା'ର ଜୀବନ ଯିବ । ହଠାତ୍ ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି, ମୁଁ ବଡ଼ ନିଷ୍ଠୁର । ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି । ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ । ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ । ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର । ଏହା ଭାବି ଭାବି ସେ ଡରିଗଲେ । ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ । ତୁମେ ବିବେକବାନ । ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହଁ । ଏହା ହିଁ ତ ଦିବ୍ୟଜ୍ଞାନ ।

# ପ୍ରତାରଣା



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ୍ୟାପିକା
ସିଡିଏ, ସେକ୍ଟର-୧୦, କଟକ
ମୋ: ୯୬୯୨୯୮୦୦୨୬

ଅରୁଣସ୍ତମ୍ଭ ନିକଟରେ ପ୍ରଣାମ କରି ପାଦ ଧୋଇ ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲା ବେଳକୁ ଡାହାଣ ପଟେ ସାଜସଜ୍ଜାପୂର୍ଣ୍ଣ ପତିତପାବନଙ୍କୁ ଦର୍ଶନ କଲି ଧଳା ଓ ଲାଲ ଫୁଲର ଗୋଟିଏ ଗଜରାହାର ପିନ୍ଧିଥାନ୍ତି । ଖୁବ ସୁନ୍ଦର ଦେଖା ଯାଉଥାନ୍ତି । ବାଇଶି ପାହାଚ ଚଢ଼ିଲାବେଳକୁ ବାମ ପାର୍ଶ୍ୱରେ ଥିବା କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ପ୍ରଣାମ କଲି ।

ଖରାଦିନ ହୋଇଥିବାରୁ ପାଦ ତାତି ଯାଉଥାଏ । ବୁଲିପଡ଼ି ତିନି ଠାକୁରଙ୍କ ଦର୍ଶନ ପାଇଁ ବାଇଶି ପାହାଚ ଚଢ଼ିଲା ବେଳେ ଦେଖିଲି ମୋର ଦେହର ଦୁଇଟି ଛାଇ ପଡୁଛି । ଆଶ୍ଚର୍ଯ୍ୟଚକିତ ହୋଇ ଜଗନ୍ନାଥଙ୍କୁ ପ୍ରାର୍ଥନା କଲି, ମୋ ସାଙ୍ଗରେ ଏପରି କାହିଁକି ଘଟୁଛି । ମୋ ଭିତରର ଅନ୍ତସ୍ୱର କହିଲା ଏହି ଦୁଇ ଛାଇଙ୍କୁ ଧରି ତତେ ଭିତରକୁ ଯିବାକୁ ପଡ଼ିବ । ମନ୍ଦିରରେ ପ୍ରବେଶ କରିବା କ୍ଷଣି ସେଠାରେ ଖରା ପଡୁନଥିବାରୁ ଛାଇ ଦୁଇଟି ଉଭେଇ ଗଲେ । ମୁଁ ମୋର ଅନ୍ତଃସ୍ୱରକୁ ପଚାରିଲି ଏହି ଛାଇ ଦୁଇଜଣ କିଏ ? ସେ କହିଲା ଜଣେ ହେଉଛି ଅହଂକାର ଓ ଅନ୍ୟଟି ସ୍ୱାର୍ଥପରତା ଏହି ଦୁଇଟି ଜିନିଷକୁ ଛାଡ଼ି ଦିଅଁ ଦର୍ଶନରେ ଅର୍ଥ ରହେନାହିଁ । ଏହି ସମୟରେ ଶୁଣିବାକୁ ପାଇଲି ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲି କରି ଦିଆଯିବ । କାରଣ କେହି ଜଣେ ଚତୁର, ବିଚିକ୍ଷଣ ସମ୍ମାନୀୟ ବ୍ୟକ୍ତି ମନ୍ଦିର ଭିତରକୁ ପ୍ରବେଶ କରିବେ । ତାଙ୍କର ସୁରକ୍ଷା ନିମନ୍ତେ ଏପରି କରାଯିବ । ମୁଁ ମୋର ଅନ୍ତସ୍ୱରକୁ ପଚାରିଲି ଏ ଚତୁରତା, ବିଚିକ୍ଷଣତା ସମ୍ମାନୀୟତା ଏସବୁ କ'ଣ ? ସେ କହିଲା ଏସବୁ ଅହଂକାରର ନାତି ନାତୁଣୀ ଓ ସ୍ୱାର୍ଥ ହାସଲର ମାଧ୍ୟମ । ଅସ୍ଥିର ଓ ଚଳଚଞ୍ଚଳ । ଶ୍ରୀମନ୍ଦିରରେ ପ୍ରବେଶ କରି ଦେଖିଲି ସତରେ ମୋର ଦୁଇଟି ଛାଇ ପଡୁନାହିଁ । ଗରୁଡ଼ସ୍ତମ୍ଭକୁ ଲୋକମାନେ କୁଣ୍ଢାଇ ନିଜର ଛାତିକୁ ଲଗାଉଥାନ୍ତି । ଗରୁଡ଼ ସ୍ତମ୍ଭ ନିକଟରେ ପ୍ରଣାମ କରି ବାଁ ପାଖ ଦେଇ ଯିବାବେଳେ ଜଗନ୍ନାଥ ଓ ସୁଭଦ୍ରାଙ୍କ ହସ ହସ ମୁହଁ ଦିଶୁଥାଏ । ଗୋଡ଼କୁ ଟେକି ଡାହାଣ ପଟକୁ ମୁଣ୍ଡ କରିବା ପରେ ବଳଭଦ୍ରଙ୍କର ମୁହଁଟିକୁ ଦର୍ଶନ କଲି । ତିନି ଠାକୁର କାହିଁକି ଏକ ସାଙ୍ଗରେ ମୁଁ ଦର୍ଶନ କରିପାରୁନି । ରତ୍ନସିଂହାସନର ଗମ୍ଭୀରାଗୃହକୁ ଟିକେ ବଡ଼ କରିଥିଲେ ଭଲ ହୋଇଥାନ୍ତା । ଏପରି ଭାବୁଛି ଦେଖିଲି ଲୋକଙ୍କ ଠେଲାପେଲାରେ ମୁଁ ହୁଣ୍ଡି ନିକଟରେ ପହଞ୍ଚି ଯାଇଛି ।

ମୁଁ ଦେଖିଲି ହୁଣ୍ଡିରେ ତାଲା ପଡ଼ିଛି । ମୁଁ ପଚାରିଲି ଆରେ ହୁଣ୍ଡି ତୋର ତୁଣ୍ଡି କାହିଁକି ବନ୍ଦ ? ସେ କହିଲା ଜଗନ୍ନାଥ କହିଛନ୍ତି ପାଟି ବନ୍ଦ କରି ସବୁ ଦେଖୁଥା । ସ୍ୱାର୍ଥପର ମଣିଷ ତା'ର ସ୍ୱାର୍ଥ ସାଧନ ପାଇଁ କିମ୍ବା ସ୍ୱାର୍ଥ ସାଧନ ହୋଇଗଲେ ମାନସିକ ପୂରଣ ହୋଇଛି ବୋଲି ଭାବି ତୋ ଭିତରେ ପଇସା ଅଳଙ୍କାର ଏସବୁ ପକାଏ । ପାଟି ବନ୍ଦ କାହାକୁ କହିବୁ ନାହିଁ ଖାଲି ଦେଖୁଥା । ଉଦରକୁ ପୂରଣ କରୁଥା । ମଝିରେ ମଝିରେ ତୋର ଉଦରକୁ ଖାଲି କରି ଦିଆଯିବ । ତୁ ଚତୁର ଓ ସ୍ୱାର୍ଥପର ବ୍ୟକ୍ତିମାନଙ୍କୁ ଭେଟିବୁ । କିନ୍ତୁ ତୁ ତ ଜାଣିଚୁ ସ୍ୱାର୍ଥପରତା ଓ ଚତୁରତାକୁ ନଛାଡ଼ିଲେ ମୋର ଦର୍ଶନ କରିବାର କୌଣସି ଅର୍ଥ ନଥାଏ ଓ ମୋ ସହିତ ଆତ୍ମୀୟତାକୁ ଦୂରେଇ ଦିଏ କ'ଣ ଠିକ କ'ଣ ଭୁଲ ଜାଣିପାରେନି । ମୋର ଅନ୍ତସ୍ୱରର ଏପରି କଥୋପକଥନ ଚାଲୁଥିବା ସମୟରେ କାଠ ଅର୍ଦ୍ଧଳୀକୁ ହଠାତ୍ କାଢ଼ି ଦିଆଗଲା । ସେବକମାନେ କହିଲେ ଏ ବେତ ସାହାଣମେଳାର ବେଳ । ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲିବାକୁ ହେବ । ଚତୁର ବିଚକ୍ଷଣ ମହାନବ୍ୟକ୍ତିମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ । ତେଣୁ ଶୀଘ୍ର ଶୀଘ୍ର ଦିଅଁଙ୍କ ଦର୍ଶନ କରି ପ୍ରସ୍ଥାନ କରେ । ସେହିପରି ଠେଲାପେଲାରେ ମୁଁ ରତ୍ନସିଂହାସନ ନିକଟବର୍ତ୍ତୀ ହେଲି । ମୋର ଖାଲି ମନେ ପଡୁଥାଏ ମୋର ଦୁଇଟି ଛାଇ ଅହଂକାର ଓ ସ୍ୱାର୍ଥପରର କଥା ଓ ହୁଣ୍ଡି ସହିତ ମୋର କଥୋପକଥନ କ'ଣ କରିବି ? ଏ ପର୍ଯ୍ୟନ୍ତ ମୁଁ ମୋର ଚତୁରତା, ଅହଂକାର, ସ୍ୱାର୍ଥପରତା କିଛି ଛାଡ଼ି ପାରିନି । ମୁଁ ଭାବିଲି ଯଦି ହୁଣ୍ଡିର କଥା ସତ ହୁଏ ସତରେ କ'ଣ ଏଠାକୁ ଆସୁଥିବା ଶହ ଶହ ଭକ୍ତ ତାଙ୍କର ଏ ଗୁଣ ଗୁଡ଼ିକ ଛାଡ଼ି ଦେଇଛନ୍ତି ନା ନିଜର ହାନୀ କରୁଛନ୍ତି । ଏହି ସମୟରେ ଦେଖିଲି ଜଣେ ସେବକ ନିଜ ହାତରେ ଶଙ୍ଖକୁ ଫୁଙ୍କି ଗୋଟିଏ ଥାଳିରେ ଥୋଇଲେ ସେ ଥାଳିରେ କେତେକ ପଦ୍ମଫୁଲ ଥାଏ । ଦିଅଁଙ୍କୁ ଲାଗି ହେବା ପାଇଁ ରହିଥାଏ । ଭାବିଲି ସତରେ ସେବକଙ୍କର ହାତ, ଶଙ୍ଖ ଓ ପଦ୍ମଫୁଲ ଗୁଡ଼ିକ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ସମର୍ପିତ ହୋଇ ଯାଇଛନ୍ତି । କୌଣସି ମତେ ଭିଡ଼ରେ ହାତଯୋଡ଼ି ଆଣ୍ଠୁମାଡ଼ି ମୁଣ୍ଡିଆମାରି ପ୍ରଭୁଙ୍କୁ କହିଲି ମୁଁ କ'ଣ ଆଜି ପର୍ଯ୍ୟନ୍ତ ତ ଅହଂକାର, ସ୍ୱାର୍ଥପରତା ଓ ଚତୁରତାକୁ ନଛାଡ଼ି ତୁମ ସହିତ ପ୍ରତାରଣା କରିଛି ? ଭିତରୁ ପ୍ରତିଧ୍ୱନୀ ଆସିଲା । ହଁ ତୁମେ ତୁମେ ....ତୁମେ...ମୁକ୍ତି ଓ ଆନନ୍ଦ ଯେଉଁଥିପାଇଁ ପ୍ରାର୍ଥନା କରୁଛି । ତୁମେ ଚେଷ୍ଟିତ ନୁହଁ ।

# ସହାନୁଭୂତି ପୋଷଣ କରେ ଐତିହ୍ୟ ଓ ସାଂସ୍କୃତିକ ଶିକ୍ଷା



ମାନସ କୁମାର କର
କୋଡାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଗ୍ରୀଷ୍ମ ଛୁଟି ଆସିଲାଣି, ଯାହା ପିଲା ଏବଂ ପିତାମାତା ଉଭୟଙ୍କ ପାଇଁ ଉତ୍ସାହ ଏବଂ ଆଶା ଆଣିଛି । ସମ୍ପ୍ରତି, ୩୦ ମାର୍ଚ୍ଚ ୨୦୨୫ରେ ପ୍ରସାରିତ 'ମନ୍ କି ବାତ୍'ର ୧୨୦ତମ ଏପିସୋଡ୍‌ରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କୁଲ, ପରିବାର ଏବଂ ସମ୍ପ୍ରଦାୟକୁ ଏହି ମାସଗୁଡ଼ିକର ଅର୍ଥପୂର୍ଣ୍ଣ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ । ମାଇ ହଲିଡେଜ୍ ଏବଂ ହଲିଡେ ମେମୋରିଜ୍ ଭଳି ହ୍ୟାସଟ୍ୟାଗ୍ ସହିତ, ପ୍ରଧାନମନ୍ତ୍ରୀ ମୋଦୀ ସୁନ୍ଦର ଭାବରେ ଆଲୋକପାତ କରିଥିଲେ ଯେ ଛୁଟିଦିନଗୁଡ଼ିକ କେବଳ ମଜାଦାର ନୁହେଁ, ବରଂ ଏହା ଯୁବପିଢ଼ିଙ୍କ ମନରେ ସାମଗ୍ରିକ ବିକାଶକୁ ପୋଷଣ କରିପାରିବ । ଏହି ପରିପ୍ରେକ୍ଷୀରେ, ଜାତୀୟ ଶିକ୍ଷା ନୀତି କ'ଣ ତାହା ଉପରେ ପ୍ରତିଫଳନ କରିବା ଆବଶ୍ୟକ (ଏନ୍‌ଇପି ) ୨୦୨୦ ଏବଂ ସାଂସ୍କୃତିକ ସମ୍ପଦ ଏବଂ ତାଲିମ କେନ୍ଦ୍ର (ସିସିଆରଟି) ଭଳି ପ୍ରତିଷ୍ଠାନଗୁଡ଼ିକ ଭାରତର ଭବିଷ୍ୟତକୁ କିପରି ଗଢ଼ି ତୋଳିଛନ୍ତି, ବିଶେଷକରି କିଶୋରମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି । ପାରମ୍ପରିକ ସାଂସ୍କୃତିକ ଜ୍ଞାନକୁ ଆଧୁନିକ ଆନ୍ତଃବିଭାଗୀୟ ଅଭ୍ୟାସ ସହିତ ମିଶ୍ରଣ କରୁଥିବା ଶିକ୍ଷା ଉପରେ ଏହାର ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ପାଇଁ ଏନଇପି ୨୦୨୦ ସାରା ବିଶ୍ୱରେ ପାଳିତ ହେଉଛି । ଏହା କିଶୋରାବସ୍ଥାକୁ ବ୍ୟକ୍ତିଗତ ଏବଂ ଭାବପ୍ରବଣ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଭାବରେ ସ୍ୱୀକୃତି ଦିଏ - ଏକ ସତ୍ୟକୁ ନେଟଫ୍ଲିକ୍ସର ସାମ୍ପ୍ରତିକ ଧାରାବାହିକ ଆଡୋଲସେନ୍ସରେ ସ୍ପଷ୍ଟ ଭାବରେ ଚିତ୍ରିତ କରାଯାଇଛି, ଯେଉଁଠାରେ କିଶୋରମାନେ ସାଂସ୍କୃତିକ ଏବଂ ଭାବପ୍ରବଣ ଜଟିଳତା ମଧ୍ୟରେ ନିଜର ପରିଚୟ ଖୋଜିବା ପାଇଁ ସଂଘର୍ଷ କରନ୍ତି । ଯୁବକମାନେ, ନିଜସ୍ୱ ଉଦ୍ୟମରେ କାର୍ଯ୍ୟ କରିବାକୁ ମୁକ୍ତ ହୋଇ, ସେମାନଙ୍କର ବୁଦ୍ଧିକୁ ଅଜଣା ଦିଗରେ ନେଇପାରିବେ, ନୃବିଜ୍ଞାନୀ ମାର୍ଗାରେଟ ମିଡ୍ ଥରେ ମନ୍ତବ୍ୟ ଦେଇଥିଲେ, ଯୁବପିଢ଼ିର ସମ୍ଭାବନା ଏବଂ ଅସ୍ଥିରତାକୁ ସଠିକ୍ ଭାବରେ ସଂକ୍ଷେପ କରି । ଏଠାରେ, ସିସିଆରଟି ପ୍ରଭାବଶାଳୀ ଭାବରେ ଏନଇପି ୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ)ରେ ପଦକ୍ଷେପ ନେଇଥାଏ ।

୨୦୨୩ର ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରେ । ସିସିଆରଟି ଶହ ଶହ ବର୍ଷ ପୁରୁଣା ଜ୍ଞାନକୁ ସମସାମୟିକ ଶିକ୍ଷା ପଦ୍ଧତି ସହିତ ମିଶ୍ରଣ କରି କଳା ଏବଂ ସାଂସ୍କୃତିକ ଶିକ୍ଷାକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛି । ୟୁନେସ୍କୋର ସଂସ୍କୃତି ଏବଂ କଳା ଶିକ୍ଷା ପାଇଁ ଢାଞ୍ଚା ଏହା ଉପରେ ଆଲୋକପାତ କରେ ଯେ ସାଂସ୍କୃତିକ ସାକ୍ଷରତା କେବଳ ଲାଭଦାୟକ ନୁହେଁ ବରଂ ସ୍ଥାୟୀ ଏବଂ ସଂଯୋଜିତ ସମାଜ ପାଇଁ ଅତ୍ୟାବଶ୍ୟକ । ବିଶ୍ୱ ସ୍ତରରେ, ଫିନଲ୍ୟାଣ୍ଡ, ଦକ୍ଷିଣ କୋରିଆ ଏବଂ ଜାପାନ ପରି ସଫଳ ଶିକ୍ଷା ମଡେଲଗୁଡ଼ିକ ସାଂସ୍କୃତିକ ଶିକ୍ଷାର ଗୁରୁତ୍ୱକୁ ରେଖାଙ୍କିତ କରନ୍ତି ।

ଫିନଲ୍ୟାଣ୍ଡ, ଯାହା ପ୍ରାୟତଃ ଏହାର ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରଶଂସିତ, ଏହାର ପାଠ୍ୟକ୍ରମରେ ସାଂସ୍କୃତିକ ପ୍ରଶଂସାକୁ ଗଭୀର ଭାବରେ ସାମିଲ କରେ । ସେହିପରି, ଦକ୍ଷିଣ କୋରିଆ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଏହାର ଶିକ୍ଷା ଢାଞ୍ଚାରେ ସାମିଲ କରି ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି । ଦୀର୍ଘଦିନ ଧରି ବିଶ୍ୱଗୁରୁ ଭାବରେ ପାଳିତ ଭାରତ, ଏବେ ଏନଇପି ୨୦୨୦ ଭଳି ନୀତି ଦ୍ୱାରା ନିର୍ଦ୍ଦେଶିତ ସାଂସ୍କୃତିକ ଶିକ୍ଷା ପଦକ୍ଷେପ କାର୍ଯ୍ୟକାରୀ କରି ଏହାର ନେତୃତ୍ୱ ପୁନଃପ୍ରାପ୍ତ କରିବାର ସୁଯୋଗ ପାଇଛି । ସିସିଆରଟି (ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ)-ଯେଉଁଥିରେ ଡିଜିଟାଲ୍ ଜିଲ୍ଲା ସଂଗ୍ରହାଳୟ (ଡିଡିଆର) ପ୍ରକଳ୍ପ ଏବଂ କଳା-ଆଧାରିତ ଶିକ୍ଷାଦାନରେ ସ୍ୱତନ୍ତ୍ର ଶିକ୍ଷକ-ତାଲିମ କର୍ମଶାଳା ଅନ୍ତର୍ଭୁକ୍ତ, ବିଶେଷକରି ତୃଣମୂଳ ସ୍ତରରେ କିଶୋରମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଏହି ପଦକ୍ଷେପଗୁଡ଼ିକ ସାଂସ୍କୃତିକ ଗର୍ବ ଏବଂ ଆତ୍ମ-ସଚେତନତାର ଏକ ପ୍ରକୃତ ଭାବନାକୁ ପ୍ରୋତ୍ସାହିତ କରେ, ଯାହା ଯୁବପିଢ଼ିଙ୍କୁ କିଶୋରାବସ୍ଥାରେ ବାସ୍ତବବାଦୀ ଭାବରେ ଚିତ୍ରିତ ପରିଚୟ ସଂଘର୍ଷର ମୁକାବିଲା କରିବାରେ ସାହାଯ୍ୟ କରେ । ଗ୍ରୀଷ୍ମ ଛୁଟି ଆସିଗଲାଣି ଏବଂ ସମୟ ଏହାଠାରୁ ଭଲ ହୋଇପାରେ ନାହିଁ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ ସିସିଆରଟିର ଅବସର ସମୟକୁ ଶିକ୍ଷଣ ଅଭିଯାନରେ ପରିଣତ କରିବାର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରେ । କଳ୍ପନା କରନ୍ତୁ ଯେ ଆମର ପିଲାମାନେ ମଜାଦାର କାହାଣୀ କହିବା ଅଧିବେଶନ, ଥିଏଟର କର୍ମଶାଳା କିମ୍ବା ପାରମ୍ପରିକ ହସ୍ତଶିଳ୍ପର ବ୍ୟବହାରିକ ଅଭିଜ୍ଞତା ପାଇଁ ସ୍କ୍ରିନକୁ ଚାହିଁ ସେମାନଙ୍କର ଏକାନ୍ତ ଅପରାହ୍ନକୁ ବଦଳ କରୁଛନ୍ତି । ନିଶ୍ଚିତ ଭାବରେ, ଏହି ଅଭିଜ୍ଞତାଗୁଡ଼ିକ ହ୍ୟାସଟ୍ୟାଗ୍ ସହିତ ବାଣ୍ଟିବା ପାଇଁ ବହୁତ ସମୃଦ୍ଧ ଛୁଟିଦିନର କାହାଣୀଗୁଡ଼ିକର ପ୍ରତିଶ୍ରୁତି ଦିଏ ! ଏହା ସହିତ, ସାଂସ୍କୃତିକ ଏବଂ ଐତିହ୍ୟ ଶିକ୍ଷା ସହାନୁଭୂତିକୁ ପୋଷଣ କରେ । ଆମର ବର୍ଦ୍ଧିତ ବିଶ୍ୱକରଣ ହୋଇଥିବା ବିଶ୍ୱରେ ଏକ ଅପରିହାର୍ଯ୍ୟ ଗୁଣ । ଏହା ଭାବପ୍ରବଣ ସ୍ଥିରତା ମଧ୍ୟ ପ୍ରଦାନ କରେ, ଯାହା କିଶୋରମାନଙ୍କୁ ଆଧୁନିକ ସମୟର ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଆତ୍ମବିଶ୍ୱାସରେ ସଜ୍ଜିତ କରିଥାଏ । ତେଣୁ, ଯେତେବେଳେ ଗ୍ରୀଷ୍ମ ଛୁଟି ଆରମ୍ଭ ହୁଏ ଏବଂ କାର୍ଯ୍ୟକଳାପପୂର୍ଣ୍ଣ ଅଧିବେଶନଗୁଡ଼ିକରେ ଆନନ୍ଦର ସ୍ୱର ଗୁଞ୍ଜରିତ ହୁଏ, ଆସନ୍ତୁ ଆମେ ଏନଇପି ୨୦୨୦ର ଦୃଷ୍ଟିକୋଣ ଏବଂ ସିସିଆରଟିର ମିଶନ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟକୁ ଚିହ୍ନିପାରିବା ।

ଏକାଠି,ଭାରତୀୟ ପରମ୍ପରାରେ ଗଭୀର ଭାବରେ ନିହିତ ଥିବା ସାଂସ୍କୃତିକ ଦୃଷ୍ଟିରୁ ସଚେତନ, ବିଶ୍ୱସ୍ତରୀୟ ଚିନ୍ତାଧାରା ଥିବା ନାଗରିକମାନଙ୍କୁ ବିକଶିତ କରନ୍ତି । ପ୍ରକୃତରେ, ଭାରତ, ମୂଳ ବିଶ୍ୱଗୁରୁ ଭାବରେ, ଶିକ୍ଷାଗତ ନବସୃଜନରେ ଉଦାହରଣ ଦେଇ ନେତୃତ୍ୱ ନେବା ପାଇଁ ଉପଯୁକ୍ତ ସ୍ଥାନରେ ଅଛି । ସାଂସ୍କୃତିକ ଶିକ୍ଷା କେବଳ ପରମ୍ପରାକୁ ସଂରକ୍ଷଣ କରିବା ବିଷୟରେ ନୁହେଁ - ଏହା ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ବିଷୟରେ ।

ଆସନ୍ତୁ ଏହି ଧାରଣାକୁ ସମ୍ପୂର୍ଣ୍ଣ ହୃଦୟରେ ଗ୍ରହଣ କରିବା, ଏହି ଗ୍ରୀଷ୍ମ ଛୁଟିକୁ ଭାରତର କିଶୋରମାନଙ୍କ ପାଇଁ ସାଂସ୍କୃତିକ ଆବିଷ୍କାର ଏବଂ ଅଭିବୃଦ୍ଧିର ଏକ ଅବିସ୍ମରଣୀୟ ଯାତ୍ରାରେ ପରିଣତ କରିବା ।



ଉମରକୋଟ(ଭାସ୍କର ନ୍ୟୁଜ): ସକାଳେ ଉମରକୋଟ ସ୍ଥିତ ସରକାରୀ ଏକ ବୋର୍ଡ ଓ ଗ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟଜିତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉମରକୋଟ ପୌର ପରିଷଦର ଅଧ୍ୟକ୍ଷ ରାଧା ଭାତ୍ରା ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଲକ୍ଷ୍ୟ ରଖି ଜୀବନରେ ବଡ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଉମରକୋଟ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଉମରକୋଟ ଗୋଷ୍ଠୀ ଶିକ୍ଷାଧିକାରୀ ଶତ୍ରୁ ବନ୍ଧୁ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ଥାନୀୟ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ବଳଭଦ୍ର ମାଝୀଙ୍କ ସ୍ଥାନୀୟ ପ୍ରତିନିଧି ରାମକୃଷ୍ଣ ନାୟକ, ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାର୍କଣ୍ଡ ବେବର୍ତ୍ତା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ, ପଞ୍ଚାୟତ ଶିକ୍ଷା ସେତୁର ଖଗାପତି ପ୍ରକାଶ କୁମାର ନାୟକ, କାଉନସିଲର ମନୋଜ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଭାସ୍କର ବେହେରା ଓ ଅଶୋକ କୁମାର ସାହୁ । ୧୯୧୫ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରି ଏହି ବିଦ୍ୟାଳୟର ବିକାଶ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେବା ସହ ଏଥି ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଅଭିଭାଷଣରେ କହିଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ବର୍ଷୀୟାନ ଶିକ୍ଷାବିତ୍ ମାର୍କଣ୍ଡ ବେବର୍ତ୍ତା ନିଜର ଗତ ଦିନର ସ୍ମୃତିଚାରଣ କରି ଏହି ବିଦ୍ୟାଳୟର ଅନେକ ଶିକ୍ଷାର୍ଥୀ ବଡ ପଦପଦବୀରେ ଥିବା କଥା କହିଥିଲେ ।

# ବିପଦପୂର୍ଣ୍ଣ ଯାତ୍ରା, ଭରା ନଦୀରେ ବାଜି ଲାଗିଛି ଜୀବନ



ଆଳି(ଭାସ୍କର ନ୍ୟୁଜ): ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଲୋକଙ୍କୁ ମିଳିନି ମୌଳିକ ସୁବିଧା । ଏପଟେ ଭରା ନଦୀର ଭୟ ଥିବାବେଳେ ସେପଟେ ଅଛି ନଦୀରେ କୁମ୍ଭୀରଙ୍କ ଭୟ । ଏଠି ନା ଅଛି ସରକାରଙ୍କ ପକ୍ଷରୁ ନଦୀ ପାର ହେବାର ସୁବିଧା ନା ରହିଛି ନଦୀ ପାଖିଆ ଲୋକଙ୍କ କୁମ୍ଭୀର ଦାଉରୁ ରକ୍ଷା ପାଇଁ ଖୁଆଡ଼ର ବ୍ୟବସ୍ଥା । ଯାହା ଅଛି ତାହା ହେଲା ଖାଲି ସ୍ୱପ୍ନ ଭରା ପ୍ରତିଶ୍ରୁତି ଓ କୁମ୍ଭୀର ପାଇଁ ସଚେତନତା ଫଳକ ଆଉ ଅଛି କାଠ ଡଙ୍ଗା । ଏହାର ଏକ ବିକଳଚିତ୍ର ଦେଖିବାକୁ ମିଳିଛି ଆଳି ବ୍ଲକ ଅଧୀନ ସନମଙ୍ଗ, ପେତପଡା, ସଂସିଧା ପଞ୍ଚାୟତକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଶାଖା କାଣୀ ନଦୀଘାଟରେ । ଏହି ଦୁଇ ଘାଟ ଦେଇ କାଠ ଡଙ୍ଗା ସାହାଯ୍ୟରେ ସଂସିଧା, ପାଞ୍ଚନପଡା, ଠାକୁରପାଟଣା, ମଙ୍ଗରାଜପୁର, ପେତପଡା, କୁଆଁଶିଆ, ନାଟରା, ଖରଖରୀ, ଅରାଜି, ବଲୁରିଆ, ପେତପଡା ଫୁଲପାଟଣାର ହଜାର ହଜାର ଲୋକେ ପ୍ରତିଦିନ ଯାତାୟାତ କରିଥାନ୍ତି । ଏହି ଘାଟ ଦେଇ ଲୋକେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର, ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର, କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାଟିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର, ସ୍କୁଲ, ପୋଷ୍ଟ ଅଫିସ, ବ୍ୟାଙ୍କ ଇତ୍ୟାଦି ସେବା ପାଇଁ ନିର୍ଭର କରିଥାନ୍ତି । ଏହି ନଦୀ ଘାଟ ଦେଇ ଯାତାୟାତ କରୁଥିବା ହଜାର ହଜାର ଲୋକେ ଏକ ସେତୁ ନିର୍ମାଣ ନେଇ ଦୀର୍ଘଦିନ ଧରି ଅଭିଯୋଗ କରିବା ସହିତ ସରକାରଙ୍କଠାରୁ ଆରମ୍ଭ କରି ପ୍ରଶାସନକୁ ଜଣାଇଥିଲେ ମଧ୍ୟ ବଡ଼ ବିଡମ୍ବନାର ବିଷୟ କୌଣସି ସୁଫଳ ମିଳିପାରିନାହିଁ । ସାଧାରଣ ଲୋକେ ବର୍ଷା ଦିନେ ବନ୍ୟା ସମୟରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଜରୁରୀ କାଳୀନ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ସେବା ଆଦି ସଠିକ ସମୟରେ ପହଁଚି ପାରୁନଥିବାରୁ ନଦୀ ପାଖିଆ ଅଞ୍ଚଳ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଞ୍ଚ ଶହ ମିଟରର ସେତୁ ନଥିବାରୁ ସଡ଼କ ପଥରେ ସଦର ମହକୁମାରେ ପହଁଚିବାକୁ ସଂସିଧା ପଞ୍ଚାୟତବାସୀଙ୍କୁ ୧୦ କି.ମି ରାସ୍ତା ଅତିକ୍ରମ କରିବାକୁ ପଡୁଥିବା ବେଳେ ପେତପଡାବାସୀଙ୍କୁ ୧୭ କିମି ଅତିକ୍ରମ କରିବାକୁ ପଡୁଛି । ଲୋକମାନେ ଜୀବନକୁ ବିପଦରେ ପକାଇ କାଠ ଡଙ୍ଗାରେ ନଦୀପାର ହେଉଛନ୍ତି । ସଂସିଧାର ମଙ୍ଗରାଜପୁର ଓ ପେତପଡ଼ାର ଠାକୁରପାଟଣା ମଧ୍ୟରେ ଯଦି ସେତୁ ନିର୍ମାଣ ହୁଏ ତାହାହେଲେ ଏଠିକାର ଲୋକମାନେ ସଦରମହକୁମାକୁ ଯିବା ଆସିବା ପାଇଁ ରାସ୍ତାର ବ୍ୟବଧାନ କମିଯିବା ସହ ଲୋକ ବହୁ ଉପକୃତ ହେବେ ବୋଲି ଆଞ୍ଚଳିକ ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି । ଅପରପକ୍ଷେ ଲୋକେ ଚାତକ ପରି ସେତୁ ଖଣ୍ଡେ ପାଇଁ ଅନେଇ ବସିଥିବା ବେଳେ ଦୀର୍ଘ ୧୦ ବର୍ଷ ତଳେ ପେତପଡାର ଠାକୁରପାଟଣାରେ ଏକ ସେତୁର ଶୁଭ ଦିଆଯାଇଥିଲା । ଲୋକେ ସେହି ନାଲିଆ ପତାକାକୁ ଦେଖି ଖୁସି ହୋଇ ମନରେ ଆଶା ବାନ୍ଧି ବସିଥିବା ବେଳେ କେବେ ସେତୁର କାମ ଆରମ୍ଭ ହେବ ଏନେଇ ଅଞ୍ଚଳର ଅଶୋକ କୁମାର ପ୍ରଧାନ, ରବୀନ୍ଦ୍ର ଦାସ, ପ୍ରଫୁଲ୍ଲ ପାଣ୍ଡବ, ନନ୍ଦକିଶୋର ସାହୁ, ପଞ୍ଚାନନ ଦାସ, ଚୈତନ୍ୟ ଧଳ ପ୍ରମୁଖ ମନର ଦୁଃଖ ଓ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସରକାର ପରେ ସରକାର ବଦଳିଛି ହେଲେ ମିଳିଛି ପ୍ରତିଶୃତିର ପ୍ରତାରଣା । ଅଞ୍ଚଳବାସୀ ଙ୍କ ଅପେକ୍ଷା କେବେ ଆରମ୍ଭ ହେବ ସେତୁ କାର୍ଯ୍ୟ ଏବଂ କେବେ ଲୋକ ଦୁଃଖ ଦୂର ହେବ ।

## ପାରାଦୀପ ବନ୍ଦରରେ ଅଗ୍ନି ନିରାପତ୍ତା ସଚେତନତା ସପ୍ତାହ ଉଦ୍‌ଯାପିତ




ପାରାଦୀପ(ଭାସ୍କର ନ୍ୟୁଜ): ଅଗ୍ନି ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିରେ ସାଧାରଣରେ ପ୍ରସ୍ତୁତି ଓ ସଚେତନ ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ପ୍ରାଧିକାରଣ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପି ଅଗ୍ନି ନିରାପତ୍ତା ସପ୍ତାହ ବନ୍ଦର ନିଷିଦ୍ଧାଞ୍ଚଳର ୪ ନଂ ଫାଟକ ନିକଟରେ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଗତ ଏପ୍ରିଲ ୧୪ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଗ୍ନି ନିରାପତ୍ତା ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ମିଳିତ ସହଯୋଗରେ ଜନସାଧାରଣ, ବ୍ୟବସାୟୀ ଓ ପ୍ରତିଷ୍ଠାନରେ ଅଗ୍ନି ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶିକ୍ଷା ପ୍ରଦାନ କରିଥିଲେ । ଏହି ଅବସରରେ ଅଗ୍ନିସୁରକ୍ଷା ସମ୍ପର୍କିତ ଶିକ୍ଷା କର୍ମଶାଳା ଓ ଆଲୋଚନାଚକ୍ର, ଅଗ୍ନି ସୁରକ୍ଷା କୌଶଳ ଅଭ୍ୟାସ ପ୍ରଦର୍ଶନ ଓ ଶିଳ୍ପ ସୁରକ୍ଷା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନି ନିରାପତ୍ତା କେବଳ ଅଗ୍ନି ବିଭାଗର ଦାୟିତ୍ୱ ନୁହେଁ ଏଥିରେ ସମସ୍ତଙ୍କର ସକ୍ରିୟା ସହଯୋଗ କରିବାର ଦାୟିତ୍ୱ ରହିଛି ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ବନ୍ଦର ସିଆଇଏସଏଫ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ସମ୍ବନ୍ଧୀୟ କୌଶଳ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସିଆଇଏସ୍ଏଫ୍ କମାଣ୍ଡାଣ୍ଟ ସନତ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜୈସୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମର୍ମନ୍ତୁଦ ଦୁର୍ଘଟଣାରେ ବ୍ୟକ୍ତିଙ୍କ ମୃତ୍ୟୁ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନବପାଟଣା ଗ୍ରାମର ଆର୍ତ୍ତବନ୍ଧୁ ସାହୁ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମିଳିଥିବା ଖବର ମୁତାବକ କନ୍ଦରପୁର-ଜଗତସିଂହପୁର ରାସ୍ତାର ନୂଆପୋଲ ନିକଟରେ ଥିବା ସିଂହଳ ସାହି ଛକ ପାଖର ଏକ ଦୋକାନରୁ ଜିନିଷ କିଣିବା ଉଦ୍ଦେଶ୍ୟରେ ଏନଏଚ. ୫୫ ରାସ୍ତା କଡ଼ରେ ସ୍କୁଟି ରଖୁଥିବା ସମୟରେ କଟକ ଆଡୁ ଆସୁଥିବା ଏକ ମାରୁତି ବାଲେନୋ ଗାଡି ନଂ. ଓଡି. ୧୭ପି. ୧୪୪୪ ସାମ୍ନା ପଟୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକ ସହିତ ସ୍କୁଟି କିଛି ବାଟ ଘୋଷାଡ଼ି ନେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁଘଟିଥିଲା । ଘଟଣା ସ୍ଥଳରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣା ସ୍ଥଳରେ ଥାନା ଅଧିକାରୀ ପ୍ରଭାସ ସାହୁ ଏକ ସ୍ୱତନ୍ତ୍ର ଟିମ ସହ ପହଞ୍ଚି ମୃତକ ବ୍ୟକ୍ତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ସହ ଗାଡି ଦୁଇଟିକୁ ଜବତ କରି ଥାନାକୁ ନେଇଥିଲେ ।

## ନିଶା ବେପାରର ପେଣ୍ଠସ୍ଥଳୀ ନିମାପଡ଼ା, ଜଣେ ଗିରଫ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ତେରୁଣ୍ଡିଆ ପଞ୍ଚାୟତର ଜଣେ ଯୁବକ ଦୀର୍ଘଦିନ ହେବ ଦେଶୀ ବିଦେଶୀ ମଦ ବିକ୍ରି କରି ଆସୁଥିବା ବେଳେ ଅବକାରୀ ବିଭାଗ ନଜରରେ ରହିଥିଲା । ନିମାପଡ଼ା ଅବକାରୀ ଥାନାଧିକାରୀ ନାରାୟଣ ବେହେରା, କର୍ମଚାରୀ ତପନ କୁମାର ପ୍ରଧାନ, ସ୍ୱାଗତିକା ଘଡ଼େଇ, ସନ୍ତୋଷ କୁମାର ମହାରଣା ସୋମବାର ଚଢ଼ଉ କରି ବିପୁଳ ମାତ୍ରାରେ ମଦ ଜବତ କରିବା ସହ ସଂପୃକ୍ତ ଯୁବକ ନାମରେ ଅବକାରୀ ଧାରାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ତେରୁଣ୍ଡିଆ ଗ୍ରାମର ବିଜୟ ନାୟକ ନାମକ ଯୁବକ ଦୀର୍ଘଦିନ ହେବ ଦେଶୀ ବିଦେଶୀ ମଦ ବିକ୍ରି କରି ଆସୁଥିଲା । ବାରମ୍ବାର ପୋଲିସ ଓ ଅବକାରୀ ବିଭାଗକୁ ଚକ୍‌ମା ଦେଖାଇ ଖସି ଯାଉଥିଲା । ବୁଧବାର ପୂର୍ବାହ୍ନରେ ଅବକାରୀ ବିଭାଗ ଥାନାଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତେରୁଣ୍ଡିଆ ଗ୍ରାମରେ ଚଢ଼ଉ କରି ସଂପୃକ୍ତ ମଦ ବ୍ୟବସାୟୀକୁ ଗିରଫ କରିବା ସହ ତା' ଠାରୁ ବିପୁଳ ମାତ୍ରାରେ ମଦ ଜବତ କରିବାରେ ସଫଳ ହୋଇଛନ୍ତି । ସଂପୃକ୍ତ ମଦ ବ୍ୟବସାୟୀକୁ କୋର୍ଟ ଚାଲାଣ କରାଯାଇଛି । ସେହିପରି ଦୀର୍ଘଦିନ ହେବ ନିମାପଡ଼ା ଉପକଣ୍ଠ ଅଂଚଳରେ ବ୍ୟାପକ ମାତ୍ରାରେ ମଦ ସାଙ୍ଗକୁ ଗଞ୍ଜେଇ ଧଳା ଜହର କାରବାର ବୃଦ୍ଧି ପାଉଛି । ସଂଧ୍ୟା ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିଶା ବେପାରୀମାନେ ତ୍ରିନାଥ ମାର୍ଗ ଠାରୁ କୁଶଭଦ୍ରା ନଦୀବନ୍ଧ ପାଟପୁର ଗଡ଼ା ପର୍ଯ୍ୟନ୍ତ ରାସ୍ତାରେ ନିଶା କାରବାର କରୁଛନ୍ତି । ପାଟପୁର ଠାରୁ ବାମଦେଇପୁର ଗଡ଼ା ପର୍ଯ୍ୟନ୍ତ ମଦ ବିକ୍ରି ଅବାଧରେ ଚାଲିଛି । ତା' ସାଙ୍ଗକୁ ଧଳା ଜହର କାରବାର ମଧ୍ୟ ବୃଦ୍ଧି ପାଉଛି । ଅରିଷଣ୍ଡ ପଂଚାୟତ ତାଳବଣିଆ ତୋଟାରେ ଥିବା ଏକ ଅଳିଆ କୁଣ୍ଡ ଘର ଭିତରେ ଚାଲିଛି ଧଳା ଜହର କାରବାର । ଏହି ଡ୍ରଗ୍ସ ସେବନକାରୀମାନେ ବିଭିନ୍ନ ସ୍ଥାନରୁ ଚୋରୀ କରିବା ସହ ଲୋକମାନଙ୍କ ଠାରୁ ଧଳା ଜହର ଖାଇବା ପାଇଁ ଲୁଟ୍‌ପାଟ୍ କରୁଛନ୍ତି । ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ନିଶା ବ୍ୟବସାୟୀଙ୍କୁ ଗିରଫ କରିବା ପାଇଁ ଦାବୀ ହୋଇଛି ।

# ଥାନା, ବିଟ୍ ହାଉସ୍ ସ୍ଥାପନ ପାଇଁ ନିଷ୍ପତ୍ତି ଚୂଡ଼ାନ୍ତ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧୀନରେ ରହିଛି ୨୩ ଗୋଟି ପଂଚାୟତ। ସେଥିମଧ୍ୟରୁ ଦେବୀକନ୍ଦଳ ଦୀପାଞ୍ଚଳରେ ଥିବା ୬ ଗୋଟି ପଂଚାୟତ କସର୍ଦା ବିଟ ହାଉସ ଅଧୀନରେ ରହିଛି। ଦୀର୍ଘଦିନ ହେବ ବିଭିନ୍ନ ସଂଗଠନ, ରାଜନୀତିକ ଦଳ,କସର୍ଦା ବିଟ ହାଉସକୁ ଥାନାର ମାନ୍ୟତା ଦେବା ନିମନ୍ତେ ଦାବି କରି ଆସୁଛନ୍ତି। ଦୀର୍ଘ ଦିନ ପରେ ସର୍କାର ହୃଦୟଙ୍ଗମ କରିଛନ୍ତି। ବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ଅତିରିକ୍ତ ଏସପିଙ୍କ ଦ୍ୱାରା ଆରମ୍ଭ ହୋଇଛି ପ୍ରସ୍ତୁତି। ନିଆଳି ଥାନା ଅଧୀନରେ ଥିବା ୬ ଗୋଟି ପଞ୍ଚାୟତ ଏରଞ୍ଚ, ରାଣୀଓଳା, ସିଠାଳ, ଏକବରୁଆଁ, ଶଗଡାଇଲ, କସର୍ଦା ଆଦି ବିଟ ହାଉସ ଅଧୀନରେ ଥିବା ବେଳେ ନିଆଳି ଥାନା ଅଧୀନରୁ ବିଲାଶୁଣୀ ପୋଖରୀ ଗାଁ ପଂଚାୟତ ନିଆଳି ଥାନା ଅଧୀନରୁ ପୋଖରୀ ଗାଁ ପଂଚାୟତ ସହିତ ଗୋବିନ୍ଦପୂର ଥାନା ଅଧିନସ୍ତ ଥାନା ବିଟ ହାଉସ ଅଧୀନରେ ଥିବା ଡ଼ିମିରି ପଂଚାୟତ ଓ ଉତ୍ତାରଣ ପଂଚାୟତକୁ ନେଇ ମୋଟ ୧୦ ଗୋଟି ପଂଚାୟତର ୮୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ କସର୍ଦା ବିଟ ହାଉସକୁ ଦୀପାଞ୍ଚଳ ଥାନାର ମାନ୍ୟତା ମିଳିବ। ଗ୍ରାମାଞ୍ଚଳ ଅତିରିକ୍ତ ଏସପିଙ୍କ ଦ୍ୱାରା ଥାନା ନିର୍ମାଣ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ନିଆଳି ଥାନା ଅଧୀନରୁ ୨୩ ଗୋଟି ଗ୍ରାମ ପଂଚାୟତରୁ ୮ ଗୋଟି ଗ୍ରାମ ପଂଚାୟତ ଦୀପାଞ୍ଚଳ ଥାନାରେ ମିଶିବା ପରେ ଅବଶିଷ୍ଟ ୧୫ଟା ପଂଚାୟତରୁ ବିନିଷ ପୂର ଅଂଚଳରେ ଥିବା ୫ ଟି ପଂଚାୟତରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଶହ ଅପରାଧ ନିୟନ୍ତ୍ରଣ ରକ୍ଷା କରିବା ପାଇଁ ପୋଲିସ ଫାଣ୍ଡି ସ୍ଥାପନ କରିବା ନିମନ୍ତେ ଲୋକେ ବହୁତ ଦିନ ହେଲା ଦାବି କରି ଆସୁଛନ୍ତି।ସୂଚନା ମୁତାବକ ଦୀର୍ଘ ଦିନର ଦାବି କୁ ସରକାର ଏବେ ପଦକ୍ଷେପ ନେବାକୁ ଯାଉଛନ୍ତି। ବିନିଷ ପୂର ଅଞ୍ଚଳ ର ବେଡେଣ୍ଡା ହନୁମାନ ମନ୍ଦିର ପାଖରେ ଫାଣ୍ଡି କିମ୍ବା ବିଟ ହାଉସ କରାଯିବ। ବିନିଷ ପୂର ସମେତ ନିଭାରଣ, କୃଷ୍ଣ ପ୍ରସାଦ, ମାଧବ ଓ ରତନ ପୁରର ମୋଟ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଜଗତସିଂହପୁର ଓ ପୁରୀ ଜିଲ୍ଲା ସୀମାରେ ରହିଛି ବିନିଶପୁର, ମାଧବ ଓ ରତନପୁର ପଂଚାୟତ। ଫଳରେ ଅପରାଧ ଓ ଅପରାଧୀ ଦିନ ଦ୍ୱିପ୍ରହାରରେ ସହଜରେ ଜଗତସିଂହପୁର ଓ ଖୋର୍ଦ୍ଧା ଜିଲ୍ଲାକୁ ଖସି ପଳାଉଛନ୍ତି। ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଗୁରୁତର ସହ ନେଇ ଗ୍ରାମାଞ୍ଚଳ ଅତିରିକ୍ତ ଏସପି ପ୍ରଦୀମ୍ନ କୁମାର ସାହୁଙ୍କ ଦ୍ୱାରା ଦୀପାଞ୍ଚଳ ଥାନା କିମ୍ବା ବିଟ ହାଉସ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଥି ସହିତ ବରିଷ୍ଠ ପୋଲିସ ଅଧିକାରୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ଓ ଜନସଂଖ୍ୟା ଗଣା ଆରମ୍ଭ ହୋଇଛି। ନିଆଳି କି ଏନଏସି ମାନ୍ୟତା ମିଳିଥିବାରୁ ଦୀପାଞ୍ଚଳକୁ ଥାନା ଓ ବିନିଷପୁରକୁ ଫାଣ୍ଡି କିମ୍ବା ବିଟ ହାଉସ ମିଳିଲେ ନିଆଳି ଥାନା ଚାପ ମୁକ୍ତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଗଣପତି ଶିଶୁ ବିଦ୍ୟା ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ବାଲିଝରାସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟର ଏକବିଂଶତମ (୨୧ତମ) ବାର୍ଷିକ ଉତ୍ସବ ରବିବାର ଦିନ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡିଶା ବିଦ୍ୟା ବିକାଶ ସମିତିର ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିଆଣ୍ଡଏ ବଟଲର୍ସ କମ୍ପାନୀର ସଚିବ ଦେବେନ୍ଦ୍ର କୁମାର ତୋମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରଣ୍ୟ ଅତିଥି ଭାବେ ଆଦାନୀ ଉଇଲମାରର ଏଚଆର ମୁଖ୍ୟ ରାଜିବ ଷଡଙ୍ଗୀ, ମୁଖ୍ୟବକ୍ତା ଡାକ୍ତର୍ ରମେଶଚନ୍ଦ୍ର ଦାସ, ସଭାପତି ବିଦ୍ୟା ବିକାଶ ସମିତି ଓଡିଶା, ସମ୍ମାନିତ ଅତିଥି ଭଗବାନ ପରିଡା, ୫ ନମ୍ବର ୱାର୍ଡ ପାରିଷଦ ସ୍ୱପ୍ନା ରାଣୀ ଜେନା ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାର ମହତ୍ୱ ଓ ଦେଶ ଗଠନରେ ସେମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସନ୍ଧ୍ୟାରେ ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପସ୍ଥିତ ଅଭିଭାବକ, ଦର୍ଶକ ଓ ଅତିଥି ମାନଙ୍କ ଦ୍ୱାରା ବେଶ ପ୍ରଶଂସା କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଅନିମା ପାତ୍ର, କଲ୍ୟାଣୀ ସାହୁ, ଅମୃତା ଗୁପ୍ତା, ରୋଜାଲିନ ସାହୁ, କାନ୍ତା ପ୍ରିୟଦର୍ଶିନୀ ଜେନା, ବିପ୍ଳବ ମହାନ୍ତି, ଦିବ୍ୟଜ୍ୟୋତି ଲେଙ୍କା, ନିବେଦିତା, ଅଞ୍ଜନା, ତିଳୋତ୍ତମା, ଲକ୍ଷ୍ମୀ, ସସ୍ମିତା ପ୍ରମୁଖ ସକ୍ରିୟା ସହଯୋଗ କରିଥିଲେ ।

## ଅଷ୍ଟପ୍ରହାରୀ ନାମଯଜ୍ଞରେ ଝୁମିଲେ ଗ୍ରାମବାସୀ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ଗ୍ରାମପଞ୍ଚାୟତ (ପାଟପୁର) ନାନକେରା ସାହିରେ ତୃତୀୟ ବାର୍ଷିକ ଅଷ୍ଟପ୍ରହାରୀ ନାମ ଯଜ୍ଞ ଆୟୋଜନ ଗ୍ରାମବାସୀଙ୍କ ଦ୍ୱାରା ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପରମ୍ପରା ଓ ସଂସ୍କୃତି ବଜେଇ ରଖିବା ପାଇଁ କିନ୍ତୁ ଆଜିର ଆଧୁନିକ ପ୍ରଭାବରେ ଯୁବପିଢ଼ିମାନେ ଓଡ଼ିଆ ସଂସ୍କୃତିକୁ ଅବହେଳା ପ୍ରଦର୍ଶନ କରୁଥିବା ବେଳେ ଗ୍ରାମର ଚିନ୍ତାଶୀଳ ବ୍ୟକ୍ତିମାନେ ଗ୍ରାମରେ ଆଧ୍ୟାତ୍ମିକ ଭାବଧାରା ସୃଷ୍ଟି କରି ବିପଥଗାମୀ ଯୁବପିଢିଙ୍କୁ ଓଡ଼ିଆଙ୍କ ଐତିହ୍ୟ, କଳା, ସଂସ୍କୃତି, ସମାଜ ସଂସ୍କରରେ ଅଷ୍ଟପହରୀ ଭାବଧାରାକୁ ସମସ୍ତଙ୍କ ମନରେ ଉଦ୍ଦିବିତ କରିବା ପାଇଁ ଏଭଳି ପ୍ରୟାସ ଜାରି ରଖିଛନ୍ତି ଚଳିତ ବର୍ଷ ମା' ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ କଳସ ଯାତ୍ରା ରେ ଆରମ୍ଭ କରାଯାଇଥିବା ନାମଯଜ୍ଞର ପୂର୍ଣ୍ଣହୂତି ଓ ନଗର ପରିକ୍ରମାରେ ଉଦଯାପିତ ହୋଇଯାଇଛି । ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠି ସମର୍ଥକ ମାନଙ୍କ ସହ ଅଷ୍ଟପହରୀ, ନାମଯଜ୍ଞରେ ଯୋଗ ଦେଇଥିଲେ । ଆଖପାଖ ଗ୍ରାମରୁ ବହୁ ସଂଖ୍ୟାର ଶ୍ରଦ୍ଧାଳୁମାନେ ଆସି ପ୍ରସାଦ ସେବନ କରିବା ସହିତ ଅଷ୍ଟପହରୀ ଆଧ୍ୟାତ୍ମିକ ପରିବେଶ ଲୋକମାନଙ୍କ ମଧ୍ୟରେ ବେଶୀ ଖୁସି ଦେଖିବାକୁ ମିଳିଥିଲା ।

## ବିବାହର ପ୍ରତିଶ୍ରୁତି ଦେଇ ଦଳିତ ଯୁବତୀଙ୍କୁ ପ୍ରତାରଣା, ଥାନାରେ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ସଂପୃକ୍ତ ଯୁବକ ସଂପର୍କ ସୃଷ୍ଟି କରିବା ସହ ଲକ୍ଷ ଲକ୍ଷ ଟଙ୍କା ହାତେଇ ନେଇ ଯୁବତୀଙ୍କୁ ଛାଡ଼ି ଅନ୍ୟ ଏକ ମହିଳା ସହିତ ପତିପତ୍ନୀ ଭାବେ ରହୁଥିବା ଖବର ପାଇ ଯୁବତୀ ସଂପୃକ୍ତ ଯୁବକଙ୍କ ଘର ଆଗରେ ପହଂଚି ହୋହାଲ୍ଲା କରୁଥିବା ବେଳେ ଯୁବକ ଓ ତାଙ୍କ ପରିବାର ଫେରାର ହୋଇଯାଇଥିବା ଜଣାପଡ଼ିଛି । ଯୁବକଙ୍କ ମାଆ ମଧ୍ୟ ଘଟଣାର ମୁଖ୍ୟ ବୋଲି କୁହାଯାଉଛି । ଘଟଣାରେ ଯୁବତୀ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଚଅଁରପଦା ପଞ୍ଚାୟତର ଜଣେ ଦଳିତ ଯୁବତୀ ଭୁବନେଶ୍ୱରରେ ଏକ ଘରୋଇ କଲେଜରେ ଶିକ୍ଷୟିତ୍ରୀ ଥିବା ବେଳେ ଚାରିଛକ ଥାନା ଜୁଣ୍ଟୁପୁର ଗ୍ରାମର ଲିପୁନ୍ ନାମକ ଯୁବକ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ସଂପର୍କ ସୃଷ୍ଟି କରିବା ସହ ଯୁବତୀଙ୍କଠାରୁ ଦୁଇ ଲକ୍ଷ ଟଙ୍କା ଚୂନ ଲଗାଇବା ସହ ଏକ ଦାମୀ ମୋବାଇଲ ଯୁବତୀଙ୍କ ନାମରେ କିଣି ସେଠାରୁ ପଳାଇ ଆସି ଜୁଣ୍ଟୁପୁରରେ ରହୁଥିବା ବେଳେ ଜଣେ ମହିଳାଙ୍କ ସହ ସଂପର୍କ ସୃଷ୍ଟି କରି ରହୁଥିବା ଖବରପାଇ ଯୁବତୀ ଓ ଅନ୍ୟ କେତେକ ସମାଜସେବୀ ତାଙ୍କ ଘରେ ହୋହାଲ୍ଲା କରିଥିଲେ । ଭୟରେ ଯୁବକ ଫେରାର ହୋଇଯାଇଥିବା ବେଳେ ଯୁବକଙ୍କ ପରିବାର ମଧ୍ୟ ଫେରାର ହୋଇଯାଇଥିଲେ । ଏ ସଂପର୍କରେ ଯୁବତୀ ଜଣକ ଚାରିଛକ ଥାନାରେ ଅଭିଯୋଗ କରିଥିବା ବେଳେ ଯୁବକ ମୋବାଇଲରେ ଯୁବତୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବା ପାଇଁ ଧମକ ଦେଇଛି । ଯୁବତୀଙ୍କ ଜୀବନ ପ୍ରତି ବିପଦ ରହିଥିବା ଜାଣି ଯୁବତୀ ଏ ସଂପର୍କରେ ଭୁବନେଶ୍ୱର ମୈତ୍ରୀ ବିହାର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି । ବିବାହ ପ୍ରତିଶ୍ରୁତି ଦେଇ ସଂପର୍କ ସୃଷ୍ଟି କରିବା ପରେ ଧୋକା ଦେବା ପରେ ସଂଗୀନ୍ ଦଫାରେ ମାମଲା ରୁଜୁ କରିବା ପାଇଁ ଯୁବତୀ ଜଣକ ଦାବୀ କରିଛନ୍ତି । ଯୁବତୀ ଜଣକ ଦଳିତ ସଂପ୍ରଦାୟର ହୋଇଥିବା ବେଳେ ସଂପୃକ୍ତ ଯୁବକ ଜଣକ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରୁଅଛି । ଯାହାକୁ ନେଇ ଯୁବତୀ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସେହିପରି ଭୁବନେଶ୍ୱରରେ ରହୁଥିବା ଜଣେ ମହିଳା ସାମ୍ବାଦିକଙ୍କ ଘରେ ସଂପୃକ୍ତ ଯୁବକ ରହିଥିବା ବେଳେ ତାଙ୍କର ଦଶଗ୍ରାମ ଓଜନର ସୁନା ଚେନ୍‌କୁ ଲୁଟି ଫେରାର ହୋଇଯାଇଛି । ସାମ୍ବାଦିକାଙ୍କୁ ମଧ୍ୟ ସଂପୃକ୍ତ ଯୁବକ ଲିପୁନ୍ ଗାଳି ଗୁଲଜ କରି ହତ୍ୟା ଧମକ ଦେଇଛି । ବାରମ୍ବାର ଫୋନ୍‌ରେ ଧମକ ଦେଇଥିବା ବେଳେ ଥାନାରେ ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଯୁବକ ଉଠାଇବା ପାଇଁ ପୋଲିସ ଚଢ଼ଉ ଜାରି ରଖିଛି ।

## ବିଶିଷ୍ଟ ବ୍ୟବସାୟୀଙ୍କ ବିୟୋଗ

କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ବରୁଣ୍ଡେଇ ଗ୍ରାମପଞ୍ଚାୟତ ବୈତରଣୀ ରୋଡର ଜଣାଶୁଣା ପରୋପକାରୀ ମେଳାପି ମିଷ୍ଟଭାଷୀ ରାସନ୍ ଡିଲର ପ୍ରଭାତ ସିଂ (ମିଟୁ)ଙ୍କ ଆଜି ଭୋଟ ସମୟରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଯାଇଛି। ସୂଚନା ଅନୁଯାୟୀ କିଛି ଦିନ ହେବ ସେ ସାମାନ୍ୟ ଅସୁସ୍ଥ ଥିଲେ ଡାକ୍ତରଙ୍କ ପରାମର୍ଶ ପରେ ଚିକିତ୍ସିତ ହେଉଥିଲେ ତାଙ୍କ ବାସଭବନରେ ତାଙ୍କ ମୃତ୍ୟୁ ହୋଇଥିବା ଜଣପଡିଛି। ମୃତ୍ୟୁ ଖବର ପାଇଁସାରା କୋରେଇରେ ସୋକର ଛାୟା ଖେଳିଯାଇଥିଲା। ତାଙ୍କୁ ଶେଷଦର୍ଶନ ପାଇଁ ବାସଭବନରେ ହଜାର ହଜାର ଲୋକଙ୍କ ଭିଡଲାଗିଥିବା ଦେଖିବାକୁ ମିଳିଥିଲା । ତାଙ୍କ ବିୟୋଗରେ କୋରେଇ ବିଧାୟିକା ଆକାଶ ଦାସନାୟକ, ସମାଜସେବୀ ବନୋଜ କୁମାର ଜେନା, ଯାଜପୁର ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ବରିଷ୍ଠ ନେତା ବିଶ୍ୱଜିତ୍ ନାୟକ, ବରିଷ୍ଠ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ା, ଗୋକୁଳାନନ୍ଦ ସାହୁ ସମେତ ଅନେକ ବରିଷ୍ଠ ବ୍ୟକ୍ତି ଶୋକପ୍ରକାଶ କରିଥିଲେ। ଶେଷ ଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, କମ୍ରେଡ ଆଲୋକ ମହାନ୍ତି, ବିଜେପି ନେତା ପ୍ରକାଶ ଧଳ, ବରୁଣ୍ଡେଇ ସରପଞ୍ଚ ଲିପ୍ସା ପରିଡ଼ା, ସମିତିସଭ୍ୟ ରଶ୍ମିରଞ୍ଜନ ପରିଡ଼ା, ଉଦୟ ପରିଡ଼ା, ଯୁବନେତା ଆଲୋକ ମଲ୍ଲିକ, ବିଜେଡ଼ି ନେତା ସୌଭାଗ୍ୟ ମହାନ୍ତି, ତାରାକୋଟ ସରପଞ୍ଚ କୃଷ୍ଣମୋହନ ସାହୁ, ଆଶୁତୋଷ ମହାନ୍ତି, ସତନ୍ ପଣ୍ଡା, ଅଲେଖ ନାୟକଙ୍କ ସମେତ ବନ୍ଧୁ ପରିଜନ ଓ ପରିବାର ଲୋକଙ୍କ ଉପସ୍ଥିତିରେ ଗ୍ରାମ ମଶାଣିରେ ସେତ୍କୃତ୍ୟ ସମ୍ପନ୍ନ ହୋଇଛି।

## ଅରଖପଲ୍ଲୀରୁ କୋଡପଡା ସଂଯୋଗ ରାସ୍ତା ମରଣଯନ୍ତା



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅରଖପଲ୍ଲୀ ନୂଆସାହିରୁ କୋଡପଡା ୨ କି.ମି. ସଂଯୋଗ ରାସ୍ତା ମରଣଯନ୍ତାରେ ପାଲଟିଥିବା ଯୋଗୁଁ ଲୋକମାନଙ୍କର ଯାତାୟାତରେ ବାଧକ ସାଜିଛି । ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳର ବାରମ୍ବାର ଦାବି କଲା ପରେ ବି ପ୍ରଶାସନର ଏ ପର୍ଯ୍ୟନ୍ତ ନଜର ପଡିନାହଁ । ଏହି ରାସ୍ତାଟି ଖଙ୍ଗୁରିଆ ଗ୍ରାମ ପଞ୍ଚାୟତରୁ ହାଟବସ୍ତ, ଖଲ୍ଲିକୋଟ ଦେଇ ଧଳାପଥରକୁ ସଂଯୋଗ କରୁଥିବାର ସହଜ ରାସ୍ତା ଅଟେ । ଏହି ରାସ୍ତା ଦେଇ ପ୍ରତିଦିନ ହାଟବସ୍ତ ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାଂକୋଇ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଙ୍କୋଇ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ କଲେଜ, ହାଟବସ୍ତ ସ୍ଥିତ କାଳୀ ଚରଣ ଡିଗ୍ରୀ କଲେଜକୁ ବହୁ ଛାତ୍ରଛାତ୍ରୀଙ୍କ ନିତିଦିନଆ ଯାତାୟାତ ରାସ୍ତା ଥିବା ବେଳେ ରୋଗୀ, ବ୍ୟବସାୟୀ, ଚାଷୀ, ଶିକ୍ଷକ ଓ ସ୍ଥାନୀୟ ଜନସାଧାରଣଙ୍କର ପ୍ରମୁଖ ରାସ୍ତା ଅଟେ । ଏହି ରାସ୍ତାଟି ପାହାଡ଼ ପାଦଦେଶଦେଇ ଯାଇଥିବା ରାସ୍ତାଟି ଖାଲଖମା ହୋଇ ବହୁବର୍ଷ ଧରି ପଡ଼ିରହିଥିବା ବେଳେ ଖରା ଦିନ ବ୍ୟତୀତ ବର୍ଷା ହେଲେ ଯାତାୟତ ଠପ ହୋଇପଡେ। ଫଳରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସଂଯୋଗ ରାସ୍ତାଟି ନୂତନ ଭାବେ ରାସ୍ତା ନିର୍ମାଣ କରାଗଲେ ଜନସାଧାରଣମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ । ଏହି ରାସ୍ତା ପ୍ରତି ବିଭାଗୀୟ ଅଧିକାରୀ ଓ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଦୃଷ୍ଟି ଦେବାକୁ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ଜନସାଧାରଣମାନେ ଦାବୀ କରିଅଛନ୍ତି ।

## 'ଆମ୍ବେଦକରଙ୍କ ଜୀବନୀକୁ ନେଇ ରାଜନୀତି କରୁଛି କଂଗ୍ରେସ'




ମାଲକାନଗିରି(ଭାସ୍କର ନ୍ୟୁଜ): ଦେଶ ୧୯୪୭ ମସିହାର ଅଗଷ୍ଟ ୧୫ରେ ସ୍ୱାଧୀନ ହୋଇଥିଲା ବେଳେ ୧୯୫୦ ମସିହା ଜାନୁଆରୀ ୨୬ରେ ଗଣତନ୍ତ୍ର ଦେଶ ଭାବେ ଘୋଷଣା କରା ଯାଇଥିଲା। ସେ ସମୟରେ ପ୍ରବାଦ ପୁରୁଷ ବାବା ସାହେବ ଡଃ ଭିମରାଓ ଆମ୍ବେଦକର ଭାରତର ସୁଦୃଢ ଗଣତନ୍ତ୍ର ପାଇଁ ସମ୍ବିଧାନ ଲେଖିଥିଲେ। କିନ୍ତୁ ୧୯୫୦ରୁ ୧୯୫୨ ଦେଶରେ ନିର୍ବାଚନ କରାନଯାଇ ଜବାହାରଲାଲ ନେହେରୁ ବିନା ନିର୍ବାଚନରେ ତିନିବର୍ଷ ପ୍ରଧାନମନ୍ତ୍ରୀ ହୋଇଥିଲେ। ତା ପରେ ୧୯୫୩ ମସିହାରେ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଭାବେ ନେହେରୁ ନିର୍ବାଚିତ ହୋଇ ଦାୟିତ୍ୱ ନେଇଥିଲା ବେଳେ ଶିକ୍ଷା ମନ୍ତ୍ରୀ ଭାବେ ଜଣେ ମୁସଲମାନ ଲୋକଙ୍କୁ ଦାୟିତ୍ୱ ଦେଇଥିଲେ । କ୍ରମାଗତ ନିର୍ବାଚନରେ ପାଂଚଜଣ ମୁସଲମାନ ଲୋକ ଶିକ୍ଷା ବିଭାଗ ଦାୟିତ୍ୱ ନେଇଥିଲା ବେଳେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କୁ ମନ୍ତ୍ରୀର ସୁଯୋଗ ମିଳି ନଥିଲା। ବରଂ ବାବା ସାହେବ କିପରି ନିର୍ବାଚନରେ ହାରିବେ ସେଥିପାଇଁ କଂଗ୍ରେସ ଶଡ ଯନ୍ତ୍ର କରିଥିଲା। ଦୀର୍ଘ ବର୍ଷ କଂଗ୍ରେସ ଶାସନ କରି ଆସିଥିଲେ ମଧ୍ୟ ବାବା ସାହେବଙ୍କୁ ଭୁଲି ଯାଇ ଭାରତରତ୍ନ ପୁରସ୍କାର ମଧ୍ୟ ସେହି ସମୟରେ ଦେଇ ନଥିଲେ। କେବଳ ଆମ୍ବେଦକରଙ୍କ ନାମରେ ଲୋକମାନଙ୍କୁ ବିଭ୍ରାନ୍ତକର ତଥ୍ୟ ଦେଇ ଭୁଆଁ ବୁଲାଉଥିଲେ। ବିଜେପି ସରକାର ସବୁ ସମୟରେ ଆମ୍ବେଦକରଙ୍କୁ ସମ୍ମାନ ଦେଇ ଆସିବା ସହ ତାଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନଗୁଡିକୁ ତୀର୍ଥ ସ୍ଥାନରେ ପରିଣତ କରି ଭାରତରତ୍ନ ପୁରସ୍କାର ଦେଇଥିବା ଏକ ବୁଦ୍ଧିଜୀବି ସମ୍ମିଳନୀରେ ବକ୍ତାମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଆଇନଜୀବି ପ୍ରଶନ୍ନ କୁମାର ପାଢି, ଚତୁର୍ଭୁଜ ଶର୍ମା, ପୂର୍ବତନ ଜିଲ୍ଲା ସଭାପତି ନିମାଇ ଚନ୍ଦ୍ର ପାଲ, ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବୁଦ୍ଧିଜୀବି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୦୦ରୁ ଉର୍ଦ୍ଧ ବୁଦ୍ଧିଜୀବି ଅଂଶଗ୍ରହଣ କରିଥିଲେ।

ନବମ ଶ୍ରେଣୀ ଛାତ୍ର ଉପରେ ଚଢିଗଲା ହାଇୱା

# ପ୍ରତିବାଦରେ ନିମାପଡା-କୋଣାର୍କ ରାସ୍ତା ଅବରୋଧ



ଗୋପ(ଭାସ୍କର ନ୍ୟୁଜ): ସୋମବାର ସକାଳ ପ୍ରାୟ ୮ଟା ସମୟରେ ଗୋପ-ଚାରିଛକ ରାସ୍ତାର ଗୋପ ବଜାର ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ନବମ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଛି । ହାଇୱା ଧକ୍କାରେ ମୃତ ଛାତ୍ର ଜଣକ ହେଲେ ଗୋପ ମୁସଲମାନ ବସ୍ତିର ରସିଦ୍ ଖାନ୍‌ଙ୍କ ଏକମାତ୍ର ପୁଅ ଜୁନେଦ୍ ଖାନ୍ (୧୪)। ସୁଚନାମୁତାବକ ଆଜି ସକାଳୁ ଜୁନେଦ୍ କୌଣସି କାର୍ଯ୍ୟରେ ନିକଟସ୍ଥ ଗୋପ୍ ବଜାର ଆସି ଏକ ଦୋକାନ ନିକଟରେ ସାଇକେଲ ଧରି ଛିଡା ହୋଇଥିବା ବେଳେ କୁଶୁପୁର ଠାରେ ଥିବା ଏକ ଇଟା ଫ୍ୟାକ୍ଟ୍ରିରେ ଡଷ୍ଟ ଅନଲୋଡ୍ କରି ଚାରିଛକ ଅଭିମୁଖେ ଯାଉଥିବା ଏକ ହାଇୱା ନଂ ଓଡି ୧୯ ଏଲ ୭୬୪୪ ତାକୁ ଧକ୍କା ଦେଇଥିଲା । ଫଳରେ ପଛ ଚକାରେ ଜୁନେଦ ସାଇକେଲ ସହିତ ଚାପି ହୋଇଯାଇଥିଲା । ପଛ ଚକାରେ ହାଇୱା ଜୁନେଦକୁ କିଛି ବାଟ ଘୋଷାଡ଼ି ନେବା ପରେ ପାର୍ଶ୍ୱରେ ଥିବା କିଛି ଲୋକ ପାଟି କରି ଗାଡିକୁ ଅଟକାଇଥିଲେ । ଜୁନେଦ୍‌ଙ୍କ ଦୁଇ ଗୋଡ ଜଙ୍ଘ ଉପରେ ଚକା ଚଢିଯାଇଥିବା ବେଳେ ଗଭୀର ଆଘାତ ଲାଗିଥିଲା । ମୁମୂର୍ଷ ଅବସ୍ଥାରେ ସ୍ଥାନୀୟ ଲୋକମାନେ ଜୁନେଦକୁ ଉଦ୍ଧାର କରି ଗୋପ ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଭାବେ ଜୁନେଦକୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରିଥିଲେ । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ହାଇୱା ଅଟକ ରଖିବା ସହ ଗୋପ-ଚାରିଛକ ରାସ୍ତାକୁ ୧ ଘଣ୍ଟା ଧରି ଅବରୋଧ କରିଥିଲେ । ସେପଟେ ଡ୍ରାଇଭର ଗାଡି ଛାଡି ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଘଟଣା ସ୍ଥଳରେ ଗୋପ ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇବା ସହ ଦୁର୍ଘଟଣା ଘଟାଇଥିବା ହାଇୱା କୁ ଜବତ କରି ଥାନାକୁ ଆଣିଥିଲେ । ଘଟଣାସ୍ଥଳରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା, ଗାଡି ମାଲିକ ୩୦ ହଜାର ଟଙ୍କା, ସ୍ଥାନୀୟ ସରପଂଚ ହରିଶ୍ଚନ୍ଦ୍ର ଯୋଜନା ବାବଦରେ ୩ ହଜାର ଟଙ୍କା ଦେବାପରେ ରାସ୍ତା ଅବରୋଧ ହଟିଥିଲା । ଏନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି । ସ୍ଥାନୀୟ ସମାଜସେବୀ କସ୍ତୁରୀବାଳା ସ୍ୱାଇଁ ଦୁଃଖଦ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେବା ସହ ୫ ହଜାର ଟଙ୍କା ସାହାଯ୍ୟ କରିଥିଲେ ।




କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପଥରଗଞ୍ଜ ମା' ନଟୀ ମଙ୍ଗଳା ଠାରେ ଭାରତୀୟ ଜାତୀୟ କଂଗ୍ରେସ ସମାବେଶ ବିଶିଷ୍ଟ ସମାଜ ସେବୀ ଦିପକ କୁମାର ଜେନାଙ୍କ ସଭାପତିତ୍ୱରେ ଏକ କଂଗେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗେସ ସଭାପତି ସମ୍ବିତ କୁମାର ରାଉତରାୟ ଜିଲ୍ଲା ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଟ୍ଟନାୟକ ସମେତ ଶତାଧିକ କର୍ମୀ ବ୍ଲକ ଓ ବ୍ଲକର ବରିଷ୍ଠ କଂଗେସ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ମୁଖ୍ୟ ରାସ୍ତା ଠାରୁ ମା ନଟୀ ମଙ୍ଗଳା ପୀଠରେ ମହା ଆଡମ୍ବର ସହକାରେ ବାଜା ବାଣ ଫୁଟାଇ ଶୋଭାଯାତ୍ରା ହୋଇଥିଲା। ଏଥିରେ କୃଷ୍ଣପ୍ରସାଦ ବ୍ଲକର ୧୨ଗୋଟି ପଞ୍ଚାୟତର ବହୁ କଂଗେସ କର୍ମୀ ସମାବେଶକୁ ଉତ୍ସାହିତ କରିଥିଲେ ସମାବେଶରେ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ପଟ୍ଟନାୟକ କହିଥିଲେ। ଦୁଇ ଦଶନ୍ଧି ପୂର୍ବରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଲଗାତର ୧୯୯୫ମସିହା ଠାରୁ ୨୦୦୯ ପର୍ଯ୍ୟନ୍ତ ବିଧାୟକ ଭାବେ ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିବା ବେଳେ ୨୦୦୯ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଣ କଂଗ୍ରେସ ମେଣ୍ଟ ସରକାର ଏବଂ ବିଜେଡି ସରକାରଙ୍କ ଅମଳରେ ବ୍ରହ୍ମଗିରି ଅଞ୍ଚଳରେ କିଛି ଉନ୍ନତି ମୂଳକ କାର୍ଯ୍ୟ ପରିବର୍ତ୍ତେ ଖାଲି ଫମ୍ପା ପ୍ରତିଶ୍ରୁତି ମିଳିଛି। ବର୍ତ୍ତମାନ ସମୟରେ ଏକ ମାତ୍ର ଭରସା ହେଉଛି କଂଗେସ। ଏହାର ନେତୃତ୍ୱ ପାଇଁ ଦିପକ କୁମାର ଜେନା ଜଣେ ଅବସର ପ୍ରାପ୍ତ ସେନା ହାବିଲଦାର ଯେ କି ଦୀର୍ଘ ୨୦ବର୍ଷ ଦେଶ ମାତୃକାର ସେବା ପରେ ସମାଜର ଅବହେଳିତ ନିଷ୍ପେସିତ ମଣିଷଙ୍କ ପାଇଁ ଦିନ ରାତି ଏକ କରି ସହଯୋଗର ହାତ ବଢ଼ାଉଛନ୍ତି ସେହି ବ୍ୟକ୍ତିଙ୍କୁ ଆମ୍ଭେ ଭରସା କରି ତାଙ୍କ ହାତମୁଠାକୁ ଟାଣ କରିବା ସହ ତାଙ୍କୁ ଆମ୍ଭେ ବିଧାୟକ ଭାବେ ଦେଖିବା ପାଇଁ ଉପସ୍ଥିତ ସମସ୍ତ କଂଗେସ ପ୍ରେମୀଙ୍କୁ ଉଦବୋଧନ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ୨୦୨୯ରେ କଂଗେସ ଦେଶ ଓ ରାଜ୍ୟରେ ସରକାର ଗଠନ କରିବ।

## ସ୍କୁଲରେ କାମ କରୁନାହିଁ ଦଣ୍ଡମୁକ୍ତ ନିୟମ

# ବିଳମ୍ବ ହେବାରୁ ଫାଟକ ଆଗରେ ଶତାଧିକ ଛାତ୍ରଛାତ୍ରୀ



କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଫୁଲବାଣୀର ଅଧିକାଂଶ ସ୍କୁଲରେ କାମ କରୁନାହିଁ ଦଣ୍ଡମୁକ୍ତ ନିୟମ। ମନେ ହେଉଛି ଯେପରି ତାଲିବାନ ଶାସନରେ ସ୍କୁଲ ଗୁଡିକ ଚାଲୁଛି। ସବୁ ଦେଖି ଶିକ୍ଷା ବିଭାଗ ଅଧିକାରୀ ମାନେ ଚୁପ ହୋଇ ବସି ରହୁଛନ୍ତି। ଏହା ଦ୍ୱାରା ଦିନକୁ ଦିନ ପ୍ରଭାବ ପଡୁଛି ଛାତ୍ରଛାତ୍ରୀ ଓ ଅବିଭବକ ଉପରେ। ସାମାନ୍ୟ ବିଳମ୍ବ ହେବାରୁ ଫାଟକ ଆଗରେ ପ୍ରଚଣ୍ଡ ଖରାରେ ଶତାଧିକ ଛାତ୍ରଛାତ୍ରୀ କାର୍ମେଲ ସ୍କୁଲ ଓ ଅନ୍ୟାନ୍ୟ ସ୍କୁଲ ଆଗରେ ଦେଖିବାକୁ ମିଳିଛି। ଫୁଲବାଣୀ କାରମେଲ ସମେତ ଅଧିକାଂଶ ସ୍କୁଲରେ କାମ କରୁନାହିଁ ସରକାରଙ୍କ ଦଣ୍ଡମୁକ୍ତ ଅଂଚଳ ନିୟମ। ସାମାନ୍ୟ ବିଳମ୍ବ ହେଲେ ସ୍କୁଲର ମୁଖ୍ୟ ଫାଟକ ଆଗରେ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରାରେ ଠିଆ କରାଉଛନ୍ତି ଶତାଧିକ ଛାତ୍ରଛାତ୍ରୀଙ୍କୁ। ଅଭିଭାବକ ଓ ଅଭିଭାବିକା ମାନେ ନିରୁପାୟ ହୋଇ ଦେଖୁଛନ୍ତି ନିଜ ନିଜର ପିଲାମାନଙ୍କର ଏହି ଦୟନୀୟ ଅବସ୍ଥା। ପ୍ରଚଣ୍ଡ ଗ୍ରୀଷ୍ମକୁ ଆଖି ଆଗରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟକୁ ସକାଳ ୬:୩୦ରୁ ୧୦:୩୦ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ଫଳରେ ଅଧିକାଂଶ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ ସକାଳୁ ନିଜକୁ ପ୍ରସ୍ତୁତ କରି ନିଜ ପିଲାଙ୍କୁ ପ୍ରସ୍ତୁତ କରି ଆଣୁଛନ୍ତି। ତେବେ କୌଣସି କାରଣ ବଶତଃ ପାଞ୍ଚ ଦଶ ମିନଟ ବିଳମ୍ବ ହେଲେ ମାନବିକତା ଦୃଷ୍ଟିରୁ ପିଲାମାନଙ୍କୁ ସ୍କୁଲରେ ପ୍ରବେଶ ଅନୁମତି ଦେବା ବଦଳରେ, ପ୍ରିନ୍ସିପାଲ୍ ଜାରି କରିଛନ୍ତି କଡ଼ା ମିଲିଟାରୀ ଶାସନ। ଏହିପରି କ୍ଷେତ୍ରରେ କର୍ମେଲ ସ୍କୁଲ ଅଧକ୍ଷ କରିଛନ୍ତି ନୂଆ ନିୟମ ପାଞ୍ଚ ମିନଟ ବିଳମ୍ବ ହେଲେ ବାହାରେ କ୍ୟାମ୍ପସ ଠିଆ ହେବେ ଛାତ୍ରଛାତ୍ରୀ। ଅନ୍ୟପଟେ ଉକ୍ତ ରାସ୍ତାରେ ୪ଟା ବିଦ୍ୟାଳୟ ଥିବାରୁ ହଜାର ହଜାର ଅଭିଭାବକ ଅଭିଭାବିକା ବାଇକ କାର ନେଇ ଯାଉଥିବାରୁ ସକାଳୁ ଟ୍ରାଫିକ ଯାମ ହେଉଛି ଫଳରେ ଛାତ୍ରଛାତ୍ରୀଙ୍କ ବିଳମ୍ବ ହେବା ସ୍ୱାଭାବିକ। ଏଥି ସହିତ ଅଧିକାଂଶ ଅଭିଭାବକଙ୍କୁ ସକାଳୁଆ ଅଫିସକୁ ଯିବାକୁ ପଡୁଥିବା ଯୋଗୁଁ ନିଜ ପିଲାମାନଙ୍କୁ ଆଣି ସ୍କୁଲ ସମ୍ମୁଖରେ ଛାଡି ଦେଇ ମଧ ଯାଉଛନ୍ତି। ପିଲାମାନଙ୍କୁ ସ୍କୁଲ କ୍ୟାମ୍ପସ ଭିତରକୁ ଯିବା ପାଇଁ ବନ୍ଦ କରାଯିବାରୁ ଛାତ୍ର ଛାତ୍ରୀ ମାନେ ବାହାରେ ଠିଆ ହେବାକୁ ପଡୁଛି। ସେହି ବାଟ ଦେଇ ଯାଉଥିବା ଅସାମାଜିକ ବ୍ୟକ୍ତି ମାନେ ବିଭିନ୍ନ ଅଶ୍ଳୀଳ ଭାଷାରେ କମେଣ୍ଟ କରୁଛନ୍ତି ଛାତ୍ରୀ ମାନଙ୍କୁ । ଆଗକୁ ଯଦି କୌଣସି ଛାତ୍ରଛାତ୍ରୀଙ୍କ ପ୍ରତି କିଛି ଅଘଟଣ ଘଟିଲେ ଯଥା ସଡ଼କ ଦୁର୍ଘଟଣା, କିମ୍ବା ପ୍ରଚଣ୍ଡ ଖରାରେ ଅଂଶୁଘାତର ଶୀକାର ହେଲେ, ଅଧକ୍ଷ ଦାୟୀ ରହିବେ କି ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ ମାନେ। ଏଥି ପ୍ରତି ଶିକ୍ଷା ମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ ମଧ କରିଛନ୍ତି ଅଭିଭାବକ।

## ବ୍ଲକରେ ବାଦାମ ମଣ୍ଡି ଖୋଲିବାକୁ ଦାବି

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ରାମଲେଙ୍କା ବଜ୍ରକୋଟ ମାଲୁଦ ବୁନ୍ଦିବର ସିଆଳ ଓ ସିଆଣ୍ଡି ପଞ୍ଚାୟତରେ ଚିନାବାଦାମ ମଣ୍ଡି ଖୋଲିବା ପାଇଁ ଦାବି ଦେଉଛି। ଅଦିନିଆ ବର୍ଷା ଯୋଗୁଁ ଚିନାବାଦାମ ଚାଷୀ ମାନେ ଧାର କରଜ ସାଙ୍ଗକୁ ସରକାରୀ ଓ ବେସରକାରୀ ଚାଷ କରି ବହୁ କ୍ଷତି ହୋଇଛନ୍ତି। ବର୍ତ୍ତମାନ ଅମଳ ସମୟରେ ସରକାର ମଣ୍ଡି ନ ଖୋଲିବାରୁ ଆସାଧୁ ଦଲାଲ ମାନଙ୍କ ଶିକାର ହୋଇ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। କୃଷ୍ଣପ୍ରସାଦ ଅଞ୍ଚଳରେ ଯଥା ଶୀଘ୍ର ଚିନା ବାଦାମ ମଣ୍ଡି ଖୋଲିବା ପାଇଁ କୃଷକ ନେତା ଦିପକ କୁମାର ଜେନା ସମେତ ଶତାଧିକ ଚାଷୀ ଦାବି କରିଛନ୍ତି। ମଣ୍ଡି ଖୋଲିଲେ ଚାଷୀ ଉପଯୁକ୍ତ ଦର ପାଇ ଧାର କରଜ କରିଥିବା ଅର୍ଥ ଭରଣା କରିବା ସହ ଆଗାମୀ ଖରିଫ ଧାନ ଚାଷ ପାଇଁ ଅଣ୍ଟା ଭିଡି ପାରାନ୍ତା। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏକ ସପ୍ତାହ ମଧରେ ମଣ୍ଡି ଖୋଲିବାକୁ କୃଷକ ନେତା ଦିପକ କୁମାର ଜେନା ଓ ଚାଷୀ ମାନେ ଦାବି କରିଛନ୍ତି।

## ଭିନ୍ନ ଭିନ୍ନ ସ୍ଥାନରେ ନୂତନ ସରକାରୀ ଗୃହ ଉଦ୍‌ଘାଟିତ




ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗର ପୃଥକ ପୃଥକ ଜାଗାରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ କରକମଳରେ ସୋମବାର ନୂତନ ସରକାରୀ ଗୃହ ଉଦ୍‌ଘାଟିତ ହୋଇଛି। ପ୍ରଥମେ ପରଜଙ୍ଗ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚି ନୂତନ ଭାବେ ନିର୍ମିତ ହୋଇଥିବା ପ୍ରାଣୀ ଚିକିତ୍ସାଳୟକୁ ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ଗାରିମାମୟ ଭାବେ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ଲୋକାର୍ପିତ କରିଥିଲେ। ଏହି ପ୍ରାଣୀ ଚିକିତ୍ସାଳୟ ଲୋକାର୍ପିତ କାର୍ଯ୍ୟକ୍ରମରେ ବିଡିଓ ତାପସ କୁମାର ପ୍ରଧାନଙ୍କ ସହିତ ଏବିଡିଓ ଅଧିକାରିଣୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହାପରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନୂତନ ଭାବେ ନିର୍ମିତ ହୋଇଥିବା ନଥିପତ୍ର କକ୍ଷ, ପରୀକ୍ଷାଗାର ଓ ଗମ୍ଭୁଶିଆ ମାଛ ଉତ୍ପାଦନ କେନ୍ଦ୍ର ବିଧାୟକ ଶ୍ରୀ ପ୍ରଧାନଙ୍କ କରକମଳରେ ଲୋକାର୍ପିତ ହୋଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନରେ ଗାରିମାମୟ ଭାବେ ସମତି ଅଧକ୍ଷା ଶ୍ରୀମତୀ ଦଳବେହେରା, ଉପାଧ୍ୟକ୍ଷା ଶ୍ରୀମତୀ ରାଉତ ଉପସ୍ଥିତ ଥିଲେ। ତାଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ ସ୍ମିତିରଞ୍ଜନ ବିଶ୍ୱାଳ, ଡ଼ ସୋମାଶ୍ରିତା ମିଶ୍ର, କବିତା ସ୍ୱାଇଁ, ଅଶୋକ ନାଥ, ସନ୍ତୋଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲାବେଳେ, ଏହି ସମସ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଡ଼ିଓ ସୌଭାଗ୍ୟ ବେହେରା, ସିଡିପିଓ ବିଜୟାଲକ୍ଷ୍ମୀ ମାରାଣ୍ଡି ଉପସ୍ଥିତ ଥିଲେ। ଆଉ ମଧ ବିଧାୟକଙ୍କ ଅନୁଗାମୀ ଭାବେ ବରିଷ୍ଠ ସମାଜସେବୀ ପ୍ରଶାନ୍ତ ଦଳବେହେରା, ବନଲତା ମହାନ୍ତି, ଦୁର୍ଗାଚରଣ ନାୟକ, ବିଜେନ୍ଦ୍ରୀ ସାହୁ, ବୈଷ୍ଣବ ନାଥ ଅନିଲ କୁମାର ଭୁତିଆ, ଦୀପକ ଗୋଛାୟତ, ରାଜା ଦାସ, ସନ୍ତୋଷ ସାହୁ, ଅନ୍ତର୍ଯ୍ୟାମୀ ନାୟକ, ପ୍ରଦୀପ ସାହୁ ପ୍ରମୁଖ ଶତାଧିକ ଶୁଭେଚ୍ଛୁ ସାମିଲ ହୋଇଥିଲେ ।

## ସତବୀର ସିଂ ଯିବେ କଲମ୍ବୋ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ମହକୁମାର ସତବିର ସିଂ ରିଆର (ପପୁ ଭାଇ) ଓଡ଼ିଶା ବରିଷ୍ଠ କ୍ରିକେଟ ଦଳର କୋଚ୍ ଭାବେ ମନୋନୀତ ହୋଇଛନ୍ତି । ଏଥି ପୂର୍ବେ ସେ ଭାରତ କ୍ରିକେଟ ଦଳ ନିମନ୍ତେ ମ୍ୟାନେଜର ଭାବେ ମନୋନୀତ ହୋଇଥିଲେ ମାଲକାନଗିରି ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିଲା। ବର୍ତ୍ତମାନ ଶ୍ରୀ ରିଆର୍ ଓଡ଼ିଶା ବରିଷ୍ଠ କ୍ରିକେଟ୍ ଦଳର ମ୍ୟାନେଜର ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳ ତରଫରୁ ଶ୍ରୀଲଙ୍କା (କଲମ୍ବୋ)ରେ ହେବାକୁ ଥିବା କ୍ରିକେଟ ମ୍ୟାଚ୍ ପାଇଁ କ୍ରିକେଟ୍ ଖେଳାଳିମାନଙ୍କୁ ନେବାକୁ ଓସିଏ ପକ୍ଷରୁ ତାଙ୍କୁ ଅନୁମତି ମିଳିଛି ସେ ବର୍ତ୍ତମାନ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଫର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ଓସିଏ ପକ୍ଷରୁ ଚଳିତ ମାସ ୧୮ ତାରିଖରେ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଏକ ଅନୁରୋଧର ପତ୍ର ପ୍ରେରଣ କରିଛନ୍ତି। ସାଥିରେ ଲେଖିଛନ୍ତି କି, ଚଳିତ ୨୧ ତାରିଖରୁ ମେ ମାସ ୦୧ ତାରିଖ ପର୍ଯ୍ୟନ୍ତ କଲୋମ୍ବୋ ଯିବା ନିମନ୍ତେ ତାଙ୍କୁ ଆଗ୍ରହ୍ୟ କରନ୍ତୁ। ତାଙ୍କୁ ଏହି ଏପ୍ରିଲ ୨୧ରୁ ମେ ୧ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କା ଗସ୍ତ ନିମନ୍ତେ ଜିଲ୍ଲା ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଦ୍ୱିତୀୟ ଥର ପାଇଁ ସତବୀର ମାଲକାନଗିରି ଜିଲାପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି।

## ଦେଶୀ ମଦ ଭାଟିରେ ଭଙ୍ଗାରୁଜା

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଚମାଖଣ୍ଡି ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତର ରଘୁନାଥପୁରରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିରେ ଦୁର୍ବୃତ୍ତମାନେ ପଶି ରବିବାର ଅପରାହ୍ନରେ ଭଙ୍ଗାରୁଜା କରି ଆତଙ୍କରାଜ କରିଛନ୍ତି ଏଥିସହ ସେଠାରେ ଲାଗି ଥିବା ସିସି କ୍ୟାମେରା ସହ ତାର ହାର୍ଡ ଡିସ୍କକୁ ମଧ ଭଙ୍ଗାରୁଜା କରି ଦୁର୍ବୃତ୍ତ ମାନେ ଚାଲିଯାଇଛନ୍ତି। ଏନେଇ ଚମାଖଣ୍ଡି ଥାନାରେ ଉକ୍ତ ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିର ଲାଇସେନ୍ସଧାରୀ ଜେ. ସାବିତ୍ରୀ ରେଡ୍ଡୀ ଲିଖିତ ଏତଲା ଦେଇଛନ୍ତି। ଉକ୍ତ ମଦ ଭାଟିକୁ ଦଖଲକୁ ଜବରଦସ୍ତ ନେବା ଲାଗି ବାରମ୍ବାର ଉକ୍ତ ଦୁର୍ବୃତ୍ତ ମାନେ ଧମକ ଦେଇ ଆସୁଥିଲେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଖବର ପାଇ ଚମାଖଣ୍ଡି ଥାନା ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଦୁଇଦିନିଆ ଆନ୍ତଃ-ଆଞ୍ଚଳିକ ଚେସ୍ ପ୍ରତିଯୋଗିତା ଆରମ୍ଭ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମହାନଦୀ କୋଇଲା ଖଣି ଇବ୍ ଭ୍ୟାଲି ଏରିଆ ଇଲେକ୍ଟିନ ଠାରେ ଦୁଇ ଦିନିଆ ଜୋନାଲ ଲେବେଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗରରେ କ୍ରୀଡା ଏବଂ ସଂସ୍କୃତିରେ ବହୁତ ପ୍ରତିଭା ଅଛି ଏବଂ ଏଠାକାର ଲୋକମାନେ ଏଥିରେ ଶୀର୍ଷରେ ରହିଛନ୍ତି। ଏଠାରେ ଏପରି ପ୍ରତିଯୋଗିତା ହେବା ଏକ ଭଲ କଥା ବୋଲି ଏହି ଦୁଇ ଦିନିଆ ଚେସ୍ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇବ ଭ୍ୟାଲି କ୍ଷେତ୍ରର ମହାପ୍ରବନ୍ଧକ ଶ୍ରୀ ଅଓ୍ୱଧ କିଶୋର ପାଣ୍ଡେ ଏହା କହିଥିଲେ। ଶ୍ରୀ ପାଣ୍ଡେ କହିଛନ୍ତି ଯେ ଏହି ପ୍ରତିଯୋଗିତା ପରେ ଏଠାରେ ଏକ କମ୍ପାନୀସ୍ତରୀୟ ଚେସ୍ ପ୍ରତିଯୋଗିତା ମଧ ଖେଳାଯିବ, ଯାହାର ପ୍ରସ୍ତୁତି ମଧ ସମାପ୍ତ ହୋଇଛି। ମଞ୍ଚରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧରେ ଓସିଏମ୍‌ଏସ୍ ଶ୍ରମିକ ନେତା ବ୍ରିଜେଶ ଶର୍ମା, ଓ ପି ସିଂହ, ବିଷ୍ଣୁ ଚରଣ ସେଠୀ, କମ୍ପାଉଣ୍ଡର ବେହେରା, ସୁଭାଷ ଜାଲି, ଲାଜକୁରା ଖଣି ପ୍ରକଳ୍ପ ଅଧିକାରୀ ପରମାନନ୍ଦ ଗୁଇନ, ପ୍ରକାଶ ସିଂ, ଅଭିଷେକ ସିଂ, ଆର.ଆର. ପାଢୀ, କୁଳମଣି ପରିଡା, ଷ୍ଟାଫ୍ ଅଫିସର ଖଣି ରାଜେଶ ଶର୍ମା ମଧ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୩ଟି ଦଳର ମୋଟ ୭୨ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ ମୁଖ୍ୟ କାର୍ମିକ ପରିଚାଳକ ବଂଶୀ କୃଷ୍ଣ ଏବଂ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରିଥିଲେ ମୌସୁମୀ ପଣ୍ଡା, ଜ୍ୟୋତି ଶଙ୍କର ନନ୍ଦ, ପ୍ରକାଶ ସାହୁ, ସ୍ୱରୂପମୟୀ ଦାସ, ଇତ୍ୟାଦି ରେଫରି ଏବଂ ବିଚାରକ ଭୂମିକାରେ ଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟତଃ ବି କ୍ରିଷ୍ଣା, ଅଶୋକ ପଣ୍ଡା, ମହେଶ୍ୱର ଗୌଡ, ସମୀର ରଞ୍ଜନ ବାରିକ, ଦିନେଶ ଦାସ, ପ୍ରଦୀପ ନାୟକ, କମ୍ପାଉଣ୍ଡର ବେହେରା, ସଚିନ ଯାଦବ, ସୁଭାଷ ପ୍ରଧାନ, ଇତ୍ୟାଦିଙ୍କ ସହିତ ଇବ୍ ଭ୍ୟାଲି ଅଞ୍ଚଳର କାର୍ମିକ ବିଭାଗର ସମସ୍ତ କର୍ମଚାରୀମାନେ ବିଶେଷ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ସତାଧିକ ଦର୍ଶକ ଉପସ୍ଥିତ ଥିଲେ।

## ଆବେଦନ ପରେ ବି ମିଳୁନି ଭତ୍ତା, ବଢୁଛି ଅସନ୍ତୋଷ

ବୋଲଗଡ଼, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଅସହାୟ ନିଷ୍ପେସିତ ମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ଏଥି ମଧରେ ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭତ୍ତା ଓ ଶାରୀରିକ ବିକଳାଙ୍ଗ ଆଦିମାନଙ୍କୁ ଭିନ୍ନ ଭିନ୍ନ ଭତ୍ତା ଅର୍ଥ ରାଶି ପ୍ରଦାନ କରାଯାଉଛି। ସରକାରଙ୍କର ଯେତେ ପ୍ରକାର ଜନ ହିତକର ଯୋଜନା ରହିଛି ଏହି ପେନସନ ଯୋଜନା ଅନ୍ୟତମ ଅଟେ। ଆଜି ବି ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗରିବ ବୃଦ୍ଧ, ବୃଦ୍ଧା ଓ ବିଧବା ମାନେ ପାଉଥିବା ଭତ୍ତା ଅର୍ଥ ରାଶି ଚଳିବାରେ ରାହା ପାଲିଟିଛି। ତେବେ ବୋଲଗଡ଼ ବ୍ଲକ ଅଂଚଳରେ ଯୋଗ୍ୟ ହିତାଧିକାରୀ ମାନେ ଅନଲାଇନ ମାଧମରେ ଆବେଦନ କରିସାରିବା ପରେ ବି ଭତ୍ତା ମିଳିବା ଅହେତୁକ ବିଳମ୍ବ ଘଟୁଛି। ବୋଲଗଡ ବ୍ଲକ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଇଁଲେ ମଧ କିଛି ସୁଫଳ ମିଳୁନାହିଁ। ଫଳରେ ବୁଦ୍ଧିଜୀବୀ ଓ ଜନସାଧାରଣମାନଙ୍କ ମଧରେ ଅସନ୍ତୁଷ୍ଟ ଦେଖାଦେଇଛି। ଏହି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ରାଜ୍ୟ ସରକାରଙ୍କ ଏହି ୱେବ ସାଇଡ଼ ସଠିକ କାର୍ଯ୍ୟକ୍ଷମ ହୋଇ ନାହିଁ ବୋଲି ପ୍ରକାଶ କରିଅଛନ୍ତି। ଏଥି ପ୍ରତି ରାଜ୍ୟସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ମତ୍ସ୍ୟଜୀବୀଙ୍କୁ ରୋଜଗାରକ୍ଷମ କରିବାକୁ ସରକାରଙ୍କ ପ୍ରୟାସ

ଗୁଣପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ବଂଶଧାରା ନଦୀରେ ୭ ଲକ୍ଷ ୫୦ ହଜାର ମାଛ ଯାଆଁଳା ଛଡ଼ାଗଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗ ଦେଇଥିଲେ ଏବଂ ଅନ୍ୟ ଅତିଥି ମାନଙ୍କ ମଧରେ ଉକୁମ୍ବା ସରପଞ୍ଚ ମେନକା ସବର, ଏମ.ବି.କେ, ସି.ଆର.ପି, ରାମନାଗୁଡ଼ା, ରାମନାଗୁଡ଼ା ବ୍ଲକର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୦ରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟା, ମତ୍ସ୍ୟ ଚାଷୀ ଏବଂ ମତ୍ସ୍ୟ ବ୍ୟବସାୟୀ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ସଭାପତିତ୍ୱ କରିଥିବା ବେଳେ, ବିଭିନ୍ନ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନଦୀ ଭଣ୍ଡାରରୁ ମାଛ ବଂଶ ଧୀରେ ଧୀରେ ଲୋପ ପାଇଯାଉଥିବାରୁ, ସରକାରଙ୍କ ଦ୍ୱାରା ଏହି ନଦୀ ଭଣ୍ଡାରରେ ମାଛ ଜାଆଁଳା ଛାଡିବା କାର୍ଯ୍ୟକ୍ରମ, ଏକ ଅଭିନବ ପ୍ରୟାସ, ଯାହାକି ନଦୀରୁ ମାଛ ଧରି, ଜୀବିକା ନିର୍ବାହ କରୁଥିବା ଲୋକ ମାନଙ୍କର ଆୟ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହେବ ବଲି ଜିଲ୍ଲା ମତ୍ସ୍ୟ ଅଧିକାରୀ କହିଥିଲେ।

## ଜିଲ୍ଲାରେ ଉଦ୍‌ଘାଟିତ ହେଲା ଖେଲୋ ଇଣ୍ଡିଆ କେନ୍ଦ୍ର




ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ମଣି ଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ ଜଗତସିଂହପୁରଠାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋ - ଖୋକୁ ମାନ୍ୟବର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆଭାସି ମାଧମରେ ଶୁଭ ଉନ୍ମୋଚନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ଭିଡ଼ିଓ କନ୍‌ଫରେନ୍ସ ହଲ୍‌ରେ ଆଭାସି ମାଧମରେ ଏହି କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ଶିକ୍ଷାଧିକାରୀ ନିରଂଜନ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଖୋ - ଖୋ ପ୍ରଶିକ୍ଷକ ଦେବେନ୍ଦ୍ର ନାଥ, ବିଦ୍ୟାଳୟର ଖୋ - ଖୋ ଛାତ୍ରଛାତ୍ରୀ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଧରାଧରପୁର ପଞ୍ଚାୟତରେ ଏନ୍‌ଆରଜିଏସ୍ ଦୁର୍ନୀତି ଘଟଣା

# ଜିଆରଏସ ଓ ଗ୍ରାମ ସାଥୀଙ୍କୁ ବହିଷ୍କାର ଦାବି




ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ବସନ୍ତା ଗ୍ରାମରେ ଏନ୍‌ଆର୍‌ଜିଏସ୍ କାର୍ଯ୍ୟରେ ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରାଯାଇ ୧ଲକ୍ଷ ୩୭ହଜାର ୪୧୪ଟଙ୍କା ହଡପ କରାଯାଇଥିବାର ଅଭିଯୋଗ ଉଠିଥିଲା। ଏହାକୁ କେନ୍ଦ୍ରକରି ଗ୍ରାମବାସୀ ମାନେ ରଘୁନାଥପୁର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରିବା ପାଇଁ ଜନଶୁଣାଣିରେ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ଲକ ପ୍ରଶାସନର ତଦନ୍ତରେ ଶିଥିଳ ପଡିଯାଇଥିବାରୁ ଗ୍ରାମବାସୀ ମାନେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରି ସହକାରୀ ଯନ୍ତ୍ରୀ ଓ ୩ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ସାଙ୍ଗରେ ନେଇ କାର୍ଯ୍ୟସ୍ଥଳରେ ତଦନ୍ତ କରି ଫେରିଆସିବା ସହ ଆସନ୍ତା ୨୫ତାରିଖ ଭିତରେ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ ବୋଲି ଧାରଣାକାରୀଙ୍କୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଯଦି ୨୫ ତାରିଖ ଭିତରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆନଯାଏ ତା ହେଲେ ୨୬ତାରିଖ ଦିନ ପୂନର୍ବାର ଧାରଣାରେ ବସିବେ ବୋଲି ଗ୍ରାମବାସୀ ମାନେ ବିଡ଼ିଓଙ୍କୁ କହିଥିଲେ। ତେବେ ଏହି ଏନଆରଜିଏସ କାର୍ଯ୍ୟରେ ଜିଆରଏସ ଓ ଗ୍ରାମ ସାଥି ଚଞ୍ଚକତା କରି ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରି ସରକାରଙ୍କ ଅର୍ଥକୁ ଆତ୍ମସାତ କରିଛନ୍ତି। ସେମାନଙ୍କୁ ତୁରନ୍ତ ବହିଷ୍କାର କରିବା ପାଇଁ ଅଞ୍ଚଳ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି। ଏହି ପଞ୍ଚାୟତରେ ଜିଆର୍‌ଏସ୍ ଓ ଗ୍ରାମ ସାଥିଙ୍କ ମଧୁ ଚନ୍ଦ୍ରିକାରେ ସରକାରଙ୍କ ଅନେକ କାର୍ଯ୍ୟ ବାଟବଣା ହୋଇଛି ବୋଲି ଗ୍ରାମବାସୀ ଗଣମାଧମରେ କହିଛନ୍ତି।

## କାର ଦୁର୍ଘଟଣାରେ ୩ ଆହତ

କଣିହାଁ, (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ କଣିହାଁ ଥାନା ଅନ୍ତର୍ଗତ ବଜ୍ରକୋଟ ଭାଲୁବସା ନାଳ ପାଖରେ ରାଜପଥ ଉପରେ ଏକ ଇନୋଭା ଗାଡି ଦୁର୍ଘଟଣା ହୋଇ ୩ ଜଣ ଆହାତ ହୋଇଥିବା ଜଣାଯାଇଛି। ଖବର ନେବାରେ ଜଣାଯାଏ ଯେ, ରବିବାର ଅପରାହ୍ନରେ ଏକ ଇନୋଭା କାର ଓଡ଼ି-୦୨କେ ୦୦୦୬ ଭୁବନେଶ୍ୱରରୁ ରେଙ୍ଗାଲି ଅଭିମୁଖେ ଯାଉଥିବା ବେଳେ ଭାଲୁବସା ନାଳ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। କାରଟି ଓଲଟି ପଡ଼ି ଭାଙ୍ଗିରୁଜି ଯାଇଥିବା ବେଳେ ଗାଡ଼ିରେ ବସିଥିବା ୪ ଜଣ ବ୍ୟକ୍ତିଙ୍କ ମଧରୁ ୩ଜଣ ଆହତ ହୋଇ ସ୍ଥାନୀୟ ମେଡିକାଲ ରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ କଣିହାଁ ପୋଲିସ ପହଁଚି ତଦନ୍ତ ଚଳାଇଛି।

## ଲୁଟ ଉଦ୍ୟମ କରି ପାଞ୍ଚ ଡକାୟତ ଗିରଫ

# ବନ୍ଧୁକ ସହ ଲକ୍ଷେ ଟଙ୍କା ଜବତ



କନ୍ଧମାଳ/ବାଲିଗୁଡା, (ଭାସ୍କର ନ୍ୟୁଜ୍) : ଜଣେ ଠିକାଦାରଙ୍କୁ ଟାର୍ଗେଟ କରି ଡକାୟତି ପାଇଁ ଠିକାଦାରଙ୍କ କାରକୁ ଦୀର୍ଘ ୩୬ କିଲୋମିଟର ରାସ୍ତା ପିଛା କରି ଶେଷରେ ପୋଲିସ ହାତରେ ବନ୍ଧା ହେଲେ ପାଞ୍ଚ ଜଣିଆ କୁଖ୍ୟାତ ଡକାୟତି ଗ୍ୟାଙ୍ଗ। ଏହି ପାଞ୍ଚ ଜଣିଆ ଡକାୟତି ଗ୍ୟାଙ୍ଗକୁ ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ କାବୁ କରି ଗିରଫ କରିବାରେ ସଫଳ ହୋଇଛି ତୁମୁଡିବନ୍ଧ ପୋଲିସ। ସୂଚନା ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ଅଞ୍ଚଳର ଠିକାଦାର ବିଜୟ କୁମାର ମିଶ୍ର ତାଙ୍କ ଡ୍ରାଇଭର ପ୍ରଦୀପ ବାଗଙ୍କ ସହ ନିଜ କାର ଯୋଗେ ବାଲିଗୁଡାରୁ ଭବାନୀପାଟଣା ଅଭିମୁଖେ ଯାଉଥିବା ସମୟରେ ଟାର୍ଗେଟ କରିଥିଲେ ଏହି ପାଞ୍ଚ ଜଣିଆ ଡକାୟତି ଗ୍ୟାଙ୍ଗ। ବାଲିଗୁଡ଼ାରୁ ନିଜ କାରରେ ଠିକାଦାର ଜଣକ ବାହାରିବା ସମୟରୁ ହିଁ ଏହି ଗ୍ୟାଙ୍ଗ ତୁମୁଡିବନ୍ଧ ଥାନା ଜାଲେସପଙ୍ଗା ଯାଇ ଦୀର୍ଘ ୩୬ କିଲୋମିଟର ରାସ୍ତା ପିଛା କରି ଅଟକାଇଥିଲେ। ମାସ୍କ ପିନ୍ଧି ଏହି ପାଞ୍ଚ ଜଣିଆ ଗ୍ୟାଙ୍ଗ ଠିକାଦାର ବିଜୟଙ୍କ ମୁଣ୍ଡରେ ବନ୍ଧୁକ ରଖି ତାଙ୍କ କ୍ରେଟା କାର, ଆଇ ଫୋନ ଓ ଏକ ଲକ୍ଷ ଟଙ୍କା ଲୁଟ କରିଥିଲେ। ତେବେ ତୁମୁଡିବନ୍ଧ ପୋଲିସ ସେହି ସମୟରେ ପେଟ୍ରୋଲିଂ କରୁଥିବା ବେଳେ ଘଟଣା ସମ୍ପର୍କରେ ଜାଣିବା ପରେ ତତ୍‌କ୍ଷଣାତ ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ଏହି ପାଞ୍ଚ ଜଣିଆ ଗ୍ୟାଙ୍ଗକୁ ଗିରଫ କରିଛି। ଏହି ଗ୍ୟାଙ୍ଗ ଠାରୁ ଗୋଟିଏ ରାଇଫଲ, ଏୟାର ପିସ୍ତୋଲ, ଦୁଇଟି କାତି ସମେତ ଲୁଟ ହୋଇଥିବା କାର, ଏକ ଲକ୍ଷ ଟଙ୍କା ଓ ଆଇ ଫୋନ ମୋବାଇଲ ଜବତ କରିଛି ପୋଲିସ। ଗିରଫ ହୋଇଥିବା ପାଞ୍ଚ ଡକାୟତ ହେଲେ ସାରଙ୍ଗଗଡ଼ ଥାନା ଗାନ୍ଧରୀ ଗାଁର ରଞ୍ଜନ ପ୍ରଧାନ (୨୫) ବାଲିଗୁଡା ଥାନା ନୂଆ ସାହିର ସଂଗ୍ରାମ ପାତ୍ର (୨୧) ସୁଧାଂଶୁ ବାଗ (୨୩) ପ୍ରତୀକ ହଂସ (୨୨)ଏବଂ ବାରଖମା ତଗାକିଆର ଗୌର ଗୌଡ଼ ବୋଲି ସୂଚନା ଦେଇଛନ୍ତି ବାଲିଗୁଡା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦ। ଏଥିସହ ଏହି ଡକାୟତି ଗ୍ୟାଙ୍ଗ ପଛରେ ଆଉ କାହାର ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଜାରୀ ରହିଥିବା ବାଲିଗୁଡା ଏସଡ଼ିପିଓ କହିଛନ୍ତି। ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ସମେତ ପୋଲିସ କର୍ମଚାରୀ ଏହି ଡକାୟତ ଗ୍ୟାଙ୍ଗକୁ ଧରିବାରେ ସଫଳତା ପାଇଛି ।



କୋରାପୁଟ (ଭାସ୍କର ନ୍ୟୁଜ୍) : ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଛି । କୋରାପୁଟରେ ଯେଉଁ ସ୍ଥାନରେ ଗୋପୀନାଥ ରହିଥିଲେ ସେଠାରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପୀନାଥଙ୍କ ତତ୍କାଳୀନ ବାସଭବନକୁ ସ୍ମାରକୀରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦେବାଶିଷ ଗୌଡ, ଅତିରିକ୍ତ ତହସିଲଦାର ଜୟପୁର ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ଗାନ୍ଧିକ ନାରାୟଣ ପଣ୍ଡା, ଡ. ପ୍ରତୀଧାର ସାମଲ, ଜଳଧର ସ୍ୱାଇଁ, ଜୟନ୍ତ କୁମାର ମିଶ୍ର, ରବି ଶତପଥୀ, ଡ. ଜୟନ୍ତ କୁମାର ମହାନ୍ତି, ବିଜୟ କୁମାର ପ୍ରଧାନ, ମଧୁସୂଦନ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ସାହିତ୍ୟ ରଚନା ନିମନ୍ତେ ଗୋପୀନାଥ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଥିଲେ। ବହୁଦିନ ପରେ ଗୋପୀନାଥଙ୍କ ବାସଭବନର ମୁଖ୍ୟଦ୍ୱାରା ଜନସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ ହୋଇଥିବାରୁ ସାହିତ୍ୟିକ ମହଲରେ ଆନନ୍ଦ ଖେଳିଯାଇଛି ।



### ପ୍ରଦୂଷଣ ବଳୟରେ ପଶ୍ଚିମ ବଡ଼ଚଣା

# କଳକାରଖାନା ବୃଦ୍ଧି ପାଉଥିଲେ ବି ଅଞ୍ଚଳବାସୀଙ୍କ ସମସ୍ୟା ସୁଧୁରୁନି



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ପ୍ରଦୂଷଣର ହବ୍ ପାଲଟିଛି ପଶ୍ଚିମ ବଡ଼ଚଣା। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ବୈରୀଠାରୁ ସମିଆଁ ପର୍ଯ୍ୟନ୍ତ ଗଢି ଉଠିଛି ବିଭିନ୍ନ କଳକାରଖାନା। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପାହାଡ଼ ପର୍ବତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ରୋଜଗାର ଦେବା ଆଶାରେ ଏହି କଳକାରଖାନା ପ୍ରତିଷ୍ଠା କରି ସରକାର ସତେ ଯେପରି ସେମାନଙ୍କ ଉପରେ ଦାଉ ସାଜୁଛନ୍ତି। ପେଟ ପୋଷିବାର ଚିନ୍ତା ସିନା କିଛି ପରିବାରଙ୍କ ଯାଇଛି ହେଲେ ସମଗ୍ର ଅଞ୍ଚଳବାସୀ ଏବେ ଅଣନିଶ୍ୱାସୀ ହୋଇ ପଡ଼ିଛନ୍ତି। କାରଖାନାଗୁଡ଼ିକର ପ୍ରଦୂଷଣରେ ଖାଲି ମଣିଷ ନୁହେଁ ପ୍ରକୃତି ବି ଅତିଷ୍ଠ ହୋଇପଡ଼ିଛି। ବିଶେଷ କରି ଚିନ୍ତା ବଢ଼ାଇଲାଣି କମ୍ପାନୀରେ ଚାଲୁଥିବା ବହୁମାତ୍ରାର ଭାରିଯାନ। ଖାସ କରି ଏଠାରେ ଥିବା ସିମେଣ୍ଟ କାରଖାନାର ୩ଶହରୁ ଊର୍ଦ୍ଧ୍ୱ ଭାରିଯାନ ବୈରୀ ରାସ୍ତାଦେଇ ଯିବା ସମୟରେ ବହୁମାତ୍ରାରେ ପ୍ରଦୂଷଣ ସୃଷ୍ଟି କରୁଛି। ସେହି ରାସ୍ତାଦେଇ ଯିବାଆସିବା କରିବା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ସେହିଭିଳି ସମିଆଁ ପଞ୍ଚାୟତ ବୁଢାକେନ୍ଦୁଆ ଠାରେ ଅବସ୍ଥିତ ନିଉ ଲକ୍ଷ୍ମୀ ସ୍ପଞ୍ଜ କାରଖାନାର ଧୂଆଁ ପାଖ ଅଞ୍ଚଳରେ ଏତେ ମାତ୍ରାରେ ପ୍ରଦୂଷିତ କରୁଛି ଯେ ପାଖାପାଖି ୫ କିଲୋମିଟର ପର୍ଯ୍ୟନ୍ତ ସେଠାକାର ଗଛ ଓ ପତ୍ର ଉପରେ କଳାରଙ୍ଗର ପଟୁ ବସି ଯାଉଛି। ଦିନକୁ ପାଖାପାଖି କମ୍ପାନୀର ୨ଶହରୁ ଊର୍ଦ୍ଧ୍ୱ ଗାଡ଼ି ଯାତାୟାତ କରୁଥିବାରୁ ଖରାଦିନ ହେତୁ ଧୂଳି ଧୂଆଁରେ ଅତିଷ୍ଠ ହୋଇପଡୁଛନ୍ତି ବାଇକ ଆରୋହୀ, ପଥଚାରୀ ଓ ରାସ୍ତାକଡ଼ରେ ଥିବା ଘରଗୁଡ଼ିକ। ସ୍କୁଲ ସମୟରେ ଏହି ଭାରୀଯାନ ଗୁଡ଼ିକ ଦ୍ରୁତଗତିରେ ଯିବା ଫଳରେ ଧୂଳି ଓ ଧୂଆଁ ଏପରି ଉଡୁଛି ଯେ ଛାତ୍ରଛାତ୍ରୀମାନେ ଠିଆ ହୋଇ ରହିବାକୁ ବାଧ ହେଉଛନ୍ତି । ସେଥିପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍କୁଲରେ ସଠିକ୍ ସମୟରେ ସ୍କୁଲରେ ପହଞ୍ଚିବା ସମ୍ଭବପର ହୋଇପାରୁନାହିଁ। ମୁଖ୍ୟତଃ ଏହି ରାସ୍ତାଟି ଛତିଆରୁ କଳକଳା ଦେଇ ଢେଙ୍କାନାଳକୁ ସଂଯୋଗ କରିଛି । ଯାହାଫଳରେ ଅଧିକାଂଶ ଲୋକେ ମେଡ଼ିକାଲ ହେଉ ବା ବା କୌଣସି କାମ ପାଇଁ ଭୁବନେଶ୍ୱର ଓ କଟକ ଯିବା ଆସିବା ପାଇଁ ସୁରକ୍ଷିତ ମନେ କରୁନାହାଁନ୍ତି। ଦୁଇଟି ୩ଟି ବଡ଼ କଳକାରଖାନା ଥିବାବେଳେ ମାତ୍ର ଦିନକୁ ଦୁଇଥର ରାସ୍ତାରେ ଟ୍ରାକ୍ଟର ଦ୍ୱାରା ପାଣି ପକା ଯାଇଥାଏ। ଯେଉଁଠି ୫ରୁ ୬ ଥର ପାଣି ପକାଇଲେ ମଧ୍ୟ କମ୍ ପଡ଼ିଥାଏ। ଏନେଇ ସାଧାରଣରେ ୧ରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। କାରଖାନା କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଏଥିପ୍ରତି ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ ନକଲେ ପ୍ରତିବାଦରେ କାରଖାନା ମୁଖ୍ୟ ରାସ୍ତାରେ ଅଞ୍ଚଳବାସୀ ବସି ରହିବେ ରହିବେ। ବୋଲି ଚେତାବନୀ ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ରୋଗୀ ହନ୍ତସନ୍ତ



କଣାସ (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁଁ ପୁରୀ ଜିଲ୍ଲା କଣାସ ବ୍ଲକରେ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଗ୍ରାମାଞ୍ଚଳରେ ଥିବା କ୍ୱାକ୍‌ମାନଙ୍କର ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ଖବର ନେବାରେ ଜଣାପଡିଛି କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡାଗ୍ରାମର ଏକ ଲକ୍ଷ ଷାଠିଏ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବା ପାଇଁ କଣାସ ଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ଯାଇଥିବା ବେଳେ ମନ୍ଦାରବସ୍ତ, ସାହୁପଡା, ଗଡିଶାଗୋଦା, ନନ୍ଦିଗୋଦା, ବୀରକେଶରପୁର ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ, ସ୍ତ୍ରୀରୋଗ, ଭେସେଜ, ସର୍ଜରୀ ବିଶେଷଜ୍ଞ, ଚକ୍ଷୁ ସହାୟକ ଡାକ୍ତର, ୭ ଜଣ ଆସିଷ୍ଟାଣ୍ଟ ସର୍ଜରୀ, ୧୧ଜଣ ନର୍ସ, ମହିଳା ସ୍ୱାସ୍ଥ୍ୟ କର୍ମୀ ୨ ଜଣ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ୨୦ଜଣ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ୫ଜଣ ଓ ପୁରୁଷ ପରିଦର୍ଶକା ୪ଜଣ ପଦବୀ ଖାଲିପଡିଛି। କଣାସ ବ୍ଲକଟି ଚିଲିକା ଉପକୂଳରେ ହୋଇଥିବାବେଳେ ପ୍ରତ୍ୟେକ ଦିନ ରାଜ୍ୟ ସରକାର ମୋ ବସ୍ ଚଳାଉଥିବାରୁ ଦୀର୍ଘ ୨୫ କିଲୋ ମିଟର ଦୂର କରମଳା, ଗଡିଶାଗୋଦା, ଗଡଖାରଦ ଅଞ୍ଚଳରୁ ଶହ ଶହ ରୋଗୀ ସକାଳ ଆଠଟା ସମୟକୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚୁଥିବାରୁ ଡାକ୍ତର ଅଭାବ ଯୋଗୁଁ ଦୀର୍ଘ ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହୋଇ ରହୁଛନ୍ତି। ଯେଉଁ କେତେଜଣ ଡାକ୍ତର ଅଛନ୍ତି ସେଥିମଧ୍ୟରୁ ୩ଜଣ ଡାକ୍ତରଙ୍କୁ ସକାଳ ଆଠଟାରେ ଡାକ୍ତରଖାନାରେ ଉପସ୍ଥିତ ହେବା ପାଇଁ ସାରଣୀ ପ୍ରସ୍ତୁତ ହୋଇଥିବାବେଳେ ଡାକ୍ତରମାନେ ଦିନ ୧୦ଟା ବେଳକୁ ଆସୁଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ କ୍ଷମାନିଧି ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ଡାକ୍ତର ଅଭାବ ଯୋଗୁଁ ଆମେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଅନେକ ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହେବା ପରେ ଫେରି ଯାଇ ଗାଁ ଗହଳିରେ ଥିବା କ୍ୱାକ୍‌ମାନଙ୍କର ଆଶ୍ରୟ ନେଉଛନ୍ତି।

## ଫିଟ୍‌ନେସ୍ ପାର୍କରେ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧନା



ଡେରାବିଶ (ଭାସ୍କର ନ୍ୟୁଜ୍) : ଗରିବ ଓ ଅବହେଳିତ ଯୁବବର୍ଗଙ୍କ ପାଇଁ ନିଃଶୁଳ୍କ ସେବାରେ କାର୍ଯ୍ୟରତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ' ଦ୍ୱାରା ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ଗ୍ରାମପଞ୍ଚାୟତ ହଳଦିଆ ସ୍ଥିତ ଫିଟ୍‌ନେସ୍ ପାର୍କ ଠାରେ ଦେଶର ଷଷ୍ଠ ଅଗ୍ନିପଥ ଯୋଜନାରେ ଅଗ୍ନିବୀର ଭାବେ ଉପକୃତ ପାଞ୍ଚଜଣ ଛାତ୍ର ସୌମ୍ୟ ରଞ୍ଜନ ସାହୁ, ସତ୍ୟପ୍ରକାଶ ବିଶ୍ୱାଳ, ଶାରଦା ଲେଙ୍କା, ଆଲୋକ ସାହୁ ଓ ରାଜେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳକ ମେଜର ବ୍ରଜକିଶୋର ସାହୁଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଙ୍ଗାଳି ଚରଣ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପଟେନ ଅଜୟ ଲେଙ୍କା, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରୀୟ ଭଲିବଲ ତାରକା ନିଜାମ ଅଲ୍ଲି, ଅବସରପ୍ରାପ୍ତ ମେଜର ବୀରବର ପାତ୍ର, ମେଜର ଗୌରାଙ୍ଗ ସ୍ୱାଇଁ, ସନାତନ ସାହୁ, ପ୍ରଫୁଲ୍ଲ ଉପାଧ୍ୟାୟ, ମନୋଜ ମହଲା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ବେହେରା ଓ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ କରିବା ସହ ଦେଶ ସେବା ଓ ଦେଶ ଭକ୍ତିର ମହତ୍ୱ ବିଷୟରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ।

## ୧୫ ଲକ୍ଷ ଟଙ୍କା ହଡପ, ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରୁଥିବା ୨ କର୍ମଚାରୀ ଗିରଫ



ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ଏସ୍‌ବିଆଇ ମୁଖ୍ୟ ଶାଖା ଅଧିନରେ ଥିବା ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରୁଥିବା AGS secure ପ୍ରାଇଭେଟ୍ କମ୍ପାନୀର ଦୁଇ କର୍ମଚାରୀ ୧୫ ଲକ୍ଷ ୯୦ ହଜାର ୫ ଶହ ଟଙ୍କା ହଡ଼ପ କରିଥିବା ନେଇ ମୁରିବାହାଲ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ପୋଲିସ ଏତଲା ଗ୍ରହଣ କରିଥିଲା। ପୋଲିସ ତଦନ୍ତ କରି ୨ ଅଭିଯୁକ୍ତ ମୁରିବାହାଲ ଥାନା ମାଲିଶିରା ଗାଁର ଚକ୍ରଧର ପୁଟେଲ ଓ ଦେଓଗାଁ ଥାନା କଛାରପାଲି ଗାଁର କନ୍ଦର୍ପ ସେଠକୁ ଗିରଫ କରିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗିରଫ ଦୁଇ ଜଣ ଅଭିଯୁକ୍ତ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରୁଥିବା କର୍ମଚାରୀ ଭାବେ ଏକ ନିର୍ଦ୍ଦିଷ୍ଟ କମ୍ପାନୀରେ କାମ କରୁଥିଲେ। ଅନେକ ସମୟରେ ଏହି ଦୁଇ ଜଣ ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରୁଥିବା ବେଳେ କିଛି ଟଙ୍କା ରଖି ପକାଉଥିଲେ। ପରବର୍ତ୍ତୀ ସମୟରେ ବ୍ୟାଙ୍କର ଅଡିଟ ହେବା ପରେ ୧୫ ଲକ୍ଷ ୯୦ ହାଜର ୫ ଶହ ଟଙ୍କାର ହିସାବ ମିଳି ପାରିଲା ନାହି। ପରେ ଜଣାପଡିଲା ଏମାନେ ଦୀର୍ଘଦିନରୁ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ସମୟରେ କମ୍ ଟଙ୍କା ଭର୍ତ୍ତି କରିଥିଲେ। ଗିରଫ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ଆଉ କିଏ ସମ୍ପୃକ୍ତ ସେନେଇ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି। ମୁରିବାହାଲ ଥାନାରେ ଏତଲା ଦେଇଥିବା ଟିଟିଲାଗଡ ଏସବିଆଇ ମୁଖ୍ୟ ଶାଖା ପ୍ରବନ୍ଧକ ଦେବାଶିଷ ଯୋଷୀ କ୍ୟାମେରା ସାମ୍ନାରେ କିଛି କହିବାକୁ ନାରାଜ ଥିବା ବେଳେ ଏହା ବ୍ୟାଙ୍କର କଥା ବୋଲି ସଫେଇ ଦେଇଥିଲେ ।

## ହାସ୍ୟ ଅଭିନେତା ଅଜୟ ନାୟକଙ୍କ ଆକସ୍ମିକ ପରଲୋକ



କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର କଣାସ ଗ୍ରାମରେ ଜନ୍ମଗ୍ରହଣ କରିଥିବା ହାସ୍ୟ ଅଭିନେତା ଅଜୟ କୁମାର ନାୟକ (୫୦ ବର୍ଷ)ଙ୍କ ଗତକାଲି ପରଲୋକ ହୋଇଥିବା ଜଣାପଡିଛି। ଅଜୟ ଦୀର୍ଘଦିନ ହେଲା ବୈଦ୍ୟୁତକ ମିଡିଆ ପଲଟିକାଲ ସର୍କସରେ ହାସ୍ୟ ଅଭିନେତା ଭାବେ ଦୀର୍ଘଦିନ ହେଲା ଅଭିନୟ କରି ଓଡିଶାର ଜନ ସାଧାରଣଙ୍କ ମନକୁ ଜିଣି ପାରିଥିଲେ। ଗତକାଲି ସନ୍ଧ୍ୟାରେ ନିଜ ବାସଭବନରୁ ମଟର ସାଇକେଲ ଯୋଗେ କଣାସ ବଜାରକୁ ଆସିଥିବାବେଳେ ବଜାରରେ ହଠାତ୍ ମଟର ସାଇକେଲରୁ ଖସିପଡି ତଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ସଂଗେ ସଂଗେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ଅଜୟଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମରଶରୀର ବ୍ୟବଚ୍ଛେଦ କରାଯାଇ ଗ୍ରାମକୁ ଅଣାଯାଇଥିଲା। ପିସିସି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ମରଶରୀରକୁ ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ପରିବାକୁ ଭେଟି ସମବେଦନା ଜଣାଇଥିଲେ। ଗ୍ରାମ୍ୟ ଶଶ୍ମାନରେ ଶହ ଶହ ଜନତାଙ୍କ ଅଶ୍ରୁଳ ନୟନରେ ଶବ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ।

## ବାଲି ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଅଟକ




ଶୁଳିଆପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ପୁଲିସ ଆଜି ଏକ ଚୋରା ବାଲି ଟାଟା ୪୦୭(ଓଡି ୧୧-୨୯୩୫)ଗାଡ଼ିକୁ ଜବତ କରିବା ସହ ଝାଟିଆଅଡା ଗ୍ରାମର ଡ୍ରାଇଭର ରଘୁ ବିନ୍ଧାଣିଙ୍କ ପୁଅ ସୁରେନ୍ଦ୍ର ବିନ୍ଧାଣିକୁ ଅଟକ ରଖି ଅଧିକ ତଦନ୍ତ କରୁଛି ଶୁଳିଆପଦା ପୋଲିସ। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ଗୁହାଳଡିହା ଠାରୁ ବେଆଇନ ବାଲି ବୋଝେଇ ହୋଇ ଆସୁଥିବାର ଖବର ପାଇ ଶୁଳିଆପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ଗାଡିକୁ ଜବତ କରିବା ସହ ୭୦/୨୫ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ବର୍ତ୍ତମାନ ନୂତନ ଥାନା ଅଧିକାରୀ ସତ୍ୟ ନାରାୟଣ ଭୋଳ ଆକ୍ସନ ମୋଡ୍‌ରେ ଥିବାରୁ ବେଆଇନ ଲଘୁଖଣିଜ ଦ୍ରବ୍ୟର ମାଫିଆଙ୍କ ମନରେ ଭୟ ସୃଷ୍ଟି ହେଲାଣି।

## ସାମ୍ବାଦିକଙ୍କ ମାତୃ ବିୟୋଗ

କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଅମିତାଭ ବେହେରାଙ୍କ ମାଆ ସୌଦାମିନୀ ବେହେରା (୮୦)ଙ୍କ ଦେହାନ୍ତ ହୋଇ ଯାଇଥିବାରୁ ଜିଲ୍ଲାର ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି । ସ୍ୱର୍ଗତ ସୌଦାମିନୀ ଗତ କିଛିଦିନ ହେଲା କିଡ୍‌ନୀ ଓ ଲିଭର ଜନିତ ରୋଗରେ ଗୁରୁତର ହୋଇ ଭୁବନେଶ୍ୱର ଉତ୍କଳ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା । ପୁରୀସ୍ଥିତ ସ୍ୱର୍ଗଦ୍ୱାର ଠାରେ ଅନ୍ତେଷ୍ଟି କ୍ରିୟା ଶେଷ ହୋଇଛି। ଏହି ଅବସରରେ ତାଙ୍କର ତିନି ପୁତ୍ର, ଦୁଇ ଝିଅ ଓ ଜ୍ୱାଇଁଙ୍କ ସମେତ ବହୁ ସାମ୍ବାଦିକ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

### ଶନିଶ୍ଚର ମହାଗ୍ରହ ପୀଠର ୪୪ତମ ବାର୍ଷିକ ଉତ୍ସବ

## ଆରମ୍ଭ ହେଲା ଶନି ଦେବଙ୍କ ବଡ଼ ଉଷା



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜର ଏକମାତ୍ର ଶନିଦେବ ପୀଠ ରହିଅଛି। ଗ୍ରହରାଜ ଶନିଦେବ ୧୯୮୨ ମସିହାରେ ଠାରୁ ବାରିପଦାର ୱାଲିଗଞ୍ଜ, ୱାର୍ଡ ନଂ.-୩ ଠାରେ ପୂଜା ପାଇଆସୁଛନ୍ତି। ଏହି ପୀଠକୁ ପ୍ରତ୍ୟକ ଶନିବାର ମୟୂରରଭଞ୍ଜ ଏବଂ ଏହାର ଆଖପାଖ ଜିଲ୍ଲା ଓ ରାଜ୍ୟରୁ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ବର୍ଷକୁ ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ। ଆଜି ସକାଳୁ ଶନି ଦେବଙ୍କୁ ପବିତ୍ର ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ପରେ ଗ୍ରହରାଜ ଶନିଦେବ ବାବାଙ୍କ ପାଖରେ ବାଲ୍ୟ ପ୍ରସାଦ ଲାଗିଲା ପରେ ଭକ୍ତଙ୍କୁ ତାହା ବଣ୍ଟନ କରାଯାଇଥିଲା। ତାପରେ ଘଣ୍ଟ ଘଣ୍ଟାର ତାଳେ ତାଳେ ବାବାଙ୍କ ପବିତ୍ର ଘଟ ପୋଲିସ ପୋଖରୀ ପାଖରୁ ଶନି ଦେବଙ୍କ ପୀଠକୁ ଆସିଥିଲା, ଯାହା କି ଭକ୍ତଙ୍କ ମନରେ ଭକ୍ତିର ଭାବ ଦ୍ୱିଗୁଣିତ କରିଥିଲା। ପୀଠରେ ବାବାଙ୍କ ହୋମ ହେଲା ପରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଉତ୍ସବକୁ ସୁଚାରୁ ରୂପରେ ପରିଚାଳନା କରିବା ପାଇଁ ଶନି ପୀଠର ପରିଚାଳନା କମିଟି ବୃନ୍ଦ ସହ ଭକ୍ତମାନେ ସହଯୋଗ କରିଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ୧୦୦ଟି ଅଭିଯୋଗ ଆଗତ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆରେ ମାସର ତୃତୀୟ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା। ସେହି ଅନୁଯାଇ ଚଳିତ ମାସ ତୃତୀୟ ସମବାର ଆଜି ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ କୁମାର ସୟ ଓ ଜିଲ୍ଲାର ଏସ ପି ବରୁଣ ଘୁଣ୍ଟୁପାଳି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ୧୦୦ ଗୋଟି ଅଭିଯୋଗ ଆଗତ ହୋଇଥଲା। ସେଥିରୁ ୮୨ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୮ଟି ଗୋଷ୍ଠୀଗତ ଥିଲା। ମୋଟ ଅଭିଯୋଗକାରୀଙ୍କ ମଧ୍ୟରୁ ୨ ଗୋଟି ଅଭିଯୋଗର ତତ୍କାଳ ଶୁଣାଣି ହୋଇଥିଲା ଓ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ କରଞ୍ଜିଆ ଏନ୍‌ଏସି ୬ ନମ୍ବର ୱାର୍ଡର ପାର୍ବତୀ ପାତ୍ରଙ୍କୁ ୫ ହଜାର ଟଙ୍କା ସହାୟତା ଦିଆ ଯାଇଥିଲା। ଏହି ଶିବିରରେ ଉପଜିଲ୍ଲାପାଳ ପ୍ରମାଂଶୁ ଚାନ୍ଦଙ୍କ ସହିତ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସ, ଉପଖଣ୍ଡ ପୋଲିସ ଅଧିକାରୀ ନବ କ୍ରିଷ୍ଣ ନାଏକ, ପି ଏ ଆଇଟିଡିଏ ଚିତ୍ତ ରଞ୍ଜନ ମହାନ୍ତ ଓ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅନିତା ସିଂ, ଶୁକୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୌରଶୁ ପରିଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, ସହକାରୀ ଜିଲ୍ଲାପାଳ ରଶ୍ମିତା ଜେନା ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ସମେଶ ମହନ୍ତ, ଦିଲ୍ଲୀପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

## ରାଶିଫଳ


ମଙ୍ଗଳବାର, ୨୨ ଏପ୍ରିଲ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।




**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ । କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ । ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ ।




**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ । ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢ଼ିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ । ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ । ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ । ନିଷ୍ପତ୍ତି ଶକ୍ତିର ଅଭାବ ରହିବ । ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ । ପାରିବାରିକ ଜୀବନରେ ସମନ୍ୱୟ ରହିବ । ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ । ସାଙ୍ଗମାନେ ମଧ୍ୟ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-ଘ
Page-D
ଭୁବନେଶ୍ୱର
Bhubaneswar
୨୨.୦୪.୨୦୨୫
22.04.2025



ବୌଦ୍ଧ, (ଭାସ୍କର ନ୍ୟୁଜ): ବାଉଁଶୁଣୀ ଛକ ଶ୍ରୀ ରାମଲୀଳା ଯାତ୍ରାରେ ରାବଣ ବଧ ଅନୁଷ୍ଠିତ ହେବା ସହ ଚଳିତ ବର୍ଷର ଶ୍ରୀ ରାମଲୀଳା ଯାତ୍ରା ସମ୍ପନ୍ନ ହୋଇଛି । ସନ୍ଧ୍ୟାରେ ଶ୍ରୀରାମ ଓ ରାବଣଙ୍କ ସମର ଶୋଭାଯାତ୍ରା ବାଉଁଶୁଣୀର ବଜାର ଅଞ୍ଚଳ ପରିକ୍ରମା କରିଥିଲା । ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ ଓ ତ୍ରିପୁର ବିଜୟୀ ରାବଣ ରଥାରୁଢ଼ ଥିଲେ । ବାଉଁଶୁଣୀ ଛକ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ଶ୍ରୀରାମ ଲୀଳାରେ ଶନିବାର ରାତିରେ ନାଟକ ଇନ୍ଦ୍ରଜିତ ବଧ ତଥା ମହୀ ରାବଣ ବଧ ମଞ୍ଚସ୍ଥ ହୋଇଥିଲା । ଉକ୍ତ ଅବସରରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଇଂ ରାକେଶ କୁମାର ତ୍ରିପାଠୀ, ବରିଷ୍ଠ ବିଜେପି ନେତା କିଶୋର କୁମାର ମେହେର, ଶିବ ଶଙ୍କର କର୍ଣ୍ଣ, ପୁରନ୍ଦର ବକ୍ସି ଯୋଗ ଦେଇଥିଲେ । କଳାକାର ମାନଂକ ଦ୍ୱାରା ରାମାୟଣ କଥା ବସ୍ତୁ ଆଧାରିତ ନାଟକକୁ ପରିବେଷଣ କରା ଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦର୍ଶକ ବିଳମ୍ବିତ ରାତି ଯାଏଁ ନାଟକକୁ ଉପଭୋଗ କରିଥିଲେ ।

### ଚାହାଁର ମଞ୍ଜିର ଅଭାବୀ ବିକ୍ରି

# କ୍ଷତି ସହୁଛନ୍ତି ସଂଗ୍ରହକାରୀ

ଖଡ଼ିଆଳ, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଅଞ୍ଚଳରେ ବନଜାତ ଚାହାଁର ମଞ୍ଜିର ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଜଙ୍ଗଲ ତଳି ଅଞ୍ଚଳର ଲୋକେ । ମାର୍ଚ୍ଚ ମାସର ପହିଲାରୁ ଗଛରେ ଚାହାର ଫଳିବାକୁ ଆରମ୍ଭ ହୁଏ ଓ ଏପ୍ରିଲ ମାସରେ ପାଚିବା ଆରମ୍ଭ ହୁଏ । ବିଶେଷ କରି ନୂଆପଡା ଜିଲ୍ଲାର ଖଡ଼ିଆଳ ବ୍ଲକର ରାଣୀମୁଣ୍ଡା, କିରିକିଟା, ସୁନାରିସୀକୁଆ, ଦାବ୍ରି, ବିରିଘାଟ, କେନ୍ଦୁପାଟି, ଲାଞ୍ଜି, ଦୋହେଲ ପଡା, ଖାସବାହାଲ, ସାନମହେଶ୍ୱର, ପଞ୍ଚାୟତଗୁଡିକର ଜଙ୍ଗଲ ମଧ୍ୟରେ ବହୁ ପରିମାଣରେ ଚାହାଁର ଗଛ ଦେଖିବାକୁ ମିଳିଥାଏ । ଏହି ପଞ୍ଚାୟତର ଲୋକେ ସକାଳୁ ଉଠି ଚାହାଁର ତୋଳିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥାନ୍ତି । ପ୍ରତିଦିନ ଭୋରରୁ ମହିଳା ଓ ପୁରୁଷମାନେ ନିଜ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ଜଙ୍ଗଲକୁ ଯାଇ ଚାହାର ସଂଗ୍ରହ କରନ୍ତି । ଚାହାଁର ଫଳ ସଂଗ୍ରହ କରିବାକୁ ବହୁ କଷ୍ଟ ଉଠାଇବାକୁ ପଡେ । କାରଣ ଚାହାଁର ଗଛ ଉପରେ ଚଢି ଛୋଟ ଛୋଟ ଶାଖା ଭାଙ୍ଗି ଗୋଟିଏ ଗୋଟିଏ କରି ତୋଳିବାକୁ ପଡେ । ପାଚିଲା ଚାହାର ଝଡି ପଡୁଥିବାରୁ ତାକୁ ସଂଗ୍ରହ କରିବାକୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଛ ତଳେ ଅପେକ୍ଷା କରିଥାନ୍ତି । କିଛି ଲୋକଙ୍କ ନିଜସ୍ୱ ଜମିରେ ଗଛ ଥିବା ବେଳେ ବହୁ ସଂଖ୍ୟକ ଲୋକ ଜଙ୍ଗଲରେ ବୁଲି ବୁଲି ବିପଦ ପୂର୍ଣ୍ଣ ଭାବରେ ଚାହାର ସଂଗ୍ରହ





କରିଥାନ୍ତି । ହେଲେ ଖରାରେ ବହୁ ପରିଶ୍ରମ କରି ତାର ଉଚିତ ମୂଲ୍ୟ ପାଉନଥିବା ପ୍ରକାଶ କରିଛନ୍ତି । ଚାହାଁର ଫଳର ଉପର ଅଂଶ (ଛାଲି) ମିଠା ଲାଗୁଥିବା ବେଳେ ମଞ୍ଜି ଭିତରେ ଥିବା ଗୁଭା ଅତ୍ୟନ୍ତ ସୁସ୍ୱାଦୁ, ଏହି ଗୁଭା ବିଭିନ୍ନ ମିଠା ତିଆରିରେ ଲାଗୁଥିବାରୁ ଏହାର ଚାହିଦା ବେଶୀ । ବିଶେଷ କରି ଜଙ୍ଗଲ ଘେରା ମଧ୍ୟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପରିବାର ପ୍ରତିପୋଷଣ ପାଇଁ ଏହା ଏକ ମୁଖ୍ୟ ଉତ୍ସ ପାଲଟିଥାଏ । ଦୁଇ ପଇସା ରୋଜଗାର ଆଶା ନେଇ ଜଙ୍ଗଲରେ ବୁଲି ଚାହାଁର ସଂଗ୍ରହ କରୁଛନ୍ତି । ଗଛରୁ ସଂଗ୍ରହ ପରେ ଘରେ ଚାହାଁରକୁ ନେଇ ଶୁଖାଇ ବେପାରୀମାନଙ୍କୁ ବିକ୍ରି କରି ଦୁଇ ପଇସା ରୋଜଗାର କରୁଛନ୍ତି । ତେବେ ପରିଶ୍ରମ ହିସାବରେ ଉଚିତ ମୂଲ୍ୟ ପାଉ ନଥିବା ଅଭିଯୋଗ ହୋଇଛି । ବେପାରୀମାନେ ପ୍ରଥମେ ୧୦୦ ଟଙ୍କା କିଲୋ ପ୍ରତି ନେଇଥିବା ବେଳେ ବର୍ତ୍ତମାନ କିଲୋ ପ୍ରତି ୧୩୦ ରୁ ୧୫୦ ଟଙ୍କା ଦେଇ ଚାହାଁର ମଞ୍ଜି କିଣି ନେଉଛନ୍ତି । ଏହି ମୂଲ୍ୟରେ କିଣି ବେପାରୀମାନେ ମାଲେ ମାଲ ହେଉଥିବା ବେଳେ କ୍ଷତି ସହୁଛନ୍ତି ସଂଗ୍ରହକାରୀ । ଚାହାଁର ମଞ୍ଜିର ବିକ୍ରିର ସରକାରୀ ବ୍ୟବସ୍ଥା ନଥିବାରୁ ଲୋକେ ଅଭାବୀ ବିକ୍ରିର ଶିକାର ହେଉଥିବା ପ୍ରକାଶ କରିଛନ୍ତି । ଯେଉଁ ବେପାରୀ ବନଜାତ ଦ୍ରବ୍ୟ କିଣିବାକୁ ଚାହିଁବ ସେହି ଗ୍ରାମ ପଞ୍ଚାୟତରେ ପ୍ରତ୍ୟେକ ଦ୍ରବ୍ୟ ପାଇଁ ପଞ୍ଜୀକୃତ କରି କିଣିବାର ସରକାରୀ ବ୍ୟବସ୍ଥା ଥିବାବେଳେ ତାହାକୁ ଖଡ଼ିଆଳ ବ୍ଲକରେ ପାଳନ କରାଯାଉନାହିଁ । ଯିଏ ପଞ୍ଜୀକୃତ ହେବ ଗୋଟିଏ ଋତୁ ପାଇଁ ଲୋକଙ୍କ ଠାରୁ ସିଧାସଳଖ କିଣି ପାରିବ । ଗତବର୍ଷ ଚାହାଁର କିଲୋଗ୍ରାମ ପ୍ରତି ୩୦୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ବର୍ଷ ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ନିଆ ଯାଇ ନଥିବା ଜଣାପଡ଼ିଛି । ଫଳରେ ଚାହାଁର ସଂଗ୍ରହକାରୀ କମ୍ ମୂଲ୍ୟରେ ବିକ୍ରିୟ କରି ଶୋଷଣର ଶିକାର ହେଉଛନ୍ତି । ସମସ୍ତ ବନ ଜାତ ଦ୍ରବ୍ୟର ନିର୍ଦ୍ଧାରିତ ମୂଲ୍ୟ ସରକାର ନିର୍ଦ୍ଧାରଣ କଲେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଦୁଃଖୀ ମାଝୀ, ନିଲେ ମାଝୀ, ମଜନେ ମାଝୀ, ଚାହାଁର ସଂଗ୍ରହକାରୀ ପ୍ରକାଶ କରିଛନ୍ତି ।

# ବସୁନ୍ଧରା ପଟ୍ଟା ବଣ୍ଟନ ମେଳା କାର୍ଯ୍ୟକ୍ରମ



ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ପ୍ରଥମ ଥର ପାଇଁ ବସୁନ୍ଧରା ପଟ୍ଟା ସହ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଖଇରପୁଟ ବ୍ଲକ ମୁଦୁଲିପୋଡା ଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଫଳରେ ବଣ୍ଡା ଘାଟିରେ ୫୦ଗୋଟି ପଟ୍ଟା ,ଖଇରପୁଟ ବ୍ଲକ ନିକଟରେ ୩୦ ଓ ୧୦ଗୋଟି ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା । ଫଳରେ ପଟ୍ଟାକୁ ନେଇ ନୂତନ ଘର କରିବା ନେଇ ଲୋକଙ୍କ ମନରେ ବେଶ୍ ଖୁସିର ଦେଖିବାକୁ ମିଳିଥିଲା । ପ୍ରଥମେ ବଣ୍ଡା ଘାଟିର ମୁଦୁଲିପୋଡା ଠାରେ ଦ୍ୱିତୀୟ ଖଇରପୁଟର ତହସିଲ କାର୍ଯ୍ୟାଳୟରେ ଓ ତୃତୀୟ ଗୁମା ପୂଜାରୀ ଗୁଡ଼ା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ସ୍ଥାନୀୟ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ,ବ୍ଲକ ଅଧକ୍ଷ ବିଘ୍ନ କିର୍ଶାନି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପୂର୍ବତନ ବିଧାୟକ ଡମ୍ବରୁ ଶିସା, ମାଲକାନାଗିରି ଜିଲ୍ଲା ଇଉଗ ବେଦଧର ପ୍ରଧାନ,ବ୍ଲକ ଜିଲ୍ଲା ପରିଷଦ ବଳି ମାଝୀ,ସ୍ଥାନୀୟ ତହସିଲଦାର ବ୍ରଜବିହାରି ପ୍ରଧାନ , ଖଇରପୁଟ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ ,ଜିଲ୍ଲା ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଖଇରପୁଟ ବିଧାୟକ ପ୍ରତିନିଧି ନିରଞ୍ଜନ ରାଜୁ ସ୍ଥାନୀୟ ଲୋକେ ଏବଂ ସରପଞ୍ଚ ଓ ସମସ୍ତ ତହସିଲ ଓ ବଣ୍ଡା ଉନ୍ନୟନ ସଂସ୍ଥାର ସରକାରୀ କର୍ମଚାରୀ ଯୋଗ ଦେଇ ସୁରୁଖୁରୁ ଭାବେ ବଣ୍ଟନ କାର୍ଯ୍ୟକ୍ରମ କୁ ଶେଷ କରିବା ସହ ଲୋକଙ୍କ ସମସ୍ତ ଦୁଃଖ ବୁଝି ଅତି ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଶ୍ରୀ ବଳଭଦ୍ର ମାଝି କହିବା ଫଳରେ ଲୋକଙ୍କ ମୁହଁରେ ଖୁସିର ଲହରୀର ଦେଖିବାକୁ ମିଳିଥିଲା ।

## ସୋହେଲାରେ କୋଶଲ୍ ବାଲ୍ମିକୀ ହେମଚନ୍ଦ୍ର ଜୟନ୍ତୀ ପାଳିତ



ବରଗଡ଼, (ଭାସ୍କର ନ୍ୟୁଜ୍): ସୋହେଲା ନର୍ସରୀ ସ୍ଥିତ ମହିମା ଆଶ୍ରମ ଠାରେ ଆମର ଚନ୍ଦ୍ରଉଦିଆଁର ବାର୍ଷିକ ଉତ୍ସବ ଓ କୋଶଳ ବାଲ୍ମିକୀ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ୧୦୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଅଧ୍ୟାପକ ଟେକଚାନ୍ଦ ଦୁଆନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସୋହେଲା ବ୍ଲକର ପୂର୍ବତନି ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ବିଶିଷ୍ଟ ଅତିଥି ଭାବରେ ଡା ଶିଶିର କୁମାର ସାହୁ, ଡ ପ୍ରୀତିଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଡ ସୁବାସ ମେହେର, ସମାଜସେବୀ ଅନୀଲ ପଧାନ ଓ ମୁଖ୍ୟ ବକ୍ତା ଭାବରେ ସାହିତ୍ୟିକ ଅଶୋକ ପୁଝାରୀ ଯୋଗଦେଇ ହେମଚନ୍ଦ୍ର ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ସଭାକାର୍ଯ୍ୟକୁ କେଦାରନାଥ ସାହୁ ସଂଯୋଜନା କରିଥିଲେ । ସଂପାଦକ ବିକାଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ନାଟ୍ୟକାର ରାଜେଶ କାରିଆ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ଆମର ଚନ୍ଦ୍ରଉଦିଆଁ ସମ୍ମାନରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା କବି ଗୌରଚରଣ ପଧାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡ ସୁବାସ ମେହେରଙ୍କ ଜନ୍ମ ଦିନ ଅବସରରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହାପରେ କବି ଲଳିତ ବାରିକଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇ ଥିଲା । ଏହି କବିତା ଆସରରେ ଅତିଥି ଭାବରେ ସାହିତ୍ୟିକ ରାଜେନ୍ଦ୍ର କୁମାର ମହାନ୍ତି , ନାଟ୍ୟକାର ରାଜେଶ କାରିଆ, ଶେଖ ଜଲିଲ ଉପସ୍ଥିତ ଥିଲେ । କବି ଦିଲିପ କୁମାର ସାହୁ, ଉମେଶ ପଧାନ, ମାନସ ରଞ୍ଜନ ଦାଶ, ସୁଭାଷ ଚନ୍ଦ୍ର ଭୁଏ, ଡିଲେଶ୍ୱର ସାହୁ, ଗୌରଚରଣ ପଧାନ, ନିତ୍ୟାନନ୍ଦ ଭୋଇ ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟପ୍ରେମୀ କବି କଳାକାର ଯୋଗଦେଇ ଥିଲେ ।

## ରାମନାଗୁଡା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଗୁଣପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧିକ୍ଷତା ରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ମୋଟ ୨୩ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣୀଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନଗୁଡା ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ ଅନ୍ୟାନ୍ୟ ଅଧିକାରୀ ଆଦି ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

## ଲଘୁ ଖଣି ବିଭାଗ ପକ୍ଷରୁ ୧୦ କୋଟି ୭୯ ଲକ୍ଷ ରାଜସ୍ୱ ଆଦାୟ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲା ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ସମନ୍ୱୟ ଉନ୍ନୟନ ଓ ଜିଲ୍ଲା ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜସ୍ୱ ବିଭାଗ, ଖଣି ବିଭାଗ, ବାଣିଜ୍ୟ କର, ବନ ବିଭାଗ, ପୋଲିସ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ୨୦୨୪-୨୫ ଆର୍ଥିକ ବର୍ଷର ରାଜସ୍ୱ ଆଦାୟର ବିବରଣୀ ଉପସ୍ଥାପନ କରିଥିଲେ । ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଆଦାୟ କିପରି ବୃଦ୍ଧି ପାଇବ ସେ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ବିଶେଷ କରି ଜିଲ୍ଲାର ଲଘୁ ଖଣି ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୦ କୋଟି ୭୯ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି । ସେଥ୍ ?ମଧ୍ୟରୁ ଏନଫର୍ସମେଣ୍ଟ ଚଢ଼ଉରେ ୩୧ ଲକ୍ଷ ଓ ନିୟମିତ ରାଜସ୍ୱ ବାବଦକୁ ୧୦ କୋଟି ୪୮ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଲଘୁ ଖଣିଜ ବିଭାଗର ଉପନିର୍ଦ୍ଦେଶକ ସତ୍ୟଜିତ ରାଉତ ସୂଚନା ଦେଇଛନ୍ତି । ବିଭାଗ ପକ୍ଷରୁ ବାଲି, ପଥର ଓ ଅନ୍ୟାନ୍ୟ ଖଣିଜ ପଥର ବେଆଇନ ଚାଲାଣକୁ ରୋକାଜିବା ସହ ଆଗାମୀ ଦିନରେ କିପରି ଅଧିକ ରାଜସ୍ୱ ଆଦାୟ ହେବ ସେ ଗୁରୁତ୍ୱ ଦିଆଯିବ ବୋଲି । ଖଣି ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି ।

## ଜଳଛତ୍ର ଉଦ୍‌ଘାଟିତ



ବରଗଡ଼, (ଭାସ୍କର ନ୍ୟୁଜ): ବରଗଡ଼ ରେଲୱେ ଅଣ୍ଡର ପାସ୍ ନିକଟରେ ସମବାୟ ସମିତିର ଅବସରପ୍ରାପ୍ତ ସହ ଉପ ନିବନ୍ଧକ ସୁବାଷ ଚନ୍ଦ୍ର କରଙ୍କ ନିଜସ୍ୱ ପ୍ରଚେଷ୍ଟାରେ ଏକ ପଥପ୍ରାନ୍ତ ଜଳ ଯୋଗାଣ କେନ୍ଦ୍ର ଉଦଘାଟିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶାନ୍ତନୁ ମେହେର, ଚିତ୍ତରଞ୍ଜନ ମହାପାତ୍ର, ବରିଷ୍ଠ ଓକିଲ ଅଶ୍ୱିନୀ କୁମାର ପଣ୍ଡା, ରମେଶ ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ । ଗତ ଦଶ ବର୍ଷ ହେଲା ଏହି ଜଳ ଯୋଗାଣ କେନ୍ଦ୍ର ପଥଚାରୀଙ୍କ ତୃଷା ନିବାରଣ କରିଆସୁଥିବା ସହ ଜନସାଧାରଣଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଥିବା ଜଣାଯାଇଛି ।

## ଉଦୁଲିବେଡା ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର



ମାଲକାନାଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ ପରିସରରେ ନେତ୍ରମ ଗୁଡ୍ ଭିଜନ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରରୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଲିଜାରାଣୀ ପଣ୍ଡା ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ୧୫ ଜଣଙ୍କୁ ଚଷମା ଦେଇଥିଲେ । ଶିବିରରେ ଆଇସିଡିଏସ୍ ସୁପରଭାଇଜର ଗାର୍ଗି ଶ୍ରୀଗମ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣା, ଅଙ୍ଗନୱାଡ଼ି କର୍ମୀ ଲକ୍ଷ୍ମୀ ଖତ୍ରୀ, ସୁମିତ୍ରା ସଗଡିଆ ଉପସ୍ଥିତ ଥିଲେ ।

## ଗାୟତ୍ରୀ ପରିବାର ତରଫରୁ ଗର୍ଭ ସଂସ୍କାର ଉତ୍ସବ ପାଳିତ



ବୌଦ୍ଧ, (ଭାସ୍କର ନ୍ୟୁଜ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ବୌଦ୍ଧ ଶାଖା ପକ୍ଷରୁ ଗାୟତ୍ରୀ ଶକ୍ତି ପୀଠ ଠାରେ ଗର୍ଭବତୀ ମହିଳାମାନଙ୍କ ପାଇଁ ସାମୁହିକ ଗର୍ଭ ସଂସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଆସ ଗଢ଼ିବା ସଂସ୍କାରବାନ୍ ପିଢ଼ି କାର୍ଯ୍ୟକ୍ରମ ଅବସରରେ ସମସ୍ତ ମା'ମାନଙ୍କ ଠାରୁ ଦିବ୍ୟ ସନ୍ତାନ ଉତ୍ପନ୍ନ ହେବା ପାଇଁ ମା'ର ଗର୍ଭରୁ ସନ୍ତାନ ମାନଙ୍କର ସଂସ୍କାର କରାଯାଉଛି । ଗାୟତ୍ରୀ ପରିବାରର ପ୍ରତିଷ୍ଠାତା ତପୋନିଷ୍ଠ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଦ୍ୱାରା ପ୍ରଚଳିତ ଏହି କାର୍ଯ୍ୟକ୍ରମ ସାରା ଭାରତ ବର୍ଷ ରେ ଆଜିର ଦିନରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ଅଧ୍ୟାପକ ଡ଼ଃ ପ୍ରବୀର କୁମାର ଦାସ ଯୋଗଦେଇ ଗର୍ଭବତୀ ମା'ର ଆଚାର, ବ୍ୟବହାର, କର୍ମ ଦ୍ୱାରା ଗର୍ଭରେ ଥିବା ଶିଶୁର ଚରିଭାଗରୁ ତିନିଭାଗ ଜ୍ଞାନ ବିକଶିତ ହୋଇଥାଏ, ଯାହା ଆମେ ଅଭିମନ୍ୟୁ ଓ ପ୍ରହଲ୍ଲାଦ ଉପାଖ୍ୟାନରୁ ଜାଣିପାରୁ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁଦର୍ଶନ ମେହେର ଗର୍ଭର ତିନି ମାସରୁ ଶିଶୁର ମସ୍ତିଷ୍କର ବିକାଶ ଘଟେ ଏବଂ ସେହି ସମୟରୁ ଯଦି ମା' ଏହି ଆଧ୍ୟାତ୍ମିକ ଧାରାକୁ ଅବଲମ୍ବନ କରିବ ତେବେ ଶାରୀରିକ ସହିତ ମାନସିକ ସ୍ତରରେ ଏକ ସୁସ୍ଥ ଓ ପ୍ରଜ୍ଞାବାନ ସନ୍ତାନ ଲାଭ କରିବ ବୋଲି ମତପୋଷଣ କରିଥିଲେ । ଏଥିରେ ବୌଦ୍ଧ ଏନଏସିର ବହୁ ମହିଳା ତାଙ୍କ ସ୍ୱାମୀ ମାନଙ୍କ ସହ ଯୋଗଦେଇ ଏହି ଋଷି ପରମ୍ପରାକୁ ଆପଣାଇବା ପାଇଁ ଶପଥ ନେଇଥିଲେ ଏହି କାର୍ଯ୍ୟକ୍ରମ କୁ ପରିଚାଳିତ କରିଥିଲେ ବରିଷ୍ଠ ସଂଚକ୍ଷଳିକକ୍ଷ ରୁକ୍ମିଣୀ ରାଜୁ ଓ ବରିଷ୍ଠ ପ୍ରଜ୍ଞା ପୁତ୍ର ପ୍ୟାରୀ ମୋହନ ଶତପଥୀ । ଏଥିରେ ସହଯୋଗ କରିଥିଲେ, ସାଧକ ହୃଦାନନ୍ଦ ମେହେର, ଗୀତା ରାଣୀ ପଟ୍ଟନାୟକ, ସାବିତ୍ରୀ ପାତ୍ର,ଗୀତା ରାଣୀ ମେହେର, ରଶ୍ମିତା ପ୍ରଧାନ, ପିତାମ୍ବର ମେହେର । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗର୍ଭବତୀ ମହିଳା ମାନଙ୍କୁ ସାମିଲ୍ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି ।

# ଓଡ଼ିଶାରେ ମାତିଛନ୍ତି ଛତିଶଗଡ଼ ବାଲି ମାଫିଆ



- ବାଲି ଚୋରା ଚାଲାଣର ହବ ପାଲଟିଛି ଉକିଆପଲି
- ବିଭାଗ ନୀରବଦ୍ରଷ୍ଟା

କୋଷାଗୁମୁଡ଼ା,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ତହସିଲ ଅନ୍ତର୍ଗତ ଉକିଆପାଲି ଗାଁର ବାଲି ସୌରତ ଠାରେ ଦିନ ରାତି ବାଲି ଚୋରାଚାଲଣ ହେଉଥିବା ବର୍ତ୍ତମାନ ସାଧାରଣରେ ନଜରକୁ ଆସିବା ବେଳେ ବିଭାଗ ନିରୋବଦ୍ରଷ୍ଟା ସାଜିଛି ବୋଲି ସାଧାରଣରେ ଏକ ଚର୍ଚ୍ଚା ଜୋର ଧରିଛି । ବର୍ତ୍ତମାନ ଉକିଆପଲିର ସୌରତ ହୋଇଛି ବାଲି ଚୋରା ଚାଲାଣର ହବ ତଥା ଭୂସ୍ୱର୍ଗ । କିଛିଦିନ ତଳେ ହ୍ରଦଳୀ ସୌରତରୁ ଚୋରାରେ ବାଲିଚାଲାଣ ଉପରେ ନବରଙ୍ଗପୁର ମାଇନିଂ ବିଭାଗ ଓ ସ୍ଥାନୀୟ କୋଡ଼ିଙ୍ଗା ତହସିଲ ପକ୍ଷରୁ ତାଗିଦ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟବହୃତ ବାଲି ବୋଝେଇ ଟ୍ରାକ୍ଟର,ଟିପର ସହ ଚେନ ମେସିନକୁ କୋଷାଗୁମୁଡ଼ା ଥାନାରେ ଓ ବଡ଼ ଆମ୍ବଡା ପୋଲିସ ଫାଣ୍ଡିରେ ରଖିଛନ୍ତି । କିଛି ହାତ ଗୁଞ୍ଜାରେ ସ୍ଥାନୀୟ ଲୋକମାନେ ଛତିଶଗଡ଼ର ବାଲି ମାଫିଆଙ୍କ ସହ ହାତ ମିଶାଇ ନିଜ ଅଞ୍ଚଳର ଲଘୁଖଣିଜକୁ ଚୋରା ଚାଲାଣରେ ସାହାଯ୍ୟ କରୁଥିବା ଜଣାପଡ଼ିଛି । ବାଲି ଚୋରାଚାଲାଣ କରି ବାଲି ମାଫିଆମାନେ ମାଲାମାଲ ହେଉଥିବା ବେଳେ କୋଷାଗୁମୁଡ଼ା ଅଞ୍ଚଳର ଚାଷୀ ଭାସ୍କେଲ ନଦୀ ଶୁଖିବା ଯୋଗୁଁ ଚାଷ ନଷ୍ଟ ହେଉଥିବା ଯୋଗୁଁ ମୁଣ୍ଡରେ ହାତ ଦେଲେଣି । ଏପଟେ ଦିନରାତି ବିନାଲୋଗମରେ ଉକିଆପାଲି ସୌରତରୁ ଦିନକୁ ଶତାଧିକ ଟିପ୍ପର ଓ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ସାଧାରଣରେ ଦେଖିବାକୁ ମିଳୁଛି । ଏହି ଚୋରା ବାଲିଚାଲାଣକୁ ସ୍ଥାନୀୟ କିଛି ବୁଦ୍ଧିଜୀବୀ ଲୋକମାନେ ଅଭିଯୋଗ କରିବା ସ୍ୱର୍ତ୍ତେ ମଧ ଅମାନ୍ୟ ଭାବେ ବାଲି ଚାଲାଣ କରିବା ଦ୍ୱାରା ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ଚାଲିବା ପାଇଁ ମଧ ଅନୁପଯୋଗ ହୋଇଛି ବୋଲି ସୌରତ ନିକଟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ସୌରତ ଠାରୁ ଦିନ ରାତିରେ ବାଲି ଚୋରାଚାଳଣ କରି ଓଡିଶା ସୀମାର ମୁଖ୍ୟ ରାସ୍ତା କଡରେ, କାଜୁ ବଗିଚା ରେ, ରିଜର୍ଭ ଜଙ୍ଗଲ ମଧ୍ୟରେ ବାଲି ଶହ ଶହ ସିଏମରେ ମାଫିଆ ମାନେ ରଖି ବର୍ଷା ଦିନ ରେ ଅତ୍ୟଧିକ ମୂଲ୍ୟ ଦରରେ ବାଲି ବିକ୍ରି କରୁଥିବା ସାଧାରଣରେ ଶୁଣିବାବାକୁ ମିଳିଛି ।



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମାସିକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଗତ ମାସରେ ଅଧିକାରୀ, କର୍ମଚାରୀ ମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱର ଅଗ୍ରଗତି ସମୀକ୍ଷା କରିବା ସହ ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଅଛି। ଏଥିସହିତ ଆଗାମୀ ରଥଯାତ୍ରା ଏବଂ ଅକ୍ଷୟ ତୃତୀୟା ପାଇଁ ମଧ୍ୟ ପ୍ରସ୍ତୁତି ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ। ରଥ ନିର୍ମାଣ ପାଇଁ ରଥ କାଠ, ରଥ ଦଉଡ଼ି, ରଥ କନା, ଝୁଣା, ଚନ୍ଦନ, ବାସୁଙ୍ଗା ପାଟ ସହିତ ଆନୁସଙ୍ଗିକ ଜିନିଷାତର ଉପଲବ୍ଧତା ନେଇ ଆଲୋଚନା କରିବା ସହ ଠିକଣା ସମୟରେ ସଂଗ୍ରହ କରାଯିବା ନେଇ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସକାଶେ ବଉଳ କାଠ ସଂଗ୍ରହ ନିମନ୍ତେ ରାଜ୍ୟର ଭକ୍ତ ମଣ୍ଡଳୀଙ୍କୁ ଅପିଲ କରିଛନ୍ତି ମୁଖ ପ୍ରଶାସକ । ଏଥିସହ ଶ୍ରୀଗୁଣ୍ଡିଚା ମନ୍ଦିର ତଥା ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ନିଜେ ବୁଲି ଦେଖିଛନ୍ତି ମୁଖ୍ୟ ପ୍ରଶାସକ। ସମୀକ୍ଷା ବୈଠକ ଅବସରରେ ଶ୍ରୀମନ୍ଦିର ପ୍ରଶାସନର ୟୁଟ୍ୟୁବେ ଚାଁନେଲ ର ମାଇକ ତଥା ଲୋଗୋ ଉନ୍ମୋଚନ ହୋଇଅଛି।ମୁଖ୍ୟ ପ୍ରଶାସକ ତଥା ଅନ୍ୟ ବରିଷ୍ଠ ପ୍ରଶାସକ ମାନେ, ଶ୍ରୀମନ୍ଦିର ଅଧିକାରୀ ଏବଂ ଶ୍ରୀମନ୍ଦିର କର୍ମଚାରୀ ମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ସମୀକ୍ଷା ବୈଠକ




ପୁରୀ (ଭାସ୍କର ନ୍ୟୁଜ) : କେନ୍ଦ୍ରୀୟ ଯୋଜନା ଗୁଡିକ ପ୍ରଣୟନ ଓ କାର୍ଯ୍ୟକାରିତା ସମୟରେ ସାଂସଦ ମାନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।ସାଂସଦ ମାନଙ୍କୁ ସମସ୍ତ ବିଷୟରେ ଅବଗତ କରାଇବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ପାର୍ଲିଆମେଣ୍ଟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତି ରାଜ ସମ୍ବନ୍ଧୀୟ ସ୍ଥାୟୀ କମିଟିର ଅଧକ୍ଷ ସପ୍ତଗିରୀ ଉଲ୍ଲକା। ଆଜି ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷରେ ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ଶ୍ରୀ ଉଲ୍ଲକା ସମସ୍ତ ଯୋଜନା ସାଧାରଣ ଲୋକ ମାନଙ୍କ ହିତ ଉଦ୍ଦେଶ୍ୟ ରେ ବ୍ୟବସ୍ଥା ହେଉ ଥିବାରୁ ଏହାର କାର୍ଯ୍ୟ କାରିତା ଓ ସଫଳତା ରେ ଲୋକ ପ୍ରତିନିଧି ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ କେନ୍ଦ୍ର ସରକାର ପ୍ରଦତ୍ତ ମାର୍ଗଦର୍ଶିକା ଅନୁସାରେ ଲୋକ ପ୍ରତିନିଧି ମାନଙ୍କୁ ସାମିଲ କରିବା, ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।ଯେଉଁ ଠାରେ ଏହାର ଉଲ୍ଲଘଂନ ହେଉଛି ସେଠାରେ ସମ୍ପୃକ୍ତ ଅଧିକାରୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧକ୍ଷ ଓ ଅନ୍ୟ ସଦସ୍ୟ ମାନେ ପରାମର୍ଶ ଦେଇଥିଲେ।ପ୍ରକଳ୍ପ ପ୍ରସ୍ତୁତ ସମୟରେ ଲୋକ ପ୍ରତିନିଧି ମାନଙ୍କୁ ଅବଗତ କରାଇବା, ସେମାନଙ୍କ ପରାମର୍ଶ କୁ ପ୍ରକଳ୍ପ ଚୁଡାନ୍ତ ସମୟରେ ଗୁରୁତ୍ୱ ଦେଇ ସ୍ଥାନିତ କରିବା, ଶୁଭାରମ୍ଭ ଓ ଉଦଘାଟନ ସମୟରେ ଲୋକ ପ୍ରତିନିଧି ମାନଙ୍କୁ ସାମିଲ କରିବା, ନିୟମିତ ଭାବେ ଦିଶା ବୈଠକ ଆୟୋଜନ କରିବା ଉପରେ କମିଟି ଗୁରୁତ୍ୱ ଦେଇଥିଲେ।ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ରେ ସିସି ରୋଡ ପାଇଁ କମିଟି ଅନୁମୋଦନ କରିଥିଲେ।ଗ୍ରାମର ଆର୍ଥିକ ଅବସ୍ଥା ରେ ଉନ୍ନତି ହିଁ ଦେଶର ବିକାଶ।୨୦୩୬ କୁ ବିକଶିତ ଓଡିଶାର ସ୍ୱପ୍ନ କୁ ସାକାର ପାଇଁ ସମସ୍ତ ଯୋଜନା ର ସଫଳତା ପାଇଁ କମିଟି ଆହ୍ୱାନ ଦେଇଥିଲେ।ଲିଡ ବ୍ୟାଙ୍କ ଭାବେ ୟୁକୋ ବ୍ୟାଙ୍କର ସମୀକ୍ଷା କରାଯାଇଥିଲା।ଗ୍ରାହକ ମାନଙ୍କ ପାଇଁ ଥିବା ବିଭିନ୍ନ ସେବା ସଠିକ ସମୟ ଓ ସଠିକ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ।ସମୀକ୍ଷା ର ରିପୋର୍ଟ ୧୫ ଦିନ ମଧ୍ୟରେ ପାର୍ଲିଆମେଣ୍ଟକୁ ପ୍ରେରଣ ପାଇଁ ପରାମର୍ଶ ଦେଇଥିଲେ।ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଭଜନ ଲାଲ ଯାତବ, ବିଜୟ କୁମାର ଦୁବେ, ଗୀତା ଆଲିଆସ ଚନ୍ଦ୍ରପ୍ରଭା,ରାମ ଶଙ୍କର ରାଝେରା, ଡ.ମହମ୍ମଦ ଜାଓ୍ୱେଦ,ନବ ଚରଣ ମାଝୀ, ଦେଶ ରାଜ ଶେଖର,ଏଲ ସିଂସନ, ସୁଶୀଲ କୁମାର, ମୃତ୍ୟୁଞ୍ଜୟ ସିଂ ଯାଦବ, ସୋନିଆ ଓ୍ୱାଲିଆ ପ୍ରମୁଖ ଯୋଗ ଦେଇଥିଲେ ।ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ପଞ୍ଚାୟତିରାଜ କମିଶନର ତଥା ସଚିବ ଏସ ଏନ ଗିରିଶ,ସାମାଜିକ ସୁରକ୍ଷା ବିଭାଗ କମିଶନର ତଥା ସଚିବ ଆର ଏସ ଗୋପାଳନ,ପଞ୍ଚାୟତରାଜର ସ୍ୱତନ୍ତ୍ର ପ୍ରୋଜେକ୍ଟ ର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ,ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ଜୀବିକା ମିଶନ ସିଇଓ ମୋନିକା ପ୍ରିୟଦର୍ଶିନୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ସୁରେନ୍ଦ୍ର କୁମାର ମିନା,ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ମଧୁସ୍ମିତା ସାମଲ,ରାଜ୍ୟ ଅର୍ଥ କମିଶନ ର ସଦସ୍ୟ ସଚିବ ସତ୍ୟପ୍ରିୟ ରଥ,ୟୁକୋ ବ୍ୟାଙ୍କ ର ଏମଡି ତଥା ସିଇଓ ଅଶ୍ୱିନୀ କୁମାର,ଜିଏମ ଗୌତମ ପାତ୍ର ପ୍ରମୁଖ ଯୋଗ ଦେଇ କମିଟି ଙ୍କୁ ବିଭିନ୍ନ ସୂଚନା ଓ ତଥ୍ୟ ପ୍ରଦାନ କରିଥିଲେ।ପରେ କମିଟି ସଦର ବ୍ଲକର ବେଲଦଳ ଅର୍ଣ୍ଣାମେଣ୍ଟାଲ ପ୍ଲାଣ୍ଟ ନର୍ସରୀ ବୁଲି ଦେଖିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଙ୍କ ସହ ବାର୍ତ୍ତାଳାପ କରିଥିଲେ।ପରେ ଗୋପ ବ୍ଲକର ସୂତନ ପଞ୍ଚାୟତର ହାଟୁଆଦାଣ୍ଡ ଗ୍ରାମ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହ ପରିଦର୍ଶନ କରି ହିତାଧିକାରୀଙ୍କ ସହ କଥା ହୋଇ ଥିଲେ।ସେହିପରି ଜାତୀୟ ପରିବାର ସହାୟତା ଯୋଜନା ହିତାଧିକାରୀଙ୍କ ସହ ମଧ କଥା ହୋଇଥିଲେ।କମିଟି ଅଧକ୍ଷ ଓ ସଦସ୍ୟ ମାନେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଇଣ୍ଟରପ୍ରିଟେସନ ସେଣ୍ଟର ପରିଦର୍ଶନ କରିଥିଲେ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଓ ଅତିରିକ୍ତ ଉପ ଜିଲ୍ଲାପାଳ ନିଳମାଧବ ମାଝୀ ସମସ୍ତ କାର୍ଯ୍ୟ ର ତଦାରଖ ଓ ପରିଚାଳନା କରିଥିଲେ।

# କେନାଲ ରାସ୍ତା କାର୍ଯ୍ୟ ନିମ୍ନ ମାନର ଅଭିଯୋଗ



ବୌଦ୍ଧ (ଭାସ୍କର ନ୍ୟୁଜ ): ସୋମବାର ଦିନ ୧୧ ଘଣ୍ଟା ସମୟରେ ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁରକଟା କେନାଲ ରାସ୍ତା ନିର୍ମାଣ ନିମ୍ନ ମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବୁରକଟା କେନାଲ ଛକ ଠାରୁ ଖୁଣ୍ଟବନ୍ଧ ଆଡକୁ ଯାଇଥିବା ସାଲୁଙ୍କୀ କେନାଲ ହୁଡ଼ାରେ ବୌଦ୍ଧ ଜଳସେଚନ ବିଭାଜନ ରାସ୍ତା ନିର୍ମାଣ କାର୍ଯ୍ୟ ମନରେଗା ଯୋଜନାରେ ଆରମ୍ଭ କରିଛି । ଉକ୍ତ କାର୍ଯ୍ୟରେ ଆବଶ୍ୟକ ମେଟାଲ, ମୋରମ ବିନିଯୋଗ ହୋଇ ନଥିବା ଓ ପାଣି ଢାଳି ରୋଲିଂ ହୋଇ ନଥିବା ଅଭିଯୋଗ କରିଛନ୍ତି । ତା ସହିତ କାମ ଶେଷ ହୋଇ ସାରିଥିବା ବେଳେ କୌଣସି ସୁଚନା ଫଳକ ଲେଖା ହୋଇ ନଥିବା ଦେଖିବାକୁ ମିଳିଛି କ୍ଷ ଉକ୍ତ ରାସ୍ତା କାର୍ଯ୍ୟ ଠିକ୍ ଭାବରେ ସମାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରା ଯାଇଥିଲେ ମଧ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ।

# ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଲେ ଆଇନମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପ ଠାରେ ଓଡ଼ିଶାର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇଛନ୍ତି । ସେ ଏହି ଅବସରରେ ଜାତୀୟବାଦୀ ନାଟ୍ୟକାର ଓ ଗାନ୍ଧିବାଦୀ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ହରିଚନ୍ଦନଙ୍କ ଲିଖିତ ମଞ୍ଚସ୍ଥ ନାଟକ ବିପ୍ଳବୀ କୃତ୍ତିବାସକୁ ଉଦଘାଟନ କରିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଶତାବ୍ଦୀର କଳାକାର ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ନାଟ୍ୟସଂସ୍ଥାନ। ଓଡ଼ିଶାର ନାଟ୍ୟ ସଂସ୍କୃତିକୁ ଆଗକୁ ନେବାରେ ଏହି ଅନୁଷ୍ଠାନ ବିଶେଷ ଭୂମିକା ନିର୍ବାହ କରୁଛି। ଏହି ଅନୁଷ୍ଠାନ ଆଜି ୫୦ଟି ବସନ୍ତ ଅତିକ୍ରାନ୍ତ କରି ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଅଛି।ଏହି ଅନୁଷ୍ଠାନ ଗଢି ତୋଳିବାରେ ଯାହାଙ୍କର ଅନବଦ୍ୟ ଅବଦାନ ରହିଛି, ସେହି ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ପାଇକ ବିଦ୍ରୋହ ଇତିହାସରେ ପାଇକଶ୍ରେଷ୍ଠ ବିପ୍ଳବୀ କୃତ୍ତିବାସ ପାଟଶାଣୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

# ଶନିବାର ଗୀତଗୋବିନ୍ଦ ସଦନରେ ସ୍ମୃତିସଭା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ବିୟୋଗରେ ରାଜ୍ୟସ୍ତରୀୟ ଶୋକସଭା ଆସନ୍ତା ୨୬ ତାରିଖ ଶନିବାର ଦିନ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବ । ଏଥିରେ ଏକ ସ୍ମରଣିକା ପ୍ରକାଶ ପାଇବ। ଏଥିପାଇଁ ରତିଭାଇ ସ୍ମୃତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଲେନ୍ ଭାଇ ସଦନରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ଅଧକ୍ଷ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶୋକସଭା ପାଳନ ନେଇ ବିସ୍ତୃତ ଆଲୋଚନା ହୋଇଯାଇଛି । ସ୍ମରଣିକା ପାଇଁ ରାଜ୍ୟର କୋଣ ଅନୁକୋଣରେ ତାଙ୍କ ସଂସ୍ପର୍ଶରେ ଆସିଥିବା ରାଜନେତା, ସାମ୍ବାଦିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି । ଆଗ୍ରହୀ ବ୍ୟକ୍ତିମାନେ ଆସନ୍ତା ବୁଧବାର ରାତି ସୁଦ୍ଧା ସେମାନଙ୍କ ଲେଖା ଇ-ମେଲ ଆଇଡି ratibhaismruti@gmail.com ଓ ହ୍ୱାଟସଅଫ୍ ନମ୍ବର ୯୪୩୮୪୧୩୭୦୪ ରେ ପଠାଇବାକୁ ସ୍ମୃତି କମିଟିର ଅଧକ୍ଷ ସାମ୍ବାଦିକ ଶ୍ରୀ ଦାସ ଅନୁରୋଧ କରିଛନ୍ତି । ଏହି ସ୍ମରଣିକାର ସମ୍ପାଦନା ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର କରିବେ।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated-21.04.2025, I Khageswar Pradhan, Address: At-Mandakia, Po- Mandakia, Ps- Raikia, Dist-Kandhamal, Odisha, PIN-762101, declare that I have changed my name from Kageswar Pradhan to Khageswar Pradhan. Henceforth, I shall be known as Khageswar Pradhan for all purposes.
Sd/- Khageswar Pradhan

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାବାଳକ...

ଆଶୀର୍ବାଦର ମୃତଦେହ ଉଦ୍ଧାର କରିଥିଲା। ପୋଲିସ ସନ୍ଦେହ କରୁଛି, ଏହି ହତ୍ୟାକାଣ୍ଡ ପୂର୍ବ ଶତ୍ରୁତାରୁ ହୋଇଛି। ତେବେ ଏ ନେଇ ସ୍ପଷ୍ଟ ସୂଚନା ପୋଲିସ ଦେଇ ନାହିଁ । ସତ୍ୟ ଉନ୍ମୋଚନ ପାଇଁ ପୋଲିସ ତଦନ୍ତ ଜାରି ରଖିଛି ଓ ଅଭିଯୁକ୍ତଠାରୁ ଅଧିକ ସୂଚନା ପାଇବା ପାଇଁ ପ୍ରୟାସ ଜାରି ରଖିଛି। ଆଶୀର୍ବାଦର ମୃତ୍ୟୁ ପରେ ତା'ର ପରିବାର ଲୋକ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଅଭିଯୁକ୍ତକୁ ଫାଶୀଦଣ୍ଡରେ ଦଣ୍ଡିତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀମାନେ ଅଭିଯୁକ୍ତ ପ୍ରଭାକରର ଘରକୁ ଭାଙ୍ଗି ଦେଇଛନ୍ତି। ଏହି ଘଟଣା ସାରା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

### ୪୫.୪ ଡିଗ୍ରୀ...

ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିଛି। ସେହିପରି ହୀରାକୁଦର ତାପମାତ୍ରା ୪୨.୪ ଡିଗ୍ରୀ ରହିଥିବାବେଳେ ରାଉରକେଲାରେ ୪୨ଡିଗ୍ରୀ ରେକର୍ଡ ହୋଇଛି। ତେବେ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ବୃଦ୍ଧି ପାଉଥିବାରୁ ଗୁଳୁଗୁଳି ଅନୁଭୂତ ହେଉଛି। ପୁରୀ ଓ ଗୋପାଳପୁରରେ ଆର୍ଦ୍ରତା ୭୨ ପ୍ରତିଶତ ରହିଥିବାବେଳେ ପାରାଦୀପରେ ୭୦ ଓ ବାଲେଶ୍ୱର ଏବଂ ଭୁବନେଶ୍ୱରରେ ୬୨ ପ୍ରତିଶତ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୧୦ ମାଓବାଦୀ...

ଖସି ପଳାଇଥିଲେ। ନିହତ ସମସ୍ତ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଙ୍ଗଲରେ ଲୁଚି ରହିଥିବା ଅନ୍ୟ ମାଓବାଦୀଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ଅନ୍ୟପକ୍ଷରେ ଛତିଶଗଡ଼ର କୋଣ୍ଡାଗାଓଁ-ନାରାୟଣପୁର ସୀମାନ୍ତ କିଲମବାର୍ଗୁମଠାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ଜଣ ହାର୍ଡକୋର୍ ମାଓବାଦୀ ନିହତ ହୋଇଛନ୍ତି। ପୋଲିସ ପକ୍ଷରୁ ସେମାନଙ୍କ ମୁଣ୍ଡପାଇଁ ୧୩ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଛତିଶଗଡ଼ରେ ମାଓ ଦମନ ପାଇଁ ସୁରକ୍ଷାକର୍ମୀ ଅପରେସନ ଜାରି ରଖିଛନ୍ତି।

### ବିକେନ୍ଦ୍ରୀକରଣ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆମର ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି। ସେ ପୁଣି କହିଥିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ଦୁଃଖକୁ ଆମେ ଯେପରି ନଜର ଅନ୍ଦାଜ୍ ନ କରୁ। ସେମାନେ ଯେପରି ଅନୁଭବ ନ କରନ୍ତି ଯେ, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ। ଆଜି ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ। ସେ ଆହୁରି କହିଥିଲେ ଯେ, ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀ ମାନେ ସେମାନଙ୍କ ସ୍ତରରେ ହିଁ, ଯେତେଦୂର ସମ୍ଭବ, ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଅଧିକ ସଚେତନ ହେବେ ବୋଲି ସେ କହିଛନ୍ତି। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ପୂର୍ବ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗରୁ ଭୁବନେଶ୍ୱରରେ ଆମର ୯ଟି ଜନ ଶୁଣାଣି ହୋଇଛି। ପୂର୍ବ ୯ଟି ପାଳିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛୁ ଏବଂ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଗୁଡିକ ପ୍ରକ୍ରିୟା ଭିତରେ ଅଛି । ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୦ମ ପାଳି। ଏହି ପାଳିରେ ପ୍ରାୟ ୧୦୦୦ ଜଣ ଅନଲାଇନ ଜରିଆରେ ପଞ୍ଜିକୃତ ଓ ଅଫଲାଇନରେ ପ୍ରାୟ ୪୦୦ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି । ସିଙ୍ଗିଲ୍ ଓ୍ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ୧୮ ଜଣଙ୍କୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ । କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ । ସମସ୍ତଙ୍କ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବ ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ । ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମ ସନ୍ତୋଷର ଚିହ୍ନ । ଅଭିଯୋଗକାରୀଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ଦୀପ୍ତିରାଣୀ ପାଢ଼ୀ । ସେ ତାଙ୍କ ପେନ୍ସନ ସଂକ୍ରାନ୍ତୀୟ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ସମସ୍ୟା ଶୁଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମତୀ ପାଢ଼ୀ ଗଭୀର ଆତ୍ମସନ୍ତୋଷର ସହ ଘରକୁ ଫେରିଥିଲେ । ସେହିପରି ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲ ର କିଛି ବାସିନ୍ଦା ଆସିଥିଲେ ଡୁଙ୍ଗୁରିବାହାଲ ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା କରାଇବା ପାଇଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହାର ସମାଧାନ ପାଇଁ । ମୁଖ୍ୟମନ୍ତ୍ରୀଙ୍କ ଠୁ ଆଶ୍ୱାସନା ପାଇ ସେମାନେ ଖୁସି ମନରେ ଫେରିଥିଲେ । ଏହିପରି ଜଣେ ପରେ ଜଣେ ଅଭିଯୋକାରୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କୁ ଭେଟି ଭରସା ଓ ସନ୍ତୋଷ ନେଇ ଫେରୁଥିଲେ । ସମସ୍ତଙ୍କ ମୁହଁରେ ଥିଲା ଖୁସିର ଲହରୀ କାରଣ ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ ସମସ୍ୟା ଶୁଣିଛନ୍ତି ଓ ସମାଧାନର ବ୍ୟବସ୍ଥା ମଧ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ ।

# ବିଧାୟକ ଓ ରାମଲୀଳା ନାଟ୍ୟ ସଂସଦ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲା ପ୍ରଶାସନ ଆଲୋଚନା



ବୌଦ୍ଧ (ଭାସ୍କର ନ୍ୟୁଜ ): ସୋମବାର ରାତି ୮ ଘଣ୍ଟା ସମୟରେ ବୌଦ୍ଧ ସର୍କିଟ ହାଉସ ଠାରେ ବୌଦ୍ଧ ବିଧାୟକ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲା ପ୍ରଶାସନ ଓ ଶ୍ରୀ ରାମଲୀଳା ନାଟ୍ୟ ସଂସଦ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆସନ୍ତା ୨୩ ତାରିଖ ଦିନ ବୌଦ୍ଧ ଠାରେ ହେବାକୁ ଥିବା ରାବଣ ବଧ ଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାମ-ରାବଣଙ୍କ ପ୍ରଥମ ସମର ଓ ଆତସବାଜୀ କାର୍ଯ୍ୟକ୍ରମ ବୌଦ୍ଧ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେବାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା । ତା ସହିତ ଶ୍ରୀ ରାମଲୀଳା ଯାତ୍ରାର ଅନ୍ତିମ ରଜନୀ କାର୍ଯ୍ୟକ୍ରମ ଆକର୍ଷଣୀୟ ଭାବେ ଆୟୋଜନ ପାଇଁ ବୈଠକରେ ଆଲୋଚନା ହୋଇଥିଲା ଓ ନାଟ୍ୟ ସଂସଦ ପକ୍ଷରୁ ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରା ଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଭାପତି ତଥା ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ମନୋଜ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଜୟ ନାରାୟଣ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜଙ୍ଗଲରୁ ଦୁଇ ବନ୍ଧୁକ ଉଦ୍ଧାର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ପଡ଼ିଆ ଥାନା ୨ୟ ବାଟାଲିଅନ୍ ବିଏସ୍ଏଫ୍ ଜଙ୍ଗଲରେ ତଲାସି ଅଭିଯାନ ସମୟରେ ପୂର୍ବରୁ ମାଓବାଦୀ ଲୁଚାଇ ରଖିଥିବା ଦୁଇ ଦେଶୀ ବନ୍ଧୁକ ଜବତ କରାଯାଇଛି । ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶ କ୍ରମେ କମ୍ପାନୀର ୨ୟ ବାଟାଲିୟନ ବିଏସ୍ଏଫ ଯବାନ ଗତକାଲି ବିଳମ୍ବିତ ରାତି କାଲିମେଳା ଥାନା ଅନ୍ତର୍ଗତ ପୁଲସୁମାମୁଡି ଗ୍ରାମ ନିକଟ ଜଙ୍ଗଲରେ ତଲାସି ଅଭିଯାନ ଚଳାଇଥିଲେ। ଜଙ୍ଗଲ ମଧ୍ୟରୁ ଦୁଇଟି ବନ୍ଧୁକ ଉଦ୍ଧାର କରାଯାଇଛି। ଛୋଟବଡ ବିସ୍ଫୋରକ, ସେଥିରେ ବ୍ୟବହୃତ ସମାଗ୍ରୀ ମଧ ଜବତ ହୋଇଛି ଦୁଇଟି ସଚଳ ବନ୍ଧୁକକୁ ଯବାନମାନେ କାଲିମେଳା ଥାନାରେ ଜମା ଦେଇଥିବା ସୁଚନା ରହିଛି। ସୂଚନାଯୋଗ୍ୟ ଯେ ମାଲକାନଗିରିର ବିଭିନ୍ନ ଅଞ୍ଚଳରେ ଏବେ କିଛି ମାଓବାଦୀ ସକ୍ରିୟ ରହିଛନ୍ତି। ତେବେ ସୁରକ୍ଷାକର୍ମୀଙ୍କ ଭୟରେ ସେମାନେ ଜଙ୍ଗଲରେ ରହି ଷଡ଼ଯନ୍ତ୍ର କରୁଥିବାର ସୂଚନା ମିଳିଛି।

**PUBLIC NOTICE**

NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| ASHISH PRAFULLA PATEL | ASHISH PRAFULLA PATEL | NSE - AP0291566601<br>BSE - AP01067301163446<br>MCX - 169675 | Plot No 516 147 1st Floor Above UCO Bank Hospital Road P S Town Sundargarh 770001 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.

kotak Kotak Securities Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137(Member of NSE, BSE, MSE, MCX & NCDEX) , AMFI ARN 0164, PMS INP000000258 and Research Analyst INH000000586. NSDL/CDSL: : IN-DP-629-2021. Compliance Officer Details: Mr. Hiren Thakkar Call: 022-4285 8484, or Email: ks.compliance@kotak.com.

NOTICE INVITING TENDER
OFFICE OF THE MUNICIPAL COUNCIL,NAYAGARH
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 912 / Dt.19.04.2025
E- Procurement Notice No.MUNLNGR-03/ 2025-26
C-143

| | | | |
|---|---|---|---|
| 1 | Name of the Work | : | Supply of Battery Operated Passenger Vehicle for Balangi Park, Nayagarh. |
| 2 | Class of Bidder | : | Manufacturer / Dealer |
| 3 | Period of Completion | : | As per DTCN |
| 4 | Downloading of Bid Documents | : | From Dt.23.04.2025 at 10.00 AM to Dt.03.05.2025 up to 5.00 PM |
| 5 | Last Date of Receipt of filled-up Bid Documents | : | On or before 1.00 P.M. on Dt.06.05.2025 by Registered Post / Speed Post / Drop Box available at Municipal Office |
| 6 | Date and Time of opening Bid | | Dt.07.05.2025 at 11.00 AM at Municipality Office, Nayagarh |
| 7 | Address for Communication | | Executive officer, Nayagarh Municipality (All Communications, including the envelopes, should contain the following information, to be marked at the top in bold letters :- "BID DOCUMENT FOR Supply of Battery Operated Passenger Vehicle for Balangi Park, Nayagarh" |

Further details can be seen from e-Procurement portal https://tendersodisha.gov.in
OIPR 13134/11/0029/2526
Sd/- Executive Officer, Nayagarh Municipality

WATCO
C-137
OFFICE OF THE GENERAL MANAGER, WATCO DIVISION-I, BHUBANESWAR,
Vanivihar Square, Bhubaneswar-751022, Odisha, India
Telefax: - +91-674-2542821 E-mail – gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/04/ 2025-26 Dt.11.04.2025

| | | | |
|---|---|---|---|
| 01 | Name of the work | : | Construction of inspection chamber, Raising of Manhole & laying of sewer line for Commissioning of sewerage system laid by OWSSB through ECCI. 06Nos (Six nos works) |
| 02 | Estimate cost | : | Rs.9.90 Lakhs to 20.23 Lakhs |
| 03 | Period of completion | : | 6 (Six Months) |
| 04 | Class of contractor | : | D, C, B Class |
| 05 | Date & Time of availability of bid document In the portal | : | From 11.00 AM of Dt.23.04.2025 to 5.00 PM of 07.05.2025 |
| 06 | Last date / time of receipt of bids in the portal | : | 5.00 PM of 07.05.2025 |
| 07 | Date & Time of opening of bids | : | At 12.30 PM of 08.05.2025 |
| 08 | Name and Address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd/-GENERAL MANAGER, WATCO DIVISION-I, BHUBANESWAR
OIPR 13257/11/0008/2526

**AFFIDAVIT**

By virtue of an affidavit sworn before the Executive magistrate Tentulikhunti Dtd : 21/04.2025 I TIKIMANI NAYAK 29 yrs. W/o JIMITBAN NAYAK At-Sirshiaguda po-pujariguda Po-tentulikhunti Dist-nabarangpur, declare that I have changed my sarname from TIKIMANI DISARI to TIKIMANI NAYAK, TIKIMANI DISARI and TIKIMANI NAYAK being one and same person .this affidavit is required to be produce before the concerned bank Authorty for necessary action .

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 10.04.2025, I Sudipta Khora, D/o- Pradeep Khora, Vill- Padalguda, Po- Majhiguda, Ps/Dist-Nabarangpur, Odisha, declare that. I have changed my name from Sudipta Swapnarani Khora to Sudipta Khora. Henceforth I shall be known as Sudipta Khora for all purposes.
Sd/- Sudipta Khora

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 08.04.2025, I Khemraj Majhi, S/o- Janakiram Majhi, Vill/Po- Bhatrasiuni, Ps /Dist-Nabarangpur, Odisha, declare that. I have changed my minor son's name from Trinath Majhi to Trilochan Majhi. Henceforth he shall be known as Trilochan Majhi for all purposes.
Sd/- Khemraj Majhi

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated-19.04.2025, I Uma Muduli, Address: At- Uttara Sasan, Po- Kausalyaganga, PS-Pipili, Dist- Puri, Odisha, PIN-751002, declare that I have changed my name from Ruma Muduli to Uma Muduli. Henceforth, I shall be known as Uma Muduli for all purposes.
Sd/- Uma Muduli

**AFFIDAVIT**

By virtue of an affidavit sworn before The Executive Magistrate, Bhadrak, dated-11.04.2025, I Sasmita Dhal, Address: At-Mirapatna (Chatrapur), Po- Kalasuni, PS- Simulia, Dist- Balasore, Odisha, PIN-756111, declare that I have changed my name from Sasmita Nayak to Sasmita Dhal. Henceforth, I shall be known as Sasmita Dhal for all purposes.
Sd/- Sasmita dhal

**AFFIDAVIT**

By virtue of an affidavit sworn before The Executive Magistrate, Banarpal, dated-19.04.2025, I Kalpana Samal, Address: village-Gotamara, PO-Gotamara, PS- Banarpal, Dist- Angul, Odisha, PIN-759128, declare that I have changed my daughter's name from Rasmi Samal to Roshni Samal. Henceforth, She shall be known as Roshni Samal for all purposes.
Sd/- Kalpana Samal

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ବ୍ୟାଙ୍କ ପରିଚାଳନା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ବଡ଼ ଘୋଷଣା । ମାଇନର ବ୍ୟାଙ୍କ ଖାତା ପରିଚାଳନା ନିୟମ କୋହଳ କଲା ଆରବିଆଇ । ଏବେ ୧୦ ବର୍ଷରୁ ଅଧିକ ବୟସ୍କ ଛୋଟ ପିଲା ସଞ୍ଚୟ ଖାତାକୁ ନିଜେ ଅପରେଟ କରିପାରିବେ । ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଏକ ନିର୍ଦ୍ଦେଶନାମା ଜାରି କରିଛି । ଏଥିରେ ୧୦ ବର୍ଷ କିମ୍ବା ତା'ଠୁ ଅଧିକ ବୟସ୍କ ନାବାଳକ କିମ୍ବା ନାବାଳିକା ନିଜେ ସଞ୍ଚୟ ଖାତା ଓ ଫିକ୍ସ ଡିପୋଜିଟ ଆକାଉଣ୍ଟ ଖୋଲିବା ସହିତ ନିଜେ ଅପରେଟ କରିବାକୁ ଅନୁମତି ଦିଆଯାଇଛି । ପୂର୍ବରୁ ମାଇନର ଆକାଉଣ୍ଟକୁ ଅଭିଭାବକମାନେ ପରିଚାଳନା କରୁଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କ କମର୍ସିଆଲ ଓ ସରକାରୀ ବ୍ୟାଙ୍କଗୁଡ଼ିକୁ ଏହି ନିର୍ଦ୍ଦେଶନାମା ଜାରି କରିଛି । ଏହି ସର୍କୁଲାରରେ କୁହାଯାଇଛି, ୧୦ ବର୍ଷରୁ ଅଧିକ ନାବାଳକ ଓ ନାବାଳିକାମାନେ ପ୍ରାକୃତିକ ଓ ଆଇନଗତ ଅଭିଭାବକ ମାଧ୍ୟମରେ ସଞ୍ଚୟ ଖାତା ଓ ଫିକ୍ସ ଡିପୋଜିଟ ଆକାଉଣ୍ଟ ଖୋଲିବା ସହିତ ପରିଚାଳନା କରିପାରିବେ ।

## ଦିଲ୍ଲୀରେ ମେୟର ନିର୍ବାଚନ ଲଢ଼ିବନି ଆପ୍ : ଆତିଶୀ




ନୂଆଦିଲ୍ଲୀ: ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟି ନେତ୍ରୀ ଆତିଶୀ ଦିଲ୍ଲୀ ଏମ୍‌ସିଡି ମେୟର ନିର୍ବାଚନକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଆମ ଆଦମୀ ପାର୍ଟି ମେୟର ନିର୍ବାଚନରେ ଲଢ଼ିବ ନାହିଁ। ଆତିଶୀ କହିଛନ୍ତି ଯେ ଭାଜପା ଯେଉଁଠାରେ ନିର୍ବାଚନ ହାରେ, ସେଠାରେ ଲାଞ୍ଚ, ଦଳବଦଳ ଏବଂ ଠକେଇ ଭଳି ସମସ୍ତ ଉପାୟ ଅବଲମ୍ବନ କରେ। ଅନ୍ୟ ଦଳଗୁଡ଼ିକୁ ଭାଙ୍ଗି ଭାଜପା ସରକାର ଗଠନ କରେ। ଏମ୍‌ସିଡିର ପୁନଃ ଏକୀକରଣ ପରେ, ୱାର୍ଡ ସଂଖ୍ୟା ୨୭୨ ରୁ ୨୫୦କୁ ହ୍ରାସ ପାଇଲା, ନିର୍ବାଚନ ବିଳମ୍ବିତ ହେଲା, ଏମ୍‌ସିଡିର ସୀମା ନିର୍ଦ୍ଧାରଣ ହେଲା। ଗୁଜୁରାଟ ନିର୍ବାଚନ ସହିତ ଏମ୍‌ସିଡି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତଥାପି ଭଜପା ଗଉଡରେ ବହୁମତ ପାଇଲା। ଆତିଶୀ ଆହୁରି କହିଛନ୍ତି, 'ସେମାନଙ୍କର କୌଣସି ପ୍ରୟାସ ସଫଳ ହୋଇନାହିଁ। ଏବେ କହିଛନ୍ତି ଯେ ଭାଜପା କାଉନସିଲରମାନଙ୍କୁ କିଣି ଭାଙ୍ଗି ନିଜର ସଂଖ୍ୟା ବୃଦ୍ଧି କରିଛି, କିନ୍ତୁ ଆମେ ଏସବୁ କରିନାହୁଁ ଏବଂ କରୁନାହୁଁ, ତେଣୁ ଆମ ଆଦମୀ ପାର୍ଟି ମେୟର ନିର୍ବାଚନରେ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି । ଭାଜପାକୁ ଦେଖାଉ ଯେ ସେମାନେ ଦିଲ୍ଲୀବାସୀଙ୍କ ପାଇଁ କ'ଣ କରିପାରିବେ। ଆପର ଦିଲ୍ଲୀ ମୁଖ୍ୟ ସୌରଭ ଭରଦ୍ୱାଜ କହିଛନ୍ତି, ମେୟର ନିର୍ବାଚନରେ ଦଳ କୌଣସି ପ୍ରାର୍ଥୀ ଦେବ ନାହିଁ ବୋଲି ନିଷ୍ପତ୍ତି ନେଇଛି । ବିଜେପି ନିଜ ମେୟର ଚୟନ କରିବା ଉଚିତ। ଏହା ସହିତ ବିଜେପି ବିନା କୌଣସି ଦ୍ୱିଧାରେ ନିଜର ଷ୍ଟାଣ୍ଡିଂ କମିଟି ଗଠନ କରି ମହାନଗର ପରିଚାଳନା କରିବା ଉଚିତ। ସୌରଭ ଅଭିଯୋଗ କରି କହିଛନ୍ତି ଯେ, ବିଜେପି ବିଧି ବ୍ୟବସ୍ଥାକୁ ଗୋଳିଆ କରିସାରିଛି। ଦୁର୍ନୀତି ଜରିଆରେ ବିଭିନ୍ନ ପଦପଦବୀ କବଜା କରିବାକୁ ଉଦ୍ୟମ କରୁଛି।

### ପ୍ରଶାସନିକ ସେବା ଦିବସରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

## 'ଆମେ ଯେଉଁ ନିଷ୍ପତ୍ତି ନେଉଛୁ, ତାହା ଆଗାମୀ ହଜାର ବର୍ଷର ଭବିଷ୍ୟତକୁ ଗଢ଼ି ତୋଳିବ'

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ୧୭ତମ ପ୍ରଶାସନିକ ସେବା ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ ସାଧାରଣ ପ୍ରଶାସନରେ ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ପ୍ରଶାସନିକ ସେବା ଦିବସରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଚଳିତ ବର୍ଷ ଏହି ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, କାରଣ ଏହା ସମ୍ବିଧାନର ୭୫ତମ ବର୍ଷ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ବୋଲି ସେ ଉଲ୍ଲେଖ କରିଥିଲେ। ବିଶ୍ୱ ସ୍ତରରେ ଘଟୁଥିବା ଦ୍ରୁତ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ପ୍ରତି ଦୁଇ ରୁ ତିନି ବର୍ଷରେ ଗ୍ୟାଜେଟର ଦ୍ରୁତ ବିକାଶ ଏବଂ ଏହି ପରିବର୍ତ୍ତନ ମଧ୍ୟରେ ପିଲାମାନେ କିପରି ବଢ଼ୁଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ପ୍ରଶାସନିକ ସେବା ଦିବସର ବିଷୟବସ୍ତୁ 'ଭାରତର



ସାମଗ୍ରିକ ବିକାଶ' ଉପରେ ଖୁସି ବ୍ୟକ୍ତ କରି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ, ଏହା କେବଳ ଏକ ବିଷୟବସ୍ତୁ ନୁହେଁ ବରଂ ଦେଶବାସୀଙ୍କ ପ୍ରତି ଏକ ପ୍ରତିବଦ୍ଧତା ଏବଂ ପ୍ରତିଶ୍ରୁତି। 'ଭାରତର ସାମଗ୍ରିକ ବିକାଶର ଅର୍ଥ ହେଉଛି କୌଣସି ଗାଁ, ପରିବାର ଏବଂ କୌଣସି ନାଗରିକ ଯେପରି ପଛରେ ନ ରହି ଯାଆନ୍ତି ତାହାକୁ ନିଶ୍ଚିତ କରିବା' ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରକୃତ ପ୍ରଗତି ଛୋଟ ପରିବର୍ତ୍ତନ ବିଷୟରେ ନୁହେଁ ବରଂ ପୂର୍ଣ୍ଣ ପ୍ରଭାବ ହାସଲ କରିବା ସମ୍ପର୍କରେ ହୋଇଥାଏ। ଗତ ୧୦ ବର୍ଷ ମଧ୍ୟରେ ଭାରତ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ପରିବର୍ତ୍ତନରୁ ପ୍ରଭାବଶାଳୀ ରୂପାନ୍ତର ଆଡ଼କୁ ଅଗ୍ରଗତି କରିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଦେଶର ଶାସନ ମଡେଲ ବର୍ତ୍ତମାନ ପରବର୍ତ୍ତୀ ପିଢ଼ିର ସଂସ୍କାର, ସରକାର ଏବଂ ନାଗରିକଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ଅଭିନବ ଅଭ୍ୟାସ ଗୁଡ଼ିକର ଉପଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ପ୍ରଧାନମନ୍ତ୍ରୀ ଦ୍ରୁତ ଗତିରେ ପରିବର୍ତ୍ତିତ ସମୟରେ ବିଶ୍ୱରେ ଦେଖା ଦେଉଥିବା ଆହ୍ୱାନଗୁଡ଼ିକୁ ନିକଟରୁ ତଦାରଖ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଖାଦ୍ୟ, ଜଳ ଏବଂ ଶକ୍ତି ସୁରକ୍ଷା ପ୍ରମୁଖ ସମସ୍ୟା ଭାବରେ ରହିଛି, ବିଶେଷ କରି ଦକ୍ଷିଣ ବିଶ୍ୱରେ ବେଶି ପ୍ରଭାବ ପକାଉଛି, ଯେଉଁଠାରେ ଚାଲିଥିବା ସଂଘର୍ଷ ସମସ୍ୟାକୁ ବୃଦ୍ଧି କରୁଛି, ଦୈନନ୍ଦିନ ଜୀବନ ଏବଂ ଜୀବିକାକୁ ପ୍ରଭାବିତ କରୁଛି। ତାଙ୍କ ବକ୍ତବ୍ୟ ଶେଷ କରି, ସେ 'ନାଗରିକ ଦେବୋ ଭବ' ନୀତିକୁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ, କ୍ୟାବିନେଟ ସଚିବ ଟିଭି ସୋମନାଥନ ଏବଂ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ସଚିବ ଭି ଶ୍ରୀନିବାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗ ରାଜ୍ୟପାଳ ଡାକ୍ତରଖାନାରେ ଭର୍ତ୍ତି



ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋସ୍ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସୋମବାର ତାଙ୍କୁ କମାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଭବନର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ତାଙ୍କୁ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରମାନେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖୁଛନ୍ତି ଏବଂ ଆବଶ୍ୟକୀୟ ପରୀକ୍ଷା ପରେ ପରବର୍ତ୍ତୀ ପର୍ଯ୍ୟାୟ ଚିକିତ୍ସା ବିଷୟରେ ନିଷ୍ପତ୍ତି ନିଆଯିବ। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡାକ୍ତରଖାନା ଯାଇ ରାଜ୍ୟପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ୪୦ ରାଫେଲ ଯୁଦ୍ଧ ବିମାନ କିଣିବ ଭାରତ



ନୂଆଦିଲ୍ଲୀ: ଚୀନ୍ ନିରନ୍ତର ଭାବରେ ତାର ବାୟୁସେନାକୁ ମଜବୁତ କରୁଥିବା ବେଳେ, ଭାରତୀୟ ବାୟୁସେନାର ଲଢ଼ୁଆ ବିମାନ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଉଛି । ଏହି ସମୟରେ, ଏକ ପ୍ରତିରକ୍ଷା ସମ୍ପର୍କିତ ୱେବସାଇଟ୍ ତାର ରିପୋର୍ଟରେ କହିଛି ଯେ ଭାରତ ସରକାର ଫ୍ରାନ୍ସରୁ ଆଉ ୪୦ଟି ରାଫେଲ ଯୁଦ୍ଧ ବିମାନ କିଣିବାକୁ ନିଷ୍ପତ୍ତି ନେଇଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏହି ଚୁକ୍ତି ସରକାରରୁ ସରକାର (ଜିଟୁଜି) ଆଧାରରେ ହେବ। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ୨୮ କିମ୍ବା ୨୯ ଏପ୍ରିଲରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ, ଭାରତୀୟ ନୌସେନା ପାଇଁ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବ । ଏହି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନଗୁଡ଼ିକୁ ଭାରତର ବିମାନ ବାହକ ଜାହାଜରେ ନିୟୋଜିତ କରାଯିବ। ଭାରତ ଶକ୍ତି ରିପୋର୍ଟ ଅନୁଯାୟୀ, ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ, ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି । ଏହି ବୈଠକରେ ଭାରତରେ ନିର୍ମିତ ହେଲିକପ୍ଟର ପାଇଁ ଫ୍ରାନ୍ସ କମ୍ପାନୀ ସଫ୍ରାନରୁ ଇଞ୍ଜିନ କିଣିବା ଏବଂ ଭାରତୀୟ ବାୟୁସେନା ପାଇଁ ଦ୍ୱିତୀୟ ବ୍ୟାଚ୍ ରାଫେଲ ଲଢ଼ୁଆ ବିମାନ କ୍ରୟ କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଚୁକ୍ତିନାମାକୁ ବର୍ତ୍ତମାନ ଫାଷ୍ଟ-ଟ୍ରାକ୍ ଗଭର୍ଣ୍ଣମେଣ୍ଟ-ଟୁ-ଗଭର୍ଣ୍ଣମେଣ୍ଟ ଡିଲ୍ ନାମରେ ନାମିତ କରାଯାଉଛି । ତେବେ ଏମଆରଏଫ୍‌ଏ (ମଲ୍ଟି ରୋଲ ଫାଇଟର ଏୟାରକ୍ରାଫ୍ଟ) କାର୍ଯ୍ୟକ୍ରମ ଅଧୀନରେ, ଭାରତ ୧୧୪ଟି ଯୁଦ୍ଧ ବିମାନ କିଣିବାକୁ ଯୋଜନା କରୁଛି ଏବଂ ଏ ସମ୍ପର୍କରେ ଅନେକ ସ୍ତରରେ ଆଲୋଚନା ଚାଲିଛି । ଭାରତୀୟ ବାୟୁସେନାକୁ ସମ୍ପୂର୍ଣ୍ଣ ଶକ୍ତିଶାଳୀ ରଖିବା ପାଇଁ, ଏଥିରେ ଅତି କମରେ ୪୨.୫ ସ୍କ୍ୱାର୍ଡନ ରହିବା ଆବଶ୍ୟକ, କିନ୍ତୁ ବର୍ତ୍ତମାନ କେବଳ ୩୧ ସ୍କ୍ୱାର୍ଡନ ଅଛି।

## ସଫଳତାର ସହ ୨ଟି ଉପଗ୍ରହ ସ୍ଥାପନ କଲା ଇସ୍ରୋ



ନୂଆଦିଲ୍ଲୀ : ସୋମବାର ଇତିହାସ ରଚି ଇସ୍ରୋ ମହାକାଶ କ୍ଷେତ୍ରରେ ଆଉ ଏକ ଉପଲବ୍ଧି ହାସଲ କରିଛି । ଇସ୍ରୋ ୨ଟି ଉପଗ୍ରହକୁ ସଲଗ୍ନ କରିବା(ସ୍ପେଡେକ୍ସ) ମିଶନରେ ଦ୍ୱିତୀୟ ଥର ଉପଗ୍ରହର ଡକିଂ ସଫଳତାପୂର୍ବକ ପୂରା କରିଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏନେଇ ସୂଚନା ଦେଇଛନ୍ତି। କୌଣସି ଏକ ମିଶନକୁ ସଫଳ କରିବା ପାଇଁ ରକେଟ କିମ୍ବା ମହାକାଶକୁ ପଠାଯାଇଥିବା କୌଣସି ଯାନକୁ ମହାକାଶରେ 'ଡକିଂ'ର ଆବଶ୍ୟକତା ପଡିଥାଏ । ଏହି କୌଶଳରେ ୨ବା ଉର୍ଦ୍ଧ୍ୱ ମହାକାଶ ଯାନକୁ ଏକାଠି ଯୋଡି ବା କକ୍ଷରେ ଏକାଠି ବଡ ଷ୍ଟ୍ରକ୍ଚର ନିର୍ମାଣ ଓ ସାମଗ୍ରୀର ନେବା ଆଣିବାରେ ବ୍ୟବହାର କରାଯାଏ। ଏହି କୌଶଳ ଫଳରେ ନିଜର ମହାକାଶ ଷ୍ଟେସନ ନିର୍ମାଣ ଏବଂ ଚନ୍ଦ୍ରଯାନ-୪ ଅଭିଯାନର ସଞ୍ଚାଳନ କରିବାରେ ସାହାଯ୍ୟ ମିଳିବ। ଇସ୍ରୋ ଗତ ବର୍ଷ ୩୦ ଡିସେମ୍ବରରେ ସ୍ପେଡେକ୍ସ ମିଶନ ଆରମ୍ଭ କରିଥିଲା ଏବଂ ମହାକାଶରେ ଡକିଂ ସମ୍ପର୍କିତ ପରୀକ୍ଷଣ ପାଇଁ ୨ଟି ଉପଗ୍ରହ ଏସଡିଏକ୍ସ୦୧ ଓ ଏସଡିଏକ୍ସ୦୨କୁ କକ୍ଷରେ ସ୍ଥାପନ କରାଯାଇଥିଲା । ମନ୍ତ୍ରୀ ସିଂହ କହିଛନ୍ତି କି ପିଏସଏଲଭି-ସି୬୦/ ସ୍ପେଡେକ୍ସ ମିଶନକୁ ୩୦ ଡିସେମ୍ବର ୨୦୨୪କୁ ସଫଳତାପୂର୍ବକ ଆରମ୍ଭ କରାଯାଇଥିଲା । ଏହା ପରେ ଉପଗ୍ରହକୁ ପ୍ରଥମ ଥର ୧୬ ଜାନୁୟାରୀ ୨୦୨୫ରେ ସକାଳ ୬ଟା ୨୦ ମିନିଟରେ ଡକ୍ ଓ ୧୩ ମାର୍ଚ୍ଚ ୨୦୨୫ରେ ସକାଳ ୯ଟା ୨୦ ମିନିଟରେ ସଫଳତା ପୂର୍ବକ ଅନଡକ୍(ଉପଗ୍ରହକୁ ଅଲଗା କରିବାର ପ୍ରକ୍ରିୟା) କରାଯାଇଥିଲା। ଆଗାମୀ ୨ ସପ୍ତାହରେ ଆଗକୁ ଥିବା ଯୋଜନା ପ୍ରସ୍ତୁତ ହେବା ନେଇ ସେ ସୂଚନା ଦେଇଛନ୍ତି।

## 'ନୂତନ ଅପରାଧିକ ଆଇନ ଲାଗୁ କରି ଛତିଶଗଡ ହେବ ଆଦର୍ଶ ରାଜ୍ୟ'




ନୂଆଦିଲ୍ଲୀ/ରାୟପୁର: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ନୂଆଦିଲ୍ଲୀରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ସହ ରାଜ୍ୟରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାର ମୂଲ୍ୟାଙ୍କନ ପାଇଁ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ଆଲୋଚନାରେ ପୋଲିସ, କାରାଗାର, ନ୍ୟାୟାଳୟ, ଅଭିଯୋଜନ ଏବଂ ଫୋରେନସିକ ସେବା ସମ୍ବନ୍ଧୀୟ ପ୍ରମୁଖ ବ୍ୟବସ୍ଥାଗୁଡ଼ିକର ଅଗ୍ରଗତି ଏବଂ ବର୍ତ୍ତମାନର ସ୍ଥିତି ଉପରେ ଧ୍ୟାନ ଦିଆଯାଇଥିଲା। ଏହି ବୈଠକରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ଛତିଶଗଡ଼ର ମୁଖ୍ୟ ଶାସନ ସଚିବ, ପୁଲିସ ଗବେଷଣା ଏବଂ ବିକାଶ ବ୍ୟୁରୋ (ବିପିଆର ଆଣ୍ଡ ଡି)ର ମହାନିର୍ଦ୍ଦେଶକ, ଛତିଶଗଡ଼ର ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ର ମହାନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟ (ଏମଏଚଏ) ଏବଂ ଛତିଶଗଡ଼ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଲାଗୁ ହୋଇଥିବା ତିନୋଟି ନୂତନ ଅପରାଧିକ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ଛତିଶଗଡ଼ରେ ସର୍ବୋଚ୍ଚ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଏହି ଆଇନଗୁଡ଼ିକର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭାରତୀୟ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଧୁନିକୀକରଣ କରିବା ଏବଂ ଛତିଶଗଡ଼ ଭଳି ରାଜ୍ୟ ଏହି ସଂସ୍କାରଗୁଡ଼ିକ ଦ୍ୱାରା ଯଥେଷ୍ଟ ଲାଭବାନ ହେବ। ସେ କହିଥିଲେ ଯେ ଛତିଶଗଡ଼ ତିନୋଟି ନୂଆ ଅପରାଧିକ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିବା ଉଚିତ ଏବଂ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରି ଏକ ଆଦର୍ଶ ରାଜ୍ୟ ହେବା ଉଚିତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଛତିଶଗଡ଼ର ସମସ୍ତ ଥାନା ଏବଂ ଡିଏସପି ସ୍ତରର ଅଧିକାରୀମାନେ ଗମ୍ଭୀର ଅପରାଧ ତଦନ୍ତରେ ନିୟମିତ ଭାବେ ନ୍ୟାସନାଲ ଇଣ୍ଟେଲିଜେନ୍ସ ଗ୍ରୀଡ (ନାଟ୍ ଗ୍ରିଡ୍.) ର ବ୍ୟବହାର କରିବା ଉଚିତ। ରାଜ୍ୟରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ପାଇଁ ଏକ ସଂରଚିତ ସମୀକ୍ଷା ବ୍ୟବସ୍ଥା ପାଇଁ ମଧ୍ୟ ସେ ସୁପାରିଶ କରିଥିଲେ। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ସାପ୍ତାହିକ ସମୀକ୍ଷା କରିବା ଉଚିତ, ରାଜ୍ୟ ଗୃହମନ୍ତ୍ରୀ ପ୍ରତି ୧୫ ଦିନରେ ଅଗ୍ରଗତି ସମୀକ୍ଷା କରିବା ଉଚିତ ଏବଂ ମୁଖ୍ୟମନ୍ତ୍ରୀ ମାସିକ ଭିତ୍ତିରେ କାର୍ଯ୍ୟକାରିତାର ଆକଳନ କରିବା ଉଚିତ।

# ବାଣିଜ୍ୟ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୫୬୬ ଜଣ ଛାତ୍ରଛାତ୍ରୀଙ୍କୁ ୧୧.୩୮ ଲକ୍ଷ ଟଙ୍କାର ମେଧା ଛାତ୍ରବୃତ୍ତି ପ୍ରଦାନ କରିଛି। ଅପ୍ରେଲ ୧୯ ତାରିଖରେ ସିଏସଆର ବିଭାଗର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ (ଆଇପିଡ଼ି) ଠାରେ ଅନୁଷ୍ଠିତ ଏକ ସମାରୋହରେ ଯୋଗ ଦେଇଥିବା ୨୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତୀକାତ୍ମକ ଚେକ୍ ପ୍ରଦାନ କରାଯାଇଥିଲା। ଆରଏସପି ଆଭ୍ୟନ୍ତରୀଣ ଅଡିଟ୍ ବିଭାଗର ସିଜିଏମ ଜି.ଏସ୍. ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀମାନଙ୍କୁ ଡମି ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଅନଲାଇନରେ ପଠାଯାଉଛି । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ସିଏସ୍‌ଆର୍ ବିଭାଗର ଏଜିଏମ ଟି ବି ଟପ୍ପୋ, ବିଶ୍ରାର ଏବିଇଓ ସୁଶ୍ରୀ ସତ୍ୟଭାମା ବେହେରା, ଏବଂ ଲାଠିକଟାର ଏବିଇଓ ସୁଶ୍ରୀ ସିଲଭିଆ ଏକ୍କା ଉପସ୍ଥିତ ଥିଲେ।

## ଆମାଜନ ପକ୍ଷରୁ ଗ୍ରୀଷ୍ମକାଳୀନ ସାମଗ୍ରୀର ବ୍ୟାପକ କଲେକ୍ସନ

amazon

ନୂଆଦିଲ୍ଲୀ: ଗ୍ରାହକଙ୍କୁ ଥଣ୍ଡା ଓ ଆରାମଦାୟକ ରହିବାରେ ସାହାଯ୍ୟ କରିବା ପାଇଁ ଆମାଜନ ଏହାର ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ କଲେକ୍ସନ ନେଇ ଆସିଛି । ସତେଜ ପାନୀୟଠାରୁ ଆରମ୍ଭ କରି ଶକ୍ତି ବୁଷ୍ଟର, ଗୃହପାଳିତ ପଶୁ ଗ୍ରୁମିଂ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଶିଶୁ ଯତ୍ନ ଉତ୍ପାଦ ପର୍ଯ୍ୟନ୍ତ, ଏହି ୱାନ୍ ଷ୍ଟପ୍ ଗନ୍ତବ୍ୟସ୍ଥଳରେ ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି ସୁବିଧା ସହିତ ଅନେକ ପ୍ରକାରର ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀ ରହିଛି । ଗ୍ରାହକମାନେ ଆମାଜନ ପେ ବ୍ୟବହାର କରି ଅତିରିକ୍ତ ସଂଚୟ ଏବଂ ସୁବିଧା ମଧ୍ୟ ଉପଭୋଗ କରିପାରିବେ । ପ୍ରାଇମ ମେମ୍ବରମାନେ ୧୦ ଲକ୍ଷରୁ ଅଧିକ ପ୍ରଡକ୍ଟ ଉପରେ ସମାନ ଦିନର ଡେଲିଭରି ଉପଭୋଗ କରୁଛନ୍ତି। । ଲିକ୍ୱିଡ୍ ଆଇ.ଭି. ଦ୍ୱାରା ପରିଚାଳିତ ହେଉଥିବା ଏହି ସେଲରେ ଗ୍ରାହକମାନେ ସ୍ଲିପି ଆଉଲ, ଗ୍ଲୁକନ୍-ଡି, ହିମାଳୟା, ବାମ୍ବୋ ନେଚର, ପେଟଭିଟ୍ ଏବଂ ଗୁଫି ଟେଲ୍ସ ଭଳି ଶୀର୍ଷ ବ୍ରାଣ୍ଡରେ ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ ଚୟନ ଉପରେ ଅତୁଳନୀୟ ମୂଲ୍ୟ ଉପଭୋଗ କରିପାରିବେ ଏବଂ ସେମାନଙ୍କ ଦ୍ୱାରରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରିବେ। ଏଥିରେ ଉପଲବ୍ଧ କିଛି ଶୀର୍ଷ ସାମଗ୍ରୀଗୁଡ଼ିକ ମଧ୍ୟରେ ରହିଛି ଲିକ୍ୱିଡ ଆଇଭି ହାଇଡ୍ରେସନ ମଲ୍ଟିପ୍ଲାୟର, ଗ୍ଲୁକନ୍-ଡି ଟାଙ୍ଗି ଅରେ ଗ୍ଲୁକୋଜ୍ ପାଉଡର, କଂଟି ନେଂଟାଲ ଦିସ ଲେମନ୍ ଆଇସିଡ୍ ଟି, ମୋଗୁ ମଲ୍ଟି ଫ୍ଲେଭର ମିକ୍ସ ଫ୍ରୁଟ୍ ଜୁସ, ସ୍ଲିପି ଆଉଲ୍ ଆସୋର୍ଟେଡ୍ ବ୍ରୁ କଫି ବ୍ୟାଗ, ଓ'ସିଆନ୍ ଏନର୍ଜି ଡ୍ରିଙ୍କ, ବାମ୍ବୋ ନେଚର ଡିସ୍ପୋଜେବଲ୍ ସୁଇମ୍ ଡାଏପର ପ୍ୟାଂଟ, ଶିଶୁଙ୍କ ପାଇଁ ହିମାଳୟା ପାଉଡର, କେବୁଲ ୱାର୍ଲ୍ଡ ମ୍ୟୁଜିକାଲ କିବୋର୍ଡ ମ୍ୟାଟ୍ ପିଆନୋ ଜିମ୍ ମାଟ୍ ଜିମ୍ ଏବଂ ଫିଟନେସ୍ ରାକ୍। ସେହିଭଳି ଆପଣଙ୍କ ପ୍ରିୟ ପୋଷା ଜୀବମାନଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ବର୍ଗରେ ପେଟଭିଟ୍ ଡଗ୍ ଇଚିଂ ରିଲିଫ୍ ସ୍ପ୍ରେ, କ୍ୟୁପେଟ୍ସ ନାଇଲନ୍ ଆଡଜଷ୍ଟେବଲ୍ ଗଗଲ୍ସ ସନଗ୍ଲାସେସ୍, ଡଗୋ ବାଇଟ୍ ଡଗ ସୁଜ୍, କୁକୁରଙ୍କ ପାଇଁ ଗୁଫି ଟେଲ୍ସ କୁଲିଂ ମ୍ୟାଟ୍ସ ଭଳି ସାମଗ୍ରୀ ରହିଛି ।

## ପୁଞ୍ଜି ନିବେଶ କ୍ଷେତ୍ରରେ ଏନ୍‌ଏସ୍‌ଇର ଦ୍ରୁତ ଅଗ୍ରଗତି

ନୂଆଦିଲ୍ଲୀ: ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ରେ ୮୪ ଲକ୍ଷରୁ ଅଧିକ ନୂତନ ସକ୍ରିୟ ଡିମାଟ୍ ଆକାଉଂଟ ଯୋଡିବା ସହିତ ଭାରତର ପୁଞ୍ଜିନିବେଶ କ୍ଷେତ୍ର ଦ୍ରୁତଗତିରେ ବିକଶିତ ହେବାରେ ଲାଗିଛି। ଯାହା ବାର୍ଷିକ ୨୦.୫% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ମୋଟ ସକ୍ରିୟ ଡିମାଟ୍ ଆକାଉଂଟ ସଂଖ୍ୟା ୪.୯୨ କୋଟି ରହିଛି। ଏହି ପରିବର୍ତ୍ତନରେ ଅଗ୍ରଣୀ ସ୍ଥାନରେ ରହିଛି। ଯାହା କେବଳଏହି ନିଟ୍ ସଂଯୋଗର ୪୦% ରୁ ଅଧିକ ଅଂଶ ହାସଲ କରି ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ବ୍ରୋକରେଜ୍ ପ୍ଲାଟଫର୍ମ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏନଏସଇ ତଥ୍ୟ ଅନୁଯାୟୀ, ଗ୍ରୋର ସକ୍ରିୟ ଗ୍ରାହକ ସଂଖ୍ୟା ୨୦୨୪ମାର୍ଚ୍ଚରେ ୯୫ ଲକ୍ଷ ଥିବାବେଳେ ୨୦୨୫ମାର୍ଚ୍ଚରେ ଏହା ୧.୨୯ କୋଟିକୁ ବୃଦ୍ଧି ପାଇଛି। କମ୍ପାନି ବ୍ୟାପକ ଶିଳ୍ପକୁ ପଛରେ ପକାଇ ୩୬% ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ ପ୍ଲାଟଫର୍ମର ବଜାର ଅଂଶ ୨୩.୨୮% ରୁ ୨୬.୨୬% କୁ ବୃଦ୍ଧି ପାଇଛି ଏବଂ ପ୍ରତିମାସରେ କ୍ରମାଗତ ବୃଦ୍ଧି ହେଉଛି। ଜାନୁଆରୀ ୨୦୨୫ରେ ଏନଏସଇ ସର୍ବକାଳୀନ ସର୍ବୋଚ୍ଚସ୍ତର ୫.୦୨ କୋଟି ସକ୍ରିୟ ଡିମାଟ୍ ଆକାଉଂଟରେ ପହଂଚିଥିଲା। କିନ୍ତୁ ବଜାରର ଅସ୍ଥିରତା କାରଣରୁ ଆର୍ଥିକ ବର୍ଷର ଶେଷ ଦୁଇ ମାସରେ ଶିଳ୍ପରେ ସାମାନ୍ୟ ହ୍ରାସ ଘଟିଥିଲା। ଶିଳ୍ପର ହାରାହାରି ମାସିକ ଗ୍ରାହକ ଅଭିବୃଦ୍ଧି ୧.୭୪% ତୁଳନାରେ ଗ୍ରୋ'ର ହାରାହାରି ମାସିକ ଗ୍ରାହକ ଅଭିବୃଦ୍ଧି ୩% ରହିଥିଲା। ଏହି ଅଭିବୃଦ୍ଧି ଗ୍ରୋର ଡିଜିଟାଲ-ପ୍ରଥମ ଆଭିମୁଖ୍ୟ, ସରଳ ଉପଭୋକ୍ତା ଅଭିଜ୍ଞତା ଏବଂ ଭାରତର ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ସ୍ତରର ସହରଗୁଡ଼ିକର ପ୍ରଥମ ଥର ନିବେଶକଙ୍କ ସହ ଏହାର ଦୃଢ଼ ସମ୍ପର୍କ ପାଇଁ ସମ୍ଭବ ହୋଇଛି। ନୂଆ ଡିମାଟ୍ ଆକାଉଂଟଧାରୀଙ୍କ ମଧ୍ୟମ ବୟସ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଯୁବ ନିବେଶକଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧିଯୋଗୁଁ ଏହି ପରିବର୍ତନ ଆହୁରି ସ୍ପଷ୍ଟ ହୋଇଛି। ଏହି ନୂତନ ଆକାଉଂଟଧାରୀଙ୍କ ସଂଖ୍ୟା ୩୦ ବର୍ଷରୁ କମ୍ ଯାହ ।ଭାରତୀୟମାନେ ସମ୍ପତି ସୃଷ୍ଟି ପ୍ରତି କିପରି ଆଭିମୁଖ୍ୟ ଗ୍ରହଣ କରନ୍ତି ସେଥିରେ ପିଢ଼ି ଗତ ପରିବର୍ତ୍ତନ ସଙ୍କେତ ଦେଉଛି।

## କାର୍ଯ୍ୟକ୍ଷମ ହେଲା ୩୩ କେଭି ଫିଡର, ଦଶ ହଜାରରୁ ଅଧିକ ଉପଭୋକ୍ତା ଉପକୃତ



ଭୁବେନଶ୍ୱର (ଭାସ୍କର ନ୍ୟୁଜ୍): ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ସାଲେପୁର ଅଞ୍ଚଳର ନୂତନ ୧୩୨/ ୩୩ କେଭି ବହୁଗ୍ରାମ (ଆଟୋଡା) ଗ୍ରୀଡରୁ ୩୩ କେଭି (ସିକେଟି-୨) ଫିଡରକୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଯାଇଛି। ବର୍ତ୍ତମାନ କାର୍ଯ୍ୟକ୍ଷମ ହେବା ସହିତ ଏହି ଭିତ୍ତିଭୂମି ବିକାଶ ବହୁଗ୍ରାମ ପ୍ରାଇମେରୀ ସବଷ୍ଟେସନ୍ ଅଧୀନରେ ୧୦,୦୦୦ ରୁ ଅଧିକ ଉପଭୋକ୍ତା ଉପକୃତ ହେବେ। ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବା ସହ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ । ସେହିପରି ସ୍ଥାନୀୟ ଅଞ୍ଚଳରେ ଉତ୍ତମ ବିଦ୍ୟୁତ୍ ଲୋଡ୍ ପରିଚାଳନା ସୁନିଶ୍ଚିତ କରିବ। ଏହି ଭିତ୍ତିଭୂମିର ବିକାଶ ଟିପିସିଓଡିଏଲ୍ ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ବିଦ୍ୟୁତ୍ ବିତରଣ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଫିଡରର ସଫଳ କାର୍ଯ୍ୟାନ୍ୱୟନ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ସମାଧାନ କରିବା ସହ ଅଞ୍ଚଳର ଘରୋଇ, ବାଣିଜ୍ୟିକ ଏବଂ କୃଷି ପାଇଁ ନିରନ୍ତର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ଟିପିସିଓଡିଏଲ୍ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ କରିବା ସହ ଉପଭୋକ୍ତାଙ୍କ ସନ୍ତୁଷ୍ଟିକୁ ଉନ୍ନତ କରିବା ଏବଂ ଆଞ୍ଚଳିକ ବିକାଶକୁ ଆଗେଇ ନେବା ପାଇଁ ସ୍ମାର୍ଟ ଏବଂ ସ୍ଥାୟୀ ସମାଧାନ ଦିଗରେ ପ୍ରତିବଦ୍ଧ ରହିଛି।

## ଆର୍‌ଏସ୍‌ପିର ଅଗ୍ନି ସଚେତନତା କାର୍ଯ୍ୟକ୍ରମ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅଗ୍ନିଶମ ସେବା ବିଭାଗ ଅଗ୍ନି ସେବା ସପ୍ତାହ-୨୦୨୫ ପାଳନ ଉପଲକ୍ଷେ ଅଗ୍ନି ସଚେତନତାର ପ୍ରସାର ପାଇଁ ଉଭୟ ଇସ୍ପାତ କାରଖାନା ଭିତରେ ଏବଂ ଇସ୍ପାତ ସହରାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ବିଭାଗ ବହୁ ସଂଖ୍ୟାରେ ଜନ ସମାଗମ ହେଉଥିବା ରଣନୈତିକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛି। ଲୋକମାନଙ୍କ ମଧ୍ୟରେ ଅଗ୍ନି ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିବା ପାଇଁ ଅଗ୍ନିଶମ ସେବା ଦଳ ଅପ୍ରେଲ ୨୦ ତାରିଖରେ ପ୍ଲୁଟୋନ ମଲ୍‌ରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲା। ଏହି କାର୍ଯ୍ୟକ୍ରମରେ ରବିବାର ସନ୍ଧ୍ୟାର ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ ଯେଉଁମାନେ ଏହି ପ୍ରଦର୍ଶନୀକୁ ଆଗ୍ରହର ସହିତ ଦେଖିଥିଲେ। ସଚେତନତା କାର୍ଯ୍ୟକ୍ରମ ସମୟରେ ଦର୍ଶକମାନଙ୍କୁ ବିଭିନ୍ନ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ସହିତ ବିଭିନ୍ନ ଅଗ୍ନି ନିର୍ବାପନ ଉପକରଣର ବ୍ୟବହାର ଏବଂ ପ୍ରୟୋଗ ବିଷୟରେ ସୂଚନା ଦିଆଯାଇଥିଲା। ଅଗ୍ନିଶମ ସେବା ବିଭାଗର ଜିଏମ୍ ଜୀବନ ବଲ୍ଲଭ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଅଗ୍ନିଶମ ସେବା ଦଳ ଏହି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା।

## ଫୁଡ୍ ଫେଷ୍ଟିଭାଲ ୨୦୨୫ ଆୟୋଜିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଲାଇଫ୍ ହୋଟେଲ୍ସ ଭୁବନେଶ୍ୱର, କୋଲକାତାର ରୟାଲ ଥାଇ କନ୍‌ସୁଲେଟ୍ ଜେନେରାଲଙ୍କ ସହ ମିଳିତ ଭାବରେ ଏକ ଆକର୍ଷଣୀୟ ଉତ୍ସବ ଥାଇ ଫୁଡ୍ ଫେଷ୍ଟିଭାଲ୍ ୨୦୨୫ ଏପ୍ରିଲ ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ଲାଇଫ୍ ହୋଟେଲରେ ପ୍ରସିଦ୍ଧ ସେଫ୍ ସାରା ପାଣିସରାଙ୍କ ଦ୍ୱାରା ପ୍ରକୃତ ଥାଇ ରେଷ୍ଟୁରାଟ୍ ସୁଇଟ୍ ବାସିଲ ଚାଲିଛି। ଲାଇଫ୍ ହୋଟେଲସ୍ ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ସହପ୍ରତିଷ୍ଠାତା ସୋନାଲ ସାହୁ କହିଛନ୍ତି, ଲାଇଫ୍ ହୋଟେଲ୍ ଭୁବନେଶ୍ୱର ସହରରେ ଅସାଧାରଣ ଓ ବିବିଧ ଏଫ୍ ଆଣ୍ଡ ବି ଅନୁଭୂତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଥାଇ ଫୁଡ୍ ଫେଷ୍ଟିଭାଲ୍ ସେହି ଦୃଷ୍ଟିକୋଣର ଏକ ଗର୍ବିତ ପରିପ୍ରକାଶ। ରୟାଲ ଥାଇ କନ୍ସୁଲେଟ୍ ଜେନେରାଲଙ୍କ ସହ ଭାଗିଦାରୀରେ ଭୁବନେଶ୍ୱରକୁ ଏଠାରେ ସ୍ୱିଟ୍ ବାସିଲଠାରେ ଥାଇଲାଣ୍ଡର ପ୍ରକୃତ ସ୍ୱାଦ ଅନୁଭବ କରିବାର ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରି ଆମେ ଆନନ୍ଦିତ । ସେଫ୍ ସାରା ପାଣିସାରାଙ୍କ ନେତୃତ୍ୱରେ ଏହି ରୋଷେଇ ଯାତ୍ରା ଅବିସ୍ମରଣୀୟ ଠାରୁ କମ୍ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛି।

## ରେକର୍ଡସ୍ତର ଛୁଇଁଲା ସୁନା, ଚିନ୍ତାରେ ଖାଉଟୀ



ନୂଆଦିଲ୍ଲୀ: ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନାର ମୂଲ୍ୟ। ସୋମବାର ଦେଶର ଫ୍ୟୁଚର୍ସ ମାର୍କେଟ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନାର ମୂଲ୍ୟ ରେକର୍ଡସ୍ତର ଛୁଇଁଛି। ଏହା ୯୭ ହଜାର ଟଙ୍କାର ନିକଟତର ହୋଇଛି। ଏପ୍ରିଲ ମାସରେ ସୁନା ମୂଲ୍ୟରେ ଦଶ ଗ୍ରାମ ପିଛା ମୋଟ ୬,୨୦୦ ଟଙ୍କା ବୃଦ୍ଧି ହୋଇ ସାରିଛି। ସୁନା ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ତେବେ ଡଲାର ସୂଚକାଙ୍କରେ କ୍ରମାଗତ ହ୍ରାସ ଏବଂ ଚାଇନା ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଯୋଗୁ ସୁନା ମୂଲ୍ୟ ବୃଦ୍ଧି ପାଉଛି। ସୋମବାର ଏମ୍‌ସିଏକ୍ସରେ ସୁନା ୧,୬୨୧ ଟଙ୍କା ବୃଦ୍ଧି ପାଇ ୯୬,୮୭୫ ଟଙ୍କାର ରେକର୍ଡ ସ୍ତରରେ ପହଞ୍ଚିଛି। ସେହିଭଳି ରୂପା ମୂଲ୍ୟ ୬୪୨ ଟଙ୍କା ବୃଦ୍ଧି ସହିତ ପ୍ରତି କିଲୋଗ୍ରାମ ୯୫,୬୭୯ ଟଙ୍କାରେ କାରବାର କରୁଛି। ରୂପା ମଧ୍ୟ କାରବାର ସମୟରେ ୯୬,୧୦୦ ଟଙ୍କାରେ ପହଞ୍ଚିଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ବଜାରରେ ଅନିଶ୍ଚିତତା ଏବଂ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବୃଦ୍ଧି ପାଉଥିବା ବେଳେ ସୁନା ଏବଂ ରୂପାର ମୂଲ୍ୟରେ ବହୁତ ଅସ୍ଥିରତା ଦେଖାଦେଇଥିଲା। ସପ୍ତାହ ମଧ୍ୟରେ ସୁନା ମୂଲ୍ୟ ନୂତନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ଏବଂ ରୂପା ଦର ମଧ୍ୟ ବଢ଼ୁଛି। ଗତ ମାସର ଶେଷ ବ୍ୟବସାୟ ଦିବସରେ ସୁନାର ମୂଲ୍ୟ ପ୍ରତି ଦଶ ଗ୍ରାମ ୯୦,୭୧୭ ଟଙ୍କା ଥିଲା, ଯାହା ଏବେ ସର୍ବୋଚ୍ଚ ସ୍ତରରେ ୯୬,୮୭୫ ଟଙ୍କାକୁ ବୃଦ୍ଧି ପାଇଛି। ବିଶେଷଜ୍ଞଙ୍କ ମତରେ ଅକ୍ଷୟ ତୃତୀୟା ପୂର୍ବରୁ ସୁନାର ମୂଲ୍ୟ ଏକ ଲକ୍ଷ ଟଙ୍କା ଛୁଇଁପାରେ।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର



ମୁମ୍ବାଇ: ଆଇପିଏଲ ୨୦୨୫ରେ ରୋହିତ ଶର୍ମା ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ କରି ମୁମ୍ବାଇ ଇଣ୍ଡିଆନ୍ସ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହି ମ୍ୟାଚ ପରେ ରୋହିତ ପରୋକ୍ଷରେ ଟିମ ଇଣ୍ଡିଆ କୋଚ ଗୌତମ ଗମ୍ଭୀରଙ୍କୁ ଟାର୍ଗେଟ କରିଛନ୍ତି। ଅର୍ଦ୍ଧଶତକ ହାସଲ କରିବା ପରେ ରୋହିତ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଥିଲେ । ସେ ତାଙ୍କ ଭଲ ପ୍ରଦର୍ଶନର କ୍ରେଡିଟ ଅଭିଷେକ ନାୟାରଙ୍କୁ ଦେଇଛନ୍ତି । ତେବେ ଏହା ମାଧ୍ୟମରେ ସେ ଗମ୍ଭୀରଙ୍କୁ ଟାର୍ଗେଟ କରିଥିବା ଅନୁମାନ କରାଯାଉଛି। ନାୟାରଙ୍କୁ ହଠାତ ଟିମ ଇଣ୍ଡିଆ ସହକାରୀ କୋଚ ପଦରୁ ହଟେଇ ଦିଆଯାଇଛି । ଏହା ପୂର୍ବରୁ ଗମ୍ଭୀର, ରୋହିତଙ୍କ ସମେତ ବିସିସିଆଇ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ବୈଠକ ବସିଥିଲା । ଏବେ ନାୟାର ହଟିବା ପରେ କେକେଆର ସଙ୍ଗେ ସଙ୍ଗେ ତାଙ୍କୁ ସହକାରୀ କୋଚ ପଦ ପ୍ରଦାନ କରିଛି । ଗତ ସଂସ୍କରଣରେ କେକେଆରକୁ ଚାମ୍ପିୟନ କରାଇବା ପଛରେ ନାୟାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଚଳିତ ସିଜନରେ କେକେଆର ପ୍ରଦର୍ଶନ ଏ ପର୍ଯ୍ୟନ୍ତ ଭଲ ରହି ନାହିଁ । ନାୟାରଙ୍କ ଉପସ୍ଥିତି ଦଳକୁ ଫାଇଦାରେ ରଖିବ ବୋଲି ଆଶା କରାଯାଉଛି । ଟିମ ଇଣ୍ଡିଆର ସିନିୟର ଖେଳାଳି ରୋହିତ ଏବଂ ବିରାଟ କୋହଲିଙ୍କ ଉପରେ ଗମ୍ଭୀର ବୟାନବାଜି କରିଥିବା ଖବର ଲିକ ହୋଇଥିଲା । ନାୟାରଙ୍କୁ ଏଥିପାଇଁ ପରୋକ୍ଷରେ ଦାୟୀ କରାଯାଉଛି ।



**୩୯ତମ ମ୍ୟାଚ୍ | କୋଲକାତା ନାଇଟ ରାଇଡର୍ସ ବନାମ ଗୁଜରାଟ ଟାଇଟାନ୍ସ**

# ଗୁଜରାଟ ଟାଇଟାନ୍ସ ୩୯ରନ୍‌ରେ ବିଜୟୀ



କୋଲକାତା: ଆଇପିଏଲ୍‌ର ୩୯ତମ ମ୍ୟାଚ୍ କୋଲକାତା ନାଇଟ୍ ରାଇର୍ଡସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ କୋଲକାତାର ଇର୍ଡେନ୍ ଗାର୍ଡେନ୍ସରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଗୁଜରାଟ ୩୯ରନ୍‌ରେ ବିଜୟ ଲାଭ କରିଛି। କୋଲକାତା ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ଦଳ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା। ଶୁବମନ ଗିଲଙ୍କ ନେତୃତ୍ୱରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ଟି ୱିକେଟ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା। ଗୁଜରାଟର ଇନିଂସ ଆରମ୍ଭ କରିଥିଲେ ସାଇ ସୁଦର୍ଶନ ଓ ଶୁବମନ୍ ଗିଲ। ଉଭୟ ଯୁବ ଖେଳାଳି ପ୍ରଥମ ୱିକେଟ୍‌ରେ ୧୧୪ ରନ୍ ଭାଗିଦାରୀ କରିଥିଲେ। କୋଲକାତାର ପ୍ରଥମ ଶିକାର ହୋଇଥିବା ସୁଦର୍ଶନ ବ୍ୟକ୍ତିଗତ ଭାବେ ୫୨ ରନ୍ ସଂଗ୍ରହ କରିଥିଲେ। ସେ ୩୬ଟି ବଲ୍ ସାମ୍ନା କରି ୬ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଗୁଜରାଟର ଅଧିନାୟକ ଶୁବମନ ଗିଲ ବିସ୍ଫୋରକ ବ୍ୟାଟିଂ କରିଥିଲେ। ବୈଭବ ଅରୋରାଙ୍କ ବଲରେ ଆଉଟ୍ ହୋଇ ପାଭଲିଅନ ଫେରିଯିବା ପୂର୍ବରୁ ସେ ୫୫ଟି ବଲ୍ ଖେଳି ବ୍ୟକ୍ତିଗତ ଭାବେ ୯୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ୧୦ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ରାହୁଲ ତେୱାଟିଆ ଖାତା ନଖୋଲି ଆଉଟ୍ ହୋଇଥିଲେ। ଜୋସ୍ ବଟଲର ୨୩ଟି ବଲ୍ ଖେଳି ଅପରାଜିତ ୪୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୮ଟି ଚୌକା ସାମିଲ କରିଥିଲେ। ଶାହରୁଖ ଖାନଙ୍କ ବ୍ୟାଟ୍ରୁ ଗୋଟିଏ ଛକା ସହାୟତାରେ ୯ ରନ୍ ଅମଳ ହୋଇଥିଲା। କୋଲକାତା ପାଇଁ ବୈଭବ, ହର୍ଷିତ ରାଣା ଓ ଆନ୍ଦ୍ରେ ରସଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ୧୯୯ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା କୋଲକାତା। କୋଲକାତା ନାଇଟ୍ ରାଇର୍ଡସ ନୈରାଶ୍ୟ ପ୍ରଦର୍ଶନ କରି ୮ୱିକେଟ ହରାଇ ୧୫୯ରନ୍ କରି ମ୍ୟାଚ୍ ହାରି ଯାଇଥିଲା। ଦଳ ପକ୍ଷରୁ ରାହମୁଲାହ ଗୁରୁବାଜ ୧, ସୁନୀଲ ନାରେନ ୧୭, ଅଧିନାୟକ ଆଜିଙ୍କେ ରାହେନ ୫୦, ଭେଙ୍କେଟଶ ଆୟର ୧୪, ରିଙ୍କୁ ସିଂ ୧୭, ଅଣ୍ଡେ ରସେଲ ୨୧, ରମଣଦୀପ ସିଂ ୧, ମୋଇନ ଅଲ୍ଲି ୦, ଅଙ୍ଗକ୍ରିଶ୍ ରଘୁବଂଶୀ ୨୭ ଓ ହରର୍ଷିତ ରାନା ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ସିରାଜ, ଇଶାନ୍ତ ଶର୍ମା, ୱାଶିଂଟନ ସୁନ୍ଦର, ରବିଶ୍ରୀନିବାନ ସାଇ କିଶୋର ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଅକାର କରିଥିଲେ। ପ୍ରଦୀଶ କ୍ରିଷ୍ଣା, ରସିଦ୍ ଖାନ୍ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ଖେଳାଳି ବାର୍ଷିକ ଚୁକ୍ତି ଘୋଷଣା କଲା ବିସିସିଆଇ**

# ଫେରିଲେ ଇଶାନ ଓ ଶ୍ରେୟସ




ମୁମ୍ବାଇ: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ଖେଳାଳିମାନଙ୍କର ୨୦୨୪-୨୫ ସିଜିନ୍ ପାଇଁ ସିନିୟର ପୁରୁଷ ଦଳ ନିମନ୍ତେ ବାର୍ଷିକ ଚୁକ୍ତି ତାଲିକା ଘୋଷଣା କରିଛି। ବୋର୍ଡ ପକ୍ଷରୁ ଏଥର ୩୪ ଖେଳାଳିଙ୍କ ସହ ଚୁକ୍ତି କରିଛି। ଇଶାନ କିଷନ ଏବଂ ଶ୍ରେୟସ ଆୟାରଙ୍କୁ ତାଲିକାରେ ସାମିଲ କରାଯାଇଛି। ଗତ ବର୍ଷ ଏହି ଦୁଇ ଖେଳାଳିଙ୍କୁ ଚୁକ୍ତି ତାଲିକାରୁ ବାହାର କରି ଦିଆଯାଇଥିଲା। ଶ୍ରେୟସ ଆୟାରଙ୍କୁ ଗ୍ରେଡ-ବି ଏବଂ ଇଶାନ କିଷନଙ୍କୁ ଗ୍ରେଡ-ସି’ କାଟାଗୋରିରେ ସାମିଲ କରାଯାଇଛି। ଅଭିଷେକ ଶର୍ମା, ହର୍ଶତ ରାଣା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଏବଂ ନିତିଶ ରେଡ୍ଡୀଙ୍କୁ ବି ଏଥର ଚୁକ୍ତି ମିଳିଛି। ଶାର୍ଦ୍ଦୁଳ ଠାକୁର, ଜିତେଶ ଶର୍ମା, କେ.ଏସ. ଭରତ, ଆଭେଶ ଖାନ ଏବଂ ଆର. ଅଶ୍ୱିନୀଙ୍କୁ ଚୁକ୍ତିରୁ ବାହାର କରିଦିଆଯାଇଛି। ଗତ ବର୍ଷ ବାଦ୍ ପଡ଼ିଥିବା ଶ୍ରେୟସ୍ ଆୟାର ଏବଂ ଇଶାନ କିଶନ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ, ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ସର୍ବୋଚ୍ଚ ଶ୍ରେଣୀ ଗ୍ରେଡ୍ ଇ-ପ୍ଲସରେ ସ୍ଥାନ ବଜାୟ ରଖିଛନ୍ତି। ଗ୍ରେଡ୍ ଇ: ମହମ୍ମଦ ସିରାଜ, କେ.ଏଲ୍. ରାହୁଲ, ଶୁଭମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି, ଋଷଭ ପନ୍ତ। ଗ୍ରେଡ୍ ବି : ସୂର୍ଯ୍ୟକୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସୱାଲ, ଶ୍ରେୟସ୍ ଆୟାର। ଗ୍ରେଡ୍ ସି : ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାୟକ୍ୱାଡ, ଶିବମ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପଟିଦାର, ଧ୍ରୁବ ଜୁରେଲ, ସରଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଇଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ ରାଣା।

# ରାଜସ୍ଥାନ-ଲକ୍ଷ୍ନୌ ମ୍ୟାଚ ଫିକ୍ସ ନେଇ ଜୟଦୀପଙ୍କ ଅଭିଯୋଗ

ଜୟପୁର: ଆଇପିଏଲରେ ପ୍ଲେ ଅଫ ପ୍ରବେଶ ପାଇଁ ସମସ୍ତ ଟିମ ଜୋରସୋରରେ ପ୍ରୟାସ ଜାରୀ ରଖିଛନ୍ତି । ଏହା ମଧ୍ୟରେ ଏପ୍ରିଲ ୧୯ରେ ଜୟପୁରର ଏସଏମଏସ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜ୍ୟାଂଟସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ରାଜସ୍ଥାନ ପରାଜିତ ହୋଇଥିଲା । ଶେଷ ଓଭରରେ ଦଳ ୯ ରନ ସଂଗ୍ରହ କରିପାରି ନ ଥିଲା । ଏହା ପରେ ରାଜସ୍ଥାନ କ୍ରିକେଟ ଆସୋସିଏଶନ ଆଡହକ କମିଟିର କନଭେନିୟର ଜୟଦୀପ ବିହାଣୀ ଏକ ମାରାତ୍ମକ ଅଭିଯୋଗ ଆଣିଛନ୍ତି । ଜୟପୁରରେ ଖେଳା ଯାଇଥିବା ୨ଟି ମ୍ୟାଚ ନେଇ ସେ ସନ୍ଦେହ ବ୍ୟକ୍ତ କରିଛନ୍ତି। ରାଜସ୍ଥାନ ଜାଣିଶୁଣି କାହିଁକି ମ୍ୟାଚ ହାରୁଛି ବୋଲି ସେ କହିଛନ୍ତି। ଶେଷ ଓଭରରେ ୯ ରନ କିଛି ବଡ କଥା ନ ଥିଲା ବୋଲି ଜୟଦୀପ କହିଛନ୍ତି । ସେ ପରୋକ୍ଷରେ ମ୍ୟାଚ ଫିକ୍ସିଂ ନେଇ ମଧ୍ୟ ସନ୍ଦେହ ବ୍ୟକ୍ତ କରିଛନ୍ତି । ରାଜସ୍ଥାନ ରୟାଲ୍ସର ଉପ ସଭାପତି ରାଜୀବ ଖାନ୍ନା ସିଧାସଳଖ କିଛି କହି ନ ଥିଲେ ମଧ୍ୟ ଯଦି କାହାର ଅଭିଯୋଗ ଅଛି ସେ ବିଧିବଦ୍ଧ ପ୍ରକ୍ରିୟା ଅପାଣାଇବା ଉଚିତ। ରାଜସ୍ଥାନ କ୍ରିକେଟ ଆସୋସିଏଶନ ପୂର୍ବରୁ ଅନେକ ଆନ୍ତର୍ଜାତୀୟ ମ୍ୟାଚ ସଫଳତାର ସହ ଆୟୋଜନ କରିଛି । ଏବେ ଏଠାରେ ଆଇପିଏଲର ମ୍ୟାଚ ଖେଳାଯିବା ବେଳେ ଜାଣିଶୁଣି ଆରସିଏକୁ ଦୂରେଇ ରଖାଯାଉଛି । ଆଡହକ କମିଟି ସଦସ୍ୟଙ୍କ ଆର୍କିଡେଶନ କାର୍ଡ ମଧ୍ୟ କରାଯାଇ ନାହିଁ । ଯାହାର ନାମ ଲାଲ ଡାଏରୀରେ ଅଛି ସେ ସବୁ କିଛି କରିପାରିବ। ସେ ପରୋକ୍ଷରେ ରାଜୀବ ଖାନ୍ନାଙ୍କୁ ଟାର୍ଗେଟ କରିଛନ୍ତି । ସୂଚନାଯୋଗ୍ୟ, କିଛି ଦିନ ତଳେ ବିସିସିଆଇ ଖେଳାଳି ଏବଂ ସେମାନଙ୍କ ପରିବାରବର୍ଗଙ୍କୁ କାହାଠାରୁ କୌଣସି ପ୍ରକାରର ଉପହାର ନେବାକୁ ସତର୍କ କରାଇଛନ୍ତି ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ସବ୍-ଜୁନିୟର ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ




ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଡେଭଲପମେଣ୍ଟ କମିଟି, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଓ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ୟୋନେକ୍ସ ସନରାଇଜ ଅଲ୍ ଓଡ଼ିଶା ରାଜ୍ୟ ବାଳକ ବାଳିକା ସବ୍-ଜୁନିୟର (ୟୁ ୧୫) ଏବଂ ଜୁନିଅର (ୟୁ ୧୯) ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ବିଭିନ୍ନ ବର୍ଗର ବିଜେତା ଓ ଉପବିଜେତାଙ୍କୁ ପୁରସ୍କାର ରାଶି ଓ କପ୍ ପ୍ରଦାନ କରିଥିଲେ। ସବ୍-ଜୁନିୟର ବର୍ଗର ବାଳକ ବିଭାଗ ସିଙ୍ଗସ ଫାଇନାଲରେ କଟକ ଜିଲ୍ଲାର ହର୍ଷିତ ପ୍ରିୟଦର୍ଶନୀ ବେହେର- ଚାମ୍ପିଅନ୍, ସମ୍ବଲପୁର ଜିଲ୍ଲାର ଅୟଙ୍କ କୁମାର ସାହୁ- ରନର୍ ଅପ୍, ସବ୍-ଜୁନିୟର ବାଳିକା ସିଙ୍ଗସରେ ଖୋର୍ଦ୍ଧା ଜିଲ୍ଲାର ନିମୀଷା ଓଝା- ଚାମ୍ପିଅନ୍, କଟକ ଜିଲ୍ଲାର ସ୍ୱାତୀ ନାୟକ- ରନର୍ ଅପ୍, ସବ୍-ଜୁନିୟର ବାଳକ ଡବସରେ କଟକ ଜିଲ୍ଲାର ହର୍ଷିତ ପ୍ରିୟଦର୍ଶନୀ ବେହେରା ଓ ସମ୍ବଲପୁର ଜିଲ୍ଲାର ଅୟଙ୍କ କୁମାର ସାହୁ ଯୋଡି- ଚାମ୍ପିଅନ୍, ସୁନ୍ଦରଗଡ ଜିଲ୍ଲାର ଅନୁଭବ ବଦାଏକ ଓ କଟକ ଜିଲ୍ଲାର ଅରଦେବ ମହାନ୍ତି ଯୋଡି- ରନର୍ ଅପ୍, ସବ୍-ଜୁନିୟର ବାଳିକା ଡବସରେ କଟକ ଜିଲ୍ଲାର ସ୍ୱାତୀ ନାୟକ ଓ ଖୋର୍ଦ୍ଧା ଜିଲ୍ଲାର ନିମୀଷା ଓଝା ଯୋଡି- ଚାମ୍ପିଅନ୍, ଭଦ୍ରକ ଜିଲ୍ଲାର ବୁଦ୍ଧୁପୁ ଲକ୍ଷ୍ମୀ ରେଡ୍ଡୀ ଓ ଯାଜପୁରର ରୀତିକା ଦାସ ଯୋଡି- ରନର୍ ଅପ୍, ସବ୍-ଜୁନିୟର ମିକ୍ସ ଡବସରେ କଟକ ଜିଲ୍ଲାର ହର୍ଷିତ ପ୍ରିୟଦର୍ଶନୀ ବେହେରା ଓ ଆଦ୍ୟଶା ମହାପାତ୍ର ଯୋଡି- ଚାମ୍ପିଅନ୍ ଓ ଖୋର୍ଦ୍ଧା ଜିଲ୍ଲାର ଦିପ୍ତ୍ୟାଂଶୁ ଶର୍ମା ଓ ଆଲ୍ୟାଷା ପ୍ରଧାନ ଯୋଡି- ରନର୍ ଅପ୍ ହୋଇଥିବା ବେଳେ ଜୁନିୟର ବର୍ଗର ବାଳକ ବିଭାଗ ସିଙ୍ଗସ ଫାଇନାଲରେ ବଲାଙ୍ଗିର ଜିଲ୍ଲାର ଦିବ୍ୟମ କେଜ୍ରିବାଲ- ଚାମ୍ପିଅନ୍, ବାଲେଶ୍ୱର ଜିଲ୍ଲାର ଜ୍ୟୋତିସୂର୍ଯ୍ୟ ପରମାଣିକ- ରନର୍ ଅପ୍, ଜୁନିୟର ବାଳିକା ସିଙ୍ଗସରେ କଟକ ଜିଲ୍ଲାର ସ୍ୱାତୀ ନାୟକ- ଚାମ୍ପିଅନ୍, ଖୋର୍ଦ୍ଧା ଜିଲ୍ଲାର ନିମୀଷା ଓଝା- ରନର୍ ଅପ୍, ଜୁନିୟର ବାଳକ ଡବସରେ ମୟୂରଭଞ୍ଜ ଜିଲ୍ଲାର ଶ୍ରେୟାସ ଜେନା ଓ ଢେଙ୍କାନାଳ ଜିଲ୍ଲାର ଶୁଭକେତନ ମଲ୍ଲିକ ଯୋଡି- ଚାମ୍ପିଅନ୍, ଖୋର୍ଦ୍ଧା ଜିଲ୍ଲାର ବପୁନ ରାଉତ ଓ ବଲାଙ୍ଗିର ଜିଲ୍ଲାର ଦିବ୍ୟମ କେଜ୍ରିବାଳ ଯୋଡି- ରନର୍ ଅପ୍ ଜୁନିୟର ବାଳିକା ଡବସରେ ସମ୍ବଲପୁରର ଆଶ୍ୱିକା ମିଶ୍ର ଓ ଖୋର୍ଦ୍ଧା ଜିଲ୍ଲାର ଶିରୀନ ସିଦ୍ଧିକୀ ଯୋଡି- ଚାମ୍ପିଅନ୍, ଭଦ୍ରକ ଜିଲ୍ଲାର ବୁଦ୍ଧୁପୁ ଲକ୍ଷ୍ମୀ ରେଡ୍ଡୀ ଓ ଯାଜପୁରର ରୀତିକା ଦାସ ଯୋଡି- ରନର୍ ଅପ୍ ଜୁନିୟର ମିକ୍ସ ଡବସରେ ବାଲେଶ୍ୱର ଜିଲ୍ଲାର ମୟଙ୍କ ଭାରଦ୍ୱାଜ ଓ ଖୋର୍ଦ୍ଧା ଜିଲ୍ଲାର ଶିରୀନ ସିଦ୍ଧିକୀ ଯୋଡି- ଚାମ୍ପିଅନ୍ ଓ ଖୋର୍ଦ୍ଧା ଜିଲ୍ଲାର ଶ୍ରୀଜିତ ବାନାର୍ଜୀ ଓ ଭଦ୍ରକର ଜେସିକା ସାହୁ ଯୋଡି- ରନର୍ ଅପ୍ ହୋଇଛନ୍ତି ବୋଲି ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବରେ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ମନ୍ତ୍ରୀ ଉପସ୍ଥିତ ଥିବା ଖେଳାଳୀ, ଆୟୋଜକ ଓ ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ଇଣ୍ଡୋର ଷ୍ଟାଡିୟମରେ ଅତ୍ୟଧିକ ଗରମ ହେଉ ଥିବା ଅନୁଭବ କରିବାରୁ ଉପସ୍ଥିତ ଥିବା ବୁଦ୍ଧିଜୀବୀ ମାନେ ଇଣ୍ଡୋର ଷ୍ଟାଡିୟମ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅନେକ ଜିଲ୍ଲାରେ ଇଣ୍ଡୋର ଷ୍ଟାଡିୟମ ଶୀତ-ତାପ ନିୟନ୍ତ୍ରିତ ଥିବା କଥା ଜାଣି ମନ୍ତ୍ରୀ ଏ ନେଇ ଜିଲ୍ଲାପାଳ ଏବଂ କ୍ରୀଡା ବିଭାଗ ସହ ଆଲୋଚନା କରି ଷ୍ଟାଡିୟମ ଉନ୍ନତିକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀ, ଅବିଭାବକ ମାନଙ୍କ ଉପସ୍ଥିତି ଏବଂ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, ରାଜ୍ୟ କର୍ମକର୍ତ୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ରଗବୀ ପ୍ରତିଯୋଗିତାରେ ଭାଗନେବେ ୩ ଖେଳାଳି




ବାରିପଦା (ଭାସ୍କର ନ୍ୟୁଜ୍): ଆସାମର ଗୌହାଟୀ ଠାରେ ଚଳିତ ମାସ ୨୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ରଗବୀ ପ୍ରତିଯୋଗିତା-୨୦୨୫ ମହିଳା ବିଭାଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୩ ଜଣ ମହିଳା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସଦା ଓ ଲିଲମୁନି ହାଁସଦା ଓ ତାଙ୍କର ଏହି ସଫଳତାର ଖବର ପାଇ ମୟୁରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦: ପ୍ରିୟଙ୍କାଙ୍କୁ ୫ ୱିକେଟ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଚଳିତ ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦ ପ୍ରତିଯୋଗିତାର ମ୍ୟାଚ୍‌ରେ ବଲାଙ୍ଗୀର, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ବରଗଡ଼ ବିଜୟୀ ହୋଇଛନ୍ତି। ଡ୍ରିମସ ପଡ଼ିଆରେ ଚାଲିଥିବା ମ୍ୟାଚ୍‌ରେ ଭୁବନେଶ୍ୱର ୧୦ ୱିକେଟରେ ନୟାଗଡକୁ ପରାସ୍ତ କରିଛି। ପ୍ରିୟଙ୍କା ପାତ୍ରଙ୍କ (୨.୫-୧-୨-୫)ଙ୍କ ବୋଲିଂ ସଫଳତାକୁ ସାମ୍ନା କରିପାରି ନୟାଗଡ଼ ୧୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୨୮ରନ କରିଥିଲା। ଭୁବନେଶ୍ୱର ୫.୩ ଓଭରରେ କୌଣସି ୱିକେଟ୍ ନ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବଲାଙ୍ଗୀର ୮ ୱିକେଟରେ ପୁରୀକୁ, ବାଲେଶ୍ୱର ୯ ୱିକେଟରେ ମୟୂରଭଞ୍ଜକୁ, ଝାରସୁଗୁଡା ୮ ୱିକେଟରେ ଅନୁଗୋଳକୁ, ସମ୍ବଲପୁର ୯୫ ରନ୍‌ରେ ନବରଙ୍ଗପୁରକୁ, କଟକ ୬ ୱିକେଟ୍‌ରେ ସୋନପୁରକୁ, ଖୋର୍ଦ୍ଧା ୪୩ ରନ୍‌ରେ କୋରାପୁଟକୁ ଏବଂ ବରଗଡ଼ ୮୭ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି।

# ମୁଶିର୍‌ଙ୍କୁ ବ୍ୟାଟ ଉପହାର ଦେଲେ ବିରାଟ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ଉଦୀୟମାନ ତାରକା ମୁଶିର ଖାନଙ୍କୁ ବିରାଟ କୋହିଲି ବ୍ୟାଟ ଉପହାର ଦେଇଥିଲେ। କିଙ୍ଗ ବିରାଟ କୋହଲିଙ୍କଠାରୁ ଉପହାର ପାଇ ଖସିରେ ଗଦଗଦ ହେଲେ ମୁଶିର। ଏହି ମୁହୂର୍ତ୍ତକୁ ମନେ ପକାଇ ମୁଶିର ଭାବପ୍ରବଣ ହେବା ସହ ନିଜର ଅନୁଭବ ଜଣାଇଛନ୍ତି। ସ୍ୱତନ୍ତ୍ର ଉପହାର ପାଇ ବିରାଟ କୋହଲିଙ୍କ ଆଗରେ ସେ କାନ୍ଦିବାକୁ ଲାଗିଥିଲେ ବୋଲି କହିଛନ୍ତି। ମୁଶିରଙ୍କ କହିବା ମୁତାବକ, ‘ମୁଁ ବିରାଟ ଭାଇଙ୍କ ଆଗରେ କାନ୍ଦି ପକାଇଥିଲି। ବିରାଟ ଭାଇଙ୍କୁ ମୁଁ କହିଥିଲି ଯେ ଆପଣଙ୍କ ବ୍ୟାଟ୍‌ରେ ବହୁତ ରନ କରିଛି। ସରଫରାଜ ଭାଇ ମୋତେ ଆପଣଙ୍କ ବ୍ୟାଟ୍ ଦେଉଥିଲେ। ବିରାଟ ଭାଇ ମୋତେ ଏକ ବ୍ୟାଟ୍ ଦିଅ। ଭାଙ୍ଗିଯାଇଥିଲେ ବି ଚଳିବ। ସେ ବିନା ଦ୍ୱିଧାରେ ମୋତେ ତାଙ୍କର ବ୍ୟାଟ୍ ଦେଲେ। ସେହି ମୁହୂର୍ତ୍ତଟି ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର ରହିବ।’

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, झुमरीतिलैया**

**सूचना**

इस कार्यालय के द्वारा प्रकाशित निविदा संख्या **02/JMT/2025-26**, PR No. **349862** Left out work of detailed survey, designing and drawing, Construction of 10.0 M dia R.C.C. Intake well cum pump house, Gangway 75.1 mtr. length and 3.95 mtr. wide, Pipe Bridge 70.0 mtr. length and 2.00 mtr. wide, Pipe Bridge 50 mtr. length and 2 mtr. wide, Pipe Bridge 100 mtr. length and 2 mtr. wide Pipe Bridge 60 mtr. length and 2 mtr. wide. 19.50 MLD capacity Water Treatment Plant, Compound wall, Supplying and laying Raw/Clear Water rising main & Laying Distribution Network, , Supplying and Installation of Vertical turbine and Centrifugal pump motor, and Five years Operation and Maintenance with allied works etc. all complete job for work of **Jainagar ,Domchanch & Koderma** Block MVS Rural Water Supply Scheme under Drinking Water & Sanitation Division, **Jhumritelaiya** on turnkey basis. Year 2025-2026.को अपरिहार्य कारणवश रद्द किया जाता है।

(ई0 अनुज कुमार सिन्हा)
कार्यपालक अभियंता,
पेयजल एवं स्वच्छता प्रमंडल, झुमरीतिलैया

PR 350703 Drinking Water and Sanitation(25-26)#D

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, झुमरीतिलैया**

**सूचना**

इस कार्यालय के द्वारा प्रकाशित निविदा संख्या **03/JMT/2025-26**, PR No. **349939** Left out work for Construction of 6.0 M dia R.C.C. Intake well cum pump house, Gangway 50 mtr. length and 3.00 mtr. wide, 3.5 MLD capacity Water Treatment Plant, 3 No. ESR, Compound wall, Approach road, Railway crossing, Supplying and laying Raw/Clear Water rising main & Laying Distribution Network, , Supplying and Installation of Vertical turbine and Centrifugal pump motor, and Five years Operation and Maintenance with allied works etc. all complete job for **KHARIODIH Rural Water Supply Scheme** under Drinking Water & Sanitation Division, Jhumritelaiya on turnkey basis. for the year 2025-26 को अपरिहार्य कारणवश रद्द किया जाता है।

(ई0 अनुज कुमार सिन्हा)
कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया

PR 350705 Drinking Water and Sanitation(25-26)#D

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
NirupanBhawan, 3rdFloor,Room No. 401 ,56-Set,Doranda,Ranchi-834002

e-Procurement ( Short Tender Notice )
Letter of Invitation (LOI) No.-02/2025-26 2nd Call
e-Tender Ref No:–RCD/PID/RANCHI/02/2025-26
Date:-17.04.2025

| | | |
|---|---|---|
| 1 | Name Of Work | Consultancy Services for Preparation of Traffic Study & Feasibility Study Report for Construction of Ring road at Tatanagar Railway station chowk to Tata Hata main road under East Singhbhum Distict in the State of Jharkhand.*Only Empanelled consultant with RCD under category-I vide letter No. 3063(S) WE Dated 22.08.2022 are allowed to bid. |
| 2 | Tentative Length | To be determined by Consultant |
| 3 | Period of Completion of Work | 30 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 20000.00 (Twenty thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 24.04.2025,10:30 AM |
| 7 | Online Last Date/Time of Bid Submission | 07.05.2025, 12:00 NOON |
| 8 | Date and Time of Bid opening | 08.05.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 349169 ROAD (2425) D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders. gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 350727 (Road)25-26*D

**कार्यालय झुमरीतिलैया नगर परिषद**
**अति अल्पकालीन ई-निविदा आमंत्रण सूचना**

ई–निविदा सूचना सं0– J.M.C/01/2025-26 Date–19-04-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF MULTIPURPOSE BUILDING COMPLEX NEAR KODERMA RAILWAY STATION. | 1,94,48,730 | 3,89,000 | 10,000 | 12 Month |
| 2. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |
| 3. | 15वें वित्त | CONSTRUCTION OF RCC DRAINS FROM RAMESHWAR YADAV HOUSE TO INDERWA CHOWK VIA HOUSE OF JAGESHWAR YADAV, LAXMAN GOP, CHANDRADEO MODI AND GAUTAM MODI IN WARD NO. 5 UNDER JHUMRI TELAIYA NAGAR PARISHAD. | 62,47,500 | 1,25,000 | 10000 | 6 Month |
| 4. | 15वें वित्त | CONSTRUCTION OF PCC ROAD FROM DILIP RAM HOUSE TOWARDS PRIMARY SCHOOL MORIYAWA AT WARD NO. – 28 | 24,79,000 | 49,600 | 5000 | 4 Month |
| 5. | 15वें वित्त | CONSTRUCTION AND DEVELOPMENT OF VENDING ZONES WITH BASIC INFRASTRUCTURE IN FOLLOWING EARMARKED LOCATION ACROSS JHUMRI TELAIYA MUNICIPAL COUNCIL : NEAR GOVERDHAN PARK NEAR GOVERDHAN TALAB WARD NO.28. | 59,24,904 | 1,18,500 | 10000 | 6 Month |
| 6. | 15वें वित्त | CONSTRUCTION AND DEVELOPMENT OF VENDING ZONES WITH BASIC INFRASTRUCTURE IN FOLLOWING EARMARKED LOCATION ACROSS JHUMRI TELAIYA MUNICIPAL COUNCIL : PROPOSED BLOCK CAMPUS GROUND KODERMA STREET FOOD. | 68,52,799 | 1,37,056 | 10000 | 6 Month |
| 7. | शहरी परिवहन | CONSTRUCTION OF PCC ROAD FROM BALESHWAR YADAV HOUSE TO PRAKASH HOUSE AT WARD NO -28. | 15,17,800 | 30,356 | 5000 | 4 Month |
| 8. | जिला अनाबद्ध योजना | कोडरमा प्रखण्ड के नगर परिषद झुमरी तिलैया अन्तर्गत शिवनगर मुहल्ला वार्ड संख्या–01 में कंचन कुमारी के मकान से अनिल यादव के मकान तक सड़क एवं नाली निर्माण। | 12,57,100 | 25,200 | 5000 | 4 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 26.04.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 05.05.2025 अपराहन 5.00 बजे।
5. निविदा खोलने की तिथि : 06.05.2025 अपराहन 5.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 350709 Urban Development (25-26)_D

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
NirupanBhawan, 3rdFloor,Room No. 401,56-Set, Doranda,Ranchi-834002

e-Procurement ( Short Tender Notice )
Letter of Invitation (LOI) No.-03/2025-26
2nd Call
e-Tender Ref No:-RCD/PID/RANCHI/03/2025-26 Date:-17.04.2025

| | | |
|---|---|---|
| 1 | Name Of Work | Consultancy Services for Preparation of Feasibility Study Report to ease the Traffic System of Redma Chowk,Daltonganj situated at junction of Daltonganj-Lesliganj-Panki (SH 10) and NH-75 in Palamu District in State of Jharkhand. *Only Empanelled consultantwith RCD under category-I&II vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | To be determined by consultant |
| 3 | Period of Completion of Work | 30 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 20000.00 (Twenty thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 24.04.2025,10:30 AM |
| 7 | Online Last Date/Time of Bid Submission | 07.05.2025, 12:00 NOON |
| 8 | Date and Time of Bid opening | 08.05.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division,RCD, Ranchi, Mob No.-9471650883 |
| 11 | Advertisement No. | PR 348943 ROAD (2425) D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 350724
Road(25-26).D




ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବାରେ ବ୍ୟାୟାମ ସହ ଯୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ନିଜ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାର ସମୟ ଆସିଛି । କାରଣ ଦିନକୁ ଦିନ ବିଭିନ୍ନ ରୋଗର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ ହେଉଛି- ଏକଥା ସତ, ହେଲେ ସେପଟେ କେତେକ ରୋଗ ସେମାନଙ୍କର କାୟା ବିସ୍ତାର କରିଚାଲିଛନ୍ତି । ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ । ରକ୍ତ ଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ । ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି । ନିୟମିତ ଯୋଗ କଲେ ଭଲ ନିଦ ହୁଏ । ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହାର ଭୂମିକା ରହିଛି । ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଶାନ୍ତ ମନରେ ଯୋଗ କରନ୍ତୁ ।





## ଅବନୀତଙ୍କ ପାଇଁ ଭାଙ୍ଗିଛି ଶୁବମନ-ସାରାଙ୍କ ସମ୍ପର୍କ

ବଲିଉଡ-କ୍ରିକେଟ ସମ୍ପର୍କ ବେଶ ପୁରୁଣା । ଏମିତିରେ କିଛି କ୍ରିକେଟର ଏମିତି ଅଛନ୍ତି ଯେଉଁମାନେ ଅଭିନେତ୍ରୀମାନଙ୍କୁ ଜୀବନସାଥୀ ଭାବେ ବାଛି ଖୁସିରେ ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି । ଏବେ ଓପନର ଶୁବମନ ଗିଲ ମଧ୍ୟ ଏଭଳି କିଛି କାରଣକୁ ନେଇ ଚର୍ଚ୍ଚାରେ ରହୁଛନ୍ତି । ପ୍ରଥମେ ସଚିନ ତେନ୍ଦୁଲକରଙ୍କ ଝିଅ ସାରାଙ୍କୁ ସେ ଡେଟ୍ କରୁଥିବା କୁହାଯାଇଥିଲା । ହେଲେ ଏବେ ସମ୍ପର୍କରେ ଦୂରତା ଆସିଯାଇଛି । ଏହା ପଛରେ ଜଣେ ଅଭିନେତ୍ରୀ ଥିବା କୁହାଯାଉଛି । ଦୁବାଇରେ ଖେଳ ଦେଖିବାକୁ ଯାଇଥିଲେ ସେହି ଅଭିନେତ୍ରୀ । ଯାହାକୁ ନେଇ ଗିଲଙ୍କ ସହ ତାଙ୍କର ନାମକୁ ଯୋଡ଼ା ଯାଉଛି । ସେ ହେଲେ ଟେଲି ଅଭିନେତ୍ରୀ ଅବନୀତ କୌର । ସେ ଗତ ଜନ୍ମଦିନରେ ଗିଲଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହାପୂର୍ବରୁ ଦୁହେଁ ଏକାଠି ନଜର ଆସିଛନ୍ତି । ଫଳରେ ପ୍ରଶଂସକମାନେ ସାରାଙ୍କ ସହ ତାଙ୍କ ସମ୍ପର୍କ ତିକ୍ତତା ପଛରେ ଅବନୀତ ଥିବା କହୁଛନ୍ତି । ଗିଲଙ୍କ ନାମ ପୂର୍ବରୁ ବଲିଉଡ ଅଭିନେତ୍ରୀ ସାରା ଅଲ୍ଲୀ ଖାନଙ୍କ ସହ ଯୋଡ଼ାଯାଇଛି । ହେଲେ କେବଳ ନାଁ ସମାନ ଯୋଗୁ ଉଭୟଙ୍କୁ ନେଇ ଗୁଜବ ସୃଷ୍ଟି ହୋଇଥିବା ସେ କହିଥିଲେ । ସେହିଭଳି ଟେଲିଭିଜନ ଅଭିନେତ୍ରୀ ରିଦ୍ଧିମା ପଣ୍ଡିତଙ୍କ ସହ ଗିଲଙ୍କ ବିବାହ ନେଇ ଖବର ଆସିଥିଲା । ପରେ ଅଭିନେତ୍ରୀ ଏହାକୁ ଖଣ୍ଡନ କରିଥିଲେ ।



## ମାଇଗ୍ରେନ୍‌ରୁ ମୁକ୍ତି ଦେବ ସବୁଜ ଦୁବ ଘାସ

*ସବୁଜ ଘାସ ବିନା ପ୍ରଭୁ ଗଣେଶଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଦୁବ କେବଳ ଆମ ଧର୍ମରେ ନୁହେଁ ବରଂ ଆୟୁର୍ବେଦରେ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଘାସ ଅସହ୍ୟ ମୁଣ୍ଡବିନ୍ଧା, ମାଇଗ୍ରେନ୍ ସହିତ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେବାରେ ସକ୍ଷମ । ଆୟୁର୍ବେଦିକ ବିଶେଷଜ୍ଞମାନେ ଘାସକୁ ଗୁଣର ଏକ ଭଣ୍ଡାର ଭାବରେ ବର୍ଣ୍ଣନା କରନ୍ତି ।*



■ ମଖମଲ ଘାସ କେବଳ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ । ସକାଳେ ଏବଂ ସନ୍ଧ୍ୟାରେ ଏହି ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ରକ୍ତଚାପ, ମାଇଗ୍ରେନ୍ ତଥା ମାନସିକ ଚାପ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ଏବଂ ଦୃଷ୍ଟିଶକ୍ତି ମଧ୍ୟ ଉନ୍ନତ ହୋଇଥାଏ । ପଞ୍ଜାବର ବାବେସ୍ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲର ଡାକ୍ତର ପ୍ରମୋଦ ଆନନ୍ଦ ତିୱାରୀ (ଏମ୍‌ଡି) କହିଛନ୍ତି, 'ଆୟୁର୍ବେଦରେ ଦୁବକୁ ଏକ ଔଷଧ ଏବଂ ଗୁଣର ଖଣି କୁହାଯାଏ । ଏହା ପେଟ ରୋଗ ଏବଂ ମାନସିକ ଶାନ୍ତି ପାଇଁ ଲାଭଦାୟକ । ଦୁବ ରସ ପିଇବା ଦ୍ୱାରା ରକ୍ତହୀନତା ଦୂର ହୋଇପାରେ । ଏହା ହିମୋଗ୍ଲୋବିନ୍ ସ୍ତରକୁ ମଧ୍ୟ ବୃଦ୍ଧି କରେ ।'

### କ୍ୟାଲସିୟମ, ଆୟରନ୍ ଏବଂ ଫାଇବର,ପ୍ରୋଟିନରେ ଭରପୁର

■ ସେ କହିଥିଲେ, ଯେ ଘାସରେ କ୍ୟାଲସିୟମ, ଆୟରନ୍, ଫସଫରସ ସହିତ ଫାଇବର, ପ୍ରୋଟିନ ଏବଂ ପୋଟାସିୟମ ମଧ୍ୟ ରହିଥାଏ । ତେଣୁ ଏହାକୁ ଔଷଧୀୟ ଗୁଣର ଏକ ଭଣ୍ଡାର ଭାବରେ ବିବେଚନା କରାଯାଏ । ପାର୍କଗୁଡ଼ିକରେ ଥିବା ସବୁଜ ଘାସ ଉପରେ ସକାଳେ ଏବଂ ସନ୍ଧ୍ୟାରେ ଖାଲି ପାଦରେ ଚାଲିବା ଦ୍ୱାରା ମାଇଗ୍ରେନ୍ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଏହା ରକ୍ତଚାପକୁ ନିୟନ୍ତ୍ରଣ କରେ ଏବଂ ଦୃଷ୍ଟିଶକ୍ତି ମଧ୍ୟ ଉନ୍ନତ କରେ । ଦୁବ ହୃତ୍‌ପିଣ୍ଡ ପାଇଁ ମଧ୍ୟ ବହୁତ ଲାଭଦାୟକ ।' ଆୟୁର୍ବେଦିକ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ତାଜା ଦୁବ ଘାସକୁ ବାଟି ଏହାର ରସ ପିଇବା ଦ୍ୱାରା ଅନେକ ସମସ୍ୟା ଦୂର ହୁଏ । ଦୁବ ଘାସ ଖାଇବା ଦ୍ୱାରା କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା ମହିଳାମାନଙ୍କୁ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ଦିଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦିଏ ।

■ ସେ କହିଥିଲେ, 'ଯଦି ଆପଣଙ୍କର ମାଇଗ୍ରେନ୍ କିମ୍ବା ମୁଣ୍ଡବିନ୍ଧା ଅଛି, ତେବେ ସକାଳେ ଏବଂ ସନ୍ଧ୍ୟାରେ ଖାଲି ପାଦରେ ଘାସ ଗାଲିଚାରେ ଚାଲିବା ଏବଂ ଘାସ ରସ ପିଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ । ଯଦି ଶରୀରରେ ଯନ୍ତ୍ରଣା ହେଉଛି କିମ୍ବା ଦାନ୍ତରେ ଯନ୍ତ୍ରଣା ହେଉଛି, ମାଢ଼ିରୁ ରକ୍ତସ୍ରାବ ହେଉଛି, ପାଟିରେ ଘା' ହେଉଛି, ତେବେ ଘାସ ରସକୁ ମହୁ କିମ୍ବା ଘିଅ ସହିତ ମିଶାଇ ପିଇବା ଦ୍ୱାରା ମଧ୍ୟ ତୁରନ୍ତ ଆରାମ ମିଳିଥାଏ ।'

## 'ସ୍ପିରିଟ୍'ରେ ଷ୍ଟଣ୍ଟ କରିବେ ପ୍ରଭାସ



ଫିଲ୍ମ 'କବୀର ସିଂ' ଏବଂ 'ଆନିମଲ୍'ର ସଫଳତା ପରେ ସନ୍ଦୀପ ରେଡ୍ଡି ବଙ୍ଗା ପ୍ରଶଂସା ଏବଂ ନିନ୍ଦା ଉଭୟର ସାକ୍ଷୀ ରହିଛନ୍ତି । ପୁଣି ନିର୍ଦ୍ଦେଶକ ଭାବେ ଅଧିକ ଦାୟିତ୍ୱସଂପନ୍ନ ହୋଇଛନ୍ତି ବୋଲି ସେ ନିଜେ ସ୍ୱୀକାର କରିଛନ୍ତି । ଏଥର ସେ ଦକ୍ଷିଣୀ ସୁପରଷ୍ଟାର୍ ପ୍ରଭାସ୍‌ଙ୍କ ସହିତ କାମ କରୁଛନ୍ତି । ସନ୍ଦୀପଙ୍କ ନିର୍ଦ୍ଦେଶନାରେ ପ୍ରଭାସ ଅଭିନୟ କରୁଛନ୍ତି ଫିଲ୍ମ 'ସ୍ପିରିଟ୍'ରେ । ଏହା ପୁଲିସ୍ ବ୍ୟବସ୍ଥା ଉପରେ ଆଧାରିତ ଆକସନ୍‌ଧର୍ମୀ ସିନେମା ବୋଲି ଜାଣିବାକୁ ମିଳିଛି । ସଦ୍ୟତମ ସୂଚନା ଅନୁସାରେ ଏହି ଫିଲ୍ମର ପଟ୍ଟକଥା ଲେଖା ଚାଲିଛି । ଆସନ୍ତା ଅକ୍ଟୋବର ମାସରୁ ଏହାର ସୁଟିଂ ଆରମ୍ଭ ହୋଇଯିବ । ଏହି ସିନେମା ବିଷୟରେ ସନ୍ଦୀପ ପ୍ରଥମରୁ ପ୍ରଭାସଙ୍କୁ ଅବଗତ କରିସାରିଛନ୍ତି । ସିନେମାର କାହାଣୀ କିଭଳି ଗତିଶୀଳ ହେବ ତାହା ମଧ୍ୟ ପ୍ରଭାସଙ୍କୁ ବୁଝାଇ ଦେଇଛନ୍ତି ସନ୍ଦୀପ । ତେବେ ଏହି ଫିଲ୍ମର ଯେଉଁ ପ୍ରସଙ୍ଗକୁ ନେଇ ଚର୍ଚ୍ଚା, ତାହା ହେଲା ପ୍ରଭାସ ଏହି ସିନେମାରେ ନିଜେ ଷ୍ଟଣ୍ଟ କରିବେ । ଆକସନ୍ ଦୃଶ୍ୟରେ ସେ କୌଣସି ପ୍ରକାର ବଡି ଡବଲ୍ ବ୍ୟବହାର କରିବେ ନାହିଁ । ସାଧାରଣତଃ ସିନେମାରେ ଆକସନ୍ ଦୃଶ୍ୟରେ ଅଭିନୟ ସମୟରେ ମୂଳ ଅଭିନେତାଙ୍କ ସ୍ଥାନରେ ବଡି ଡବଲ୍ ବ୍ୟବହାର କରିଥାଆନ୍ତି ସିନେମାର ନିର୍ଦ୍ଦେଶକ । ତେବେ ବଲିଉଡ୍ ସମେତ ଦକ୍ଷିଣ ଭାରତରେ ବେଶ୍ କିଛି ଅଭିନେତା ବଡି ଡବଲ୍ ସପକ୍ଷରେ ନଥାନ୍ତି । ସେମାନେ ସ୍ୱେଚ୍ଛାରେ ଷ୍ଟଣ୍ଟ କରିଥାଆନ୍ତି । 'ସ୍ପିରିଟ୍' ପାଇଁ ଅନ୍ୟାନ୍ୟ ଅଭିନେତା ଚୟନ ପ୍ରକ୍ରିୟା ଚାଲୁ ରହିଛି । ଏହି ସିନେମାର ସୁଟିଂ ଆରମ୍ଭ ହେବା ପୂର୍ବରୁ ପ୍ରଭାସ ତାଙ୍କର ଅନ୍ୟ ପ୍ରୋଜେକ୍ଟ 'ରାଜା ସାବ୍' ଏବଂ 'ଫୌଜି'ର ଏକ ବଡ଼ ଅଂଶର ସୁଟିଂ ସାରି ଦେଇଥିବେ । ସନ୍ଦୀପ ରେଡ୍ଡି ବଙ୍ଗାଙ୍କ ସୂଚନା ମୁତାବକ ଫିଲ୍ମ 'ସ୍ପିରିଟ୍'ରେ ଆମେରିକା ଏବଂ କୋରିଆରୁ ମଧ୍ୟ କିଛି କଳାକାର ସାମିଲ ହେବେ ।

## ଈଶାନଙ୍କ ପ୍ରେମରେ ଆଲିଆଙ୍କ ବଡ଼ ଭଉଣୀ



ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଭଉଣୀ ଶାହୀନ ଭଟ୍ଟ । ସର୍ବଦା ଲାଇମ୍‌ଲାଇଟ୍‌ରୁ ଦୂରରେ ରହିବାକୁ ପସନ୍ଦ କରନ୍ତି ସେ । ହେଲେ ସୋସିଆଲ ମିଡିଆରେ ସେ ବେଶ ଆକ୍ଟିଭ । ନିକଟରେ ସେ ଏକ ବଡ଼ ଘୋଷଣା କରିଛନ୍ତି । ଯେଉଁଥିରେ ସେ ତାଙ୍କ ଖରାପ ସମୟ ସହ ଡିପ୍ରେସନକୁ ଚାଲିଯାଇଥିବା ଦିନଗୁଡ଼ିକୁ ମନେ ପକାଇଛନ୍ତି । ଏବେ କିନ୍ତୁ ସମୟ ବଦଳିଛି । ସେ ସେଥିରୁ ମୁକ୍ତ ହୋଇ ଜୀବନରେ ଆଉ ପାଦେ ଆଗକୁ ବଢ଼ିଛନ୍ତି । ଶାହୀନ ପ୍ରେମିକ ଈଶାନ ମେହେରାଙ୍କ ସହ ଫଟୋ ଶେୟାର କରି ସମ୍ପର୍କ ଉପରୁ ପରଦା ହଟାଇଛନ୍ତି । ଜନ୍ମଦିନ ଥିବା ଯୋଗୁ ଉଭୟଙ୍କ କିଛି ସ୍ମରଣୀୟ ଫଟୋ ଦେଇ ସେ ଶୁଭେଚ୍ଛା ଜଣାଇଛନ୍ତି । ଏହି ଫଟୋରେ ଆଲିଆ ପ୍ରତିକ୍ରିୟା ରଖିଛନ୍ତି । ଈଶାନଙ୍କୁ ସେ ପସନ୍ଦର ସାଥୀ ବୋଲି କହିଛନ୍ତି ।

କେବଳ ସେତିକି ନୁହେଁ ପୋଷ୍ଟରେ ଭଉଣୀ ପୂଜା ଭଟ୍ଟ, ନୀତୁ କପୁର, ମସାବା ଗୁପ୍ତା, ପରିଣୀତି ଚୋପ୍ରା, ଅନନ୍ୟା ପାଣ୍ଡେ, ବାଦଶାହାଙ୍କ ଭଳି କଳାକାର ପ୍ରତିକ୍ରିୟା ରଖିଛନ୍ତି । ଶାହୀନଙ୍କ ବିଷୟରେ କହିଲେ ସେ ଆଲିଆଙ୍କ ନିଜ ଭଉଣୀ । ସେ ସୋନି ରାଜଦାନଙ୍କ ଝିଅ । ସେ ପରିବାରର ଅନ୍ୟମାନଙ୍କ ଭଳି ଅଭିନୟକୁ ପେସା ଭାବେ ବାଛି ନାହାନ୍ତି । ସେ ଜଣେ ମାନସିକ ରୋଗର ଆଡଭୋକେଟ୍ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ସାହିତ୍ୟ, ସଂସ୍କୃତି ଓ ସମାଜସେବା ଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟବ୍ୟକ୍ତିମାନଙ୍କୁ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ରାଷ୍ଟ୍ରୀୟ ପୁଜ୍ୟାପୁଜା ପରିଷଦ, କଟକ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ସଭାପତି ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ପୋଲିସ ଆଇ.ଜି. ରାଜକିଶୋର ଦାଶ ମୁଖ୍ୟଅତିଥି, ବିଶିଷ୍ଟ ସାରସ୍ୱତ ସାଧକ ଡ. ବାବାଜୀ ଚରଣ ପଟ୍ଟନାୟକ ବରେଣ୍ୟ ଅତିଥି, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ମୁଖ୍ୟବକ୍ତା ଓ ସଂସଦର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡା ଜିଲ୍ଲାର କେଶପୁର ଗ୍ରାମର ନବକିଶୋର ଦାସ, ଡେରାବିଶ ଅଞ୍ଚଳର ପ୍ରଫେସର ଗୋଲେଖ ମହାଭୋଇ, ଅମୃତମଣୋହିର ଜଗନ୍ନାଥ ଦାସ, ଆଳିର ଡ. ଅବକାଶ ଯାଦବ, କଣ୍ଠିଆ ଯତୀନ ପାଣ୍ଡବ, ଦେଉଳତରାର ମହେଶ୍ୱର ଦାସ, ମିର୍ଜାପୁରର ଗାୟତ୍ରୀ ଦାସ, ବାଲିସାହିର ପଞ୍ଚାନନ ଦାସ, ସାତଗଡିଆର ମନୋଜ କୁମାର ପରିଡା, ଅଳପୁଆର ଦିଲ୍ଲିପ କୁମାର ବିଶ୍ୱାଳ ଏବଂ କାଟଣାର କେଶବାନନ୍ଦ ବାରିକ ପ୍ରମୁଖଙ୍କୁ ମାନପତ୍ର, ପୁଷ୍ପଗୁଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।



# ତିହିଡ଼ି ପୋଲିସ ଦ୍ୱାରା ୨ଟି ଡିଜେ ଜବତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ନୂଆନନ୍ଦ କଣ୍ଟିମଙ୍ଗଳା ପାଟୁଆ ଶୋଭାଯାତ୍ରା ବେଳେ ଡିଜେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଜଣ ଯୁବକଙ୍କର ମୃତ୍ୟୁ ଘଟିଥିଲା। ଇତି ପୂର୍ବରୁ ମଧ୍ୟ କାଳିମେଘା ମେଳନ ଓ ପୀରହାଟରେ ଡିଜେ ପାଇଁ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଡିଜେ ବଜାଇବାକୁ ଅନୁମତି ନଦେବାକୁ ପ୍ରଶାସନ ଉପରେ ଚାପ ପଡ଼ିଥିଲା। ଯେଉଁଥି ପାଇଁ ପୁଲିସ ଏବେ ଡିଜେ ବାଜିବାକୁ ସମ୍ପୂର୍ଣ୍ଣ ନିଷେଧ କରିଛି। ଏହି ପରିପ୍ରେକ୍ଷୀରେ ଗୁଆମାଳ ଓ ତାଳପଦା ଅଞ୍ଚଳରେ ବିବାହ ଶୋଭାଯାତ୍ରାରେ ଡିଜେ ବାଜୁଥିବା ପୁଲିସ ଖବର ପାଇଥିଲା। ତିହିଡ଼ି ଆଇଆଇସି ସତ୍ୟବ୍ରତ




ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ତତ୍‌କ୍ଷଣାତ୍ ଘଟଣା ସ୍ଥଳରେ ପହଞ୍ଚି ୨ଟି ଡିଜେକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ପୁଲିସ ନନ୍ ଏଫ.ଆଇ.ଆର କେଶ ନଂ ୧୫ ଓ ୧୬/୨୫ରେ ସେକ୍ସନ ୫, ଓଡ଼ିଶା ଫାୟାର ଏଣ୍ଡ ଲାଉଡ୍ ସ୍ପିକଟ ଆକ୍ଟ ବଳରେ ଦୁଇଟି ମମାଲା ରଜୁ କରିଥିବା ଜଣାପଡ଼ିଛି।

# ଆଣ୍ଟି-ର୍‍ୟାଗିଂ ଉପରେ ଅଭିମୁଖୀକରଣ ଓ ପରାମର୍ଶ କାର୍ଯ୍ୟକ୍ରମ




ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଣ୍ଟି-ର୍‍ୟାଗିଂ ଉପରେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଅଭିମୁଖୀକରଣ ଓ ପରାମର୍ଶ କାର୍ଯ୍ୟକ୍ରମ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ସମ୍ବେଦୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ନିଜ ବକ୍ତବ୍ୟରେ ଏହି ବିଶ୍ୱ ବିଦ୍ୟାଳୟର ଇତିହାସରେ ର୍‍ୟାଗିଂ ଘଟଣା ନ ଘଟିଥିବା ଏକ ଆନନ୍ଦର ବିଷୟ ବୋଲି ମତଦେବା ସହ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱବିଦ୍ୟାଳୟକୁ ନିଜ ଘର ମନେକରି ଶୃଙ୍ଖଳା ଆଚରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ର୍‍ୟାଗିଂ-ବିରୋଧୀ କମିଟିର ସଦସ୍ୟଗଣ ଯଥା ହଷ୍ଟେଲର ୱାର୍ଡେନ ପ୍ରଫେସର ମିନତୀ ମଲ୍ଲିକ, ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଇନ୍ଦ୍ରଜିତ ନାୟକ, ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ସହକାରୀ କୁଳସଚିବ ସଂଜୀବ ତନ୍ତୀ, ମୟୂରଭଞ୍ଜର ସବ-କଲେକ୍ଟର ଦୟାସିନ୍ଧୁ ପରିଡା, ବାରିପଦା ଭଞ୍ଜପୁରର ଆଇ.ଆଇ.ସି. ଅଜୟ କୁମାର ଜେନା ଓ କଳିଙ୍ଗ ଟିଭି ମୟୂରଭଞ୍ଜର ବ୍ୟୁରୋ ମୁଖ୍ୟ ସତ୍ୟଜିତ ସୋମ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ର୍‍ୟାଗିଂ ସମ୍ବନ୍ଧୀୟ ଚିନ୍ତା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତି ଏବଂ ସହାୟତା ପ୍ରଣାଳୀ ବିଷୟରେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାରେ ର୍‍ୟାଗିଂ ଏବଂ ର୍‍ୟାଗିଂ-ବିରୋଧୀ ଆଇନର ପରିଭାଷା ଉପରେ ଗୁରୁତ୍ୱ ଦିଆଯାଇଥିଲା, ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ସଦସ୍ୟ ସର୍ବସମ୍ମତିକ୍ରମେ ର୍‍ୟାଗିଂ ମୁକ୍ତ ପରିବେଶର ଗୁରୁତ୍ୱ ଏବଂ ଛାତ୍ରମାନଙ୍କ ମଧ୍ୟରେ ସହାନୁଭୂତି, ସମ୍ମାନ ଏବଂ ପାରସ୍ପରିକ ସମର୍ଥନର ଆବଶ୍ୟକତାକୁ ସ୍ୱୀକାର କରିଥିଲେ। ର୍‍ୟାଗିଂ ବିରୋଧୀ କମିଟିର ସଦସ୍ୟ ସଂଯୋଜକ ଡକ୍ଟର କୁକୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଣଶିକ୍ଷକ କର୍ମଚାରୀଗଣ ଯୋଗ ଦେଇଥିଲେ।

# ଦୁର୍ବୃତ୍ତ ଲୁଟି ନେଲେ ଟଙ୍କା, ବାଇକ୍, ମୋବାଇଲ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ତଥା କାମାକ୍ଷାନଗର ଥାନା ଅଧିନସ୍ଥ ପଥରଖୁମ୍ବ ଗ୍ରାମ ରାସ୍ତାରେ ରହିଥିବା ଆମ୍ବୁଜା ଗ୍ୟାସ ଗ୍ରାମୀଣ ବିତରକ ସଂସ୍ଥାର ୩ ଜଣ କର୍ମଚାରୀଙ୍କୁ ସୋମବାର ଦିନ ଦ୍ୱିପ୍ରହରରେ ୩ ଜଣ ଦୁର୍ବୃତ୍ତ ଆସି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଦୁବୃତ୍ତମାନେ ଆକ୍ରମଣ କରିବା ସହ ସେମାନଙ୍କ ନିକଟରୁ ନଗଦ ୩୦ ହଜାର ଟଙ୍କା, ଏକ ବାଇକ ଓ ଚାରିଗୋଟି ମୋବାଇଲ ନେଇ ଚମ୍ପଟ ମାରିଥିବା ଜଣାପଡିଛି। ଦିନ ଦ୍ୱିପ୍ରହରରେ ରାସ୍ତା ନିଛାଟିଆ ଥିବା ବେଳେ ଦୁର୍ବୃତ୍ତ ମାନେ ଏହାର ସୁଯୋଗ ନେଇ ଏପରି କାଣ୍ଡ ଭିଆଇ ଥିଲେ। ଆହାତ କର୍ମଚାରୀମାନେ ହେଲେ ଚନ୍ଦନ ବିଶ୍ୱାଳ, ପ୍ରିୟରଞ୍ଜନ ସାହୁ, ପ୍ରଭାତ ସାହୁ। ସେମାନେ ଆହତ ଅବସ୍ଥାରେ କାମାକ୍ଷା ନଗର ଯାଇ ମେଡିକାଲରେ ଚିକିତ୍ସା ହୋଇ ଏ ସମ୍ବନ୍ଧେ ଥାନାରେ ଅଭିଯୋଗ କରିଥିବା ଜଣାପଡୁଛି।

# ବ୍ଲକ୍ ପରିସରରେ ଜଳିଗଲା ଆମ୍ବୁଲାନ୍ସ



ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ପରିସରରେ ଥିବା ଜାରକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଆମ୍ବୁଲାନ୍ସ ସୋମବାର ମଧ୍ୟାହ୍ନରେ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଆମ୍ବୁଲାନ୍ସ ସୋମବାର କଟକ ବଡ଼ ମେଡ଼ିକାଲରେ ଏକ ରୋଗୀକୁ ଛାଡ଼ି ୩ଟା ୨୦ମିନିଟ୍‌ରେ ବ୍ଲକ କ୍ୟାମ୍ପସ୍‌ରେ ପହଁଞ୍ଚିଥିଲା। ଡ୍ରାଇଭର ଗାଡ଼ି ରଖି ବାହାରକୁ ଆସିଥିବା ବେଳେ କୌଣସି କାରଣବଶତଃ ଗାଡ଼ିରେ ନିଆଁଲାଗି ପୋଡ଼ିଯାଇଥିଲା। ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ ମଧ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଜଣାଯାଇଛି। ତେବେ ନିଆଁ କେମିତି ଲାଗିଲା ତାହା ଜଣାପଡ଼ି ନଥିବା ବେଳେ ଗାଡ଼ିରେ ଅକ୍ସିଜେନ୍ ଗ୍ୟାସ୍ ସିଲିଣ୍ଡର ରହିଥିଲା। ଗାଡ଼ିର ଯାନ୍ତ୍ରିକ ତୃଟି ପାଇଁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।

# ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଚାଲିଛି ମସୁଧା

## ଉପାଧ୍ୟକ୍ଷ ପରେ ଅଧ୍ୟକ୍ଷ ପଦବୀ ଉପରେ ନଜର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାଜନୀତି ଘଡିକେ ଘୋଡା ଛୁଟୁଛି। ସ୍ୱାଧିନ ବିଧାୟକ ସାରଦା ପ୍ରଧାନ ବ୍ଲକ ଉପାଧ୍ୟକ୍ଷ ପଦବୀ ହାସଲ କରିବା ପରେ ଅଧ୍ୟକ୍ଷ ପଦବୀ ଉପରେ ନଜର ରଖିଥିବାର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଖୁବ ଶୀଘ୍ର ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଉପରେ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ମସୁଧା ଚାଲିଥିବାର ଜଣାଯାଇଛି। ସରକାର ପରିବର୍ତ୍ତନ ପରେ ନିଶ୍ଚିନ୍ତକୋଇଲି ବ୍ଲକ ରାଜନୀତି ପରିବର୍ତ୍ତନ ହୋଇଯାଇଛି। ନିଶ୍ଚିତନ୍ତକୋଇଲି ବ୍ଲକ୍ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଗତ ବିଧାନସଭା ନିର୍ବାଚନରେ କଟକ ସଦର ବିଜେପି ପ୍ରାର୍ଥୀ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କୁ ପରାସ୍ତ କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଭାବେ ରାଜ୍ୟ ବିଜେଡିର ତୁଙ୍ଗନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁତ୍ର ତଥା ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ପରାସ୍ତ କରି ସ୍ୱାଧିନ ପ୍ରାର୍ଥୀ ସାରଦା ପ୍ରଧାନ ମାହାଙ୍ଗାର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ। ତେବେ ଗତ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସଫଳ ଗୋଟିଚାଳାନା ହେତୁ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଞ୍ଚାୟତ ମଧ୍ୟରୁ ଅଧିକାଂଶ ଗ୍ରାମପଞ୍ଚାୟତରେ ବିଜୁ ଜନତା ଦଳ ସମର୍ଥୀତ ପ୍ରାର୍ଥୀମାନେ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ଓରତି ଗ୍ରାମପଞ୍ଚାୟତର ସମିତି ସଭ୍ୟା ରୋଜୀ ସେଠୀ ଅଧ୍ୟକ୍ଷା ରୂପେ ଓ ଜିଗ୍ନିପୁର ସମିତି ସଭ୍ୟ ଅଶୋକୁ କୁମାର ଓଝା ପ୍ରତାପ ଜେନାଙ୍କ ସହଯୋଗ କ୍ରମେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତେବେ ବିଧାନସଭା ନିର୍ବାଚନ ପରେ କଟକ ସଦର ଆସନ ବିଜେପି ହାତକୁ ଓ ମାହାଙ୍ଗା ସାରଦାଙ୍କ ହାତକୁ ଚାଲିଯିବା ପରେ ରାଜନୈତିକ ପାଣିପାଗ ଗୋଳମାଳ ହୋଇଯାଇଥିଲା। ସ୍ୱାର୍ଥ ପାଇଁ କେତେକ ବିଜେଡି ସମର୍ଥୀତ ସରପଂଚ ଓ ସମିତି ସଭ୍ୟ ଦଳ ପରିତ୍ୟାଗ କରି ବିଜେପି ଓ ସାରଦାଙ୍କ ଗୋଷ୍ଠୀରେ ସାମିଲ ହୋଇଥିଲେ। ତେବେ ନିକଟରେ ପ୍ରତାପଙ୍କ ଏକାନ୍ତ ଅନୁଗତ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ଉଭୟ ଉପାଧ୍ୟକ୍ଷ ଓ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିବା କାରଣରୁ ଉପଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦେଇନଥିଲା ବେଳେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମହମ୍ମଦପୁର ସମିତି ସଭ୍ୟ ରଞ୍ଜନ କୁମାର ପାତ୍ରଙ୍କୁ ବିଜେପି ତରଫରୁ ଓ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଫଗୋଳ ସମିତି ସଭ୍ୟ ନୃସିଂହ ଚରଣ ମିଶ୍ରଙ୍କୁ ଉପାଧ୍ୟକ୍ଷ ପ୍ରାର୍ଥୀ କରିଥିଲେ। ତେବେ ଏହି ନିର୍ବାଚନରେ କ୍ରସ ଭୋଟିଂ କାରଣରୁ ସାରଦାଙ୍କ ସମର୍ଥୀତ ନୃସିଂହ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ଅଶୋକ ମଧ୍ୟ ସାରଦାଙ୍କ ଗୋଷ୍ଠୀରେ ସାମିଲ ହୋଇଥିଲେ। ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିଲା। ତେବେ ଉପାଧ୍ୟକ୍ଷ ପଦବୀ ହାସଲ ପରେ ସାରଦାଙ୍କ ନଜର ଅଧ୍ୟକ୍ଷ ଆସନ ଉପରେ ରହିଥିବାର ସାଧାରଣରେ କୁହାଯାଉଛି। ପ୍ରତାପଙ୍କ ଏକାନ୍ତ ଅନୁଗତ ଅଧ୍ୟକ୍ଷା ରୋଜିଙ୍କୁ କଳେବଳେ କୌଶଳେ କ୍ଷମତାରୁ ହଟାଇବା ନିମନ୍ତେ ରାଜନୈତିକ ସ୍ତରରେ ମସୁଧା ଚାଲିଥିବାର ଜଣାଯାଇଛି। ଅପରପକ୍ଷରେ ରୋଜିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଯୋଜନା ଉପରେ ଯୋଜନା କରାଯାଉଥିବାର ଜଣାଯାଇଛି। ଘନ ଘନ ଗୁପ୍ତ ବୈଠକ କରାଯାଉଛି। ତେବେ ଅନାସ୍ଥା ପ୍ରସ୍ତାବ ଏତେ ସହଜ ହେବ ନାହିଁ ବୋଲି ସାଧାରଣରେ କୁହାଯାଉଛି। ଏହାର ମୁଖ୍ୟକାରଣ ହେଉଛି ସାରଦାଙ୍କ ସହ କଟକ ସଦର ବିଧାୟକଙ୍କ ଅହିନକୂଳ ସମ୍ପର୍କ କାହାରିକୁ ଅଛପା ନାହିଁ। ସେପଟେ ପ୍ରତାପଙ୍କ ହାତରେ ବ୍ଲକର ପ୍ରାୟ ୫ଜଣ ଜିଲ୍ଲାପରିଷଦ ସଭ୍ୟ ବହୁ ସରପଞ୍ଚ ସମିତି ସଭ୍ୟ ରହିଥିବାର ଜଣାଯାଇଛି। ତେବେ ଯେକୌଣସି ମତେ ଅଧ୍ୟକ୍ଷ ଆସନ ବଜାୟ ରଖିବା ନିମନ୍ତେ ପ୍ରତାପ ଗୋଟି ଚାଳନା ଜାରି ରଖିଛନ୍ତି। ତେବେ ଏହି ଯୋଜନା କେତେଦୂର ସଫଳ ହେଉଛି ତାହା ଭବିଷ୍ୟତହିଁ କହିବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଇଡାର ବାର୍ଷିକ ଉତ୍ସବ



କୋଇଡା, (ଭାସ୍କର ନ୍ୟୁଜ୍): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଇଡାର ୧୧୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଞ୍ଚଳର ସର୍ବପୁରାତନ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଇଡା (ଖ) ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କୋଇଡା କଲେଜର ଅଧ୍ୟାପକ ରାଧା ମୋହନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବଣାଇର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, କୋଇଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, କୋଇଡା ଗ୍ରାମ ପଞ୍ଚାୟତର ସରପଞ୍ଚ ହୃଷିକେଶ ଦେହୁରୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ, ଭଞ୍ଜପାଲି ସିଆରସିସି ରଂଜିତା ବିଶ୍ୱାଳ, ୱାର୍ଡ ସଭ୍ୟ ପରମାନନ୍ଦ ନାଏକ, କୋଇଡା ପଞ୍ଚାୟତ ପୂର୍ବତନ ସରପଞ୍ଚ କୁମାରୀ ସନ୍ଧ୍ୟା ରାଣୀ ନାଏକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭଞ୍ଜପାଲିର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାୟ ପ୍ରମୁଖ ଯୋଗଦାନ କରିଥିଲେ। ସଭାର ସଭାପତି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜନାର୍ଦ୍ଦନ ଦେହୁରୀଙ୍କୁ ଚୟନ କରାଯାଇଥିଲା। ଉପସ୍ଥିତ ଅତିଥିଗଣ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ଶିକ୍ଷା ଆରୋହଣରେ ଶିକ୍ଷକଙ୍କ ଠାରୁ ସେମାନଙ୍କ ଅଭିଭାବକ ମାନଙ୍କୁ ଯଥେଷ୍ଟ ଯତ୍ନବାନ ହେବା ଦିଗରେ ଗଭୀର ଆଲୋକପାତ କରିଥିଲେ। ବାର୍ଷିକ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ମା' ଶିକ୍ଷିତ ହେଉ କି ଅଶିକ୍ଷିତ କିପରି ଶିଶୁର ଶିକ୍ଷାର ବିକାଶରେ ତାଙ୍କର ଭୂମିକା ଗୁରୁତର ବହନ କରେ, ତାଙ୍କ ନିଜର ଉଦାହରଣ ଦେଇ ଅଭିଭାବକ ଅଭିଭାବିକା ତଥା ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ରଣସିଂହ ଅତିଥି ପରିଚୟ, ଧନ୍ୟବାଦ ଅର୍ପଣ ତଥା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିପକ କୁମାର ପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ ଓ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ରଥ ନାଏକ, କାଜଲସେନ ବେଉରା, ସସ୍ମିତା ଜେନା, ଚଞ୍ଚଳା ନାଏକ, କଳ୍ପନା ନାଏକ, ରେଣୁବାଳା ପାତ୍ର, ସକୁନ୍ତଳା ଦାସ ବାର୍ଷିକ ଉତ୍ସବର ସଫଳ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଚାରି ଡକାୟତ ଗିରଫ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ବାଲିଚନ୍ଦ୍ରପୁର ଥାନା ବରଦା ଗ୍ରାମର ମନମୋହନ ଦଳାଇଙ୍କ ପୁଅ ସୌମ୍ୟକାନ୍ତ ଦଳାଇ ଏହି ଥାନା ଅନ୍ତର୍ଗତ କଟିକଟା ଠାରେ ପି.ଏସ.କେ କମ୍ପାନୀରେ ସୁପରଭାଇଜର ରୂପେ କାମ କରନ୍ତି। କଟିକଟା ଛକ ମାଣ୍ଡୁକା ଓଭରବ୍ରିଜ ନିକଟରେ ଚାରି ଜଣ ଯୁବକଙ୍କୁ ଗୋଟିଏ ନିଛାଟିଆ ସ୍ଥାନରେ ବସି ଆଲୋଚନା କରୁଥିବା ଦେଖି, ସେମାନେ ସ୍ଥାନୀୟ ଅଞ୍ଚଳର ହୋଇନଥିବାରୁ ସେ ସନ୍ଦେହ କରି ବାଲିଚନ୍ଦ୍ରପୁର ପୋଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ବାଲିଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ସମରଜିତ୍ ନାୟକ ସଦଳବଳେ



ଘଟଣାସ୍ଥଳରେ ପହଞ୍ଚି ଚାରିଜଣଙ୍କୁ କାବୁ କରିବା ସହ ତାଙ୍କ ଠାରୁ ୩ ଶହ ଗ୍ରାମ ନକଲି ସୁନା, ଏକ ଲକ୍ଷ ଟଙ୍କା, ତିନୋଟି ମୋବାଇଲ, ଦୁଇ ଗ୍ରାମ ଭଳି ଅସଲି ସୁନା ଜବତ କରିଥିବା ଜଣାପଡ଼ିଛି। ପୋଲିସ ଏ ନେଇ ସାମ୍ବାଦିକ ସମ୍ମିଳନି ଡକାଇ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବା ସହ ସାଧାରଣ ଲୋକେ ସବୁ ସମୟରେ ସଚେତନ ହେବା ଆବଶ୍ୟକ, ଅଜଣା ଲୋକଙ୍କ ଠାରୁ ସୁନା ରୂପା କିଣି ଠକାମିରେ ନପଡ଼ିବା ପାଇଁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକ ମାନଙ୍କ ପାଖରେ ମତ ରଖିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ବ୍ୟକ୍ତି ମାନେ ହେଲେ ଯାଜପୁର ଥାନା କପାସି ଗ୍ରାମର ସ୍ୱର୍ଗତ କାଳିଆ ଦାସଙ୍କ ପୁଅ ଟୁଲୁ ଦାସ (୪୦), ଅକରପଡ଼ା ଗ୍ରାମର ସ୍ୱର୍ଗତ ରବି ଦାସଙ୍କ ପୁଅ ପ୍ରମୋଦ ଦାସ (୩୬), ସେହି ଗ୍ରାମର ସନାତନ ଦାସଙ୍କ ପୁଅ ଅଭିମନ୍ୟୁ ଦାସ (୩୦), ଭଦ୍ରକ ଜିଲ୍ଲା ଧାମନଗର ଥାନା ନୁଆପଡ଼ା ଗ୍ରାମର ତନୁ ଦାସଙ୍କ ପୁଅ ଉମେଶ ଦାସ (୨୧)। ଉକ୍ତ ଚାରି ଜଣ ପେସାଦାର ଅପରାଧି ଅଟନ୍ତି। ଅଭିଯୁକ୍ତ ଚାରି ଜଣ ବିଭିନ୍ନ ଅଞ୍ଚଳର ମନ୍ଦିର ଲୁଟ କରିବା ସହ ରାହାଜାନିରେ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଅନ୍ତର୍ଜାତୀୟ ପ୍ରତିମା ସଫେଇ ଓ ସଂରକ୍ଷଣ ଦିବସ ପାଳିତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସୋମବାର ଦିନ ଆନ୍ତର୍ଜାତୀୟ ପ୍ରତିମା ସଫେଇ ଓ ସଂରକ୍ଷଣ ଦିବସ ସାରା ଦେଶରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆରେ ବରପୁତ୍ର ଓ ଅସ୍ଥାକେନ୍ଦ୍ର ପ୍ରତିମୂର୍ତ୍ତି ସଂରକ୍ଷଣ ସଚେତନ। ମଞ୍ଚ ପକ୍ଷରୁ ପ୍ରତିମୂର୍ତ୍ତି ସଫେଇ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପାଳିତ ହୋଇଯାଉଛି। କରଞ୍ଜିଆ ସହର ଓ କରଞ୍ଜିଆ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସଫେଇ ସୋମବାର ସକାଳ ୭ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ କରଞ୍ଜିଆର ବିଭିନ୍ନ ଅନୁଷ୍ଠାନ ସହଯୋଗରେ କରଞ୍ଜିଆ ବରପୁତ୍ର ଓ ଆସ୍ଥା କେନ୍ଦ୍ର ପ୍ରତିମୂର୍ତ୍ତି ସଂରକ୍ଷଣ ମଞ୍ଚ ପକ୍ଷରୁ ସଫେଇ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଓ ସଞ୍ଚାଳକ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ କରଞ୍ଜିଆ ସହରର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, କଚେରୀ ପରିସର, ଶିକ୍ଷକ ଭବନ ପରିସର, ଉପଖଣ୍ଡ ଚିକିତ୍ସାଳୟ ପରିସର, ନେତାଜୀ ଛକ, କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ପରିସର, କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର, ବଣ ସାହି ହୋ ସମାଜ କାର୍ଯ୍ୟାଳୟ ପରିସର, ଗୋଲେଇ ଛକ ଓ କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜାତିରପିତା ମହାତ୍ମା ଗାନ୍ଧି, ଉତ୍କଳମଣି ଗୋପବନ୍ଧୁ ଦାସ,



ସମ୍ବିଧାନ ପ୍ରଣେତା ଡ. ବି ଆର ଆମ୍ବେଦକର, ସ୍ୱାମୀ ବିବେକାନନ୍ଦ,ପଣ୍ଡିତ ଲୋକ ବାତ୍ରା, ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ସହିଦ ବିର୍ସା ମୁଣ୍ଡା,ଭାରତରତ୍ନ ଏପିଜେ ଅବଦୁଲ କଲାମ, ବିନୋବା ଭାବେ, ସର୍ବପଲ୍ଲୀ ରାଧାକ୍ରିଷ୍ଣାନ, ଜୟପ୍ରକାଶ ନାରାୟଣ, କଂଗ୍ରେସ ଭାଇ, ଜବାହର ଲାଲ ନେହେରୁ, ରଘୁନାଥ ହେମ୍ବ୍ରମ, ସୁଶୀଲ କୁମାର ସିଂହ, କାମିନୀକାନ୍ତ ମହାନ୍ତଙ୍କ ପ୍ରତିମୂର୍ତ୍ତିର ସଫେଇ ଓ ସଂରକ୍ଷଣ ସହିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ପ୍ରତିମୂର୍ତ୍ତିରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଓ ପୋଲିସ ଆରକ୍ଷୀ ଅଧିକ୍ଷକ ବରୁଣ ଘୁଣ୍ଟୁପଲିଙ୍କ ସହିତ ଉପଖଣ୍ଡର ସମସ୍ତ ପଦାଧିକାରୀ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କରଞ୍ଜିଆର ସମସ୍ତ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ। ସର୍ବପରି ଦିଲ୍ଲୀପ କୁମାର ପଲେଇ, ରାକେଶ ଅଗ୍ରୱାଲା, ଓକିଲ ସଂଘର ନୂତନ ସମ୍ପାଦକ ସରୋଜ କୁମାର ରାଉଳ, ସୁଦର୍ଶନ ବେହେରା, ଭୀଷ୍ମ ମହାନ୍ତ, ଦୀପ୍ତି ରଞ୍ଜନ ସେଠୀ, ଇମଦାଦ ହୁସେନ, ଡ ଭାଗବତ ଲେଙ୍କା, ସନ୍ତୋସ ମିଶ୍ର, ତ୍ରିଲଚନ୍ ସେଠୀ, ନଳୀନ ଚନ୍ଦ୍ର ଘଣା, ସତ୍ୟ ନାରାୟନ ମାଝୀ, ପୁଷ୍ପାଞ୍ଜଳି ସିଦୁ, ବିଜୟ ବାରିକ, ପ୍ରଦୀପ ମହାନ୍ତ, ମଙ୍ଗୁଲୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ବାରବାଟିଆ ସ୍ଥିତ ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠର ୪୦ତମ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ବୈଷ୍ଣବାନନ୍ଦ ମହାନ୍ତିଙ୍କ ୧୩୦ତମ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ପାଲଙ୍କ ସଭାପତିତ୍ୱ ଓ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସଞ୍ଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ବିଚିତ୍ରାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ତିହିଡ଼ି କଲେଜ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ସରପଞ୍ଚ ଅଜୟ କୁମାର ମହାନ୍ତି, ସମାଜସେବୀ ସଂଗ୍ରାମ କେଶରୀ ମହାନ୍ତି, ପ୍ରଫୁଲ୍ଲ କୁମାର ପାଢ଼ୀ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପଞ୍ଚସଖା ଶିକ୍ଷା ନିକେତନର ସଭାପତି ବୈଜୟନ୍ତ ପାଢ଼ୀ, ପ୍ରତିଷ୍ଠାତା ସଦସ୍ୟ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ଉତ୍ତମ ଚରିତ୍ର ଗଠନ ଦିଗରେ ଶିକ୍ଷାଦାନ କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ଉମାକାନ୍ତ ଖଣ୍ଡାଇ



ଧନ୍ୟବାଦ ଅର୍ପଣ କରିଥିଲେ। ନିକଟରେ ଅବସର ନେଇଥିବା ଶିକ୍ଷା କର୍ମଚାରୀ ମଦନ ମୋହନ ବେହେରା ଓ ଲୋକନାଥ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ଚିନ୍ମୟୀ ରାଉତ, ରୌଶାନ ସୁଲତାନା, ଅଜୟ ହେମ୍ବ୍ରମ, ଅବିନାଶ ପାଢ଼ୀ, ଆରତୀ ମାଝୀ, ପ୍ରୀତିଲତା ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ମହାନ୍ତି ଓ ଅତିଥିମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ବଳ, ଅରୁଣ କୁମାର ମହାନ୍ତି, ଶିକ୍ଷା କର୍ମଚାରୀ ବିପିନ ବିହାରୀ ମହାନ୍ତି ପ୍ରମୁଖଙ୍କ ସମେତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ହୃଦଘାତରେ କୃଷକଙ୍କ ବିୟୋଗ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ଅଧିନସ୍ଥ ଇମାମନଗର ଗ୍ରାମର ଅଗ୍ରଣୀ ଚାଷୀ ତଥା ଓଡ଼ଙ୍ଗ ଆଞ୍ଚଳିକ କୃଷକ କମିଟିର ଅଗ୍ରଣୀ ସଂଗଠକ ବିଦ୍ୟାଧର ରାଉତଙ୍କ ୭୧ ବର୍ଷ ବୟସରେ ସୋମବାର ସକାଳ ସମୟରେ ହୃଦଘାତରେ ବିୟୋଗ ହୋଇଯାଇଛି। ସେ ଗ୍ରାମର ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ଅନେକ ସାମାଜିକ, ସାଂସ୍କୃତିକ ଓ ଧାର୍ମୀୟ ଅନୁଷ୍ଠାନରେ ସକ୍ରିୟ ଥିଲେ। ମୃତ୍ୟୁ ଖବର ଜଣାଯିବା ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡା, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ଯୁବ ସଂଗଠକ ଦେବବ୍ରତ ରାଉତ, ଓଡ଼ଙ୍ଗ



ଆଞ୍ଚଳିକ କୃଷକ କମିଟି ସଭାପତି କାବୁଲି ରଥ, ସମ୍ପାଦକ ନିରଞ୍ଜନ ପଣ୍ଡା, ପତିତପାବନ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ବଟକୃଷ୍ଣ ପରିଡା, ପଦ୍ମନାଭ ଜେନା, ପଞ୍ଚାନନ ପରିଡା ଓ ନାରାୟଣ ସାହୁ, ଶିକ୍ଷକ ନେତା ନାରାୟଣ ସ୍ୱାଇଁ, ରମେଶ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଦାମୋଦର ରାୟ, କୃଷକ ନେତା ବସନ୍ତ ପରିଡା, ପ୍ରଫୁଲ୍ଲ ରାୟ, ଦିଲ୍ଲୀପ ଜେନା ପ୍ରମୁଖ ଶବଧାରାରେ ପୁଷ୍ପ ମାଲ୍ୟ ଦେଇ ଶେଷଦର୍ଶନ କରିଥିଲେ। ତାଙ୍କ ଶବକୁ ଗାଁ ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନରେ ଶବଦାହ କରାଯାଇଥିଲା। ବଡ଼ ପୁଅ ପ୍ରଫୁଲ୍ଲ ରାଉତ ମୁଖାଗ୍ନି ଦେଇଥିଲେ।

# ଜଳହରୀରେ ବାର୍ଷିକ ପାରାୟଣ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଜଳହରୀଶାସନ ଗ୍ରାମରେ ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ବାର୍ଷିକ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଛି। ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ନବ ଦିବସୀୟ ପାରାୟଣର ବ୍ୟାସ ଭାବେ ରଘୁନାଥ ମିଶ୍ର ଓ ଉପବ୍ୟାସ ଭାବେ ନିଶିଥ କୁମାର ପତି ଦାଇତ୍ୱ ତୁଲାଉଛନ୍ତି। ବାଣୀ ସେବକ ହିମାଂଶୁ ଦାସ ମହାରାଜ, ମଙ୍ଗୁଳି ଦାସ ମହାରାଜ, ମାନସ ଦାସ, କମଳ ଦାସ ମହାରାଜ ବିଭିନ୍ନ ଦିବସରେ ପ୍ରବଚନ ପ୍ରଦାନ କରୁଛନ୍ତି। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଧରଣୀଧର ଦାସ, ଧନେଶ୍ୱର ଦାସ ପ୍ରମୁଖ ଭଜନ ପରିବେଷଣ କରୁଛନ୍ତି। ଆଖପାଖର ବହୁ ବ୍ୟକ୍ତି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଥିବା ଜଣାଯାଇଛି।

# ଯାଦବ ସଂଘ ପକ୍ଷରୁ ଲଉଡି ଖେଳ ପ୍ରତିଯୋଗିତା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ପୋଖରୀଗାଁ ପଞ୍ଚାୟତ ରାଣୀପଡା ଗ୍ରାମରେ ବିଶାଳ ଲଉଡି ଖେଳ ପ୍ରତିଯୋଗିତା ପ୍ରତିଷ୍ଠିତ ହୋଇଯାଇଛି। ରବିବାର ଏହି ଲଉଡି ଖେଳ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ୍ତ ରଗଡ ଯୋଗ ଦେଇଥିବା ବେଳେ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ତ୍ରିଲୋଚନା ବେହେରା, ଧ୍ରୁବ ଚରଣ ଦାସ, ନିରଞ୍ଜନ ମହାଲିଆ, ପ୍ରତାପ ଦାସ, ମଙ୍ଗୁଳି ଦାସ, ରମେଶ ଦାସ, କରୁଣାକର ଦାସ, ଅଭୟ ଦାସ, ମନୋଜ ବେହେରା, ସଞ୍ଜୟ ଦାସ, ଲୋକନାଥ ମାଣିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିବା ବେଳେ ପ୍ରଥମ ସ୍ଥାନ ଅଧିକାରୀ କରିଥିଲା ବରେଇକଣା, ଦ୍ୱିତୀୟ ସ୍ଥାନ ଭୁବନେଶ୍ୱର, ତୃତୀୟ ସ୍ଥାନ ଯୁଗ୍ମ ବିଜେତା ବାଘମରା ଓ ମହଙ୍ଗପଡା, ଜଜ୍ ଭାବେ ରୋହିତ କାଠୁଆ, ଷୋଳଟି ଦଳରୁ ଚାରି ଜଣଙ୍କୁ ଚୟନ କରିଥିଲେ। ଏହି ୪ଟି ଦଳକୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ସୁମିତ୍ ଦାସ, ଅନ୍ତର୍ଯ୍ୟାମୀ ମଲ୍ଲ, ବାବୁରାମ ଦାସ, ସମୀର ଦାସ, କୁମରମଣି ଦାସ ସିମିତ ସହଯୋଗ କରିଥିଲେ।



ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ସ୍ତରୀୟ ଶିକ୍ଷକ ସଂଘଙ୍କ ବିଭିନ୍ନ ପଦପଦବୀ ଚୟନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓପିଟିଏ ସଭାପତି ଶଙ୍କର କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ଶିକ୍ଷକ ମନୋଜ କର, ଶେଷଦେବ ଯଜ୍ଞ କାମଦେଓ ରବିନ୍ଦ୍ର ପଣ୍ଡା, ସୌରଭ ମହାନ୍ତି ଯୋଗ ଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ଶିକ୍ଷକ ସଂଘ ମଧ୍ୟରେ ସଭାପତି ଭାବେ ପ୍ରିୟରଞ୍ଜନ ମହାପାତ୍ର, ସହ ସଭାପତି ଜ୍ଞାନ ରଞ୍ଜନ ଚିହ୍ନର, ଉପସଭାପତି ଲକ୍ଷ୍ମୀପ୍ରିୟା ଦର୍ଶିନୀ, ମଧୁସ୍ମିତା ଜେନା, ସମ୍ପାଦକ ସିଦ୍ଧାନ୍ତ କୁମାର ସାହୁ, ଅତିରିକ୍ତ ସମ୍ପାଦକ ସ୍ମୃତିଶିକ୍ଷା ବେହେରା, ବିଚିତ୍ରାନନ୍ଦ ବେହେରା, ଶିକ୍ଷା ଦିୱାନ ସାହିଲ୍ କୁମାର ପାନିଦା, ଆକାଶ ଦାସ, ଗୌତମ ସ୍ୱାଇଁ, ସ୍ମୃତି ରଞ୍ଜନ ପ୍ରଧାନ, ଖିଲାଡି ଗୋପାଳ ମିଡିଆ କୋଡିନେଟର୍, ରଞ୍ଜିତ ମଲ୍ଲିକ, ତନ୍ମୟ ଭାତେଇ, ସୁଚିତ୍ରା ରାଉତ, ସସ୍ମିତା ରାଉତ, ସୁଚିସ୍ମିତା ମହାନ୍ତି, ବନିତା ଜେନାଙ୍କୁ ଚୟନ କରାଯାଇଥିଲା। ଏହି ଚୟନ କାର୍ଯ୍ୟକ୍ରମ ସରିବା ପରେ ଏକ ବନ୍ଧୁମିଳନର କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲାର ଶତାଧିକ ଶିକ୍ଷକ ଯୋଗ ଦେଇଥିଲେ।

# ଚୋରା ମୂର୍ତ୍ତି ପଥର ବୋଝେଇ ଟ୍ରାକ୍ଟର ଜବତ



ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ୍): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚଣ୍ଡିଆ ପାହାଡ଼ରୁ ପ୍ରତ୍ୟେହ ଲକ୍ଷ ଲକ୍ଷ ଟଙ୍କାର ଚୋରା ମୂର୍ତ୍ତି ପଥର ଚାଲାଣ ହେଉଥିବା ବେଳେ ସରକାରଙ୍କର ରାଜସ୍ୱ ହାନି ହେଉଛି। ଏ ନେଇ ବାରମ୍ବାର ସର୍ବସାଧାରଣଙ୍କ ପକ୍ଷରୁ ତହସିଲ ପ୍ରଶାସନ ଓ ପୋଲିସ ପ୍ରଶାସନକୁ ଅଭିଯୋଗ କଲା ପରେ ମଧ୍ୟ ସେମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ପ୍ରାୟ ୪ଦିନ ତଳେ ପୋଲିସ ପାଟ୍ରୋଲିଂ ସମୟରେ ଏକ ନମ୍ବର ବିହିନ ଟ୍ରାକ୍ଟର ଚୋରା ମୂର୍ତ୍ତି ପଥର ନେଇଯାଉଥିବାର ଦେଖି ତାକୁ ଜବତ କରି ଥାନା ପରିସରରେ ରଖିଥିଲେ। ଏ ସମ୍ପର୍କରେ ପୋଲିସକୁ ପଚାରିବାରେ ସେ ଉତ୍ତର ଦେବାକୁ କୁଣ୍ଠାବୋଧ ପ୍ରକାଶ କରିଥିଲେ। ତେବେ ଚଣ୍ଡିଆ ପାହାଡ଼ରୁ ନିୟମିତ ଚୋରା ମୂର୍ତ୍ତି ପଥର ଚାଲାଣ ହେବା ଦ୍ୱାରା ପାହାଡ଼ରେ ବସବାସ କରୁଥିବା ବନ୍ୟ ଯନ୍ତୁ ମାନେ ପାହାଡ଼ ଓ ଜଙ୍ଗଲ ପରିସରରୁ ପଦାକୁ ଆସିବା ଦ୍ୱାରା ସେମାନଙ୍କର ଜୀବନ ହାନି ଘଟୁଛି। ପଥରର ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ମାନେ ଧୂଳି ଧୁସର ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖିନ ହେବା ସହ ରାସ୍ତା ଗୁଡ଼ିକ ଖାଲଖମାରେ ଭର୍ତ୍ତି ହେବା ଦ୍ୱାରା ଯାତାୟତରେ ଲୋକମାନେ ଦୁରଦର୍ଶାର ସମ୍ମୁଖିନ ହେଉଛନ୍ତି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ସାନପଦର ସାନନାଳିଆ ପୋଲ ଉପରେ ବାଇକ୍ ଦୃଘଟଣା ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ବେଗୁନିଆ ବ୍ଲକ କୋଟପଲ୍ଲୀ ଗ୍ରାମର କାଳୁ ନାୟକ ପିତା ମାୟା ନାୟକ ନିଜ ପଲସର୍ ବାଇକରେ (ଓଡ଼ି୦୨ ସିବି ୨୮୮୯)ରେ ଆଜି ଅପରାହ୍ନ ସମୟରେ ନିଜ ଶଶୁର ଘରକୁ ଯାଉଥିଲେ। ରାସ୍ତାଟି ସେହି ସ୍ଥାନରେ ବୁଲାଣି ଥିବାରୁ ଦୃତଗତୀ ଥିବା ବାଇକ୍ ରସ୍ତା ଉପରେ ପ୍ରାୟ ୨୦ ମିଟର ଘୋଷାଡି ହୋଇଯାଇଥିଲା। ଫଳରେ ଯୁବକ ଜଣଙ୍କର ହାତ ଗୋଡ଼ ଭାଙ୍ଗିବା ସହ ମୁହଁଟି ସମ୍ପୂର୍ଣ୍ଣ ଘଷିହୋଇ ବିବର୍ଣ୍ଣ ହୋଇଛି। ସେହି ରାସ୍ତାରେ ଯାଉଥିବା ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ପୂର୍ବତନ ସମିତି ସଭ୍ୟ ଅର୍ଜୁନ ପଟ୍ଟନାୟକ ତୁରନ୍ତ ଏକ ଗାଡ଼ି ବ୍ୟବସ୍ଥା କରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଖୋର୍ଦ୍ଧାକୁ ପଠାଇଛନ୍ତି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଦିନ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଅଭିଯୋଗ ଶିବିରରେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପଲୟର୍ଲି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୭୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପି. ରେଡ୍ଡୀ ସୂଚନା ଦେଇଥିଲେ। ଆଜି ମୋଟ ୯୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଧର୍ମଶାଳା ବିଡ଼ିଓ ଜ୍ୟୋତିର୍ମୟ କର, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ, ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ଓ ସହଯୋଗୀମାନେ ଉପସ୍ଥିତ ରହି ଆଇନ୍ ଶୃଙ୍ଖଳା ତଦାରଖ କରିଥିଲେ। ଏହି ଜନଶୁଣାଣୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଚାର ପ୍ରସାର ସଠିକ ଭାବେ ହୋଇନଥିବାରୁ ସ୍ୱଳ୍ପ ସଂଖ୍ୟକ ଲୋକ ଆସି ଅଭିଯୋଗ କରିଥିବା ଦେକାଯାଇଥିଲା।

## ମେ ୫ ଓ ୨୦ ଦେଶବ୍ୟାପୀ ବିକ୍ଷୋଭ

# ଏଆଇଟିୟୁସି, ମୟୂରଭଞ୍ଜ ଜିଲ୍ଲା ସମ୍ମେଳନ ଅନୁଷ୍ଠିତ




ବାରିପଦା, (ଭାସ୍କର ନ୍ୟୁଜ୍): ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ, ଏଆଇଟିୟୁସି ମୟୂରଭଞ୍ଜ ଜିଲ୍ଲା ସମ୍ମେଳନ ସ୍ଥାନୀୟ ହାମିଲଟନ ଆମ୍ବ ବଗିଚାରେ ମହିଳା ଶ୍ରମିକ ସାଥୀ ସୁବାସିନୀ ବିନ୍ଧାଣିକ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମେଳନକୁ ସିପିଆଇ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସାଥୀ ଡା ପ୍ରଶାନ୍ତ ମିଶ୍ର ଉଦଘାଟନ କରି କହିଥିଲେ, କେନ୍ଦ୍ରରେ ବିଜେପି କ୍ଷମତା ଦଖଲ କଲା ପରେ କର୍ପୋରେଟ ସ୍ୱାର୍ଥରେ ଶ୍ରମିକମାନଙ୍କ ପାଇଁ ଉଦିଷ୍ଟ ଶ୍ରମ ଆଇନ ଗୁଡ଼ିକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ବିନା ସହମତିରେ ବଦଳେଇ ୪ଟି ଶ୍ରମ କୋଡ଼ରେ ରୂପାନ୍ତରିତ କରିବା ଦ୍ୱାରା ଶ୍ରମିକର ମୌଳିକ ଅଧିକାର ଛଡ଼ାଇ ନିଆଯାଉଛି। ଦେଶର ବିଭିନ୍ନ ବର୍ଗର ଶ୍ରମିକମାନେ ସର୍ବ ନିମ୍ନ ମଜୁରୀ ନିର୍ଦ୍ଧାରଣ ଆଇନ୍‌ର ପରିସରରେ ନ ଆସିବା ପ୍ରଶ୍ନ ସରକାରୀ ପ୍ରାୟୋଜିତ କଳକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଠିକ୍ ସେହିପରି ନିର୍ବାଚିତ ସରକାର ସମ୍ବିଧାନ ପ୍ରଦତ୍ତ ଅଧିକାର ଉପରେ ହସ୍ତକ୍ଷେପ କରି ପଙ୍ଗୁ କରିବା ଏକଛତ୍ରବାଦର ନିଦର୍ଶନ, ଯାହା ପାଇଁ ମେ ୫ ଓ ମେ ୨୦ ଶ୍ରମିକ ଶ୍ରେଣୀକୁ ବାଧ କରିଛି ରାଜରାସ୍ତାକୁ ଓହ୍ଲାଇବାକୁ। ଦର ବୃଦ୍ଧି ହେତୁ ଶ୍ରମିକ ପାଉଥିବା ମଜୁରୀ ପରିବାର ଚଳାଇବା ପାଇଁ ନିଅଣ୍ଟ। ତେଣୁ ସର୍ବନିମ୍ନ ମଜୁରୀ ବୃଦ୍ଧିକୁ ନେଇ ମେ ୫ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହେବା ସହ ମେ୨୦ କେନ୍ଦ୍ର ସରକାରର ଶ୍ରମିକ, କୃଷକ, ସାଧାରଣ ମଣିଷ ମାରଣ ନୀତି ବିରୋଧରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବାକୁ ଯାଉଥିବା ସୂଚନା ଏଆଇଟିୟୁସି, ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଦେଇଛନ୍ତି। ନିର୍ମାଣ ଶ୍ରମିକ ଫରେଷ୍ଟ ଉଡର ନେତା ସାଥୀ କାହ୍ନୁଚରଣ ବେହେରା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ପଡିରହିଥିବା ସହାୟତା ରାଶିର ଆବେଦନକୁ କାର୍ଯ୍ୟକାରୀ ନକରି ପାତରଅନ୍ତର ନୀତିରେ କରାଯିଉଥିବା ଅଭିଯୋଗ ସହ ଭୂମିହୀନ ଶ୍ରମିକଙ୍କୁ ଜମିର ପଟ୍ଟା ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଦାବି ରଖିଛନ୍ତି। କେନ୍ଦ୍ରୀୟ ଯୋଜନାରେ ସ୍କିମ ୱାର୍କର ମାନଙ୍କର ବିବିଧ ସମସ୍ୟାକୁ ନେଇ ବାରମ୍ବାର ଆନ୍ଦୋଳନ ଜରିଆରେ କେନ୍ଦ୍ର ସରକାର ଅବଗତ ଥାଇ ସୁଦ୍ଧା ମାସିକ ୨୬ ହଜାର ଟଙ୍କା ମଜୁରୀକୁ କାର୍ଯକାରୀ କରାଯାଉ ନାହିଁ ବୋଲି ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ଜିଲ୍ଲା ସମ୍ପାଦିକା ମଧୁସ୍ମିତା ମହାନ୍ତ, ଲିଳାବତୀ ସିଂ, ନନ୍ଦିନୀ ମହାରଣା, ମାଳତୀ ସୋରେନ ଆଲୋଚନାରେ ଅଂଶଗ୍ରହଣ କରି କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ମହାନ୍ତି, ସୁକାନ୍ତି ନାଏକ, ବାସନ୍ତୀ ମହାନ୍ତ, ସଞ୍ଜୁଲତା ମହାକୁଡ଼, ମମତା ମିଶ୍ର, ମହେଶ୍ୱର ବେହେରା, ଶ୍ରେଷ୍ଠା ଆଚାର୍ଯ୍ୟ, ଦ୍ରୋପଦୀ ରାଉତ, ସସ୍ମିତା ବାରିକ,ସୁକୁରା ନାଏକ, ହେମଲତା ମହାନ୍ତ, ମଞ୍ଜୁଲତା ପାତ୍ର,ବୁଦୁ ସୋରେନ, ନିର୍ମଳି ହାଁସଦା, ସୁନେଲି ନାଏକ, ଦିବାକର ସିଂ ପ୍ରମୁଖ ଶତାଧିକ ଶ୍ରମିକ ସାଥୀମାନେ ଉପସ୍ଥିତ ଥିଲେ।

# ମଇ ୧୦ରେ କେନ୍ଦ୍ରାପଡ଼ାରେ ରାଷ୍ଟ୍ରୀୟ ଲୋକଅଦାଲତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଆସନ୍ତା ମଇମାସ ୧୦ତାରିଖରେ କେନ୍ଦ୍ରାପଡା ଜିଲ୍ଲାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ଥିବା ଜିଲ୍ଲା ଅଦାଲତ ସମେତ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗରରେ ଥିବା ଅଦାଲତ ଗୁଡିକରେ ମଧ୍ୟ ଅନୁଷ୍ଠିତ ହେବ। ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି। ଏଥିରେ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ ବାଉନ୍‌ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟରଯାନ ଦୂର୍ଘଟଣା ଜନିତ ମାମଲା, ଶ୍ରମବିବାଦ ଜନିତ ମାମଲା, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ(ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ(ବିବାହ ବିଛେଦ ବ୍ୟତିତ), ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ୟ ଦେୱାନୀ ମାମଲା (ଭଡା, ସହଜ ଅଧିକାର ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ସୁଟ, ନିର୍ଦ୍ଦେଶକ ସୁଟ), ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ଗୁଡିକର ଫଇସଲା ହେବ। ଏଥିସହିତ ଅଦାଲତରେ ଦାୟର ହୋଇନଥିବା ମାମଲା ଯଥା ଚେକ ବାଉନ୍‌ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ଶ୍ରମବିବାଦ ଜନିତ ମାମଲା, ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ ଦେୱାନୀ(ସାଲିସ ବିହୀନ ବିବାଦକୁ ବାଦ ଦେଇ), ରକ୍ଷଣାବେକ୍ଷଣ ମାମଲା ଓ ଅନ୍ୟାନ୍ୟ ମୋକଦ୍ଦମା ଗୁଡିକର ଫଇସଲା କରାଯିବ। ମଇମାସ ୧୦ତାରିଖ ପୂର୍ବାହ୍ନ ୧୦ଟାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆରମ୍ଭ ହୋଇ ଉପରୋକ୍ତ ମାମଲା ଗୁଡିକର ଫଇସଲା କରାଯିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ସୂଚନା ଦେଇଛନ୍ତି।


# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସ ପାଳିତ

ବେତନଟୀ, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସରେ ବେତନଟୀର ବିଭିନ୍ନ ସ୍ଥାନରେ ସ୍ଥାପିତ ମହାପୁରୁଷ ବ୍ୟକ୍ତିବିଶେଷଙ୍କ ପ୍ରତିମୂର୍ତ୍ତିକୁ ଧୋଇବା ସହ ସେମାନଙ୍କ ଗଳାରେ ପୁଷ୍ପମାଲ୍ୟ ଏବଂ ଧୂପଦୀପଦାନ ଆଦି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର ଙ୍କ ସଂଯୋଜନାରେ ଏକ ବଜାର ପରିକ୍ରମାରେ ଯାଇ ଚଣ୍ଡୀ ଛକ ସ୍ଥିତ ମଧୁସୂଦନ ଦାସ, ହାଟଛକରେ ସୁଭାଷ ଚନ୍ଦ୍ର ବୋଷ, ଡାକ୍ତରଖାନା ପରିସରରେ ମହାତ୍ମା ଗାନ୍ଧି ଓ ଶାସ୍ତ୍ରୀଜୀ, ବଙ୍ଗଳା ଛକରେ ପ୍ରସନ୍ନ କୁମାର ଦାଶ, ବାହାନଡା ଛକରେ ଗୋପବନ୍ଧୁ ଦାସ, ଉଚ୍ଚ ବିଦ୍ୟାଳୟ ପରିସରରେ ଶରତ ଚନ୍ଦ୍ର ଦାସ, ମହୁଲିଆ ସ୍ଥିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତିରେ ଧୋଇବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଭିଲ ସୋସାଇଟି, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପଦ୍ମମାଳୀ ମହିଳା ସଂଗଠନ, ମୟୁର ସାହିତ୍ୟ ସଂସଦ, ଏମପିସି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଗଣ ଉପସ୍ଥିତ ଥିଲେ।

## ବ୍ୟବସାୟୀ ସଙ୍ଘର ପ୍ରାକ୍ତନ ଉପସଭାପତିଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ପ୍ରାକ୍ତନ ଉପସଭାପତି ତଥା ସମାଜସେବୀ ଅଭିରାମ ପଣ୍ଡାଙ୍କର ଆଜି ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ପଣ୍ଡା ଦୀର୍ଘ ଦିନ ଧରି ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ଉପସଭାପତିରୂପେ କାର୍ଯ୍ୟ କରିବା ସହ ସ୍ଥାନୀୟ ଅଞ୍ଚଳରେ ଏକ ଗାଡିମରାମତି ଦୋକାନ ଖୋଲି ବେଶ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କର ବଡ ଜ୍ୱାଇଁ ବାସୁଦେବ ଚଇନି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ, ଉପସଭାପତି ବଳରାମ ସାହୁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗୁରୁଚରଣ ନାୟକ, ଯୁଗ୍ମ ସମ୍ପାଦକ ମନମୋହନ ଓଝା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ।

# ଶ୍ରୀଚୈତନ୍ୟ ଏକାଡେମୀ ଭୁବନେଶ୍ୱରର ପ୍ରଥମ ବ୍ୟାଚର ଅସାଧାରଣ ସଫଳତା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶ୍ରୀଚୈତନ୍ୟ ଏକାଡେମି, ଭୁବନେଶ୍ୱର ତାଙ୍କର ପ୍ରଥମ ବ୍ୟାଚରେ ଏକ ଚମତ୍କାରିକ ସଫଳତା ଦର୍ଶାଇଛି। ଏହି ଶିକ୍ଷାନୁଷ୍ଠାନର ୬ ଜଣ ଛାତ୍ର ଜେଇଇ ଆଡଭାନ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ୬ ଜଣଙ୍କ ମଧ୍ୟରୁ ସନ୍ଦୀପ କୁମାର ସାହୁ ୯୯.୯୪ ପ୍ରତିଶତ ସ୍କୋର କରି, ଅଂଚଳରେ ଏବଂ ଏକାଡେମିରେ ଅଗ୍ରସ୍ଥାନ ଅଧିକାର କରିଛନ୍ତି। ଏହି ଦିନ ଦେଶସାରା ଶ୍ରୀଚୈତନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଗୌରବମୟ ଥିଲା। ଦେଶସ୍ତରରେ ଏହି ସଂସ୍ଥାର ୩୩ ଜଣ ଛାତ୍ର ଟପ୍ ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଛନ୍ତି, ଯାହା ଶ୍ରୀଚୈତନ୍ୟ ଏକାଡେମିର ଶିକ୍ଷା ମାନଦଣ୍ଡ ଓ ପ୍ରଶିକ୍ଷଣ ପ୍ରଣାଳୀକୁ ପୁନଃ ପ୍ରମାଣିତ କରିଛି। ସଂସ୍ଥାର ଭୁବନେଶ୍ୱର ବ୍ରାଚ୍ ବିଜନେସ୍ ହେଡ୍ ଶ୍ରୀ ରାକେଶ କୁମାର ଦାଶ କହିଛନ୍ତି, ‘ଶ୍ରୀଚୈତନ୍ୟ ସଦା ଗୁଣତ୍ୱକୁ ପ୍ରଥମ ସ୍ଥାନରେ ରଖେ। ଆମ ପ୍ରଥମ ବ୍ୟାଚର ସମସ୍ତ ଛାତ୍ର ଆଡଭାନ୍ସ ଯୋଗ୍ୟତା ଅର୍ଜନ କରିଥିବା ଏହି କଥାକୁ ପ୍ରମାଣିତ କରେ। ଆଗାମୀ ଶିକ୍ଷାବର୍ଷ ପାଇଁ ଆମେ କମ୍ ଛାତ୍ର ସଂଖ୍ୟାରେ କ୍ଲାସ୍ ନେବା ଯୋଜନା କରିଛୁ, ଯାହା ଦ୍ୱାରା ପ୍ରତି ଛାତ୍ର ପ୍ରତି ବେଶି ଧ୍ୟାନ ଦେବା ସମ୍ଭବ ହେବ।’ ଭୁବନେଶ୍ୱର ସେଣ୍ଟର୍ ହେଡ୍ ରଞ୍ଜିତ ରଞ୍ଜନ କହିଛନ୍ତି, ‘ଯେଉଁ ଛାତ୍ରଛାତ୍ରୀ ଫଳାଫଳ ଚାହାଁନ୍ତି, ସେମାନେ ଆମ ସହିତ ଯୋଗାଯୋଗ କରନ୍ତୁ। ଆମ ପ୍ରଶିକ୍ଷକ ଦଳ ଓ ପଠନ ପ୍ରଣାଳୀ ଅନୁସାରେ ଦିଶା ଦେଲେ ନିଶ୍ଚିତ ଭଲ ଫଳ ମିଳିବ। ଏହି ସଫଳତା ଭୁବନେଶ୍ୱରର ଶିକ୍ଷା ଅଂଚଳ ପାଇଁ ଏକ ଗୌରବର ବିଷୟ ଓ ଆସନ୍ତା କାଲିପାଇଁ ଆଶା ଓ ଆତ୍ମବିଶ୍ୱାସ ଭରିଦେଇଛି।’

# ଆଇଆଇଏମ୍‌ସି ଢେଙ୍କାନାଳରେ କୁଳପତି ଅନୁପମା ଭଟ୍ଟନଗରଙ୍କ ସମୀକ୍ଷା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର କୁଳପତି ଡ. ଅନୁପମା ଭଟ୍ଟନଗର ଓ କୁଳସଚିବ ଡ. ନିମିଶ ରୁସ୍ତଗୀ ଆଜି ପୂର୍ବାହ୍ଣରେ ଆଇଆଇଏମ୍‌ସି ଢେଙ୍କାନାଳ କ୍ୟାମ୍ପସ୍ ପରିଦର୍ଶନ କରିଛନ୍ତି। ଡ. ଭଟ୍ଟନଗର ଓ ଡ. ରୁସ୍ତଗୀ ଢେଙ୍କାନାଳ କ୍ୟାମ୍ପସ୍‌ରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ଦେଖିବା ସହ ନିକଟରେ ମରାମତି ହୋଇଥିବା ବାଳକ ଛାତ୍ରାବାସ ‘ବ୍ରହ୍ମପୁତ୍ର’ ଉଦ୍‌ଘାଟନ କରିଛନ୍ତି। ସୋମବାର ପୂର୍ବାହ୍ଣରେ କୁଳପତି ଡ. ଭଟ୍ଟନଗର ଏବଂ କୁଳସଚିବ ଡ. ରୁସ୍ତଗୀ ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ଓ ସ୍ୱତନ୍ତ୍ର ଅଧିକାରୀ ଜି.ସି. ଦାଶଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପରେ ସଂସ୍ଥାନର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଏହାସହ ଆଗାମୀ ଦିନରେ ନୂଆ ପାଠ୍ୟକ୍ରମ ଖୋଲିବା ନେଇ ବିଭିନ୍ନ ଦିଗ ଉପରେ ସମୀକ୍ଷା କରିବା ସହ କ୍ୟାମ୍ପସ୍‌ର ଅନ୍ୟ ଉନ୍ନତିମୂଳକ କାର୍ଯ୍ୟର ପ୍ରଗତି ନେଇ ଆଲୋଚନା କରିଛନ୍ତି। ବିଶେଷକରି ଆକାଡେମିକ୍ ବ୍ଲକ୍‌ରେ ନୂଆ କରି ସ୍ଥାପିତ ହୋଇଥିବା ଦୃଶ୍ୟ-ଶ୍ରାବ୍ୟ ଲ୍ୟାବ୍, ବାଳକ ଛାତ୍ରାବାସ, ବାଳିକା ଛାତ୍ରାବାସ ଆଦି ବୁଲି



ଦେଖିବା ସହ ଆଗାମୀ ଦିନରେ ଭିତ୍ତିଭୂମି ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ୧୯୯୩ ମସିହାରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନର ପ୍ରଥମ ଶାଖା ଢେଙ୍କାନାଳରେ ପ୍ରତିଷ୍ଠା ହୋଇଥିଲା। ଏଠାରୁ ବହୁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଗୁରୁଦାୟିତ୍ୱ ତୁଲାଉଛନ୍ତି। ଗତବର୍ଷ ସଂସ୍ଥାନକୁ ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଥିଲା।

## ପ୍ରେସର ଆଇଇଡି ବିସ୍ଫୋରଣରେ ସିଏଏଫ ଯବାନ ଶହୀଦ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସଡ଼କ ନିର୍ମାଣ କାର୍ଯ୍ୟକୁ ସୁରକ୍ଷା ଦେଉଥିବା ବେଳେ ମାଓବାଦୀ ଖଞ୍ଜି ଥିବା ପ୍ରେସର ଆଇଇଡିର ଶିକାର ହେଲେ ଯବାନ। ସୂଚନା ଅନୁଯାଇ ଛତିଶଗଡର ବିଜାପୁର ଜିଲ୍ଲା ତୋୟାନର ଥାନା ଅନ୍ତର୍ଗତ ଫରସେଗଡ଼ ଅଞ୍ଚଳରେ ମାଓବାଦୀ ଖଞ୍ଜି ଥିବା ପ୍ରେସର ଆଇଇଡିରେ ଗୋଡ଼ ପଡ଼ିଯିବା ଫଳରେ ବିସ୍ଫୋରଣ ହୋଇ ଘଟଣା ସ୍ଥଳରେ ଜଣେ ସି.ଏ.ଏଫ ଯବାନ ଶହୀଦ ହୋଇଛନ୍ତି। ଯବାନ ଜଣଙ୍କ ସି.ଏ.ଏଫ ୧୯/ସି ବାଟାଲିୟନର ମନୋଜ ପୂଜାରୀ (୨୬)ବର୍ଷ। ବିଜାପୁର ଜିଲ୍ଲାର ତୋୟାନର ଥାନା ଅଞ୍ଚଳଟି ମାଓ ପ୍ରଭାବିତ ହୋଇଥିବାରୁ ଏଠାରେ ସଡ଼କ ନିର୍ମାଣ କାର୍ଯ୍ୟରେ ସୁରକ୍ଷା ପାଇଁ ସିଏଏଫ ଯବାନମାନେ ପହରା ଦେଉଥିବା ବେଳେ ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏଠାରେ ପ୍ରେସର ଆଇଇଡି ଖଞ୍ଜିଥିଲେ। ଏହି ପ୍ରେସର ଆଇଇଡି ସ୍ପର୍ଶରେ ଯବାନ ଜଣଙ୍କ ଆସିବାମାତ୍ରେ ବିସ୍ଫୋରଣ ହୋଇ ଘଟଣାସ୍ଥଳରେ ଶହୀଦ ହୋଇଥିବା ବିଜାପୁର ପୁଲିସ ପକ୍ଷରୁ କୁହାଯାଇଛି।

## ମା' ବଡ଼ମ୍ୱା, ବୁଢ଼ୀଝିଅ ଓ ମା' ମଙ୍ଗଳାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ କୁମାରପୁର ଗ୍ରାମରେ ମା' ବଡ଼ମ୍ୱା, ବୁଢ଼ୀଝିଅ ଓ ମା' ମଙ୍ଗଳାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହେଉଛି। ଶନିବାର ଅଧିବାସ, ଅଙ୍କୁରାରୋପଣ, ରବିବାର ୧୦୮କଳସ ଶୋଭାଯାତ୍ରା, ସୋମବାର ବିଗ୍ରହ ପ୍ରତିଷ୍ଠା, ନ୍ୟାସ, ଆହୂତି ଓ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



କର୍ତ୍ତା ଭାବେ ଚନ୍ଦ୍ରକାନ୍ତ ଜେନା, ପତ୍ନୀ ଗୀତାଂଜଳି ଜେନା, ପୁରୋହିତ ଭାବେ ମଦନ ମୋହନ ସେନାପତି, ପ୍ରଶାନ୍ତ ପଣ୍ଡା, ଘନଶ୍ୟାମ ଦାଶ, ମୁକ୍ତିକାନ୍ତ ନାୟକ, ମନୋରଂଜନ ପଣ୍ଡା, କରୁଣାକର ଦାଶ, ଶଶି ଶେଖର ମହାପାତ୍ର ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ତିନିଦିନ ଧରି ଚାଲିଥିବା ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ତିନି ଠାକୁରାଣୀ ୩୦୦ ବର୍ଷ ଧରି ଗ୍ରାମରେ ପୂଜା ପାଇ ଆସୁଛନ୍ତି। ପ୍ରଥମେ ପୂର୍ବପୁରୁଷମାନେ ଏକ କଳସ ବସାଇ ପୂଜା ଆରମ୍ଭ କରିଥିଲେ। ପରେ ଚାଳଛପର ମନ୍ଦିରରେ ୩ଠାକୁରାଣୀ ପୂଜା ପାଇ ଆସୁଥିଲେ। କିଛିଦିନ ପୂର୍ବରୁ ଦେବୀମାନଙ୍କର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରରେ ତିନି ଦେବୀଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ସମାଜସେବୀ ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ଡା. ପ୍ରଣବ ମହାନ୍ତି, ଶଶିକାନ୍ତ ଜେନା, ସଂଜୀବ ଜେନା, ରୋହିତ ଜେନା, ବନମାଳି ଜେନା, ନୃସିଂହ ଜେନା, ପ୍ରଭାତ ଜେନା, ହୃଷିକେଶ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ବାବୁରାମ ଜେନା, ବୁବୁନ ଜେନା, ଶରତ ଜେନା, ହରେକୃଷ୍ଣ ଜେନାଙ୍କ ସମେତ ଗ୍ରାମବାସୀ ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ବ୍ୟବସାୟୀଙ୍କ ଗୃହ ନିର୍ମାଣ ପାଇଁ ବିଧାୟକଙ୍କ ଅର୍ଥ ମଂଜୁର ପ୍ରତିଶ୍ରୁତି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ପୀର ଜାହାନିଆଁଙ୍କ ନିକଟରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବିଧାୟକ ଅର୍ଥ ମଞ୍ଜୁର ପ୍ରତିଶୃତି ଦେଇଛନ୍ତି। ସୂଚନା ଯୋଗ୍ୟ କି ପୀରଜାହାନିଆଁ ପୀଠ ଠାରେ ବେଳାଭୂମି ଉନ୍ନତି କରଣ ସହ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଗୃହକୁ ଉଚ୍ଛେଦ ପାଇଁ ବନ ବିଭାଗ ତରଫରୁ ନୋଟିସ ଦିଆଯାଇଥିଲା। ଦୋକାନ ଗୃହ ଉଚ୍ଛେଦ ପାଇଁ ବନ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ସମସ୍ତ ବନ୍ଦୋବସ୍ତ ହୋଇଥିଲା। ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡିଙ୍କ ହସ୍ତ କ୍ଷେପ ଫଳରେ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ବନ ବିଭାଗ ପକ୍ଷରୁ ଆସନ୍ତା ୧ ମଇକୁ ଉଚ୍ଛେଦ କରିବା ପାଇଁ ମଧ୍ୟ ପୁନର୍ବାର ନୋଟିସ ଦେଇଛନ୍ତି। ଏହାକୁ ଗୁରୁତର ଭାବେ ବିଚାରକୁ ନେଇ ତଥା ସ୍ଥାନୀୟ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସମୟରେ ବ୍ଲକ୍ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠି ଓ କନିଷ୍ଠ ଯନ୍ତ୍ରୀ ଙ୍କ ଉପସ୍ଥିତ ରେ ୧୮ ବଖରା ନୂତନ ଗୃହ ନିର୍ମାଣ ପାଇଁ ଆଲୋଚନା କରିଥିଲେ ଓ ଅତି ଶୀଘ୍ର ତାର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଗୃହ ନିର୍ମାଣ ପାଇଁ ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବା ପାଇଁ ପ୍ରତିଶୃତି ଦେଇଥିଲେ। ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀ ଗୃହ ନିର୍ମାଣ ପର୍ଯ୍ୟନ୍ତ ଆମେ ପେଟପାଟଣା ପାଇଁ ଦୋକାନ ନ ଉଚ୍ଛେଦ କରି ସମୟ ଦିଆଯିବା ପାଇଁ ବିଧାୟକ ଓ ଉପାଧ୍ୟକ୍ଷଙ୍କ ନିକଟରେ ନିବେଦନ କରିଥିଲେ। ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ପ୍ରତିଶୃତି ଦେଇଥିଲେ। ବ୍ୟବସାୟୀ ସ୍ୱାର୍ଥକୁ ଗୁରୁତ୍ୱ ଦେଇଥିବାରୁ ବ୍ୟବସାୟୀ ମାନେ କୃତଜ୍ଞତା ଜଣାଇଥିଲେ। ଆଜିର ଏହି ସମୟରେ ସଂଘ ସମ୍ପାଦକ ଅବଦୁଲ ଅଲିଶା, କୋଷାଧ୍ୟକ୍ଷ ଅଜୟ କୁମାର କାଣ୍ଡି, ସହସମ୍ପାଦକ ନିରଞ୍ଜନ ବିଶ୍ୱାଳ, ଉପସଭାପତି ସର୍ବେଶ୍ୱର ବିଶ୍ୱାଳ, ସଂଗ୍ରାମ ବିଶ୍ୱାଳ ବାବୁନି ନାୟକ ଓ ଲିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ୍ୟୁକାଳୀନ ସହାୟତା ଅପେକ୍ଷାରେ ୫୦ ପରିବାର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟରତ ୫୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ୫ ବର୍ଷ ପୂର୍ବେ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇନାହିଁ। ଯାହା ଫଳରେ ଶ୍ରମିକମାନଙ୍କ ବିଧବା ପତ୍ନୀ ସହାୟତା ପାଇବା ପାଇଁ ବର୍ଷ ବର୍ଷ ଧରି ଶ୍ରମ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇଛନ୍ତି। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ଆଜି ଆସ କାଲି ଆସ କହି ଫେରାଇ ଦିଆଯାଉଛି। ଫଳରେ ଶ୍ରମିକଙ୍କ ବିଧବା ପତ୍ନୀମାନେ ନିର୍ଯ୍ୟାତିତ ହେଉଛନ୍ତି। ସେମାନେ ନିଜ ପିଲାଙ୍କୁ ପାଠ ପଢାଇ ପାରୁନାହାଁନ୍ତି। କେଉଁ ଶ୍ରମିକଙ୍କ ଝିଅ ବିବାହ ଉପଯୋଗୀ ହୋଇଥିଲେ ମଧ୍ୟ ଅର୍ଥ ନ ମିଳିବାରୁ ବିବାହ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଚକ୍ରୋଡ଼ା ପଞ୍ଚାୟତ କଣ୍ଠିଆ ଗ୍ରାମର ଗୀତାଞ୍ଜଳୀ ଜେନା କହିଛନ୍ତି ତାଙ୍କ ସ୍ୱାମୀ ସଞ୍ଜୀବ କୁମାର ଜେନାଙ୍କର ୨୦୨୨ ମସିହା ସେପ୍ଟେମ୍ବର ୧୩ ତାରିଖରେ ଅଂଶୁଘାତରେ ମୃତ୍ୟୁ ହୋଇଥିଲା। ମୃତ୍ୟୁକାଳୀନ ସହାୟତା ପାଇବା ପାଇଁ ସେ ଆବଶ୍ୟକ କାଗଜାଦ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପୈଠ କରିଥିଲେ। କିନ୍ତୁ ତାଙ୍କୁ ଅଦ୍ୟାବଧି ମୃତୁକାଳୀନ ସହାୟତା ପ୍ରଦାନ କରାଯାଇନାହିଁ। ତାଙ୍କ ଝିଅକୁ ବହୁ କଷ୍ଟରେ ବିଏ ପାସ କରାଇଛନ୍ତି। ଝିଅ ଏବେ ବିବାହ ଉପଯୋଗୀ ହୋଇଗଲାଣି। ଝିଅର ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଥିଲା। ସ୍ୱାମୀଙ୍କ ମୃତ୍ୟୁକାଳୀନ ଟଙ୍କା ମିଳିଥିଲେ ପାଠ ପଢାଇବାରେ ସହଜ ହୋଇଥାନ୍ତା। କିନ୍ତୁ ତାହା ମିଳିଲା ନାହିଁ। ତେଣୁ ବହୁ କଷ୍ଟରେ ଝିଅକୁ ସେ ଶିକ୍ଷିତ କରାଇଥରବା କହିଛନ୍ତି। ଏବେ ଝିଅ ବିବାହ ଉପଯୋଗୀ ହେଲାଣି। ସ୍ୱାମୀଙ୍କ ମୃତ୍ୟୁକାଳୀନ ସହାୟତା ପାଇଁ ବାରମ୍ବାର ଶ୍ରମ କାର୍ଯ୍ୟାଳୟକୁ ଦୌଡୁଛି। କିନ୍ତୁ କିଛି ଲାଭ ହେଉନାହିଁ। ତେଣୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଉ ବୋଲି ସେ ନିବେଦନ କରିଛନ୍ତି। ସେହିପରି ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତର ବନିତା ପ୍ରଧାନ କହିଛନ୍ତି ତାଙ୍କ ସ୍ୱାମୀ ବିନୋଦ ପ୍ରଧାନଙ୍କ ଗତ ୨୦୧୯ ମସିହା ମାର୍ଚ୍ଚ ୨୯ ତାରିଖରେ ମୃତ୍ୟୁ ହୋଇଥିଲା। ଏ ନେଇ ସେ ବହୁଥର ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ସହାୟତା ପାଇଁ ଯାଇଛନ୍ତି। ଏବେ ବି ତାଙ୍କୁ କୁହାଯାଉଛି ଆଜି ଆସ କାଲି ଆସ। ଏହିପରି ଭାବେ ବାରମ୍ବାର ଶ୍ରମ କାର୍ଯ୍ୟାଳୟକୁ ଦୌଡି ଦୌଡି ସେ ହତାଶ ହୋଇପଡିଥିବା ପ୍ରକାଶ କରିଛନ୍ତି। କେବଳ ଏହି ଦୁଇଜଣ ଶ୍ରମିକଙ୍କ ପରିବାର ନୁହଁନ୍ତି ଏହିପରି ୫୦ରୁ ଊର୍ଦ୍ଧ୍ୱ ପରିବାର ଏବେ ମୃତ୍ୟୁକାଳୀନ ସହାୟତା ଅପେକ୍ଷାରେ ରହିଥିବା ମିଳିଥିବା ତଥ୍ୟରୁ ଜଣାପଡିଛି। ଶ୍ରମିକ ନେତା ଫକୀର ଚରଣ ଖଟୁଆ କହିଛନ୍ତି ଯେଉଁ ଅଧିକାରୀମାନେ ଶ୍ରମ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ସେମାନେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଶ୍ୟମିକମାନଙ୍କୁ ହଇରାଣ ହରକତ କରୁଛନ୍ତି। ସେମାନେ ମୃତ ଶ୍ରମିକଙ୍କ ପରିବାର ପ୍ରତି ସଦୟ ହେବା ଉଚିତ। କାରଣ ଶ୍ରମିକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ସେଥିପାଇଁ ସରକାର ମୃତ୍ୟୁକାଳୀନ ସହାୟତା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଯଦି ଶ୍ରମିକଙ୍କ ପରିବାର ସେମାନଙ୍କ ନ୍ୟାର୍ଯ୍ୟ ହକ ପାଇବା ପାଇଁ ବାରମ୍ବାର ଶ୍ରମ କାର୍ଯ୍ୟାଳୟକୁ ଦୌଡିବେ ତାହାଠାରୁ ଦୁଃଖର କଥା ଆଉ କିଛି ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଶ୍ରମ କାର୍ଯ୍ୟାଳୟର ପ୍ରଭାଗୀୟ ଶ୍ରମ ସଂସ୍ଥାପକ ପ୍ରଦୀପ ମହାନ୍ତି କୁହନ୍ତି ଯେ ଏ ସଂକ୍ରାନ୍ତରେ ସେ କିଛି ଜାଣି ନାହାନ୍ତି। ଏଗୁଡିକ ପୁରୁଣା ମାମଲା। କିନ୍ତୁ ସେ ଯୋଗ ଦେବା ପରେ କୌଣସି ଶ୍ରମିକ ପରିବାର ହଇରାଣ ହେଉନାହାନ୍ତି ବୋଲି ସେ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରମିକ ପରିବାର ଗୁଡିକ ପକ୍ଷରୁ ଦାବି କରାଯାଇଛି।



ଫୁଲନଖରା (ଭାସ୍କର ନ୍ୟୁଜ୍): ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗଶାସନ ପଞ୍ଚାୟତ ବଡଝରିଲୋ ଗ୍ରାମଠାରେ ବିଜେଡିର ଏକ ସାଙ୍ଗଠନିକ ସଭା ବରିଷ୍ଠ କର୍ମୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଗୋଟି ଗ୍ରାମ ପଂଚାୟତର ଛାମୁଆ କର୍ମୀ ଗଗନ ବିହାରୀ ଜେନା, ଅଶୋକ କୁମାର ରଥ, ବିଶ୍ୱରଞ୍ଜନ ସାହୁ, ସତ୍ୟ ରଞ୍ଜନ ମହାନ୍ତି, ଘନଶ୍ୟାମ ପାତ୍ର, ରାଜେଶ ଜେନା, ନଳିନୀକାନ୍ତ ପଟ୍ଟନାୟକ, ସରପଂଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା, ବିଶ୍ୱନାଥ ସାହୁ, ରାଜଦର୍ଶନ ବାରିକ, ଓ ଧରଣୀଧର ଜେନା ପ୍ରମୁଖ ଯୋଗଦେଇ ବିଜେଡିକୁ ସୁଦୃଢ଼ କରିବାକୁ ମତବ୍ୟକ୍ତ କରିଥିଲେ। ସର୍ବସମ୍ମତି କ୍ରମେ ପଞ୍ଚାୟତ ବିଜେଡିକୁ ସୁଦୃଢ଼ କରିବାକୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପଂଚାୟତ ବିଜେଡି ସଭାପତି ଭାବେ ତପନ କୁମାର ପାତ୍ର ସମ୍ପାଦକ ଭାବେ ଶକ୍ତି ରଞ୍ଜନ ଦାସ କୋଷାଧକ୍ଷ ଭାବେ ସୁନନ୍ତ ଚରଣ ଭୋଇଙ୍କୁ ବଛା ଯାଇଥିଲା। ପଂଚାୟତ ସ୍ତରରେ ବିଜେଡିକୁ ଖୁବଶୀଘ୍ର ସଜଡାଯାଇ ସୁଦୃଢ଼ କରାଯିବ ବୋଲି ସମସ୍ତ କର୍ମୀ ଶପଥ ନେଇଥିଲେ। ବିଧାନସଭା ପରେ କୁରାଙ୍ଗଶାସନ ପଞ୍ଚାୟତର ପ୍ରଥମ ବୈଠକ ଡାକି ସାଙ୍ଗଠନିକ ସୃଷ୍ଟି କରିଥିବାରୁ ସମସ୍ତ କର୍ମୀ ନିଜ ନିଜ ପଞ୍ଚାୟତ ମାନଙ୍କରେ ବୈଠକ କରିବାକୁ ମତ ପୋଷଣ ରଖିଥିଲେ। ପଂଚାୟତରେ ସରପଂଚ ଓ ସମିତି ସଭ୍ୟ ବିଜେଡି ସମର୍ଥିତ ଥିବାରୁ କର୍ମୀମାନଙ୍କ ମନବଳ ଆନନ୍ଦ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ବୈଠକରେ ସୁରେନ୍ଦ୍ର ସାହୁ, କବି ନାରାୟଣ ସାହୁ, କସର ମହମ୍ମଦ, ଫକିର ମହମ୍ମଦ, ଧରଣୀଧର ଜେନା, ଖିରୋଦ ସାହୁ, ବିଶ୍ୱନାଥ ପ୍ରଧାନ, ଚିତ୍ତରଞ୍ଜନ ପାଲ, ଦିଲ୍ଲୀପ ପ୍ରଧାନ, ତ୍ରିଲୋଚନ ବାରିକ, ରମାକାନ୍ତ ନାୟକ, ନାରାୟଣ ପାତ୍ର, କେଦାର ଭୋଇ, ସଞ୍ଜୟ ଭୋଇ ଓ ପିଙ୍କୁ ପାତ୍ରଙ୍କ ସମେତ ଦୁଇ ଶହ ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇ ସଂଗଠନ ଉପରେ ନିଜ ମତପ୍ରକାଶ କରିଥିଲେ।

# ବିସ୍ଥାପିତ ଆଜି ରେଳ ଧାରଣା ଉପରେ




ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ଧାମରା ରେଳପଥ ପାଇଁ ବିସ୍ଥାପିତ ପରିବାର ମାନଙ୍କୁ ଉପଯୁକ୍ତ ଥଇଥାନର ବ୍ୟବସ୍ଥା ନ କିରିବା ତଥା ଅଦାନୀ ପୋର୍ଟ କର୍ତ୍ତୃପକ୍ଷ ବିସ୍ଥାପିତ ପରିବାର ମଧ୍ୟରୁ କାହାରିକୁ ଚାକିରୀ ନ ଦେବା ଯୋଗୁଁ ବିସ୍ଥାପିତ ପରିବାରଙ୍କ ପକ୍ଷରୁ ରେଳରୋକ କରାଯାଇଛି। ଢ଼ହ ଢହ ଖରାରେ ରେଳ ଧାରଣା ଉପରେ ବସି ରହିଛନ୍ତି ବିସ୍ଥାପିତଙ୍କ ପରିବାର । ଅଟକି ରହିଛି କୋଇଲା ବୋଝେଇ ଟ୍ରେନ ଏବଂ ଫାଟକର ଦୁଇ ପାର୍ଶ୍ୱରେ ଗାଡି ମାନଙ୍କର ଲମ୍ବା ଲାଇନ । ସୂଚନା ମୁତାବକ ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ତୋଟାପଡା ପଞ୍ଚାୟତର ମାଣିପୁର ଦେଇ ଯାଇଥିବା ଧାମରା-ଭଦ୍ରକ ରେଳପଥ ପାଇଁ, ଦୀର୍ଘ ଦିନ ହେବ ବିସ୍ଥାପିତ ହୋଇଥିବା ବୀରେନ୍ଦ୍ର ବାରିକ ଓ ମୁକ୍ତିକାନ୍ତ ବିଶ୍ୱାଳଙ୍କ ଦୁଇ ପରିବାର ଦୀର୍ଘ ଦିନ ହେବ ବିସ୍ଥାପିତ ସର୍ତ୍ତ ଅନୁଯାୟୀ କୌଣସି ଗୋଟାଏ ଭି ସର୍ତ୍ତ ପୂରଣ ନ ହେବାରୁ ରେଳ ଧାରଣା ଉପରେ ବସି ରହିଛନ୍ତି। ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ଆଦାନୀ କର୍ତ୍ତୃପକ୍ଷ ସେମାନଙ୍କର କୌଣସି ସର୍ତ୍ତ ପୂରଣ କରୁ ନାହାନ୍ତି । ଯେ ପର୍ଯ୍ୟନ୍ତ ସେମାନଙ୍କ ଜମିର କ୍ଷତି ପୂରଣ ଏବଂ ତାଙ୍କ ପରିବାରର ଜଣକୁ ଚାକିରୀ ନ ମିଳିଛି ସେମାନେ ରେଳ ଧାରଣା ଉପରୁ ହଟିବେ ନାହିଁ ବୋଲି ବିସ୍ଥାପିତ ପରିବାର ଅଡ଼ି ବସିଛନ୍ତି । ଘଟଣାସ୍ଥଳରେ ବାଂଶଡା ପୋଲିସ ପହଞ୍ଚି ବୁଝାସୁଝା ଜାରି ରଖିଛି। ଆଗରୁ ଏଭଳି ଅଦାନୀ ପୋର୍ଟ କର୍ତ୍ତୃପକ୍ଷ ଜମି ଅଧିଗ୍ରହଣ ସମୟରେ ବିଭିନ୍ନ ଟଙ୍କା ଏବଂ ଚାକରୀ ପ୍ରଲୋଭନ ଦେଇ ଜମି ଗୁଡାକ ମାଛ ଶୁଖୁଆ ଦରରେ ହାତେଇବା ପରେ, ଏବେ ଲୋକମାନଙ୍କୁ ଭୁଆଁ ବୁଲାଇଛି। ତେବେ ଚାନ୍ଦବାଲିବାସୀ ଯେଉଁ ଆଶା ରଖି ଥିଲେ ଯେ ଅଦାନୀ ଆସିବାପରେ ସେମାନେ ଅମ୍ବାନୀ ହେବେ ତାହା ଫସର ପଟିଛି। ଧାମରା ରେ ହେବାକୁ ଥିବା ଇଣ୍ଡଷ୍ଟ୍ରି ଏବଂ ଧାମରା ପୋର୍ଟ ରେ ଚାକିରୀ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ହେବାକୁ ଥିବା ପ୍ରତିଶ୍ରୁତି ଆଜି ଧୂଆଁ ପାଲଟିଛି।

## ପ୍ରହସନ ପାଲଟିଛି ସକାଳୁଆ ଅଫିସ୍

# ନିର୍ଦ୍ଧାରିତ ସମୟରେ ଆସୁନାହାନ୍ତି ଅଧିକାରୀ-କର୍ମଚାରୀ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ସକାଳୁଆ କାର୍ଯ୍ୟାଳୟ କରିଛନ୍ତି। ସକାଳ ୭ଟାରୁ ଅପରାହ୍ନ ଗୋଟାଏ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ସରକାରଙ୍କ ଏହି ନିୟମ ପ୍ରହସନ ପାଲଟିଛି। ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଅନ୍ୟ ବ୍ଲକସ୍ତରୀୟ ଅଧିକାରୀ ମାନେ ସକାଳୁଆ କାର୍ଯ୍ୟାଳୟ ସମୟକୁ ପାଳନ କରୁ ନଥିବା ଦେଖା ଯାଇଛି। ଅଧିକାଂଶ ଅଧିକାରୀ ଓ କର୍ମଚାରୀ ସକାଳ ୯ଟା ପରେ କାର୍ଯ୍ୟାଳୟକୁ ଆସୁଥିବା ଦେଖାଯାଉଛି। କେବଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସକାଳୁ ଆସି କାର୍ଯ୍ୟାଳୟ ଖୋଲି ଦେଇ ବସୁଛନ୍ତି। ୮ଟା ପରେ କିଛି କିଛି କର୍ମଚାରୀ ଆସୁଥିବା ବେଳେ ଅଧିକାଂଶ ୯ଟା ପରେ କାର୍ଯ୍ୟାଳୟରେ ପହଞ୍ଚୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ହେଉ ଅବା ସୋମବାର ଦିନ ଅସ୍ତରଙ୍ଗ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ସମାନ ଅବସ୍ଥା। ବ୍ଲକ କାର୍ଯ୍ୟାଳୟରେ ସକାଳ ୮ଟା ବେଳକୁ ଅଧିକାଂଶ ବ୍ଲକସ୍ତରୀୟ ଅଧିକାରୀଙ୍କ ପ୍ରକୋଷ୍ଠରୁ ତାଲା ଖୋଲିନଥିଲା। କିଛି ଅଧିକାରୀଙ୍କ ପ୍ରକୋଷ୍ଠ ଖୋଲା ଥିବା ବେଳେ ଚୌକି ଖାଲି ପଡିଥିଲା। ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିନଥିଲେ। ଖୋଦ ବିଡ଼ିଓଙ୍କ ଚୌକି ୮ଟା ପର୍ଯ୍ୟନ୍ତ ଖାଲି ପଡିଥିଲା। ବ୍ଲକର ଜୀବିକା ମିଶନ, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଖାଉଟି କଲ୍ୟାଣ ବିଭାଗ, ଯନ୍ତ୍ରୀଙ୍କ ପ୍ରକୋଷ୍ଠ ଆଦିରେ କେଉଁଠି ଚୌକି ଖାଲି ପଡ଼ିଥିବା ବେଳେ କେଉଁଠି ତାଲା ଝୁଲୁଥିବା ବେଳେ ଅଧିକାରୀଙ୍କ ଦେଖାଦର୍ଶନ ମିଳିନଥିଲା। କେବଳ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଦେଖିବାକୁ ମିଳିଥିଲା। ବିଭିନ୍ନ କାମ ନେଇ ଦୂରଦୁରାନ୍ତରୁ ଆସିଥିବା ଲୋକମାନେ ଅଧିକାରୀ ଓ କର୍ମଚାରୀଙ୍କୁ ଅପେକ୍ଷା କରି ବସି ରହିଥିଲେ। ପ୍ରତ୍ୟେକ ଦିନ ଏଭଳି ଅଧିକାରୀ ଓ କର୍ମଚାରୀମାନେ ସକାଳ ୯ଟା ପରେ କାର୍ଯ୍ୟାଳୟକୁ ଆସୁଥିବାରୁ କାମ ଠିକ ଭାବେ ହୋଇ ପାରୁନଥିବା ନମାରୋରୁ ଆସିଥିବା ଜୀବନ ବେହେରା କହିଥିଲେ। ସକାଳୁଆ କାର୍ଯ୍ୟାଳୟ ହେବା ଦିନଠାରୁ ଏପରି ଭାବେ ଅଧିକାରୀ ଓ କର୍ମଚାରୀ ନିଜ ମର୍ଜୀରେ ଆସି ୧୨ଟା ନ ବାଜୁଣୁ ଘରକୁ ପଳାଉଥିବା ଅଭିଯୋଗ ହେଉଛି। ଯାହାକି ଉଚ୍ଚସ୍ତରୀୟ ତଦନ୍ତ କାରୀ ଟିମ୍ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ସମ୍ପୂର୍ଣ୍ଣ ସତ ସାମ୍ନାକୁ ଆସି ପାରିବ। ଏଭଳି ସ୍ଥିତିରେ ଦୂର ଦୁରାନ୍ତରୁ ସାଧାରଣ ଲୋକଟିଏ ବ୍ଲକ କାର୍ଯ୍ୟାଳୟକୁ ଭତ୍ତା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟ ସମସ୍ୟା ନେଇ ଖର୍ଚ୍ଚାନ୍ତ ହୋଇ ଆସୁଛନ୍ତି। ହେଲେ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ମିଳୁନଥିବା କାରଣରୁ ଲୋକ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଅଧିକାରୀ ଓ କର୍ମଚାରୀ ମାନେ ଇଚ୍ଛା ମୁତାବକ କାର୍ଯ୍ୟାଳୟକୁ କେବେ ଆସୁଛନ୍ତି ତ କେବେ ଆସୁ ନାହାନ୍ତି ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କୁ ଯୋଗାଯୋଗ କରାଯାଇ ଥିବାବେଳେ ସେ ପ୍ରସଙ୍ଗକୁ ଏଡାଇ ଯାଇଥିବା ସହ ବିଭିନ୍ନ କଥା ମାଧ୍ୟମରେ ସତକୁ ଲୁଚାଇ କିଏ ଅଭିଯୋଗ କରୁଛି ତାଙ୍କ ନମ୍ବର ଦିଅ ଏହା ସହ କର୍ମଚାରୀ ଦୋଷ ଲୁଚାଇବାକୁ ବିଭିନ୍ନ ପ୍ରାସଙ୍ଗିକ କଥା କହିଥିଲେ। ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ସରକାରୀ ନୀତିନିୟମ ଉଲ୍ଲଘଂନ କରୁଥିବା କର୍ମଚାରୀଙ୍କ ଉପରେ ଜିଲ୍ଲାପାଳ ତଥା ଜିଲ୍ଲାପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ। ଏହା ସହ କେଉଁ କର୍ମଚାରୀ କେତେବେଳେ କାର୍ଯ୍ୟାଳୟକୁ ଆସୁଛନ୍ତି ସିସିଟିଭି ଫୁଟେଜରୁ ହିଁ ସତ୍ୟ ସାମ୍ନା ଆସିବା ସହ ଉଚ୍ଚସ୍ତରୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।







### ⇨ ଚୌକି ଖାଲି, ଅଧିକାରୀ କି କର୍ମଚାରୀଙ୍କ ଦେଖା ମିଳୁନି

### ⇨ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକେ ହନ୍ତସନ୍ତ

## ସାମ୍ବାଦିକକୁ ଦୁର୍ବ୍ୟବହାର ପଡ଼ିଲା ମହଙ୍ଗା

# ନିଲମ୍ବିତ ହେଲେ ସୁରକ୍ଷା କର୍ମୀ



ସଇଁତଲା, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଫପସି ଠାରେ ୧୪ ତାରିଖ ଦିନ କିଛି କାର୍ଯ୍ୟରତ ସାମ୍ବାଦିକ ବଡ଼ମାଳ ଫପସି ମୂଖ୍ୟ ଗେଟ ସାମ୍ନାରେ ହନୁମାନ ଜୟନ୍ତି ଓ ଆମ୍ବେଦକର ଜୟନ୍ତି ପାଳନ କରାଯାଉଥିବା ଖବର ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ଫେରିବା ବେଳକୁ ରାତ୍ର ପ୍ରାୟ ୧୧ଟା ହୋଇଯାଇଥିଲା ତେବେ କିଛି ସାମ୍ବାଦିକ ସଇଁତଲାରୁ ଖବର ପ୍ରସାରଣ କରିବା ପାଇଁ ଫପସି ଆସିଥିବା ବେଳେ ସାମ୍ବାଦିକ ମାନେ ବଡ଼ମାଳ ଦେଇ ସଇଁତଲାକୁ ଫେରିବା ପାଇଁ ବଡ଼ମାଳ ଫପସି ମୂଖ୍ୟ ଗେଟ ପଟୁ ସଇଁତଲାକୁ ଯିବା ବେଳେ ଫପସି ଗେଟରେ ସୁରକ୍ଷା କର୍ମୀ ମନୋରଞ୍ଜନ ବୁକ ସାମ୍ବାଦିକ ମାନଙ୍କୁ ହେଲମେଟ ନ ପିନ୍ଧିଥିବାରୁ ବିଭିନ୍ନ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ବେଆଇନ ଭାବେ ବାଇକ ପ୍ରତି ୨ ହଜାର ଟଙ୍କା ଲେଖାଏ ଫାଇନ କାଟିବା ପାଇଁ ଧମକ ଦେଇଥିଲେ। ଯଦି ଫାଇନ ନ ଦେଲେ ଗାଡିରୁ ଚାବି କାଢି ନେଇଯିବା ପାଇଁ ଧମକ ଦେଇଥିଲେ। ତେବେ ସାମ୍ବାଦିକ ମାନଙ୍କୁ ବିନା କାରଣ ରେ ଗାଳିଗୋଲଜ ସହ ପାଖାପାଖି ୪୫ ମିନିଟ ପର୍ଯ୍ୟନ୍ତ ଠିଆ କରାଇଥିବା ବେଳେ ସାମ୍ବାଦିକ ମାନେ ତାଙ୍କ ବାଇକ ନମ୍ବରକୁ ଗେଟ ପରିଚାଳନା ଖାତାରେ ପ୍ରବେଶ କରି ଗାଡି ଛାଡ଼ିବାକୁ କହୁଥିବା ପରେ ବି ସୁରକ୍ଷା କର୍ମୀ ଜଣକ ନିଜ ଜିଦରେ ଅଟଳ ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସୁରକ୍ଷା କର୍ମୀ ମୂଖ୍ୟ ଅଧିକାରିଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇ ସାମ୍ବାଦିକ ମାନଙ୍କୁ ପ୍ରବେଶ କରିଥିଲେ। ତେବେ ସୁରକ୍ଷାକର୍ମୀକୁ କାମରେ ବିଶୃଙ୍ଖଳା ଆଚରଣ କରିଥିବା ନେଇ ସୁରକ୍ଷା କର୍ମୀ ସଂସ୍ଥା ମାଇକ୍ରୋ ଲିଙ୍କ ସିକୁରୁଟି ଏ ଦିଗରେ ତତ୍ପରତା ଦେଖାଇ ସଂସ୍ଥାର ନିର୍ଦ୍ଦେଶକ ମୋନୋଜ କୁମାର ପଟ୍ଟନାୟକ ସୁରକ୍ଷାକର୍ମୀକୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପୂର୍ବରୁ ମଧ୍ୟ ସୁରକ୍ଷାକର୍ମୀ ମୋନୋରଞ୍ଜନ ବୁକ ସୁରକ୍ଷାକର୍ମୀ ସଭାପତି ହୋଇ ସୁରକ୍ଷା କର୍ମୀ ମାନଙ୍କ ପଇସା ହଡ଼ପ କରିଥିବା ଓ ଅନେକ ଅସାମାଜିକ କାମ ରେ ଲିପ୍ତ ଥିବା ନେଇ ଅଭିଯୋଗ ମଧ୍ୟ ହୋଇଥିଲା।

# କମିଶନରେଟ ପୋଲିସ କଟକ ପକ୍ଷରୁ ୪୨୦ ୟୁନିଟ ରକ୍ତ ସଂଗ୍ରହ



ଫୁଲନଖରା (ଭାସ୍କର ନ୍ୟୁଜ୍): କମିଶନରେଟ ପୋଲିସ କଟକ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମର ଗୋପାଳ କନ୍‌ଭେନ୍‌ସନ୍ ଗୃହରେ ଜୋନ-୪ ଏ.ସି.ପି ଅଧୀନରେ ଥିବା କଟକ ସଦର,ବାରଙ୍ଗ ଓ ୪୨ ମୌଜା ଥାନା ଅଞ୍ଚଳର ଉତ୍ସାହୀ ଯୁବକ ମାନଙ୍କୁ ନେଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଅତିରିକ୍ତ ବରିଷ୍ଠ ଡି.ସି.ପି ଦେବଦତ୍ତ କର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ସକାଳ ୯ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରକ୍ତଦାନ ଶିବିର ଚାଲୁ ରହିଥିଲା। ୧୨:୩୦ ମିନିଟ ସମୟରେ କଟକ ଡି.ସି.ପି ଖିଲାରୀ ରିଷିକେଶ ଶିବୀର ବୁଲି ଦେଖି ଅତ୍ୟନ୍ତ ଖୁସି ହେବା ସହିତ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ୩ ଗୋଟି ଥାନା ଅଂଚଳର ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି, ଶିକ୍ଷାବିତ, ସରପଂଚ, କର୍ପୋରେଟର, ବିଭିନ୍ନ ରାଜନୈତିକ ଦଳର ସଭାପତି ମାନେ ଉପସ୍ଥିତ ରହିଥିବା ବେଳେ ଉତ୍ସାହୀ ଯୁବକ ମାନେ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରଦାନ କରିଥିଲେ। ଏଥିରେ ଜୋନ- ୪ ଏ.ସି.ପି ଅମିତାଭ ମହାପାତ୍ର, ଏ.ସି.ପି ଗିରିଜା ଚକ୍ରବର୍ତ୍ତୀ, ଏ.ସି.ପି କୃଷ୍ଣ ସେଠି ଓ ଅଶୋକ ଗିରି, ସଦର ଥାନା ଆଇ.ଆଇ.ସି ଓମ ପ୍ରକାଶ ମହାନ୍ତି, ୪୨ ମୌଜା ଥାନା ଆଇ.ଆଇ.ସି ଗିରିଶ ଚନ୍ଦ୍ର ମହାରଣା, ବାରଙ୍ଗ ଥାନା ଆଇ.ଆଇ.ସି ଦେବେନ୍ଦ୍ର ବିଶ୍ୱାଳ, ମଧୁପାଟଣା ଥାନା ଆଇ.ଆଇ.ସି ଚିତ୍ତରଞ୍ଜନ ରାଉତ, ସଦର ଥାନା ଅତିରିକ୍ତ ଆଇ.ଆଇ.ସି ରାମହରି ସେଠି, ୪୨ ମୌଜା ଓ ବାରଂଗ ଥାନା ଅଂଚଳର ସମସ୍ତ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହି ଏହି ଶିବିରକୁ ପୁର୍ଣ ସହଯୋଗ କରିଥିଲେ। ୫୮ ନଂ ୱାର୍ଡର କର୍ପୋରେଟର ଜନାର୍ଦ୍ଦନ ପରିଡା ମଧ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

# ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ଦାଦି ରତନ ମୋହିନୀଙ୍କ ସ୍ମୃତିଚାରଣ

ଆସିକା (ଭାସ୍କର ନ୍ୟୁଜ୍) : ଆସିକା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଭାଗୃହରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଦିବଂଗତ ମୁଖ୍ୟ ପ୍ରଶାସିକା ରାଜ ଯୋଗିନୀ ଦାଦି ରତନ ମୋହିନୀଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଦାଦି ରତନ ମୋହିନୀଙ୍କ ଆଧ୍ୟାତ୍ମିକ ଜୀବନ ବିଷୟରେ ସ୍ମୃତି ଚାରଣ କରିବା ଅବସରରେ ପ୍ରକାଶ କରିଥିଲେ ଯେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂସ୍ଥାପକ ପ୍ରଜାପିତା ବ୍ରହ୍ମା ବାବାଙ୍କ ସହିତ ପରମାତ୍ମା ପିତାଙ୍କ ଶାନ୍ତି, ମୈତ୍ରୀ ତଥା ବିଶ୍ୱ ଭାଇଚାରାର ସନ୍ଦେଶ ସମଗ୍ର ବିଶ୍ୱରେ ପହଞ୍ଚାଇବା ପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଆଦି ରତ୍ନଙ୍କ ମଧ୍ୟରେ ଦାଦି ରତନ ମୋହିନୀ ଅନନ୍ୟ ପ୍ରତିଭାର ଅଧିକାରିଣୀ ଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯୁବା ବର୍ଗର ନେତୃତ୍ୱ ନେଇ ସାରା ବିଶ୍ୱରେ ଯୁବ ଶକ୍ତିକୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ପାଇଁ ଦାଦିଙ୍କ ଦିଗ୍ ଦର୍ଶନ ତଥା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସହସ୍ରାଧିକ ଭଉଣୀ ଭାଇଙ୍କୁ ବିଶ୍ୱ ସେବାରେ ସମର୍ପିତ ହେବା ପାଇଁ ଦାଦିଙ୍କ ଭୂମିକା ବିଶ୍ୱ ଆଦୃତ। ଆସିକା ସହରରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଏହି ଅଞ୍ଚଳର ସମସ୍ତ ଭଉଣୀ ଭାଇଙ୍କ କଲ୍ୟାଣ ନିମନ୍ତେ ବ୍ରହ୍ମପୁର ସବ ଜୋନ୍‌ର ଦିବଂଗତ ମୁଖ୍ୟ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ ଦିଦି ଓ ରାଜ ଯୋଗିନୀ ମାଳା ଦିଦିଙ୍କ ସଂକଳ୍ପକୁ ସାକାର ରୂପ ଦେବା ପାଇଁ ୨୦୦୩ ମସିହାରେ ଶାନ୍ତି ଶକ୍ତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରି ଦାଦି ରତନ ମୋହିନୀ ଆମ ସହର ବାସୀଙ୍କ ପାଇଁ ଆଧ୍ୟାତ୍ମିକ ଚେତନାରେ ସମୃଦ୍ଧ ହେବା ପାଇଁ ଅନନ୍ୟ ସୁଯୋଗ ପ୍ରଦାନ କରିଛନ୍ତି।

# ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲଙ୍କ ପୂଣ୍ୟତିଥି ପାଳିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ଚାନ୍ଦୋଳ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ଆଜି ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଲୋକପ୍ରିୟ ଜନନେତା ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲଙ୍କ ଷଷ୍ଠ ପୁଣ୍ୟ ଅତିଥି ପାଳିତ ହୋଇଯାଇଛି । ଏହି ଅବସରରେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟଙ୍କ ସଂଯୋଜନାରେ ବିଜୁ ପରିବାରର ବେଦୁ ଲିଗାସୀମାନେ ଏକତ୍ରିତ ହୋଇ ସ୍ୱର୍ଗତ ଅଗ୍ରୱାଲଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଡେରାବିଶ ବ୍ଲକର ୧୪ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ବରିଷ୍ଠ ବିଜେଡ଼ି ନେତା ମନିନ୍ଦ୍ର ରଥ, ଶ୍ରୀମନ୍ତ ରାଉତରାୟ, ଅଜୟ ସାହୁ, ଖମୋଳ ସରପଂଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକ, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ଚାନ୍ଦୋଳର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, କୁନା ରଥ, ପ୍ରମୋଦ ଭଦ୍ର, କୃଷ୍ଣଚନ୍ଦ୍ର ବଳ, ସତ୍ୟରଞ୍ଜନ ମଲିକ, ଦେବରାଜ ମହାପାତ୍ର, ଅମୀୟ ଦାସ, ଦୁଃଖିଶ୍ୟାମ ମଲିକ, ପ୍ରଦିପ୍ତ ମଲିକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବେଦପ୍ରକାଶଙ୍କ ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ଉପସ୍ଥିତ ବେଦୁ ଅନୁଗାମୀମାନେ ବେଦପ୍ରକାଶ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ସରକାରେ ଅର୍ଥମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ ସମଗ୍ର ଓଡ଼ିଶା ଓ କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ଉନ୍ନତି ସାଧନ କରିଥିଲେ ବୋଲି କହିଥିଲେ। ଏଥିସହିତ ବେଦପ୍ରକାଶ ତାଙ୍କ ସଚ୍ଚୋଟତା ପାଇଁ ଜନମାନସରେ ଚିରଦିନ ବଞ୍ଚି ରହିବେ ବୋଲି ବକ୍ତାମାନେ କହିଥିଲେ । ପ୍ରାରମ୍ଭରେ ବେଦପ୍ରକାଶ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ବେଦପ୍ରକାଶଙ୍କୁ ଭଲପାଉଥିବା ଓ ତାଙ୍କ ରାଜନୈତିକ ଜୀବନରେ ଜଡ଼ିତ ଥିବା ବହୁ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରାବଣ ବଧ ସହ ନୂଆକାଳିଆକଣ ରାମଲୀଳା ଉଦ୍‌ଯାପିତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସଭ୍ୟ ସମାଜ ଗଠନ, ଭାଷା ସାହିତ୍ୟକୁ ଜୀବିତ ରଖିବା ଦିଗରେ ରାମଲୀଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଗର ଗ୍ରାମ ପଞ୍ଚାୟତ ଅଧୀନ ନୂଆକାଳିଆକଣ ଗ୍ରାମର ବହୁ ପୁରାତନ ଅନୁଷ୍ଠାନ ରାମଲୀଳା ନାଟ୍ୟ ପରିଷଦ। ନାଟ୍ୟମଣ୍ଡପରେ ଅନଙ୍ଗ ନରେନ୍ଦ୍ର ରଚିତ ରାମାୟଣ ଚଳିତବର୍ଷ ଚୈତ୍ର ପୂର୍ଣ୍ଣିମା ପରଠାରୁ ଆରମ୍ଭ ହୋଇଛି ରାମଲୀଳା। ଏଠାରେ ପ୍ରସିଦ୍ଧ ରାମଲୀଳା ନାଟକ ୫ଦିନଧରି ଅନୁଷ୍ଠିତ ହେଉଛି। ରାମାୟଣ କଥାମୃତ, ତାଡ଼କା ବଦ୍ଧ, ଶିବଧନୁ ଭଙ୍ଗ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଳି ବଧ, ଲଙ୍କା ପୋଡି, ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତି ଭେଦ, ରାବଣ ପୋଡି ଏବଂ ରାମ ଅଭିଷେକ ଆଦି ନାଟକରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଉଛି। ଦଶରଥ, କୋଶଲ୍ୟା, କୈକେଇ, ସୁମିତ୍ରା, ରାମ, ଲକ୍ଷ୍ମଣ, ସୀତା, ହନୁମାନ, ବାଳୀ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ, ଇନ୍ଦ୍ରଜିତ, ତାଡକା, ଶୁର୍ପଣଂକ୍ଷା, ମାୟାମୃଗ, ବିଶ୍ୱମିତ୍ର, ସବରୀ, ନାଉରିଆ, ସଖୀ ଆଦି ଆଦି



ଅଶୁର ବେଶ ଧାରଣ କରି ନିଖୁଣ ଭାବେ ଅଭିନୟ କରୁଛନ୍ତି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନୂଆକାଳିଆକଣ ଗ୍ରାମରେ କଳାକାର ଅଭିନୟରେ ଅଂଚଳ ରାମମୟ ହୋଇଛି। ନାଟ୍ୟ ସମଣ୍ଡପ ରେ ହନୁମାନ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଏ। ଚଳନ୍ତି ପ୍ରତିମା ରୂପରେ ଗୁରୁଙ୍କ ସମେତ ବରିଷ୍ଠ କଳାକାର ମାନେ ପାଦ ଛୁଇଁ ପ୍ରଣାମ କରି ଆଶ୍ରିବାଦ ଗ୍ରହଣ କରିଥାନ୍ତି। ପରିଚାଳକ ବେଣୁଧର ବେହେରା, ପେଣ୍ଟି ମାଷ୍ଟର ହେମନ୍ତ କୁମାର ସାହୁ, ନିର୍ଦ୍ଦେଶକ ବନମାଳୀ ସାହୁ, କଳାକାର ସୁଶାନ୍ତ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ଗୁରୁବାରୀ ସାହୁ, ଡ଼ମ୍ବରୁ ସାହୁ, ଗୋପୀନାଥ ପଲେଇ, ଭିକାରି ସାହୁ, ଡୁଗୁ ସାହୁ, ରମେଶ କୁମାର ସାହୁ, ସୁରେଶ କୁମାର ସାହୁ, ସମ୍ପଦ ସାହୁ, ହୃଷିକେଶ ସାହୁ, ରାଜୀବ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଆସୁଛନ୍ତି। ଏହି ପୌରାଣିକ କଥାବସ୍ତୁ ଉପରେ ଆଧାରିତ ରାମଲୀଳା ଦେଖିବାକୁ ଆଳସାହି, ଅସ୍ତରଙ୍ଗ, ଆଳଙ୍ଗପୁର, ନୂଆଗଡ, ଝାଡ଼ଲିଙ୍ଗ, ନଈଗୁଆଁ ଓ ନଗର ପଂଚାୟତର ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ଯଦି ସରକାର ତରଫରୁ ଅନୁଷ୍ଠାନକୁ ପ୍ରୋତ୍ସାହନ ରାଶି ମିଳିପାରିବ ଅନୁଷ୍ଠାନଟି ଅଗ୍ରଗତି ହୋଇପାରିବ।

## ରଣା ସମାଜର ବାର୍ଷିକ ଉତ୍ସବ ପାଳିତ

କୋରାପୁଟ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମହାଦେଇପୁଟ ଗ୍ରାମରେ ରଣା ସମାଜ ବିକାଶ ପରିଷଦ, କୋରାପୁଟ ବ୍ଲକର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରୁ ରଣା ଭାଇଭଉଣୀ ମାନେ ଯୋଗ ଦେଇଥିଲେ । କୋରାପୁଟ ବ୍ଲକର ରଣା ସମାଜ ସଭାପତି ସନ୍ୟାସୀ ପୁଜାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଅବିଭକ୍ତ କୋରାପୁଟ ଜିଲ୍ଲା ରଣା ସମାଜର ସଭାପତି ଗୁପ୍ତ ଚନ୍ଦ୍ର ନାୟକ, ଡ. ସଦାନନ୍ଦ ଅଡାରୀ, ପାର୍ବତୀ ମସ୍ତି, କୁମାରୀ ରଶ୍ମିତା ନାୟକ ଯୋଗଦେଇ ରଣା ସମାଜ ଶିକ୍ଷାର ମାନବୃଦ୍ଧି, ସଚେତନତା, ରୀତିନୀତି ଓ ପରମ୍ପରାକୁ ବଜାୟ ରଖିବା ସହିତ ବିକାଶର ଧାରକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରାଯାଇଥିଲା । ଅବିଭକ୍ତ କୋରାପୁଟ ଜିଲ୍ଲାର ରଣା ଜାତି ଆଦିବାସୀ ହେବାର ମାନଦଣ୍ଡ ପୂରଣ କରିବା ସତ୍ତ୍ୱେ ସରକାର ଆଦିବାସୀ ମାନ୍ୟତା ନଦେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭାପତି ଶ୍ରୀ ପୂଜାରୀ, ଅମିତ କୁମାର ନାୟକ, ସମ୍ପାଦକ କୈଳାଶ ମାଛ, ସୁରେନ୍ଦ୍ର ମସ୍ତି, ଜଗନ୍ନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାଦେଇପୁଟର ଗ୍ରାମବାସୀ ସହଯୋଗ କରିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ

# ୧୭ ଲିଟର ଦେଶୀମଦ ଜବତ, ୨ ଗିରଫ

ବୋଲଗଡ (ଭାସ୍କର ନ୍ୟୁଜ୍): ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶନା ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ପୋଲିସ ସହଯୋଗରେ ଦୁଇଟି ସ୍ଥାନରେ ଚଢାଉ କରିଥିଲା। ଏଥିରେ ମୋଟ ୧୭ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତ ମାନେ ହେଲେ ବୋଲଗଡ ବ୍ଲକ ଅନ୍ତର୍ଗତ ଦଦରାକାନ୍ଥ ଗ୍ରାମର ବୈକୁଣ୍ଠ ନାୟକ ୯ ଲିଟର ଓ ଚଟୁଆ ଗ୍ରାମର ରୂପା ସାହୁ ୮ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଛି ବୋଲି ବେଗୁନିଆ ଅବକାରୀ ଥାନା ଉପ ନୀରିକ୍ଷକ ରାଜେନ୍ଦ୍ର କୁମାର ଖେସ ସୂଚନା ଦେଇଛନ୍ତି ।



## ମଦ କୋଠି ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଦୈନନ୍ଦିନ ବେନିୟମ ଭାବେ ମଦ କୋଠି ଗୁଡିକ ଗାଁ ଗାଁରେ ଗଢି ଉଠୁଛୁ। ଦେଶି, ବିଦେଶୀ ମଦ କାରବାର ଖୁଲମ ଖୁଲା ଭାବେ ବିକ୍ରି ହେଉଥିଲେ ବି ଅବକାରୀ ବିଭାଗ ଓ ପୋଲିସ ନିରବ ସାଜିଛି। ମଦ ପାଇଁ ଗାଁ ଗାଁରେ ବିଶୃଙ୍ଖଳା ଦେଖାଯିବା ସହ ଅନେକ ଅଘଟଣ ବି ଘଟି ଚାଲିଛି। ହେଲେ ଅବକାରି ବିଭାଗର କୌଣସି ନିଘା ନଥିବା ଦେଖିବାକୁ ମିଳୁଛି। ତେବେ ଏହି କାରବାରରେ ଖୁଦ ସମ୍ପୃକ୍ତ ଦେଶୀ ମଦ ଭାଟି କର୍ମଚାରୀଙ୍କ ହାତ ଥିବା କୁହାଯାଉଛି। ସେଥିପାଇଁ ମଦ କୋଠି ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀ। ସୋମବାର ଦିନ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମିଚାଗାଁ ନୂଆପଡା ଗ୍ରାମର ମହିଳା ଗୋଷ୍ଠୀ ଗ୍ରାମର ଶତାଧିକ ଲୋକ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରାସ୍ତ ହୋଇଛନ୍ତି। ସୂଚନା ଯେ, ଗାଁରେ ବେନିୟମ ଭାବେ ମଦ କୋଠି ଖୋଲା ଯାଇ ବିକ୍ରି କାରାଯାଉଛି। ଏହି ବେନିୟମ ମଦ କୋଠିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବନ୍ଦାଗାଁ ଦେଶୀଭାଟି ମ୍ୟାନେଜରଙ୍କୁ ଗ୍ରାମବାସୀ ବାରମ୍ବାର ଜଣାଇଥିଲେ। ବନ୍ଦ କରିବା ପରିବର୍ତ୍ତେ ମ୍ୟାନେଜର ବେପାରୀ ମାନଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ଗ୍ରାମବାସୀ କହନ୍ତି। ବେନିୟମ ଭାବେ ଗାଁର ସର୍ବ ସାଧାରଣ ଜାଗା, ନଳକୂପ, ବସ ଷ୍ଟାଣ୍ଡ ଆଦି ସ୍ଥାନରେ ମଦ କୋଠି ଖୋଲି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯାହାରି ଫଳରେ ଗାଁରେ ନାନା ପ୍ରକାର ଅପ୍ରୀତିକର ଘଟଣା ଘଟୁଥିବା କୁହାଯାଏ। ତାର ଏକ ଦୃଷ୍ଟାନ୍ତ ଉଦାହରଣ ଗତ ୨୬/୩/୨୦୨୪ରିଖ ଦିନ ଏକ ଗଣ ଦୁଷ୍କର୍ମ ଘଟଣା ହୋଇଥିବା ଗ୍ରାମବାସୀ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି। ଏହା ଉପରେ ଉପଜିଲ୍ଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଗାଁରେ ସମ୍ପୂର୍ଣ୍ଣ ବେନିୟମ ମଦ କାରବାର ବନ୍ଦ କରିବାକୁ ଗାଁର ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ମହିଳା ଓ ଗ୍ରାମର ଶତାଧିକ ପୁରୁଷ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଯାଜ୍ଞସିନୀ ପ୍ରଧାନ, ଗୀତାଞ୍ଜଳି ମାଝୀ, ସନ୍ତୋସି ପ୍ରଧାନୀ, ପ୍ରମିଳା ପ୍ରଧାନୀ, ଦିବ୍ୟ ଲତା ପ୍ରଧାନୀ, ବିନୋଦିନି ମାଝୀ, ଜହ୍ନବୀ ମାଝୀ, ସପୁର ମାଝୀ, କାନ୍ତ ପ୍ରଧାନୀ, ଦୀପାଳି ପ୍ରଧାନୀ, ସେବତୀ ଦୀପ, ସୁରଭି ଦୁର୍ଗା ସମେତ ଗ୍ରାମବାସୀ ମଦନ ମାଝୀ, ପ୍ରେମ ଲାଲ ମାଝୀ, ଜ୍ୟୋତିରଞ୍ଜନ ପ୍ରଧାନୀ, ବୃଷଭ ନାଏକ, କେତନ ହଂସ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଗ୍ରାମୀଣ ଉଦ୍ୟୋଗୀ ସଂଘର ଶୋଭାଯାତ୍ରା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭିଏଲଇ ସଂଘ ପକ୍ଷରୁ ଭାରତ ସରକାରଙ୍କ ଐତିହାସିକ ଆୟୁଷ୍ମାନ ଯୋଜନାର ଉଦ୍‌ଘାଟନୀ ସଭାରେ ଗତ ୧୧ ତାରିଖ ଦିନ ବିଜେପିର ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଭିଏଲଇ ମାନଙ୍କୁ ଅପମାନିତ କରିବା ମନ୍ତବ୍ୟର ପ୍ରତିବାଦ କରିଛି କଳାହାଣ୍ଡି ଭିଏଲଇ ସଙ୍ଘ(ଗ୍ରାମୀଣ ଉଦ୍ୟୋଗୀ ସଂଘ)। ଏନେଇ କଳାହାଣ୍ଡି ଭିଏଲଇ ସଙ୍ଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ କଳାହାଣ୍ଡି ଜିଲ୍ଲାପାଳ, ରାଜ୍ୟ ବିଜେପି ସଭାପତି, ବିଜେପି ଜିଲ୍ଲା ସଭାପତି, କଳାହାଣ୍ଡି ସାଂସଦ ଓ ଏମ୍‌ଏଲଏ, ସିଏସସି, ଡିଏମ୍, ସିଏସସି, ଏସ୍‌ଏଚ୍‌ଓ ଭୁବନେଶ୍ୱରଙ୍କୁ ପ୍ରତିବାଦ ପତ୍ର ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ ଦୀର୍ଘ ବର୍ଷ ଧରି ଏହି ଗ୍ରାମୀଣ ଉଦ୍ୟୋଗୀ ମାନେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନେକ ଜନ ହିତକର ଯୋଜନାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ହୋଇ ସେବା ଯୋଗାଇ ଆସୁଛନ୍ତି। ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ସର୍ବନିମ୍ନ ମୂଲ୍ୟ ନେଇ ଯୋଜନା ସଫଳ ହେବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଭିଏଲଇ ମାନେ ସେହିପରି ଆୟୁଷମାନ ଯୋଜନାରେ ମଧ୍ୟ ଭିଏଲଇ ମାନଙ୍କୁ ସର୍ବନିମ୍ନ ପାଞ୍ଚ ଟଙ୍କା କମିଶନ ଦିଆଯିବ ବୋଲି ଶୁଣିବାକୁ ମିଳୁଛି। ତଥାପି ସେମାନେ ନିସ୍ୱାର୍ଥପର ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଆଗରେ ଆସିଛନ୍ତି । ଏଭଳି ପରିସ୍ଥିତିରେ ବିଜେପି ନେତା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ଏଭଳି ବକ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ବୋଲି ଜିଲ୍ଲା ସଂଘ ନିନ୍ଦା କରିଛି। ବ୍ଲକ ଅଧ୍ୟକ୍ଷ ଗଣମାଧ୍ୟମ ସମ୍ମୁଖରେ କ୍ଷମା ମାଗନ୍ତୁ ନଚେତ ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି କର୍ଯ୍ୟକ୍ରମରୁ ବିରତ ରହିବାକୁ ସଙ୍ଘ ପକ୍ଷ୍ୟରୁ ଚେତାବନୀ ଦିଆଯାଇଛି।

## ହସ୍ପିଟାଲ ପରିଦର୍ଶନରେ ଜିଲ୍ଲାପାଳ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡ ହସ୍ପିଟାଲ ପରିଦର୍ଶନ କଲେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ। ଧର୍ମଗଡ ହସ୍ପିଟାଲ ପରିଦର୍ଶନ କରି ରୋଗୀ ମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେଠାରେ ଉପଲବ୍ଧ ଚିକିତ୍ସା ସେବା, ପାନୀୟ ଜଳର ଉପଲବ୍ଧତା, ଉପରେ ତଦାରଖ କରିବା ସହ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଡାକ୍ତରଖାନା କର୍ମଚାରୀଙ୍କ ମୌଳିକ କର୍ତ୍ତବ୍ୟ ବୋଲି କର୍ମଚାରୀଙ୍କୁ କହିଥିଲେ। ହସ୍ପିଟାଲର ଅନେକ ସ୍ଥାନରେ ଅଳନ୍ଧୁ ରହିଥିବା ବେଳେ ତୁରନ୍ତ ସଫା କରିବା ପାଇଁ ସ୍ୱିପର ସୁପରଭାଇଜରକୁ ତାଗିଦ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁଷ୍ଟି ପୁନର୍ବାସ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ତାଙ୍କ ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଧୀମାନ ଚକମା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଧରିତ୍ରୀ ପାଣିଗ୍ରାହୀ, ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ସଦାନନ୍ଦ ପାଣିଗ୍ରାହୀ, ମ୍ୟାନେଜର ଶୁମେଶ୍ୱର ନାଏକ, ପିଡବ୍ଲୁଡି ଏସଡିଓ ଭୁବନେଶ୍ୱର ଶବର ପ୍ରମୁଖ ଉପସ୍ଥିତ ରହିଥିଲେ।



## ପ୍ରଚାର ପ୍ରସାର ଅଭାବରୁ କମୁଛି ଅଭିଯୋଗ ସଂଖ୍ୟା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ପରିସରରେ ସୋମବାର ଦିନ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ସମେତ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା, ପୋଲିସ ଅଧିକାରୀ, ଜିଲ୍ଲା ପ୍ରୋଜେକ୍ଟ ନିର୍ଦ୍ଦେଶକ, ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅଧକ୍ଷା ବବିତା ପଟ୍ଟଯୋଶୀ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏହି ଶିବିରରେ ମୋଟ ଅଭିଯୋଗ ଭିତିକ ୧୨ଟି ଦରଖାସ୍ତ ପଡିଥିବା ବେଳେ ସାମୁହିକ ଭିତିକ -୩, ବ୍ୟକ୍ତିଗତ -୯ ଟି ଅଭିଯୋଗ ପଡିଥିଲା। ସେଥିମଧ୍ୟରୁ ୪-୫ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ଜଣାପଡିଛି। ତେବେ ବ୍ଲକସ୍ତରୀୟ ଅଭିଯୋଗ ଜନ ଶୁଣାଣି ଓ ସମାଧାନ ଶିବିରରେ ଆଶରୁପକ ଭାବେ ଅଭିଯୋଗ ପଡି ନ ଥିବା ନେଇ ନାନା ପ୍ରକାର ମତ ଅଞ୍ଚଳରେ ପ୍ରକାଶ ପାଉଛି। ପ୍ରଶାସନ ଅଧିକାରୀ ଜନସାଧାରଣଙ୍କୁ ଶିବିରି ବିଷୟରେ ଅବଗତ କରାଇବା ତଥା ପ୍ରଚାର ପ୍ରସାର ଅଭାବରୁ ଶିବିର ଜନଶୁନ୍ୟ ପାଲଟିଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହୁଏ। ଅନ୍ୟପଟେ ଶିବିର ମଧ୍ୟରେ ଅଭିଯୋଗ ଉଠାଇଥିବା ସମସ୍ୟା ଉପରେ ପ୍ରଶାସନ ଗୁରୁତ୍ୱ ନ ଦେବା ଓ ଦରଖାସ୍ତ ଗୁଡ଼ିକ ଲାଲି ଫିତା ତଳେ ଚାପି ରହିଥିବା ଯୋଗୁଁ ଲୋକଙ୍କ ଭରସା ଆସ୍ଥା ଦିନକୁ ଦିନ ହ୍ରାସ ପାଉଥିବା ଆଉ ଏକ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୁଏ। ଗୋଟିଏ ପଟେ ରାଜ୍ୟ ସରକାର ଲୋକଙ୍କ ଦ୍ୱାର ମୁହଁରେ ସେବା ଯୋଗାଇ ଦେବାକୁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ବେଳେ ପ୍ରଶାସନର ଅବହେଳା ଯୋଗୁଁ ମୁଖ୍ୟ ଉଦ୍ଦେଶ୍ୟ ଦୁରେଇ ଯାଉଥିବା କୁହାଯାଏ।


## ଦିନ ଦ୍ୱିପ୍ରହରରେ ବୋମା ଫିଙ୍ଗି ଡକାୟତି ଉଦ୍ୟମ

ଭବାନୀପାଟଣା/ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ଗତକାଲି ଦିନ ପ୍ରାୟ ୧୦ଟା ସମୟରେ ଜନଗହଳି ପୂର୍ଣ୍ଣ ପୁଷ୍ପା ଲଜ ଗଳିରେ ଜଣେ ବ୍ୟବସାୟୀଙ୍କ ଟଙ୍କା ଲୁଟ କରିବାକୁ ଉଦ୍ୟମ କରିବା ସହିତ ଏଥିରେ ସଫଳ ନହେବାରୁ ବୋମା ଫିଙ୍ଗି ଆତଙ୍କ ସୃଷ୍ଟି କରିଛନ୍ତି ତିନି ଜଣ ଡକାୟତ। ଦିନବେଳେ ଜନଗହଳି ପୂର୍ଣ୍ଣ ରାସ୍ତାରେ ଏପରି ଆତଙ୍କରାଜ ଚଳାଇଥିବା ତିନିଜଣ ଡକାୟତଙ୍କ ମଧ୍ୟରୁ ଜଣକୁ କାବୁ କରି ଉତ୍ତମ ମଧ୍ୟମ ଦେବା ସହ ପୋଲିସକୁ ହସ୍ତାନ୍ତର କରିଛନ୍ତି ସ୍ଥାନୀୟ ଲୋକେ। ସୂଚନାନୁଯାୟୀ, ୨୧ତାରିଖ ସକାଳ ପ୍ରାୟ ୧୦ଟା ସମୟରେ ଭବାନୀପାଟଣା ସହରର ବ୍ୟବସାୟୀ ଘନଶ୍ୟାମ ଅଗ୍ରୱାଲଙ୍କ ପ୍ରାୟ ୭ ଲକ୍ଷ ଟଙ୍କା ନେଇ ତାଙ୍କର ଦୁଇ କର୍ମଚାରୀ ଶରତ ଚନ୍ଦ୍ର ମେହେର ଓ ନରେଶ କୁମାର ସାହୁ ଏକ ସ୍କୁଟି ଯୋଗେ ବ୍ୟାଙ୍କକୁ ଜମା କରିବାକୁ ଯାଉଥିଲେ। ଏହି ସମୟରେ ପୁଷ୍ପା ଲଜ୍ ଗଳିର ଶେଷ ମୁଣ୍ଡରେ ଥିବା ଏକ କିରାନା ଦୋକାନ ସାମ୍ନାରେ ପୂର୍ବରୁ ଛକିଥିବା ତିନିଜଣ ଡକାୟତ ଅତର୍କିତ ଭାବେ ଶରତ ଓ ରମେଶଙ୍କ ଉପରେ ଆକ୍ରମଣ କରିବା ସହିତ ପ୍ରଥମେ ସେମାନଙ୍କ ମୁହଁରେ ଲଙ୍କାଗୁଣ୍ଡ ମାରିଥିଲେ। ମୁହଁରେ ଲଙ୍କାଗୁଣ୍ଡ ମାରି ଟଙ୍କା ବ୍ୟାଗ ଛଡ଼ାଇ ନେବାକୁ ଉଦ୍ୟମ କଲାବେଳେ ଦୁହେଁ ଜୋରରେ ଚିତ୍କାର କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ଦୋକାନକୁ ସଉଦା କରିବାକୁ ଆସିଥିବା ମହାବୀର ପଡ଼ାର ଚନ୍ଦନ ନାଗ ନାମକ ଯୁବକ ପାଖକୁ ଛୁଟି ଆସିଥିଲେ। ଡକାୟତ ମାନଙ୍କ ସହିତ ତାଙ୍କର ଠେଲାପେଲା ହେବା ସହିତ ଚନ୍ଦନଙ୍କ କବଳରୁ ମୁକୁଳିବା କଷ୍ଟକର ହେବା ଦେଖି ଜଣେ ଡକାୟତ ଏକ ହାତବୋମା ଫିଙ୍ଗିଥିଲା। ଏଥିରେ ଚନ୍ଦନଙ୍କ ଛାତିରେ ଆଘାତ ଲାଗିବା ସହିତ ସ୍କୁଟିର ସାମ୍ନା ପଟ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସେଇ ସୁଯୋଗରେ ଡକାୟତମାନେ ଖସି ଯାଉଥିବାବେଳେ ପ୍ରଚଣ୍ଡ ଶବ୍ଦ ଶୁଣି କଣ ହେଲା ବୋଲି ଆସୁଥିବା ଲିଙ୍ଗରାଜ ପଣ୍ଡା ନାମକ ଜଣେ ଯୁବକ ସାହସ ଦେଖାଇ ଜଣେ ଡକାୟତକୁ ମାଡ଼ି ବସିଥିଲେ। ତେବେ ଦୁଇଜଣ ଡକାୟତ ଏକ ନୀଳ ରଙ୍ଗର ଆପାଚି ବାଇକରେ ଖସି ପଳାଇଥିଲେ। ତେବେ ଲିଙ୍ଗରାଜଙ୍କ ଦ୍ୱାରା ଜଣେ ଡକାୟତ ଧରା ପଡ଼ିବା ପରେ ଉତ୍ୟକ୍ତ ଲୋକେ ତାକୁ ଉତ୍ତମ ମଧ୍ୟମ ଦେଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହାପରେ ଖବର ପାଇ ସଦର ଏସ୍‌ଡିପିଓ ଆଜିଙ୍କ ବାବୁ ରାଓ ମାନେଙ୍କ ସହିତ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିପରି କଳାହାଣ୍ଡି ଜିଲ୍ଲା ତଥା ଭବାନୀପାଟଣା ସହରରେ ଏହା ପ୍ରଥମ ଘଟଣା ହୋଇଥିବାବେଳେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ଆଣି ଛାନଭିନ ଆରମ୍ଭ କରିଥିଲା। ଏହି ଡକାୟତି ଘଟଣାରେ ଜଣେ ଅଣଓଡ଼ିଆ ଡକାୟତ ଧରା ପଡିଥିବାରୁ ଏଥିରେ ଆନ୍ତରାଜ୍ୟ ଡକାୟତି ଗ୍ୟାଙ୍ଗ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏପରିକି ପୁଷ୍ପାଲଜ ଗଳି ସହରର ଏକ ଜନବହୁଳ ଅଞ୍ଚଳ ହୋଇଥିବାବେଳେ ଡକାୟତମାନେ ଏହି ଅପରାଧ ଘଟାଇବାକୁ ପୂର୍ବ ପ୍ରସ୍ତୁତି କରିଥିଲେ ଏବଂ ସହରର ସେଇ ସ୍ଥାନକୁ ବାଛିଥିଲେ, ଯେଉଁଠି ସିସିଟିଭି ନାହିଁ ବୋଲି କୁହାଯାଉଛି। ତେବେ ଜିଲ୍ଲାରେ ଏଭଳି ଡକାୟତି ଉଦ୍ୟମ ପ୍ରଥମ ଘଟଣା ହୋଇଥିବାବେଳେ କଳାହାଣ୍ଡି ପୋଲିସ ପାଇଁ ଏହା ଚ୍ୟାଲେଞ୍ଜ ଭାବେ ପରିଣତ ହୋଇଛି। ସେହିପରି ଡକାୟତ ଉଦ୍ୟମକୁ ପଣ୍ଡ କରିବାରେ ଆଉ ନିଜର ଅଦମ୍ୟ ସାହସ ଦେଖାଇଥିବା ଯୁବକ ଚନ୍ଦନ ନାଗ ଓ ଲିଙ୍ଗରାଜ ପଣ୍ଡାଙ୍କୁ ଜିଲ୍ଲା ବ୍ୟାପି ଶୁଭେଚ୍ଛାର ସୁଅ ଛୁଟୁଛି।

## କେସିଙ୍ଗା ସିଟିଜନ ଫୋରମ୍ ବୈଠକ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସିଟିଜନ୍ ଫୋରମ୍ ବୈଠକ ସଭାପତି ଡ଼ ହେମ ସାଗର ସାହାଙ୍କ ସଭାପତିତ୍ୱରେ କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଏସ୍‌ପି, ନାଗ୍ରାଜ୍ ଦେବର୍ କୋଣ୍ଡା, ସମ୍ମାନିତ ଅତିଥି ଭାବେ କେସିଙ୍ଗା ଏସ୍‌ଡିପିଓ ରଞ୍ଜନ ସେନାପତି, ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସଭାପତି ଡ଼ା, ସାହା ସ୍ୱାଗତ ଭାଷଣ ଦେବା ସହ କେସିଙ୍ଗା ସହରର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ କେସିଙ୍ଗା ସହରରେ ଦୀର୍ଘ ଦିନରୁ ଲାଗିରହିଥିବା ଟ୍ରାଫିକ ସମସ୍ୟା, ସହରରେ ଚୋରି ବୃଦ୍ଧି, ବେଆଇନ ଭାବେ ଦେଶୀ ମଦ କୋଠୀ ବୃଦ୍ଧି, ଚୋରି ଓ ଟ୍ରାଫିକ ରୋକିବା ପାଇଁ ଜଗନ୍ନାଥ ମନ୍ଦିର ପଡାରେ ଏକ ପୋଲିସ ଆଉଟ୍ ପୋଷ୍ଟ ନିର୍ମାଣ, ସହର ମଧ୍ୟ ଭାଗରେ ଥିବା କବାଡ଼ି ଗୋଦାମ ଗୁଡ଼ିକୁ ସ୍ଥାନାନ୍ତରିତ କରିବା, ସହରର ମୁଖ୍ୟ ଜାଗାରେ ସି ସି କ୍ୟାମେରା ଲଗାଇବା, ପାଷ୍ଟିକୁଡ଼ି ଛକକୁ ଦୁର୍ଘଟଣା ମୁକ୍ତ କରିବା, ଆଦି ୯ ଦଫା ଦାବିର ସମାଧାନ ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏହି ବୈଠକରେ ନିର୍ବାହୀ ଅଧିକାରୀ ଶ୍ରୀ ଆଚାର୍ଯ୍ୟ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଭିଯୋଗ ଉପରେ ମତ ପ୍ରକାଶ କରି ସମସ୍ୟାର ସମାଧାନ ନିମନ୍ତେ। ଚେଷ୍ଟା କରାଯାଉଛି ବୋଲି କହିଥିଲେ। ପୁଣି ସହରରେ ଜାଗା ଅଭାବ ଥିବାରୁ ଉଠା ଦୋକାନୀଙ୍କୁ ଥଇଥାନ ହୋଇପାରୁ ନ ଥିବା ଦର୍ଶାଇଥିଲେ। ଏହା ଉପରେ ଆଲୋଚନା କରାଯାଇ ସହର ମଧ୍ୟ ଭାଗରେ ଥିବା ଉଠା ଜଳସେଚନ କାର୍ଯ୍ୟାଳୟ ସରକାରୀ ଜାଗାରେ ଥିବା ସହିତ ଉକ୍ତ କାର୍ଯ୍ୟାଳୟ କେସିଙ୍ଗାରେ ବନ୍ଦ ହୋଇ ଗଲାଣି, ସେଠାରେ କେହି ଅଧିକାରୀ ରହୁନାହାନ୍ତି, ଘର ଭୁଶୁଡ଼ି ଗଲାଣି ତେଣୁ ଉକ୍ତ ଜାଗାକୁ ସମାଧାନ କରି ଉଚ୍ଚ ପଦସ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସେହି ଜାଗାରେ ଉଠା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ଚୋରି ବୃଦ୍ଧି ସମ୍ବନ୍ଧରେ ସହରର ଟ୍ରାଫିକ ଓ ଚୋରି ବୃଦ୍ଧି ସମ୍ବନ୍ଧରେ ସମାଧାନ ଉପରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଦେବରକୋଣ୍ଡା ଉତ୍ତର ରଖିଥିଲେ। ବୈଠକରେ ଏସ ପି, ଏସ୍‌ଡିପିଓ ଓ ନିର୍ବାହୀ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସିଟିଜନ ଫୋରମ୍‌ର ସମ୍ପାଦକ ବି ସି ଏସ ଆଚାରି ବୈଠକ ପରିଚାଳନା କରିଥିବା ବେଳେ ସିଟିଜନ ଫୋରମ୍‌ର ଉପ ସଭାପତି ବିନୟ ପ୍ରକାଶ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଭାବୀ ବିକ୍ରିର ଶିକାର ହେଉଛନ୍ତି ପିଆଜ ଚାଷୀ



ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ମାଟିଆ, ମାଦିଗୁଡ଼ା, ସେଁପୁର, ତୁର୍କେଲ୍ ଭଳି ତେଲ ନଦୀ କୂଳରେ ଥିବା ଗାଁ ଗୁଡିକରେ ପ୍ରଚୁର ମାତ୍ରାରେ ପିଆଜ ଚାଷ ହୋଇଥାଏ। ମୂଖ୍ୟତଃ ଉକ୍ତ ଅଞ୍ଚଳର ମାଟି ଦୋରସା ଓ କଳା ହୋଇ ଥିବାରୁ ଉକ୍ତ ଅଞ୍ଚଳର ହଜାର ହଜାର ଏକର୍ ଜମିରେ ପିଆଜ ଚାଷ କରିଥାନ୍ତି ସେଠାକାର ବାସିନ୍ଦା। ଏହି ଅଞ୍ଚଳର ଚାଷୀ କିନ୍ତୁ ଜିଲ୍ଲାରେ ପିଆଜ ରଖିବା ପାଇଁ ଶୀତଳ ଭଣ୍ଡାର ନ ଥିବାରୁ ପିଆଜ ନଷ୍ଟ ହେବା ଭୟରେ ଅଭାବୀ ବିକ୍ରିର ଶିକାର୍ ହେଉଥିବା ଅଭିଯୋଗ କରିଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଆଜ ଅମଳ କରିଥିବା ଚାଷୀ ପିଆଜ କିଲୋ ପ୍ରତି ୧୦ ରୁ ୧୨ ଟଙ୍କାରେ ବିକୁ ଥିବା ଦେଖିବାକୁ ମିଳିଛି। ଯଦି ଜିଲ୍ଲାରେ ଶୀତଳ ଭଣ୍ଡାର ଥାଆନ୍ତା କିଛି ଦିନ ପରେ ଏହି ପିଆଜକୁ ଅଧିକ ରେଟରେ ବିକ୍ରି କରି ଅଧିକ ଲାଭବାନ୍ ହୋଇ ପାରନ୍ତେ ବୋଲି ସ୍ଥାନୀୟ ଚାଷୀ ମତ ରଖିଛନ୍ତି। ଜିଲ୍ଲାରେ ସଦର ବ୍ଲକ୍ ସହିତ ଅନ୍ୟ ବ୍ଲକ୍ ଗୁଡିକରେ ମଧ୍ୟ ପିଆଜ ଚାଷ କରୁଥିବା ନଜରକୁ ଆସିଛି। କଳାହାଣ୍ଡି ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ନୂତନ ବିଜେପି ସରକାରଙ୍କ ଉପରେ ଭରସା କରି ଅପେକ୍ଷା କରିଛନ୍ତି କଳାହାଣ୍ଡିର ପିଆଜ ଚାଷୀ । ଏହି ଆଶା କେବେ ପୂରଣ ହେବ ତାହା ଦେଖିବାକୁ ବାକି ରହିଲା ।

## ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ନିଯୁକ୍ତିରେ ଅନିୟମିତତା

## ସମୟ ପୂର୍ବରୁ କର୍ମଚାରୀଙ୍କୁ ବଦଳି ଅଭିଯୋଗ


କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଲଡୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେବ କିଛି କର୍ମଚାରୀ ଆଡ୍ଡା ଜମାଇ ରହିଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ହେବ ଏହି କର୍ମଚାରୀମାନେ ଡାକ୍ତରଖାନାରେ ରହିଥିଲେ ମଧ୍ୟ ସେମାନଙ୍କୁ ବଦଳି କରାଯାଉନାହିଁ। ଏଠାରେ କିଛି ଭଲ ଡ଼ାକ୍ତର କିମ୍ବା ନୀତି ନିୟମ ପାଳନ କରୁଥିବା କର୍ମଚାରୀ ଆସିଲେ ସେମାନଙ୍କୁ ତାଙ୍କ ଅବଧି ପୂର୍ବରୁ ବଦଳି କରାଯାଉଛି। ଯେମିତି କି ନିକଟ ଅତୀତରେ କମ୍ପାଉଣ୍ଡର ଧୀରେନ୍ଦ୍ର କୁମାର ନାଏକ, କର୍ମଚାରୀ ଲଳିତ ହରିଜନ ଏବଂ ବର୍ତ୍ତମାନର ଡ଼ ଶିବାନନ୍ଦ ନାଏକଙ୍କୁ ବଦଳି କରାଯିବାର ବ୍ୟବସ୍ଥା ଚାଲିଥିବା ଅଭିଯୋଗ ହେଉଛି। ଯାହା ଫଳରେ ଏଠାରେ ସ୍ୱାସ୍ଥ୍ୟ ସେବାରେ ବାଧା ସୃଷ୍ଟି ହେଉଛି। ଅନ୍ୟପକ୍ଷେ ଲଡୁଗାଁ ଏକ ଜନବହୁଳ ଅଞ୍ଚଳ, ଏଠାକାର ପରିବେଶ ଅତ୍ୟନ୍ତ କଲୁଷିତ ହେଉଥିବାରୁ ଅନେକ ସମୟରେ ଲୋକେ ନାହି ନ ଥିବା ଅସୁବିଧା ଭୋଗିବା ସହିତ ମାଲେରିଆ, ଫାଇଲେରିଆ, ଡାଇରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗର ଶିକାର ମଧ୍ୟ ହେଉଛନ୍ତି। ୬ଟି ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗ ନିରାକରଣ ପାଇଁ ଆବଶ୍ୟକ ପରିମାଣର ନିଦାନ ଉପଚାର ସାମଗ୍ରୀ ମଧ୍ୟ ନାହିଁ। ଲୋକେ ସାମାନ୍ୟ ଅସୁସ୍ଥ ହେଲେ ଭବାନୀପାଟଣା, ନବରଙ୍ଗପୁର, ଧର୍ମଗଡ, ବିଶାଖାପାଟଣା, ଭୁବନେଶ୍ୱର ଆଦି ହସ୍ପିଟାଲର ସହାୟତା ନେଇଥାନ୍ତି। ସ୍ଥାନୀୟ ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ବାରମ୍ବାର ଦାବି କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେଭଳି ସ୍ଥଳେ ଗାଁକୁ ଜଣେ ଭଲ ନିୟମ ମାନି ଚାଲୁଥିବା ଡ଼ାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ଆସିଲେ ତାଙ୍କୁ ରାଜନୀତି କରି ଏଠାରୁ ଶୀଘ୍ର ବିଦା କରାଯାଉଛି। ଏହା ପଛର ରହସ୍ୟ କ'ଣ। କିଛି ନିୟମ ଭଙ୍ଗ କର୍ମଚାରୀ ଯେଉଁମାନେ କି ସଠିକ ସମୟରେ ଡ଼ାକ୍ତର ଖାନା ଆସୁନାହାନ୍ତି ଏବଂ ରୋଗୀ ମାନଙ୍କୁ ମଧ୍ୟ ସଠିକ ଭାବରେ ଚିକିତ୍ସା କରାଯାଉ ନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଛି ଯେ' ହସ୍ପିଟାଲ୍ ଭିତରେ ବିଷ ମଞ୍ଜି ପୋତି ରାଜନୀତି କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଚିହ୍ନଟ କରି ତାର ପର୍ଦ୍ଦାଫାଶ କରାଯାଉ ଏବଂ ତୁରନ୍ତ ମେଡିକାଲରୁ ବିଦା କରାଯାଉ। ଆଶାତୀତ ଭାବରେ ରୋଗୀଙ୍କ ଚିକିତ୍ସା କରାଯାଉ ନାହିଁ ଏବଂ ସିକ୍ୟୁରିଟି ଗାର୍ଡ, ସ୍ୱିପର, ପିଅନ ମାନଙ୍କ ଦ୍ୱାରା ରକ୍ତ ନମୂନା ସଂଗ୍ରହ, ରେଜିଷ୍ଟର ପୁରଣ ଭଳି ଅନେକ ଛୋଟ ବଡ଼ କାର୍ଯ୍ୟରେ ଦାୟିତ୍ୱ ଦେଉଛନ୍ତି। ପ୍ରଶାସନ ଏ ଦିଗରେ ଯତ୍ନବାନ ହୋଇ ଏଭଳି କାମଚୋର କର୍ମଚାରୀ ମାନଙ୍କୁ ତୁରନ୍ତ ହସ୍ପିଟାଲରୁ ବିଦା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ରାଶିଫଳ

**ମଙ୍ଗଳବାର, ୨୨ ଏପ୍ରିଲ ୨୦୨୫**



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ ।




**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୈଣସି ବିବାଦ ହେବ ନାହିଁ । କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ । ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ । ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।




**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ । ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ । ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ । ନିଷ୍ପତ୍ତି ଶକ୍ତିର ଅଭାବ ରହିବ । ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ । ପାରିବାରିକ ଜୀବନରେ ସମନ୍ୱୟ ରହିବ । ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ । ସାଙ୍ଗମାନେ ମଧ୍ୟ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ସଂଗ୍ରହ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯